



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-90 ◆TUESDAY ◆23 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୯୦ ◆ମଙ୍ଗଳବାର ◆୨୩ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





## ୯୦ ମଦ୍ୟପ ଚାଳକଙ୍କ ଲାଇସେନ୍ସ ବାତିଲ

କେନ୍ଦୁଝର,୨୨।୯ (ସମିସ): ମଦ୍ୟପାନ କରି ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ବଢୁଛି। ଏହାକୁ ରୋକିବା ପାଇଁ ଓଏମ୍‌ଭିଡି ଏବଂ ପୁଲିସ ପକ୍ଷରୁ ଯୁଗ୍ମ ଭାବେ ଯାଞ୍ଚ କରାଯାଉଛି। ଚଳିତ ମାସ ୧୩ ତାରିଖରୁ ୨୧ ତାରିଖ ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ୯୦ ଜଣ ମଦ୍ୟପ ଚାଳକଙ୍କ ଲାଇସେନ୍ସ ବାତିଲ କରାଯାଇଛି। କେନ୍ଦୁଝର ପରିବହନ ବିଭାଗ ପକ୍ଷରୁ ମଦ୍ୟପ ଚାଳକଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇ ଜାତୀୟ ରାଜପଥରେ କଡ଼ାକଡ଼ି ଯାଞ୍ଚ କରାଯାଉଛି। ଆଞ୍ଚଳିକ ପରିବହନ ଅଧିକାରୀ ଇଂ ମାନସ ରଞ୍ଜନ ସାହୁ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଟାସ୍କଫୋର୍ସ ଖିରେଇଟାଙ୍ଗିରୀ ଟୋଲ ପ୍ଲାଜା, ଢେଙ୍କିକୋଟ ଟୋଲ ପ୍ଲାଜା, ବନାଯୋଡି ଟୋଲ ପ୍ଲାଜା, ବିଲେଇପଦା ଟୋଲ ପ୍ଲାଜା ସମେତ ହରିଚନ୍ଦନପୁର, ପଦ୍ମପୁର, ଯୋଡା, ବଡବିଲ, ଶୁଆକାଟୀ, ବିଲେଇପଦା, ରିମୁଳିରେ ଯାନବାହାନ ଯାଞ୍ଚ କରାଯାଇ ମଦ୍ୟପ ଡ୍ରାଇଭରଙ୍କ ବିରୋଧରେ ଚାଲାଣ କଟାଯିବା ସହ ମାମଲା ରୁଜୁ କରାଯାଇଛି। ନିମୟିତ ବ୍ୟବଧାନରେ ପରିବହନ ବିଭାଗ ପକ୍ଷରୁ ଏଭଳି ଚଢଉ କରାଯାଉଥିବାରୁ ମଦୁଆ ଡ୍ରାଇଭରଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଯାଞ୍ଚ ବେଳେ ସହକାରୀ ପରିବହନ ଅଧିକାରୀ, ବଡବିଲ ବିଶ୍ୱରଞ୍ଜନ ସାହୁ,ଆସିଷ୍ଟାଣ୍ଟ ଏମଭିଆଇ ଅରୁଣା କୁମାର ସାହୁ, ଏମଭିଆଇ ସନ୍ଦିପ ପାଇକରାୟ, ଟ୍ରାଫିକ ଇନ୍ସପେକ୍ଟର ସୁକୁରାମ ସୋରେନ, ଆସିଷ୍ଟାଣ୍ଟ ଏମଭିଆଇ ଦିବ୍ୟଜ୍ୟୋତି ମହାନ୍ତ, ଜୁନିୟର ଏମ୍‌ଭିଆଇ ରାଜେଶ କୁମାର ସେଠୀ ପ୍ରମୁଖ ସାମିଲ ଥିଲେ।

## ଆମ ପୁଲିସ ସମିତି ବୈଠକ




ତେଲକୋଇ,୨୨।୯ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ପକ୍ଷରୁ ଆଜି ଓରୀୟା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଅଞ୍ଜନ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକରେ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ସ୍ଥାନୀୟ ସରପଞ୍ଚ ମେରିଶ୍ମିତା ମୁଣ୍ଡା, ପଞ୍ଚାୟତ ନିର୍ବାହୀ ଅଧିକାରୀ ସସ୍ମିତା ମହାନ୍ତ ସମେତ ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ବୁଦ୍ଧିଜୀବୀ, ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ। ସେହିପରି ସମାଜରେ କିଶୋରୀ ବାଳିକା ମାନେ କିପରି ନିର୍ଯାତିତ ନହେବେ ତାହା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ।

## ଗ୍ରୀଲ୍‌ଭାଙ୍ଗି ଲୁଟିନେଲେ ସୁନା ଗହଣା

ଆନନ୍ଦପୁର,୨୨।୯ (ସମିସ): ଭୋର ସମୟରେ ଝରକା ଗ୍ରିଲ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ସହିତ ନଗଦ ଟଙ୍କା ଚୋରି ଘଟଣାରେ ମିଶ୍ର କଲୋନୀରେ ଭୟର ବାତାବରଣ ଖେଳିଯାଇଛି। ଘସିପୁରା ଥାନାଞ୍ଚଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଚୋରି ଘଟଣା। ଶାଳପଡା ମିଶ୍ର କଲୋନୀରୁ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଅତୁଳ କୁମାର ବଳଙ୍କ ଘରେ ଚୋର ପଶି ସୁନା ଗହଣା ସହିତ ୨୦ହଜାର ଟଙ୍କା ଲୁଟି ନେଇଛନ୍ତି। ଅତୁଳ କୁମାର ବଳ ଭୋର ୩ ଟାରୁ ବାହାରକୁ କେଉଁଆଡେ ବୁଲିବାକୁ ବାହାରିଯିବା ପରେ ଘରେ ଏକା ତାଙ୍କ ସ୍ତ୍ରୀ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଝରକା ଗ୍ରିଲ ଭାଙ୍ଗି ୪୦ଗ୍ରାମର ସୁନା ସମେତ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଅଭିଯୋଗ ପରେ ପୁଲିସ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳ ଯାଞ୍ଚ କରିବା ସହିତ ତଦନ୍ତ ଆରମ୍ଭ କରିଛି।

## ପୁଅ-ବୋହୂର ଠେଙ୍ଗାମାଡ଼ରେ ବାପା ଗୁରୁତର



ଆନନ୍ଦପୁର,୨୨।୯ (ସମିସ): ପୁଅ ଓ ବହୂର ଠେଙ୍ଗା ମାଡ଼ରେ ବାପାକୁ ଲହୁଲୁହାଣ କରିବା ଘଟଣା ଆଲୋଚନାର ବିଷୟ ହୋଇଛି। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଆହତଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତି କରିଛନ୍ତି। ଜମିବାଡି ବିବାଦକୁ କେନ୍ଦ୍ରକରି ଜଣେ ପୁଅର ଏଭଳି କାରନାମା ଦେଖିବାକୁ ମିଳିଛି। ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ସୁଲଣ ଗାଁରେ। ସୋମବାର ଧାନବିଲରେ କାମ କରିବା ସମୟରେ ଜମିବାଡି ଭାଗବଣ୍ଟାକୁ କେନ୍ଦ୍ରକରି ଗାଁର ବିଦ୍ୟାଧର ଜେନାଙ୍କୁ ତାଙ୍କ ସାନପୁଅ ଗନ୍ଧର୍ବ ଓ ତାଙ୍କ ସ୍ତ୍ରୀ ମିଶି ଠେଙ୍ଗାରେ ଆକ୍ରମଣ କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ବିଦ୍ୟାଧରଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଛି। ସେପଟେ ଘଟଣା ଘଟାଇବା ପରେ ପୁଅ ଫେରାର ହୋଇଥିବା ସୂଚନା ମିଳିଛି।

## ଟୋଲଙ୍କପଡ଼ାରେ ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ



ବେଲବାହାଳି,୨୨।୯ (ସମିସ): ଆନନ୍ଦପୁର ବ୍ଲକ ଟୋଲଙ୍କପଡା ଗ୍ରାମ କୁମ୍ଭାରସାହିର ଧର୍ମପ୍ରାଣ ବ୍ୟକ୍ତି ବେଣୁଧର ସା(୮୫)ଙ୍କ ପରଲୋକ ହୋଇଯାଇଛି। ଏନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।ଶନିବାର ଦିନ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ପ୍ରଥମେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ନେବା ବାଟରେ ତାଙ୍କର ଦେହାନ୍ତ ହୋଇଛି। ସ୍ୱର୍ଗତ ବେଣୁଧର ବିଭିନ୍ନ ଧାର୍ମିକ ଅନୁଷ୍ଠାନ କ୍ଷତ୍ରରେ ନିୟୋଜିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଭାଇପୁତ୍ର, ପୁତ୍ରବଧୂ, ନାତିନାତୁଣୀ, ବନ୍ଧୁବାନ୍ଧବ, ପ୍ରିୟଜନ ଓ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମସ୍ଥିତ କୁସେଇ ନଦୀକୂଳରେ ଅନ୍ତିମ ସତ୍କାର କରାଯାଇଛି।

### ସଂଗଠନର ପରିବେଶ ଓ ଶିକ୍ଷାଦାନରେ ଅବ୍ୟବସ୍ଥା ନେଇ ଅଭିଯୋଗ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ସ୍ଥାନୀୟ ଜନଜାତି

କେନ୍ଦୁଝର,୨୨।୯ (ସମିସ)



ଅଞ୍ଚଳର ଦାୟିତ୍ୱରେ ଥିବା ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନର ପରିବେଶ ଓ ଶିକ୍ଷାଦାନ ଅବ୍ୟବସ୍ଥାକୁ ନେଇ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ବିନିନ୍ଦା ପଞ୍ଚାୟତ ମସାଣିଯୋଡି ଜୁଆଙ୍ଗ ସାହିବାସିନ୍ଦା ସୋମବାର ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନର ଜରିଆରେ କେବଳ ପିଭିଟିଜି ଜୁଆଙ୍ଗ ଛାତ୍ରୀଙ୍କୁ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ଶିକ୍ଷାଦାନ ଚାଲିଛି। ଅଭିଯୋଗ ଅନୁସାରେ ଛାତ୍ରୀନିବାସରେ ୨ଶହ ଛାତ୍ରୀ ରହୁଛନ୍ତି। ତେବେ ଏତେ ସଂଖ୍ୟାରେ ରହୁଥିବାରୁ ପାଠପଢା ପାଇଁ ବିଦ୍ୟାଳୟରେ ବହୁ ସମସ୍ୟା ଦେଖାଦେଇଛି। ଶିକ୍ଷାଦାନର ଅବ୍ୟବସ୍ଥା, ଯୋଗ୍ୟ ଶିକ୍ଷକଙ୍କ ଅଭାବ, ଛାତ୍ରୀମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି। ଅନ୍ତେବାସୀ କାହାରି ଦେହ ଖରାପ ହେଲେ ମେଡିକାଲ ନେବାର ସୁବିଧାନାହିଁ। ବିଦ୍ୟାଳୟରେ ପାଣିର ସମସ୍ୟା ରହିଥିବାରୁ ପିଲାମାନେ ବାହାର ବନ୍ଧକୁ ଗାଧୋଇବାକୁ ଯାଉଛନ୍ତି। ବ୍ୟବହୃତ ବହୁ ପରିମାଣରେ ପଲିଥିନ ସ୍କୁଲ ବାହାରେ ପକାଯାଉଥିବାରୁ ଗୃହପାଳିତ ଗାଈଗୋରୁ ଖାଇ ମୃତ୍ୟୁବରଣ କରୁଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ଦଣ୍ଡମୁକ୍ତ ହୋଇଥିଲେ ହେଁ ଛାତ୍ରୀମାନଙ୍କୁ ନିର୍ଯାତନା ଦିଆଯାଉଥିବା ସେମାନେ ସଂଗୀନ ଅଭିଯୋଗ କରିଛନ୍ତି। ଏନେଇ ଅଭିଭାବକମାନେ ବିରୋଧ କଲେ ଧମକଚମକ ଦିଆଯାଉଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଗାଁର ପ୍ଲଟନଂ ୮୩/୮ ୯ କିସମ ଗ୍ରାମ ଜଙ୍ଗଲ ସରକାରୀ ଜମିକୁ ଜରଜବରଦସ୍ତ ଦଖଲ କରାଯାଇଛି ବୋଲି କୁହାଯାଇଛି। ଏଥିସହିତ ସ୍କୁଲ କମିଟି ଗଠିତ ହୋଇ ନଥିବା ବେଳେ ଅଭିଭାବକ ବୈଠକ ବସୁନି। ପୂର୍ବରୁ ଚିକିତ୍ସା ଅଭାବରୁ ଦୁଇଜଣ ଛାତ୍ରୀ ମୃତ୍ୟୁବରଣ କରିଛନ୍ତି ବୋଲି ଜିଲ୍ଲାପାଳ କାର୍ଯ୍ୟାଳୟ ଆସିଥିବା ଲୋକେ ଅଭିଯୋଗ କରିଛନ୍ତି। ଏଠାରେ ୧୨ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରୁ ଚାରିଜଣ ଶିକ୍ଷକ ରହିଥିବା ଜୁଆଙ୍ଗ ସମାଜ ସଂଘ ସମ୍ପାଦକ ପ୍ରଭାକର ଜୁଆଙ୍ଗଙ୍କ ସମେତ ସୁରେଶ ଜୁଆଙ୍ଗ, ମାନସ କୁମାର ଜୁଆଙ୍ଗ, ସିଦ୍ଧାନ୍ତ ଜୁଆଙ୍ଗ, ଲୋଚନ ଜୁଆଙ୍ଗ, ସିପୁ ଜୁଆଙ୍ଗ, ବିନୋଦ ଜୁଆଙ୍ଗ, କୃଷ୍ଣଚନ୍ଦ୍ର ଜୁଆଙ୍ଗ, ସଞ୍ଜୟ ଜୁଆଙ୍ଗ, ଗୋବର୍ଦ୍ଧନ ଜୁଆଙ୍ଗ, ନିଳମଣି ଜୁଆଙ୍ଗ, ପ୍ରଦୀପ କୁମାର ଜୁଆଙ୍ଗ, ଅଭି ଜୁଆଙ୍ଗ, ଶରତ କୁମାର ବାରିକ, ତନୁ ଜୁଆଙ୍ଗ, ଇଶ୍ୱର ଜୁଆଙ୍ଗ, ପ୍ରକାଶ ଜୁଆଙ୍ଗ, ନବ ଜୁଆଙ୍ଗ ପ୍ରମୁଖଙ୍କ ଦସ୍ତଖତ ସମ୍ବଳିତ ଜିଲ୍ଲାପାଳଙ୍କୁ ଦେଇ ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଂଗଠନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏବାବଦରେ ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାଙ୍କ ମତାମତ ପାଇଁ ଫୋନ କରିଥିଲେ ମଧ୍ୟ ଫୋନ ଉଠାଇ ନଥିବାରୁ ସେମାନଙ୍କର ମତାମତ ମିଳିପାରିନାହିଁ।

## ଶିକ୍ଷକ ଅଭାବ; ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

### ଗଛମୂଳେ ପାଠପଢ଼ିଲେ ଛାତ୍ରଛାତ୍ରୀ



ଚମ୍ପୁଆ,୨୨।୯ (ସମିସ): ଶିକ୍ଷକ ଅଭାବରୁ ଛାତ୍ରଛାତ୍ରୀଙ୍କ ପାଠପଢାରେ ବ୍ୟାଘାତ ହେବାରୁ ଅଭିଭାବକମହଲରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଶେଷରେ ସେମାନେ ଆଜି ବିଦ୍ୟାଳୟରେ ତାଲାପକାଇ ଦେଇଥିଲେ। ଘଟଣାକୁ ନେଇ ଶିକ୍ଷାଧିକାରୀ ଶ୍ରୀ ହାସଂଦାଙ୍କୁ ପଚାରିବାରୁ ଶିକ୍ଷକଙ୍କୁ ଫେରାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି। ଏପରି ଘଟଣା ଚମ୍ପୁଆ ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା କାଟୁଳିକନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ଉକ୍ତ ବିଦ୍ୟାଳୟରେ ୩ଜଣ ଶିକ୍ଷକ ଶିକ୍ଷାଦାନ କରୁଥିବା ବେଳେ କିଛିଦିନ ହେବ ଜଣେ ଶିକ୍ଷକଙ୍କୁ ଅନ୍ୟ ଏକ ବିଦ୍ୟାଳୟକୁ ପଠାଯାଇଥିଲା। ଫଳରେ ବିଦ୍ୟାଳୟ ପରିଚାଳନା କମିଟି ଦୀର୍ଘଦିନ ହେବ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ଦାବି କରିଆସୁଥିଲେ। ଏଥିପ୍ରତି ବ୍ଲକ ଶିକ୍ଷା ବିଭାଗ ଦୃଷ୍ଟି ଦେଉନଥିବା ବେଳେ ଆଜି ଅଭିଭାବକମାନେ ବିଦ୍ୟାଳରେ ତାଲା ପକାଇ ଦେଇଥିଲେ। ବିଦ୍ୟାଳୟରେ ତାଲା ପଡିବା ପରେ ଉପସ୍ଥିତ ଶିକ୍ଷକମାନେ ବିଦ୍ୟାଳୟ ବାହାରେ ପିଲାଙ୍କୁ ଗଛ ମୂଳରେ ବସାଇ ପାଠ ପଢାଇଥିଲେ। ପ୍ରାୟ ୩ଘଣ୍ଟା ପରେ ଚମ୍ପୁଆ ବ୍ଲକ ଶିକ୍ଷାଧିକାରୀ କ୍ଷେତ୍ରମୋହନଙ୍କ ନିର୍ଦ୍ଦେଶ ପରେ ଉକ୍ତ ଶିକ୍ଷକଙ୍କୁ ବିଦ୍ୟାଳୟକୁ ଫେରାଇ ଦିଆଯାଇଥିଲା। ପରେ ବିଦ୍ୟାଳୟରେ ତାଲା ଖୋଲା ଯାଇ ପାଠପଢା ସ୍ୱାଭାବିକ ହୋଇଥିବା ପ୍ରଧାନଶିକ୍ଷକ ଅଜୟ କୁମାର ମହାନ୍ତ କହିଛନ୍ତି।

## ପଞ୍ଚମ ଓ ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷା

ହାଟଡ଼ିହୀ,୨୨।୯ (ସମିସ): ହାଟଡ଼ିହୀ ଶିକ୍ଷାମଣ୍ଡଳ ଅଧୀନ ୩ଟି ହାଇସ୍କୁଲରେ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଛି। ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ୩୯ ୯ଜଣ ଛାତ୍ରଛାତ୍ରୀ ଚୟନ ହୋଇ ୩୭୩ଜଣ ପରୀକ୍ଷା ଦେଇଥିବା ବେଳେ ୨୬ଜଣ ଅନୁପସ୍ଥିତ ଥିଲେ। ହାଟଡ଼ିହୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୫୫ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୪୪ଜଣ ପରୀକ୍ଷା ଦେଇଥିଲା ବେଳେ ୧୧ ଅନୁପସ୍ଥିତ ଥିଲେ। ବାଲିବରେଇ ସରକାରୀ ହାଇସ୍କୁଲରେ ୧୨୮ ଜଣ ପିଲାଙ୍କ ମଧ୍ୟରୁ ୧୧୬ଜଣ ପରୀକ୍ଷା ଦେଇଥିବା ବେଳେ ୧୨ ଅନୁପସ୍ଥିତ ଥିଲେ। ଏହିପରି ଶାଳଣିଆଁ ହାଇସ୍କୁଲରେ ୧୧୬ଜଣ ପିଲାଙ୍କ ମଧ୍ୟରୁ ୧୧୩ଜଣ ପରୀକ୍ଷା ଦେଇଥିଲା ବେଳେ ୩ ଅନୁପସ୍ଥିତ ଥିଲେ। ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ପାଇଁ ମୋଟ୍ ୩୯୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୭୮ ଜଣ ପରୀକ୍ଷା ଦେଇଥିଲା ବେଳେ ୧୯ ଅନୁପସ୍ଥିତ ଥିଲେ। ହାଟଡ଼ିହୀ ହାଇସ୍କୁଲରେ ୮୯ଜଣ ପିଲାଙ୍କ ମଧ୍ୟରୁ ୮୭ଜଣ ପରୀକ୍ଷା ଦେଇଥିଲେ ୨ ଅନୁପସ୍ଥିତ ଥିଲେ। ବାଲିବରେଇ ହାଇସ୍କୁଲରେ ୭୦ପିଲାଙ୍କ ମଧ୍ୟରୁ ୬୯ଜଣ ପରୀକ୍ଷା ଦେଇଥିଲା ବେଳେ ୧ ଅନୁପସ୍ଥିତ ଥିଲେ। ଶାଳଣିଆଁ ହାଇସ୍କୁଲରେ ୯୨ଜଣଙ୍କ ମଧ୍ୟରୁ ୯୧ଜଣ ପରୀକ୍ଷା ଦେଇଥିଲେ ଓ ୧ଅନୁପସ୍ଥିତ ଥିଲେ। ଜପିଦାସ ହାଇସ୍କୁଲରେ ୭୨ଜଣଙ୍କ ମଧ୍ୟରୁ ୬୩ଜଣ ପରୀକ୍ଷା ଦେଇଥିଲେ ୯ଜଣ ଅନୁପସ୍ଥିତ ଥିଲେ। ବାଙ୍ଗୋର ବିପି ହାଇସ୍କୁଲରେ ୭୪ ଜଣଙ୍କ ମଧ୍ୟରୁ ୬୮ଜଣ ପରୀକ୍ଷା ଦେଇଥିଲେ ୬ଜଣ ଅନୁପସ୍ଥିତ ଥିଲେ। ହାଟଡ଼ିହୀ ହାଇସ୍କୁଲର ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ା, ଏବିଇଓ ପ୍ରମୋଦ କୁମାର ନାୟକ ପ୍ରମୁଖ ସୁପରଭିଜନ କରିଥିଲା ବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

**ତେଲକୋଇ:** ତେଲକୋଇ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମୁଦାୟ ୬୦୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ମେଧାବୃତ୍ତି ପରୀକ୍ଷା ପାଇଁ ୪ଟି କେନ୍ଦ୍ରର ବ୍ୟବସ୍ଥା କରାଯାଇଥିଲା। ତେଲକୋଇ ଉଚ୍ଚ ବିଦ୍ୟାଳୟ, ବେଣାମୁଣ୍ଡା ୟୁପି ସ୍କୁଲ୍, ଆକୁଳ ୟୁପି ସ୍କୁଲ୍ ଓ ଛାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରୀକ୍ଷା ଅନୁଷ୍ଠିତ ହୋଇଥଲା। ତେଲକୋଇ ଉଚ୍ଚ ବିଦ୍ୟାଳୟରେ ତୃତୀୟଶ୍ରେଣୀର ୯୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପଞ୍ଚମ ଶ୍ରେଣୀରେ ୧୫୪ଜଣ, ବେଣାମୁଣ୍ଡା ୟୁପି ସ୍କୁଲରେ ତୃତୀୟ ଶ୍ରେଣୀର ୬୮ ଜଣ, ଆକୁଳ ୟୁପି ସ୍କୁଲରେ ତୃତୀୟ ଶ୍ରେଣୀର ୧୮୦ଜଣ ଓ ପଞ୍ଚମ ଶ୍ରେଣୀରେ ୧୪୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଛାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତୃତୀୟଶ୍ରେଣୀର ୬୯ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ପରୀକ୍ଷା କେନ୍ଦ୍ରର ସୁପରିଚାଳନା ନିମନ୍ତେ ସିଆରସିସି, ଶିକ୍ଷକ ଶିକ୍ଷୟତ୍ରୀ ମାନେ ନିୟୋଜିତ ରହିଥିଲେ।

## ପୁରୁଣା ସମ୍ପ୍ ଓ ପାଇପ୍‌ରେ ହେଉଛି ପାନୀୟ ଜଳ ଯୋଗାଣ



**ଠକିଦେଲା ଠିକାସଂସ୍ଥା**

ଆନନ୍ଦପୁର,୨୨।୯ (ସମିସ): ଆନନ୍ଦପୁର ପୌରାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ହୋଇଥିବା ଯୋଜନା ଭଣ୍ଡୁର ହୋଇଯାଇଛି ବୋଲି ଅଭିଯୋଗ ହେଉଛି। ଏହି ପ୍ରକଳ୍ପ ହାତେଇଥିବା ଠିକା ସଂସ୍ଥା ଇଷ୍ଟ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ କମ୍ପାନୀ ମୁଖ୍ୟପାଇପ୍ ଲାଇନକୁ ବଦଳାଇ ନଥିବା ବେଳେ ପୁରୁଣା ସମ୍ପ ଯୋଗେ ଜଳ ଯୋଗାଣ କରୁଥିବାରୁ ଏହି ଯୋଜନା ଆଖିଠାର ଭଳି ହୋଇଛି। ଆନନ୍ଦପୁର ସହରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସରକାର ୭୦କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ହେଲେ ଉକ୍ତ କମ୍ପାନୀ ଆନନ୍ଦପୁର ସହରରେ ୬୦ ବର୍ଷ ପୂର୍ବେ ବିଛାଯାଇଥିବା ପାଇପ୍‌ରେ ପାଣି ଯୋଗାଉ ଥିବା ଅଭିଯୋଗ ହେଉଛି। ଆନନ୍ଦପୁର ସହରକୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ୱାଟକୋ ଜରିଆରେ ଉକ୍ତ କମ୍ପାନୀକୁ ଟେଣ୍ଡର ମାଧ୍ୟମରେ ଚୁକ୍ତିନାମା ମୂଲ୍ୟ ୭୦ କୋଟି ବ୍ୟୟବରାଦ କରାଯାଇଥିଲା। ଆନନ୍ଦପୁର ସହରରେ ସମୁଦାୟ ୯୩ କିଲୋମିଟର ନୂତନ ପାଇପ୍ ବସାଇବାକୁ ଥିବା ବେଳେ ନିର୍ମାଣକାରୀ ଠିକା ସଂସ୍ଥା ବିଭିନ୍ନ ସାହି ବସ୍ତିକୁ ୬୨ କିଲୋମିଟର ପାଇପ ବିଛାଇ ପ୍ରକଳ୍ପକୁ ଶେଷ କରିଦେଇଛି। ହେଲେ ମୁଖ୍ୟପାଇପ ବଦଳା ଯାଇ ନଥିବାରୁ ପୁରୁଣା ପାଇପରେ ପାଣି ଯୋଗାଇବାକୁ କାହାଠାରୁ ଅନୁମତି ମିଳିଛି ସେନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କିପରି ୬୦ ବର୍ଷର ପୁରୁଣା କଳଙ୍କି ପାଇପ୍ ଯୋଗେ ବିଶୁଦ୍ଧ ପାଣି ଯୋଗାଇବା ସମ୍ଭବ ସେ ନେଇ ସଧାରଣରେ ଅଭିଯୋଗ ହେଉଛି। ରାଜ୍ୟ ସରକାର ଓ ୱାଟକୋ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଉକ୍ତ କମ୍ପାନୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ




ଆନନ୍ଦପୁର,୨୨।୯ (ସମିସ): ଆନନ୍ଦପୁରର ଶାଳପଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଏକାଦଶ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସୌମ୍ୟରଞ୍ଜନ ବେହେରା ସ୍ୱାଗତ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଆନନ୍ଦପୁରର ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଶରତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ, ସମୟାନୁବର୍ତ୍ତିତା ହେବାସହ ଭଲ ପାଠପଢି ନିଜ ପ୍ରତିଭା ମାଧ୍ୟମରେ ବିଦ୍ୟାଳୟରେ ସୁନାମ ଅର୍ଜନ କରିବାକୁ କହିଥିଲେ। ବରିଷ୍ଠ ଓ କନିଷ୍ଠ ବର୍ଗରେ ବିତର୍କ, କୁଇଜ୍, ନୃତ୍ୟ ଓ ବିଜ୍ଞାନ ମେଳାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରଭାସ ଦର୍ଶନ ଦାସ ଓ ଗୌତମ ନାୟକ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସଭାକାର୍ଯ୍ୟକୁ ଶିକ୍ଷକ ଦେବାଶିଷ ପଲେଇ ମଞ୍ଚ ପରିଚାଳନା କରିଥିଲା ବେଳେ ଶିକ୍ଷୟତ୍ରୀ ସୁଜାତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପିପିଳିଆ ଲକ୍ଷ୍ମୀନାରାୟଣ କଲେଜରେ ସଚେତନତା କାର୍ଯ୍ୟକ୍ରମ



କେନ୍ଦୁଝର/ଘଟଗାଁ,୨୨।୯ (ସମିସ): ଘଟଗାଁ ବ୍ଲକ ଅଧୀନ ପିପିଳିଆ ଲକ୍ଷ୍ମୀନାରାୟଣ କଲେଜରେ ପ୍ରଗତି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଡେଙ୍ଗୁ ଓ ମ୍ୟାଲେରିଆ ରୋଗର କାରଣ ଓ ନିରାକରଣ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଲେଜର ଅଧ୍ୟକ୍ଷ ନିରାକାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ପ୍ରଗତି ସ୍ୱେଚ୍ଛାସେବୀ ସଂଗଠନର ଉପଦେଷ୍ଟା ଭକ୍ତବତ୍ସଳ ମହାନ୍ତି ଏବଂ ସମ୍ମାନିତ ଅତିଥିଭାବେ ଡା. ପୁଷ୍ପାରାଣୀ ପଟ୍ଟନାୟକ, ଡା. ପ୍ରିୟବ୍ରତ ଦାସ, ସାମ୍ବାଦିକ ସଞ୍ଜୟ କୁମାର ସାହୁ, କଲ୍ୟାଣ କୁମାର ସାହୁ ଓ ଅଲେଖ ପ୍ରସାଦ ସାହୁ ଯୋଗଦେଇଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଉପଦେଷ୍ଟା ଭକ୍ତବତ୍ସଳ ମହାନ୍ତି। ପ୍ରଗତି ସଂଗଠନର ସଭାପତି ମନୋଜ କୁମାର ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦକ ରଞ୍ଜିତ କୁମାର ମହାନ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଡିସ ମଶା କାମୁଡ଼ିଲେ ଡେଙ୍ଗୁ ଓ ମାଇ ଏନୋଫିଲସ ମଶା କାମୁଡିବା ଦ୍ୱାରା ମ୍ୟାଲେରିଆ ହୋଇଥାଏ ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ କୁହାଯାଇଥିଲା। କେଉଁ ପଦକ୍ଷେପ ଗ୍ରହଣ କରାଯିବ ସେନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଗତି ସ୍ୱେଚ୍ଛାସେବୀ ସଂଗଠନ ତ୍ରିଲୋଚନ ମହାନ୍ତ, ସୁବାସ ମହାନ୍ତ, ସଞ୍ଜୟ କୁମାର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ବିପୀନ ବିହାରୀ ମହାନ୍ତ, ତାପସ ଲୋହାର, ହୃଷୀକେଶ ମହାନ୍ତ ଓ ଅନ୍ୟାନ୍ୟ ସଭ୍ୟସଭ୍ୟା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଗ୍ରାମାଞ୍ଚଳ ଫୁଟ୍‌ବଲ୍ ପ୍ରତିଯୋଗିତା

# ପଙ୍କଜ ଏକାଦଶକୁ ହରାଇ ଆଦିତ୍ୟ ଏକାଦଶ ଚାମ୍ପିଅନ




ଚମ୍ପୁଆ,୨୨।୯ (ସମିସ): ବିଏମ୍‌ଟି କ୍ଲବ ବସାସାହି ଦ୍ୱାରା ଆୟୋଜିତ ଚତୁର୍ଥ ନକଆଉଟ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୩୨ଟି ଦଳକୁ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅନ୍ତିମ ତଥା ଫାଇନାଲ ଖେଳରେ ଆଦିତ୍ୟ ଏକାଦଶ ପଙ୍କଜ ଏକାଦଶକୁ ପେନାଲଟି ଗୋଲରେ ହରାଇ ଚାମ୍ପିଅନ ହୋଇଛି। ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବରେ ସମାଜସେବୀ ଶ୍ରୀମନ୍ତ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବରେ ଚମ୍ପୁଆ ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ରଜିଆ ସରପଞ୍ଚ ସନ୍ତୋଷ କୁମାର ନାଏକ, ସୁଧିର କୁମାର ସର୍ଦ୍ଦାର, ସରୋଜ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅତିଥିଗଣ ଚାମ୍ପିଅନ ଦଳକୁ ୩୦ହଜାର ଅର୍ଥରାଶି ଓ ଟ୍ରଫି, ରନର୍ସଅପ୍ ଦଳକୁ ୨୦ହଜାର ଅର୍ଥରାଶି ଓ ଟ୍ରଫି, ତୃତୀୟ ଦଳ ଭାବରେ ସୁବାସ ଏକାଦଶକୁ ୧୦ ହଜାର ଅର୍ଥରାଶି ଏବଂ ଚତୁର୍ଥ ଦଳ ଭାବରେ ହେମ୍ବ୍ରମ ବ୍ରଦର୍ଶ ଦଳକୁ ୧୦ ହଜାର ଅର୍ଥରାଶି ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳର ଖେଳ ପ୍ରତିଭା ଅନ୍ୱେଷଣ କରିବା ଲକ୍ଷ୍ୟନେଇ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି ବୋଲି କ୍ଲବ ସଭାପତି ଶ୍ରୀକାନ୍ତ ମହାକୁଡ, ସମ୍ପାଦକ ବାହାଦୁର ମହାକୁଡ ଓ ଉପସଭାପତି ଦିପକ କୁମାର ସାଇଁଆ ପ୍ରକାଶ କରିଛନ୍ତି।

## ସ୍କୁଲ ବ୍ୟାଗ୍ ଓଜନ ନିୟମକୁ ମାନୁନାହାନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ



ଚମ୍ପୁଆ,୨୨।୯ (ସମିସ): ଛାତ୍ରଛାତ୍ରୀଙ୍କ ସ୍କୁଲ ବ୍ୟାଗ ଓଜନ ବୋଝ କମାଇବା ପାଇଁ ନିୟମ ପ୍ରଣୟନ କରିବାସହ ଏହାକୁ କଡାକଡି ପାଳନ ପାଇଁ ନିର୍ଦ୍ଦେଶ ଥିଲେ ହେଁ ଅନେକ ବିଦ୍ୟାଳୟ ଏହି ନିୟକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ନିୟମ ପ୍ରଣୟନର ୧ମାସ ପର୍ଯ୍ୟନ୍ତ ନିୟମକୁ କଡ଼ାକଡ଼ି ଭାବେ ପାଳନ କରୁଥିବା ବେଳେ ପରେ ଯଥା ପର ତଥା ପୂର୍ବ ନୀତି ଚାଲୁରହିଛି। ନିୟମ ମାନୁନଥିବା ବିଦ୍ୟାଳୟ ପ୍ରତି ଶିକ୍ଷାବିଭାଗ କଡା ଆଭିମୁଖ୍ୟ ଗ୍ରହଣ କରୁନଥିବାରୁ ଏହାର ପ୍ରଭାବ ଛାତ୍ରଛାତ୍ରୀଙ୍କ ଉପରେ ପଡୁଛି। ସୂଚନାନୁଯାୟୀ, ଚମ୍ପୁଆ ଶିକ୍ଷା ବିଭାଗ ଅଧୀନରେ ସରକାରୀ ଓ ବେସରକାରୀ ବିଦ୍ୟାଳୟକୁ ମିଶାଇ ୨୧୧ଟି ବିଦ୍ୟାଳୟ ରହିଥିବା ବେଳେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୨୫ ହଜାର ୭୬୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସରକାରଙ୍କ ପକ୍ଷରୁ ପ୍ରଚଳିତ ନିୟମ ଅନୁସାରେ ପ୍ରଥମରୁ ଦ୍ୱତୀୟ ଶ୍ରେଣୀର ଛାତ୍ରଙ୍କ ପାଇଁ ବ୍ୟାଗର ଓଜନ ୧.୫ କିଗ୍ରା, ତୃତୀୟ ଓ ପଞ୍ଚମ ଶ୍ରେଣୀ ପାଇଁ ବ୍ୟାଗର ଓଜନ ୨ରୁ ୩ କିଗ୍ରା, ୬ଷ୍ଠରୁ ସପ୍ତମ ୪କିଗ୍ରା, ଅଷ୍ଟମ ଓ ନବମ ୪.୫କିଗ୍ରା ଓ ଦଶମ ଶ୍ରେଣୀ ପାଇଁ ଅଧିକତମ ୫ କିଗ୍ରା ରହିବା ନିୟମ ରହିଛି। ମାତ୍ର ଏହି ନିୟମକୁ ଅଣଦେଖା କରାଯାଉଥିବାରୁ କୁନି କାନ୍ଧରେ ବସ୍ତାନି ବୋଝ ବୋହିବାକୁ ଛାତ୍ରଛାତ୍ରୀ ବାଧ ହେଉଛନ୍ତି। ଏନେଇ ବ୍ଲକ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଂସଦାଙ୍କୁ ପଚାରିବାରୁ କହିଛନ୍ତି, ଯେ ଦିନେ ଦୁଇ ଦିନ ଭିତରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନେଇ ବସ୍ତାନୀ ବୋଝ ଏବଂ ଓଟୋରିକ୍ସାରେ ଆବଶ୍ୟକଠାରୁ ଅଧିକ ଛାତ୍ରଛାତ୍ରୀ ଯାତାୟାତ ଉପରେ ବୈଠକ ଡକାଇବା ପାଇଁ ସହକାରୀ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଛନ୍ତି।

# ସନ୍ତୋଷ ରାଉତଙ୍କୁ ଶ୍ରୀଶିକ୍ଷାଜ୍ୟୋତି ସମ୍ମାନ



ବାଲେଶ୍ୱର,୨୨।୯(ସମିସ): ଶିକ୍ଷା, ଜ୍ଞାନ ଓ ଆତ୍ମବିକାଶ ସାଧନାର ଯାତ୍ରା 'ଶ୍ରୀ'ପକ୍ଷରୁ ଶ୍ରୀ ଶିକ୍ଷାଜ୍ୟୋତି ସମ୍ମାନ ପ୍ରଦାନ ଉତ୍ସବ ଏକ ଶିକ୍ଷାମୟ ପରିବେଶ ଭିତରେ ବାଗ ବୃନ୍ଦାବନସ୍ଥ 'ଶ୍ରୀ' ଶିକ୍ଷା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। 'ଶ୍ରୀ'ତରଫରୁ ତା'ର ଶିକ୍ଷାକକ୍ଷରେ ପ୍ରତିବର୍ଷ ମେଧାବୀ ଛାତ୍ରଛାତ୍ରୀଙ୍କୁ 'ଶିକ୍ଷା ଆଶିଷ' ପ୍ରଦାନ କରାଯିବାର ପରମ୍ପରା ରହିଛି। ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ ସନ୍ତୋଷ କୁମାର ରାଉତଙ୍କୁ ଚଳିତବର୍ଷ ଶ୍ରୀ କକ୍ଷରେ ଏକ ଶିକ୍ଷା ଉତ୍ସବରେ 'ଶ୍ରୀ ଶିକ୍ଷା ଜ୍ୟୋତି ସମ୍ମାନ୨୦୨୫' ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଯଦୁନାଥ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶଙ୍କର୍ଷଣ ପଣ୍ଡା ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। 'ଶ୍ରୀ'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସଙ୍କ ସଭାପତିତ୍ୱରେ ପରିଚାଳିତ ଉତ୍ସବରେ ଡ. ସନ୍ତୋଷ କୁମାର ରାଉତଙ୍କୁ ମୁଖ୍ୟଅତିଥି 'ଶ୍ରୀ ଶିକ୍ଷାଜ୍ୟୋତି ସମ୍ମାନ ୨୦୨୫'ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ବିପ୍ଳବ ଦାସ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂଯୋଜକ ପାର୍ଥସାରଥୀ ସାହୁ ଅତିଥି ପରିଚୟ ଓ ଅମରଜିତ ଦାସ ଉତ୍ସବ ସଂପର୍କରେ କଥା ରଖିଥିଲେ। ପ୍ରତିମା ତ୍ରିପାଠୀ, ସରସ୍ୱତୀ ଭୋଇ, ସୁଜାତା ଦାସ, ସମ୍ମାନ ପ୍ରଦାନ ଉତ୍ସବକୁ ପରିଚାଳନା କରିଥିବାବେଳେ ମଧୁସୂଦନ ମିଶ୍ର ମାନପତ୍ର ପଠନ କରିଥିଲେ। ପ୍ରେୟସୀ ମହାପାତ୍ର, ରଂଜନା ଘୋଷ, ସୁପ୍ରଭା ଦଳେଇ, ରଶ୍ମିତା ଆଚାର୍ଯ୍ୟ, ସୁଚିସ୍ମିତା ସାହୁ, ସଂଜୀବ ନାୟକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସନ୍ତୋଷ ଦଳେଇ ଧନ୍ୟବାଦ ଦେଇଥିଲେ।

# କର୍କଟ ପୀଡ଼ିତ ଛାତ୍ରଙ୍କ ସହାୟତା ନିବେଦନ

ବାଲେଶ୍ୱର,୨୨।୯(ସମିସ): ବାଲିଆପାଳ ବ୍ଲକ ଅର୍ନ୍ତଗତ ଗଡସାହି ଅଂଚଳର ଚନ୍ଦ୍ରମୋହନ କାମିଲାଙ୍କ ପୁଅ ହେଉଛନ୍ତି ଜଳଧର। ପରିବାର କହିଲେ ଚାରିଜଣ ବ୍ୟକ୍ତି ଅଟନ୍ତି। ଚାଷ କରି ତାଙ୍କ ବାପା ସେଥିରୁ ଯାହା ଅର୍ଥ ରୋଜଗାର କରନ୍ତି ସେଥିରେ ତାଙ୍କର ପରିବାର ପ୍ରତିପୋଷଣ ହୋଇଥାଏ। ୨୦୧୭ ମସିହାରେ ଜଳଧର ପଂଚମ ଶ୍ରେଣୀରେ ପାଠ ପଢୁଥିବାବେଳେ ତାଙ୍କ ଠାରେ ବୋନ କ୍ୟାନସର ଲକ୍ଷଣ ଦେଖିବାକୁ ମିଳିଥିଲା। ପରିବାର ଲୋକେ ଡାକ୍ତରଙ୍କୁ ଦେଖାଇବା ପରେ ତାଙ୍କର ଗୋଟିଏ ଗୋଡ କାଟିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ତାଙ୍କର କ୍ୟନସର ଚିକିତ୍ସା ପାଇଁ ପାଖାପାଖି ୧୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଥିବା ବେଳେ ଆହୁରି ଅଧିକ ଖର୍ଚ୍ଚ ହେବ ବୋଲି ତାଙ୍କ ବାପା କହିଛନ୍ତି। ପୁଅର ଚିକିତ୍ସା ପାଇଁ ତାଙ୍କର ଜମି ମଧ୍ୟ ବିକ୍ରି କରିଦେଇଛନ୍ତି। ଅନ୍ୟପଟେ ଏବେ ତାଙ୍କର ପ୍ରତି ୬ମାସର ଥରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଫଳରେ ତାଙ୍କର ଅଧିକ ଚିକିତ୍ସା ପାଇଁ ତାଙ୍କ ନିକଟରେ ଆଉ ଅର୍ଥ ନ ଥିବା ବେଳେ ବାଧ ହୋଇ ସେ ଜିଲ୍ଲାପାଳଙ୍କ ଠାରେ ତାଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି। ସେ ବାଲିଆପାଳ ସ୍ଥିତ ଏସଆର କଲେଜରେ ଯୁକ୍ତ ତିନି ପ୍ରଥମ ବର୍ଷରେ ପଢୁଥିବା ବେଳେ ତାଙ୍କର କଲେଜ ଯିବା ଆସିବା ପାଇଁ ଏକ ବ୍ୟାଟେରୀ ଚାଳିତ ଗାଡିର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ଏଣୁ ଜିଲ୍ଲାପାଳ ଏହାକୁ ଯୋଗାଇଦେବା ପାଇଁ ପରିବାର ଲୋକେ ନିବେଦନ କରିଛନ୍ତି।



# କାର୍ଯ୍ୟକ୍ଷମ ହେଲା ହାଇବ୍ରିଡ୍ ପେଡିଆଟିକ ଆଇସିୟୁ



ବାଲେଶ୍ୱର,୨୨।୯(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଦୀର୍ଘଦିନ ଧରି ବନ୍ଦ ପଡିଥିବା ହାଇବ୍ରିଡ ପେଡିଆଟିକ ଆଇସିୟୁ ପୁଣିଥରେ ଖୋଲିଛି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ବେହେରା ସୂଚନା ଦେଇଛନ୍ତି। ଦୀର୍ଘଦିନ ଧରି ବନ୍ଦ ପଡିଥିବା ଏହି ହାଇବ୍ରିଡ ପେଡିଆଟିକ ଆଇସିୟୁ ପୁଣିଥରେ କାର୍ଯ୍ୟକ୍ଷମ ହୋଇଛି। ଯାହାଫଳରେ ଗୁରୁତର ଶିଶୁମାନଙ୍କର ସ୍ୱାସ୍ଥ୍ୟସେବାକୁ ଅଧିକ ଶକ୍ତଶାଳୀ କରିବ। ଏହି ୟୁନିଟରେ ଆଧୁନିକ ଯନ୍ତ୍ରପାତି ସହିତ ପ୍ରଶିକ୍ଷିତ ନର୍ସମାନେ ୨୪ଘଂଟା ଉପଲବ୍ଧ ରହିବେ। ବିଶେଷ କରି ଏହା ଗୁରୁତର ଶିଶୁମାନଙ୍କୁ ତତ୍କ୍ଷଣାତ ଓ ସୁରକ୍ଷିତ ଚିକିତ୍ସା ସୁବିଧା ଯୋଗାଇଦେବ। ଏହା କାର୍ଯ୍ୟକ୍ଷମ ହେବା ବେଳେ ସୁପରିଣ୍ଟେଣ୍ଡେଣ୍ଟ ଡା. ଗିରିଜା ଶଙ୍କର ଦାସ, ଡିପିଏମ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ସହରରେ ମାତିଛନ୍ତି ଲୁଟେରା**

# ପୁଲିସ ପରିଚୟ ଦେଇ ଲୁଟିନେଉଛନ୍ତି ଗହଣା

ବାଲେଶ୍ୱର,୨୨।୯ (ସମିସ)



**ଟେର ପାଉନି ପୁଲିସ**

ଆମେ ପୁଲିସରେ ଚାକିରି କରିଛୁ। ଆମକୁ ଡ୍ୟୁଟି ଦିଆଯାଇଛି। ଯିଏ ଏମିତି ସୁନା ଗହଣା ଅଧିକ ପିନ୍ଧୁଛନ୍ତି ସେମାନଙ୍କୁ ଆମେ ସଚେତନ କରୁଛୁ ଏବଂ ସୁରକ୍ଷିତ ରହିବାକୁ କହୁଛୁ। ନହେଲେ ଛିନତାଇ ହେବ, ଭୟଭୀତ ହୋଇ ସବୁ ଗହଣା ଦେଇଥିଲି। ସେଇପଟ ଦେଇ ସମସ୍ତେ ଯାଉଥିଲେ, ଦେଖୁଥିଲେ ହେଲେ ମୋ ପାଖକୁ ଆସୁନଥିଲେ। ମୁଁ ମଧ୍ୟ ଭୟରେ କାହାକୁ ଡାକିପାରିଲି ନାହିଁ। କୁରୁଡା ଛକ ୟୁପି ସ୍କୁଲ୍ ନିକଟରେ ମୋ ସହ ଏପରି ଘଟଣା ଘଟିଗଲା। ରକ୍ଷକ କହି ଭକ୍ଷକ ସାଜିଲେ ଆମେ ଆଉ କଣ କରିପାରିବୁ। ପୁଅ ସହିତ ଯାଇ ଥାନାରେ ଅଭିଯୋଗ କରିଛୁ। ପୁଲିସ ସିସିଟିଭି ଫୁଟେଜ ବି ନେଇଛନ୍ତି। ଗାଡି ନମ୍ବର ବି ଦିଆଯାଇଛି। ଏଯାଏଁ କିଛି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ୧୮ ରୁ ଆଜି ୨୨ ତାରିଖ ହୋଇଗଲାଣି। ହେଲେ କେହି କିଛି ଶୁଣୁନାହାନ୍ତି କି ବୁଝୁନାହାନ୍ତି। ମୁଁ କେମିତି ମୋ ଗହଣା ପାଇବି ସେଇଟାକୁ ନେଇ ମୁଁ ଦୁଃଖରେ ଅଛି ବୋଲି କହିଛନ୍ତି ପ୍ରମିଳା ବେହେରା।

ବାଲେଶ୍ୱରବାସୀଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହେଉଛି। ଗହଣା ସୁନା ପିନ୍ଧିବି ବାହାରକୁ ଯିବାକୁ ଏହି ସମୟରେ ଭୟ କରୁଛନ୍ତି। କିଛି ଦିନ ଧରି ସହରରେ ବିଭିନ୍ନ ପ୍ରକାର ଚୋରି, ଛିନତାଇ ଘଟଣା ଘଟିଚାଲିଛି। ନିକଟରେ ସକାଳୁ ସକାଳୁ ରେମୁଣା ନିର୍ବାଚନ ମଣ୍ଡଳୀ କୁରୁଡା ପଞ୍ଚାୟତ ଶ୍ରୀମନ୍ତପୁର ଗ୍ରାମର ଜଣେ ବୟସ୍କା ମହିଳା ପ୍ରମିଳା ବେହେରାଙ୍କଠୁ ଗହଣା ଲୁଟିନେଲେ ଦୁର୍ବୃତ୍ତ। ଚାରି ଜଣ ବାଇକ୍ ରେ ଆସି ପୁଲିସ ପରିଚୟ ଦେଇ ଏତେ ଗହଣା କାହିଁକି ପିନ୍ଧିଛନ୍ତି କହି ସବୁତକ ଲୁଟିନେଇଥଲେ। ବନ୍ଧୁକ ଦେଖାଇ ସବୁ ଗହଣା ଲୁଟି ନେଇଥିବା ପ୍ରମିଳା କହିଛନ୍ତି। ଏ ନେଇ ସଦର ଥାନାରେ ଅଭିଯୋଗ ମଧ୍ୟ କରିଛନ୍ତି। ହେଲେ ଏଯାଏଁ ପୁଲିସ କିଛି ପଦକ୍ଷେପ ନେଇଥିବାରୁ ପ୍ରମିଳା ନିରାଶ ହୋଇଛନ୍ତି। ପ୍ରାୟ ୫ ଲକ୍ଷ ଟଙ୍କାର ଗହଣା ପିନ୍ଧିଥିଲେ ବୋଲି ପ୍ରମିଳା କହିଛନ୍ତି। ଦୁଇଟି ଚେନ୍, ସୁନା ବଳା ଏବଂ ମୁଦି ଲୁଟେରା ନେଇଯାଇଛନ୍ତି। ଏ ନେଇ ସଦର ଥାନା ଅଧିକାରୀ ସଲଖାନ ମୁର୍ମୁଙ୍କୁ ପଚାରିବାରୁ କହିଥିଲେ, ପୁଲିସ ପରିଚୟ ଦେଇ ଲୁଟ୍ ଘଟଣାର ତଦନ୍ତ ଚାଲିଛି। କିଛି ସନ୍ଧାନ ମିଳିନାହିଁ। ପ୍ରକାଶ ଥାଉ କି,୨୦୨୪-୨୫ ରେ ବାଲେଶ୍ୱରରେ ୩୩୦୩ ଚୋରି, ୧୯ ଡ଼କାୟତି ହୋଇଥିବା ବେଳେ ୨୦୨୫ରେ ୧୮୬ ରୁ ଅଧିକ ଚୋରି ହୋଇଥିବା ସରକାରୀ ତଥ୍ୟ କହୁଛି। ଦିନବେଳା ଛିନତାଇ, ଚୋରି ଆଦି ବୃଦ୍ଧି ପାଇବାରେ ଲାଗିଛି।

# ଏଫ୍ଏମ୍ୟୁରେ 'ଗବେଷଣା ଓ ପ୍ରକାଶନ ନୀତି' ପାଠ୍ୟକ୍ରମ କର୍ମଶାଳା




ବାଲେଶ୍ୱର,୨୨।୯(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ପକ୍ଷରୁ ସପ୍ତାହବ୍ୟାପୀ ଗବେଷଣା ଓ ପ୍ରକାଶନ ନୀତି-୨୦୨୫ ସଂପର୍କିତ କୋର୍ସ କର୍ମଶାଳାର ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନ ସମାରୋହରେ ୧୫୦ରୁ ଅଧିକ ଗବେଷଣାରତ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଓ ଏଗଜିକ୍ୟୁଟିଭ ଗବେଷକ ଯୋଗଦେଇ ୫-ଦିନିଆ ପ୍ରଶିକ୍ଷଣ ଶିବିରରେ ଗବେଷଣାରକ ସତ୍ୟନିଷ୍ଠା, ପ୍ଲେଜିଆରିଜିମ ଓ ପ୍ରକାଶନ ପ୍ରକ୍ରିୟା ଉପରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡିକ ସଂପର୍କରେ ଆଲୋଚନା ପାଇଁ ଅଂଶଗ୍ରହଣ କରିଛନ୍ତି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର ଶିକ୍ଷାନୁଷ୍ଠାନୀୟ ଓ ଗବେଷଣା ପରିବେଶରେ ସତ୍ୟନିଷ୍ଠା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ। ନୂତନ ଆବିଷ୍କାର ସହ ମୂଲ୍ୟଯୁକ୍ତ ଜ୍ଞାନ ଗଠନ ଓ ତଥ୍ୟ ସଂଗ୍ରହରେ ଗବେଷଣା ସୀମିତ ନୁହେଁ, ବରଂ ନୀତିଶୀଳ ପ୍ରକ୍ରିୟା, ସତ୍ୟପରାୟଣତା ଓ ଦାୟିତ୍ୱଶୀଳ ପ୍ରକାଶନରେ ବ୍ୟକ୍ତିଗତ ଓ ଆନୁଷ୍ଠାନିକ ସଫଳତା ନିହିତ ରହିଥାଏ ବୋଲି ପ୍ରକାଶ କରିଥିଲେ। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର ଶରତ କୁମାର ପାଲିତ ମୁଖ୍ୟବକ୍ତା ଭାବେ ଗବେଷଣାକୁ ଜ୍ଞାନ ସୃଷ୍ଟିର ଏକ ଭିନ୍ନ ଯାତ୍ରା ସହ ଦେଶ, ଜାତି ଓ ମାନବସମାଜର ଉନ୍ନତିକରଣର ଏକ ପ୍ରଧାନ ମାଧ୍ୟମ ବୋଲି ଉଲ୍ଲେଖ କରିଥିଲେ। ବର୍ତ୍ତମାନ କେନ୍ଦ୍ରୀକରଣ ଗବେଷଣା ପ୍ରଣାଳୀରେ ପ୍ଲେଜିଆରିଜିମ୍, ପ୍ରଭାବକାରୀ ପ୍ରକାଶନ ଓ ମେଟ୍ରିକ୍ସର ଅତିରିକ୍ତ ଚାପ ବଡ଼ ଚ୍ୟାଲେଞ୍ଜ୍ ରହିଥିବାର ଉଲ୍ଲେଖ କରିଥିଲେ ଓ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଆର.ପି.ଇ ପରି କୋର୍ସ ଗୁଡିକ ଛାତ୍ରଛାତ୍ରୀଙ୍କୁ ନୀତିଶୀଳ ଗବେଷଣାର ଦିଗରେ ପଥପ୍ରଦର୍ଶନ କରିବା ନେଇ ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ, ଗବେଷଣା ଓ ବିକାଶ ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାରହୀ ଉପସ୍ଥିତ ହୋଇ ଏହି କାର୍ଯ୍ୟକ୍ରମକୁ ଗବେଷଣା ସମ୍ପଦ ସୁଦୃଢ କରିବାରେ ଏକ ନୂତନ ପଦକ୍ଷେପ ବୋଲି ପ୍ରକାଶ କରି କୋର୍ସର ପରିକଳ୍ପନା, ବିଷୟବସ୍ତୁ ଓ ପ୍ରଶିକ୍ଷଣ ସୂଚନା ପ୍ରଦାନ କରିଥିଲେ। କୋର୍ସର ପ୍ରାଥମିକ ବିଷୟଗୁଡିକ ମଧ୍ୟରେ ଗବେଷଣା ପ୍ରଶ୍ନ ଗଠନ ଓ ହାଇପୋଥେସିସ୍ ପରୀକ୍ଷା, ବୈଜ୍ଞାନିକ ଲେଖନ ଓ ପ୍ରକାଶନ ପ୍ରକ୍ରିୟା, ପ୍ଲେଜିଆରିଜିମ ଯାଞ୍ଚ ଓ ସଫ୍ଟୱେର ପ୍ରଶିକ୍ଷଣ, ପ୍ରକାଶନ ନୀତି ଓ ଗବେଷଣା ମେଟ୍ରିକ୍ସ, ବୈଜ୍ଞାନିକ ସତ୍ୟନିଷ୍ଠା ଓ ନୀତିଶାସ୍ତ୍ର ସମ୍ବନ୍ଧିତ ପ୍ରଶିକ୍ଷଣ ଦିଆଯିବ। ଏହି କୋର୍ସର ପ୍ରଶିକ୍ଷଣ ୨୬ ସେପ୍ଟେମ୍ବରରେ ସମାପ୍ତ ହେବ। କାର୍ଯ୍ୟକ୍ରମକୁ ଡ. ରାଜଶ୍ରୀ ଦତ୍ତ ସଂଯୋଜନା କରିଥିଲେ ତଥା ଦେବଦତ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନରେ ଗଳ୍ପସାହିତ୍ୟ ଚର୍ଚ୍ଚା

ବାଲେଶ୍ୱର,୨୨।୯(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଆଧୁନିକ ଓଡ଼ିଆ ଗଳ୍ପସାହିତ୍ୟ ସଂପର୍କରେ ଏକ ଚର୍ଚ୍ଚା ଆସର ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଚର୍ଚ୍ଚା ଆସରକୁ ଉଦ୍‌ଘାଟନ କରି ବରିଷ୍ଠ ଗାଳ୍ପିକ ତଥା ସାରଳା ପୁରସ୍କାରପ୍ରାପ୍ତ ଭୀମପୃଷ୍ଟିଙ୍କର ଅଗ୍ରଜ ଅର୍ଜୁନ ପୃଷ୍ଟି ଗୁଣାଢ୍ୟଙ୍କ ବୃହତକଥା, ସୋମଦେବଙ୍କ କଥା ସରିତ ସାଗର ଓ ବିଷ୍ଣୁଶର୍ମାଙ୍କ ପଞ୍ଚତନ୍ତ୍ରର କଥାସବୁକୁ ମୂଳଦୁଆ କରି ସଂସ୍କୃତ ସାହିତ୍ୟ ଓ ପରବର୍ତ୍ତୀ ସମୟରେ ଓଡ଼ିଆ ସାହିତ୍ୟର ଗଳ୍ପ ବିଭାଗ ସମୃଦ୍ଧ ହୋଇପାରିଛି ବୋଲି ବକ୍ତବ୍ୟ ରଖିଥିଲେ। ଫକୀରମୋହନଙ୍କ ବିଭିନ୍ନ ଗଳ୍ପକୁ ଆଲୋଚନା କରି ତାହାର ଗୁରୁତ୍ୱ ମଧ୍ୟ ପ୍ରତିପାଦନ କରିଥିଲେ। ଗାଳ୍ପିକା ଦେବଯାନୀ ଦାସ ଓଡ଼ିଆ ଗଳ୍ପ ସାହିତ୍ୟର ବିକାଶକ୍ରମ ଓ ଶୈଳୀ ସଂପର୍କରେ ଆଲୋଚନା କରିବା ସଙ୍ଗେସଙ୍ଗେ ସାଂପ୍ରତିକ ଗଳ୍ପ ସମୂହର ଭିତ୍ତିଭୂମିର ଗଠନ ପ୍ରକ୍ରିୟା ଉପରେ ଚର୍ଚ୍ଚା କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାରପ୍ରାପ୍ତ ଗାଳ୍ପିକ ସଂଜୟ କୁମାର ପଣ୍ଡା ମଧ୍ୟ ଓଡ଼ିଆ ଗଳ୍ପ ପୃଥିବୀର ଗଳ୍ପଭାଗ ସହ ସମାନ ଭାବରେ ଗତି କରି ସମୃଦ୍ଧ ହୋଇପାରିଛି ବୋଲି ମନ୍ତବ୍ୟ ଦେବା ସହିତ ନିଜର ଗଳ୍ପ ରଚନାର ଶୈଳୀ ସଂପର୍କରେ ଆଲୋଚନା କରିଥିଲେ। କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିବା ସହିତ ଗଳ୍ପ ସଂପର୍କିତ ଚର୍ଚ୍ଚା ଆମର ଗଳ୍ପରଚନା ପ୍ରବୃତ୍ତିକୁ ବଳିଷ୍ଠ କରିବ ବୋଲି ପ୍ରକାଶ କରିଥିଲେ। ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଓ ଜ୍ଞମରନାଥ ପାତ୍ର କେତେଜଣ ଗାଳ୍ପିକ ଓ ଗାଳ୍ପିକାଙ୍କ ଗଳ୍ପଗୁଡ଼ିକୁ ସ୍ୱକୀୟ ଶୈଳୀରେ ସଂଯୋଜନା କରିଥିଲେ। ଆସରରେ ପ୍ରଭାକର ସାହୁ, ରାଜେନ୍ଦ୍ରନାଥ ରାଉତ, ବିଜୟ କୁମାର ଦାସଅଧିକାରୀ, ବିଜୟ କୁମାର ମହାନ୍ତି, ଦୀନବନ୍ଧୁ ଲେଙ୍କା, ସୁନାମଣି ଜେନା, ଅର୍ଚ୍ଚନା କର, କବିତା ଜେନା, ସୁବାସ ସ୍ୱାଇଁ, ସ୍ମୃତି ଦାସ ପ୍ରମୁଖ ସ୍ୱରଚିତ ଗଳ୍ପ ପାଠ କରିଥିବା ବେଳେ କ. ଶିରୀଶ ଚନ୍ଦ୍ର ଜେନା, ଶରତ କୁମାର ମହାପାତ୍ର, ବେଣୁଧର ସାହୁ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଅନାଦି ଚରଣ ଜେନା, ପ୍ରଫୁଲ୍ଲ କୁମାର ଦାସ, କରୁଣାକର ସ, ଡ. ରମାକାନ୍ତ ନାୟକ, ମଦନମୋହନ ସାହୁ, ତ୍ରିନାଥ ମନ୍ଦା, ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ଶାରଦୀୟ ଦୁର୍ଗୋତ୍ସବର ନବରାତ୍ର ଆରମ୍ଭ**

# 'ଶୈଳପୁତ୍ରୀ' ସ୍ୱରୂପରେ ପୂଜା ପାଇଲେ ମା' ବଗଳାମୁଖୀ



ବାଲେଶ୍ୱର,୨୨।୯(ସମିସ): ଶାସ୍ତ୍ର ସମ୍ମତ ମୂଳାଷ୍ଟମୀ ଠାରୁ କାଳିପୂଜା ପର୍ଯ୍ୟନ୍ତ ପାଳିତ ହେଉଥିବା ଶକ୍ତିପକ୍ଷ ଅବସରରେ ବାଲେଶ୍ୱର ସହର ଉପକଣ୍ଠ ତାମୁଲିଆ ସ୍ଥିତ ଶ୍ରୀ ଶ୍ରୀ ପୀତାମ୍ବରୀ ସିଦ୍ଧ ମହାଶକ୍ତି ପୀଠରେ ରୀତିନୀତି ଅନୁସାରେ ମା' ବଗଳାମୁଖୀଙ୍କ ଷୋଡଶ ଦିବସ ପୂଜା ଚାଲିଥିବାବେଳେ ପ୍ରତିପଦ ତିଥି ଠାରୁ ଶାରଦୀୟ ଦୁର୍ଗୋତ୍ସବର ନବରାତ୍ର ପୂଜା ଆରମ୍ଭ ହେଉଛି। ପ୍ରାତଃକାଳରୁ ପଂଚଦେବତାଙ୍କ ଘଟ ଓ ମଣ୍ଡଳାଦି ସ୍ଥାପନ ସହ ଷୋଡ଼ଶ ଉପଚାର ପୂଜା ସହ ସନ୍ଧ୍ୟାରେ ସପ୍ତସତୀ ଚଣ୍ଡୀପାଠ ଅନ୍ତେ ୧୦୮ ଆହୁତି ଆଦି କର୍ମକାଣ୍ଡ ମାଧ୍ୟମରେ ପୀଠର ଅଧିଷ୍ଠାତ୍ରୀ ମା' ବଗଳାମୁଖୀଙ୍କର ପୂଜାର୍ଚ୍ଚନା କରାଯାଉଛି। ମା'ଙ୍କର ନବଶକ୍ତିକୁ ଶ୍ରଦ୍ଧାର ସହ ଆହ୍ୱାନ ପୂର୍ବକ ଏଠାରେ ପୂଜା କରାଯାଇଥାଏ। ପ୍ରଥମ ଦିନରେ ପାର୍ବତ୍ୟ ରାଜା ହିମାଳୟଙ୍କ ପୁତ୍ରୀ ଭାବେ ଶୈଳପୁତ୍ରୀ ସ୍ୱରୂପରେ ପୂଜା ପାଇବେ ମା' ବଗଳାମୁଖୀ। ଶକ୍ତିଙ୍କ ଆତ୍ମଦାହ ପରେ ହିମାଳୟଙ୍କ ପୁତ୍ରୀ ଭାବେ ଜନ୍ମଗ୍ରହଣ ସହ ଶୈଳପୁତ୍ରୀ ନାମରେ ପରିଚିତ ହୋଇଥିଲେ। ସଂସ୍କୃତରେ, ଶୈଳର ଅର୍ଥ ହେଉଛି ପର୍ବତ, ପୁତ୍ରୀର ଅର୍ଥ ହେଉଛି କନ୍ୟା। ଚନ୍ଦ୍ର ଉପରେ ଶାସନ କରନ୍ତି ଦେବୀ। ଆଧ୍ୟାତ୍ମିକ ଜାଗରଣ ପାଇଁ ଶୈଳପୁତ୍ରୀଙ୍କୁ ସମୃଦ୍ଧତା ଏବଂ ସମସ୍ତ ଭାଗ୍ୟର ଯୋଗାଣକାରୀ ଭାବରେ ବିଶ୍ୱାସ ସହ ପ୍ରକୃତିର ମାତା ଭାବେ ପୂଜା କରନ୍ତି ଭକ୍ତମାନେ। ସେହିପରି ନବରାତ୍ରର ଦ୍ୱିତୀୟ ଦିବସରେ ଦକ୍ଷ ପ୍ରଜାପତିଙ୍କ କୁମାରୀ କନ୍ୟା ଭାବେ ବ୍ରହ୍ମଚାରିଣୀ ସ୍ୱରୂପ, ତୃତୀୟ ଦିବସରେ ମା'ଙ୍କର ବିବାହିତ ସ୍ୱରୂପ ଚନ୍ଦ୍ରଘଂଟାଙ୍କୁ ପୂଜା କରାଯିବ। ଅନୁରୂପ ଭାବେ ଚତୁର୍ଥରେ ସୂର୍ଯ୍ୟଙ୍କଠାରୁ ଅଧିକ ଶକ୍ତିଶାଳୀ କୁଷ୍ମାଣ୍ଡା, ପଂଚମରେ ଦେବକୁମାର କାର୍ତ୍ତିକଙ୍କ ମାତା ଭାବେ ସ୍କନ୍ଦମାତା, ଷଷ୍ଠରେ କାତ୍ୟାୟନ ମୁନିଙ୍କ କନ୍ୟା ତଥା ବିଜୟର ପ୍ରତୀକ ମା' କାତ୍ୟାୟନୀ, ସପ୍ତମରେ ଶୁମ୍ଭ ଓ ନିଶୁମ୍ଭ ଭଳି ରାକ୍ଷାସ ବିନାଶକାରି ତଥା କାଳଠାରୁ ଅଧିକ ଶକ୍ତିଶାଳୀ ମା' କାଳରାତ୍ରି, ଅଷ୍ଟମରେ ନିର୍ମଳ ଓ ପବିତ୍ରତାର ପ୍ରତୀକ ମା' ମହାଗୌରୀ ଏବଂ ନବମ ଦିବସରେ ଆଦି ପରାଶକ୍ତି ତଥା ସୃଷ୍ଟି ରଚନାକାରୀ ସିଦ୍ଧିଦାତ୍ରୀ ସ୍ୱରୂପରେ ମା'ଙ୍କୁ ଅର୍ଚ୍ଚନ କରାଯିବ।

# ଆଇନ ସଚେତନତା ଶିବିର




ବାଲେଶ୍ୱର,୨୨।୯(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରେମୁଣା ବ୍ଲକ୍ ର ସମ୍ମିଳନୀ କକ୍ଷରେ ବିସ୍ଥାପିତ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା, ସାଇବର ଆଇନ୍ ଏବଂ ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର ସଂପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମନ୍ ଜେନା ଏହି ଶିବିରରେ ଅଧ୍ୟକ୍ଷତା କରି ଉପରୋକ୍ତ ବିଷୟ ଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେମୁଣା ବ୍ଲକ୍ ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତ୍ତମ କୁମାର ଜେନା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା, ଜିଲ୍ଲା ଚିଫ୍ ଲିଗାଲଏଡ୍ ଡିଫେନ୍ସ କାଉନ୍ସେଲ୍ ନଟଗୋପାଳ ପଣ୍ଡା, ସହାକାରୀ ଜିଲ୍ଲା ଶ୍ରମ ଅଧିକାରୀ ରତ୍ନାକର ମଲ୍ଲିକ୍ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/10 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର (ପ୍ରୋଡକ୍ଟସ୍-ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍ଏମ୍ଜିଏସ୍-III | 34 | 28 | 35 |
| ଡେପୁଟି ମ୍ୟାନେଜର (ପ୍ରୋଡକ୍ଟସ୍-ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍ଏମ୍ଜିଏସ୍-II | 25 | 25 | 32 |

**ବିଜ୍ଞାପନ ସଂ. CRPD/SCO/2025-26/11 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର କ୍ରେଡିଟ୍ ଆନାଲିଷ୍ଟ | ଏମ୍ଏମ୍ଜିଏସ୍-III | 63 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://bank.sbi/web/careers/post-your-query)** ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.09.2025 ରୁ 02.10.2025 ପର୍ଯ୍ୟନ୍ତ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 11.09.2025

**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**


# ୩୫ ଲକ୍ଷର ବ୍ରାଉନସୁଗର ଜବତ, ଜଣେ ଗିରଫ

ବାଲେଶ୍ୱର,୨୨।୯(ସମିସ): ଅବକାରୀ ବିଭାଗ ପକ୍ଷରୁ ଅରଡବଜାରରେ ଚଢ଼ାଉ କରାଯାଇ ଜଣେ ବେପାରୀ ଠାରୁ ୩୦୫ଗ୍ରାମର ବ୍ରାଉନସୁଗର ଜବତ ସହ ଗୋଟିଏ ମୋଟରସାଇକେଲ ଜବତ ହୋଇଛି। ଗିରଫ ବେପାରୀ ଜଣକ ଅରଡବଜାର ଅଞ୍ଚଳର ଟିଂଟୁ ତରେଇ (୩୭)। ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଭ୍ରାମ୍ୟମାଣ ଅବକାରୀ ବିଭାଗ ସେଠାରେ ଚଢ଼ଉ କରି ବେପାରୀ ଟିଂଟୁ ଠାରୁ ୩୦୫ଗ୍ରାମର ବ୍ରାଉନସୁଗାର ଜବତ କରିଥିଲେ। ଜବତ ବ୍ରାଉନସୁଗାର ମୂଲ୍ୟ ୩୫ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ଉରେ ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ହରିହର ସିଂ, ସବ ଇନସପେକ୍ଟର ଭବେଶ ଦାସ, ଭକ୍ତଚରଣ ସ୍ୱାଇଁ, କନେଷ୍ଟବଳ ସୁନାରାମ ସୋରେନ, ପଙ୍କଜ ମାଝୀ, ମୀନତି ପରିଡାଙ୍କ ସମେତ ଏପିଆର ଫୋର୍ସ ମଧ୍ୟ ସାମିଲ ହୋଇଥିଲେ।

**ଆସୁଛନ୍ତି ମା' ଦୁର୍ଗା**

# ୪୬ ବର୍ଷରେ ମଧୁଆମିଲ୍ ସାର୍ବଜନୀନ ଦୁର୍ଗାପୂଜା

ବାଲେଶ୍ୱର,୨୨।୯ (ସମିସ)

ତୋରଣ ସହିତ ମାଆଙ୍କ ଚାହାଣୀ ସବୁଠାରୁ ବେଶୀ ଆକର୍ଷଣ ହୋଇଥାଏ। ସବୁ ଭକ୍ତଙ୍କ ନଜର ମାଆଙ୍କ ଆଖି ଉପରେ ହିଁ ଲାଗିଥାଏ। ଚଳିତବର୍ଷ ବର୍ଷ ମଧ୍ୟ ସ୍ୱତନ୍ତ୍ର ତୋରଣ ସହ ମାଆଙ୍କ ଚାହାଣୀ ସବୁଠୁ ଆକର୍ଷଣ ହେବ। ଏପରି ସ୍ୱତନ୍ତ୍ର ପ୍ରସ୍ତୁତି କରୁଛି ସୁନହଟସ୍ଥିତ ମଧୁଆମିଲ୍ ସାର୍ବଜନୀନ ଦୁର୍ଗା ଉତ୍ସବ କମିଟି। ଚଳିତ ବର୍ଷ ୪୬ ତମ ଦୁର୍ଗା ପାଳନ କରିବ କମିଟି।

୧୯୮୦ ମସିହାରୁ ସୁନହଟସ୍ଥିତ ମଧୁଆ ମିଲ୍ ଛକରେ କମିଟି ପକ୍ଷରୁ ଦୁର୍ଗାପୂଜା ହୋଇଆସୁଛି। ସବୁଠୁ ଅଧିକ ଆକର୍ଷଣୀୟ ଥାଏ ଦେବୀ ମାଆଙ୍କ ଚାହାଣୀ। ଏହାକୁ ଦେଖିବା ପାଇଁ ମଣ୍ଡପ ନିକଟରେ ଗହଳି ଜମେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଧୁମଧାମରେ ପୂଜା ପାଳନ ହେବ। ଏଥର ମାଆଙ୍କ ମୂର୍ତ୍ତିର ଉଚ୍ଚତା ୧୩ ଫୁଟ ରହିଛି। ଏକ ମାସ ପୂର୍ବରୁ ବଙ୍ଗୀୟ କାରିଗରଙ୍କ ଦ୍ୱାରା ଏହି



ମୂର୍ତ୍ତି ଗଢ଼ା ଆରମ୍ଭ ହୋଇଥାଏ। ବାହୁଡା ଯାତ୍ରା ଦିନ ଠାରୁ ପୂଜାର୍ଚ୍ଚନା କରାଯାଇ ବୁଢ଼ାବଳଙ୍ଗ ନଦୀରୁ ମାଟି ଉଠାଯାଇଥାଏ। ବିଶେଷକରି ଦେବୀ ମାଙ୍କ ମୂର୍ତ୍ତିଙ୍କର ଯେଉଁ ଚାହାଁଣୀ ରହିଛି ତାହାକୁ ନିର୍ମାଣ କରିବା ବଙ୍ଗୀୟ କାରିଗରୀମାନଙ୍କ ଏକ ବିଶେଷତ୍ୱ। ଏହି ମଣ୍ଡପରେ ୫୦୦ ରୁ ଅଧିକ ଡାଲା ଅଷ୍ଟମୀ ପୂଜାରେ ଶ୍ରଦ୍ଧାଳୁମାନେ ମା'ଙ୍କ ପାଖରେ ଭୋଗ ଲଗେଇଥାନ୍ତି। ନବୀନ ଦିନ ସନ୍ଧ୍ୟାରେ ୧୦୮ ଆଳତିରେ ଏଠାରେ ନିଆରା ହୋଇଥାଏ। ଏବର୍ଷ ତୋରଣର ଉଚ୍ଚତା ପାଖାପାଖି ୪୦ ଫୁଟ ହେବ। ତୋରଣଟିକୁ ଏକ ବୋଇତ ଆକୃତି ଦେବା ପାଇଁ କାରିଗରୀମାନେ ୨୫ ଦିନ ଆଗରୁ କାମରେ ଲାଗିଛନ୍ତି। ତୋରଣ, ଲାଇଟ୍, ମୂର୍ତ୍ତି ଓ ସାଜସଜ୍ଜା କାମ ଚାଲିଛି। କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗରେ ପୂଜା ସମ୍ପନ୍ନ ହୋଇଥାଏ। ଏହାବ୍ୟତୀତ ପୂଜା ଆରମ୍ଭ କରିଥିବା ଅନେକ ବରିଷ୍ଠ କର୍ମକର୍ତ୍ତାଙ୍କ ବିୟୋଗ ହୋଇଯାଇଛି। ଏଥିସହ ଚଳିତ ବର୍ଷ ଜଣେ ବରିଷ୍ଠ କର୍ମକର୍ତ୍ତା କୁଳମଣି ସାହୁ ଏବଂ ଏକ ଯୁବ କର୍ମକର୍ତ୍ତା ମନୋରଞ୍ଜନ ଜେନାଙ୍କ ଅକାଳ ବିୟୋଗରେ ସମସ୍ତେ ଶୋକ ପ୍ରକାଶ କରିଛନ୍ତି।

> ଏ ବର୍ଷ ପୂଜା ୪୬ ବର୍ଷରେ ପଦାର୍ପଣ କରୁଛି। ଏଠାରେ ଆମର ସବୁଠାରୁ ବେଶୀ ଆକର୍ଷଣ ଦେବୀ ମା'ଙ୍କ ଚାହାଣୀ। ଏଥର ତୋରଣ ବୋଇତ ଆକୃତିର ହେବ। ଏହାବ୍ୟତୀତ ମା'ଙ୍କ ଭସାଣି ଯାତ୍ରା ସମସ୍ତ ସରକାରୀ ନିୟମ ଅନୁସାରେ ହେବ।
>
> **ବିକାଶ ପାତ୍ର, ସଭାପତି**
>
> ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାର ସହିତ ଭାଇ ଚାରା ର ବାର୍ତ୍ତା ଦେଇ ପାଳନ କରିବୁ। ସମସ୍ତଙ୍କୁ ମଧୁଆ ମିଲ୍ ଦୁର୍ଗା ମଣ୍ଡପକୁ ଅଗ୍ରିମ ଶାରଦୀୟ ନିମନ୍ତ୍ରଣ।
>
> **ରାଜେନ୍ଦ୍ର ବାରିକ, ସମ୍ପାଦକ**

ସକାଳ THE SAKALA



## ବରୀ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର

# ୩୪ଟି ଅଭିଯୋଗର ତ୍ୱରିତ ଫଇସଲା



ବରୀ, ୨୨।୯ (ସମିସ)

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଆଜି ବରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଅମ୍ବର କୁମାର କର ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯସ ପ୍ରତାପ ଶ୍ରିମଲ୍ ଉଭୟ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ବରୀ ବ୍ଲକରେ ମୋଟ ୧୫୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୧୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୬ ଗୋଟି, ମୁଖ୍ୟମନ୍ତ୍ରୀ ସହାୟତା ପାଇଁ ୩୨ଟି ସହିତ ତତ୍କାଳ ୩୪ଟି ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ମଣ୍ଡଳ ଉନ୍ନୟନ ଅଧିକାରୀ ଅସିତ କୁମାର ମହାନ୍ତି, ତହସିଲଦାର ଦୀପ୍ତିମୟୀ ବେହେରା ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜିର ଅଭିଯୋଗ ଶୁଣାଣି ଶିବିରରେ ଚିହ୍ନଟ ହୋଇଥିବା ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଟ୍ରାଇ ସାଇକଲ ଓ ଶ୍ରବଣ ଯନ୍ତ୍ର ପ୍ରଭୃତି ବଣ୍ଟନ କରାଯାଇଥିଲା। ବରୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ସହ ଅନେକ ସମସ୍ୟା ଥିବା ଅଭିଯୋଗନ ପାଇ ଜିଲ୍ଲାପାଳ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ରୋଗୀଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ପାନୀୟ ଜଳ ଓ ଶୌଚାଳୟ, ମୁଖ୍ୟ ସମସ୍ୟା ଥିବା ବେଳେ ୨୦୨୩ରୁ ନିର୍ମାଣ ହୋଇଥିବା ନୂତନ ଗୃହ ଲୋକଙ୍କ ସେବାରେ ଲାଗୁନଥିବା ଆଦି ସମସ୍ୟା ଉପରେ ନଜର ପକାଇଥିଲେ। ବିଶେଷ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦଲାଲ ଆଡ୍ଡା କରୁଥିବା ସହ ଦଲାଲମାନଙ୍କୁ ଖୋଦ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରି ସହଯୋଗ କରୁଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହି ସମସ୍ୟାର ସମାଧାନ କରାଯିବା ସହ ଉତ୍ତମ ସ୍ୱାସ୍ଥ୍ୟସେବା କିପରି ଯୋଗାଇ ହେବ ସେ ନେଇ ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି।

## ବର୍ଷାରେ ଭିଜି ଧାରଣାରେ ବସିଲେ ମହିଳା

**ବରୀ:** ବରୀ ବ୍ଲକର ୨୯ ଗୋଟି ପଞ୍ଚାୟତର ମିଶନ ଶକ୍ତିରେ କାର୍ଯ୍ୟ କରୁଥିବା ସିଆର୍‌ପି, ଏମ୍‌ବିକେ ଓ ବ୍ୟାଙ୍କ ମିତ୍ରମାନେ ଆଜି ବରୀବ୍ଲକ ସମ୍ମୁଖରେ ଆନ୍ଦୋଳନରେ ବସିଥିବା ଦେଖିବାକୁ ମିଳିଛି। ବରୀ ବ୍ଲକର ୨୯ ଗୋଟି ପଞ୍ଚାୟତରେ କାର୍ଯ୍ୟ କରୁଥିବା ସମସ୍ତ କମ୍ୟୁନିଟି ସପୋର୍ଟ କର୍ମଚାରୀମାନେ ବିଗତ ୬ ମାସ ହେବ ଦରମା ପାଇନାହାଁନ୍ତି। ମିଶନ ଶକ୍ତି ମହିଳାମାନେ ବିଗତ ୬ ମାସର ଦରମା ପାଇବା ପାଇଁ ଏବେ ସଂଘର୍ଷ କରିବା ସହିତ ବାରମ୍ବାର ସମ୍ପୃକ୍ତ ବିଭାଗକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡ଼ିଲେଣି। ଏ ନେଇ ସେମାନେ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ ମଧ ରାଜ୍ୟ ସରକାର ତାଙ୍କର କୌଣସି କଥାକୁ କର୍ଣ୍ଣପାତ କରୁନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହା ସହିତ



ସି ଆ ର୍ ପି ଙ୍କ ସ୍ଥାୟୀ ନିଯୁକ୍ତି ଓ ସି ଏ ସ୍ ଏ ସ ଙ୍କ ସ୍ଥାୟୀ ଦରମାର ସ୍ଥାୟୀ ସମାଧାନ ନହେବା ଯାଏ ସେମାନେ ବରୀ ବ୍ଲକ ସମ୍ମୁଖରୁ ଧାରଣାରୁ ଉଠିବେ ନାହିଁ ବୋଲି ଚେ ତା ବ ନ । ଦେଇଛନ୍ତି। ଆଜି ବରୀ ବ୍ଲକରେ ଜନଶୁଣାଣି ଥିବା ବେଳେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦାନ କରିଥିଲେ। ବର୍ଷାରେ ଭିଜି ଭିଜି ସେଠାରେ ଧାରଣାରେ ବସିଥିବା ସିଆର୍‌ପି, ଏମ୍‌ବିକେ ଓ ବ୍ୟାଙ୍କ ମିତ୍ରମାନଙ୍କୁ ଆଡ଼ ଆଖିରେ ନ ଚାହିଁ ଚାଲି ଯାଇଥିଲେ।

## ବିଞ୍ଝାରପୁରରେ ବହୁ ଅଯୋଗ୍ୟ ପଡ଼ିକାର୍ଡଧାରୀ

**ବିଞ୍ଝାରପୁର, ୨୨।୯ (ସମିସ):** ଅନ୍ତ୍ୟୋଦୟ ଯୋଜନାରେ ହିତାଧିକାରୀଙ୍କ ପରିବାରକୁ ୩୫ କେଜି ଲେଖାଏଁ ଚାଉଳ ଦେବା ପାଇଁ ନିୟମ ରହିଥିବା ବେଳେ ଏହି ଚାଉଳ ଉପଯୁକ୍ତ ହିତାଧିକାରୀ ପାଉଛନ୍ତି କି ନାହିଁ ତାହା ତଦନ୍ତ ପରିସର ଭୁକ୍ତ ହେବା ଦରକାର ରହିଛି ବୋଲି ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଯେଉଁ ପରିବାରର ଆର୍ଥିକ ମେରୁଦଣ୍ଡ ଦୁର୍ବଳ ଏବଂ ପରିବାରର ଚଳାଇବା ପାଇଁ କେହି ଜଣେ ସକ୍ଷମ ନଥାନ୍ତି ସେ ସ୍ଥାନରେ ସେ ପରିବାରକୁ ଅନ୍ତ୍ୟୋଦୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥାଏ। କିନ୍ତୁ ବର୍ତ୍ତମାନ ଏହି ଅନ୍ତ୍ୟୋଦୟ କାର୍ଡ କେଉଁ ମାନେ ହାତେଇଛନ୍ତି ସେ ମାନେ ଯୋଗ୍ୟ ହିତାଧିକାରୀ କି ନାହିଁ ତାହା ଏ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅର୍ଥାତ ଦୀର୍ଘ ବର୍ଷ ହେବ ଅଯୋଗ୍ୟମାନଙ୍କ ପାଖରେ ଅନ୍ତ୍ୟୋଦୟ ପଡ଼ି କାର୍ଡ ରହିଥିବା ବେଳେ ସେହି ପରିବାର ପୁଅ ଏବଂ ବୋହୂ ମଧ ରାସନ କାର୍ଡ ହାତେଇ ଚାଉଳ, ଗହମ ଆଦି ଡିଲରମାନଙ୍କ ଠାରୁ ଉଠାଉଛନ୍ତି। ଅଳକୁଣ୍ଡ ପଞ୍ଚାୟତରେ ମୃତ ବ୍ୟକ୍ତିଙ୍କ ଅନ୍ତ୍ୟୋଦୟ କାର୍ଡରେ ଅନ୍ୟ ବ୍ୟକ୍ତିଙ୍କ ନାମ ଯୋଡ଼ା ଯାଇ ମଧ ଚାଉଳ ହଡ଼ପ ହେଉଥିବା ଅଭିଯୋଗ ହେଉଛି। ସବୁଠୁ ବଡ଼ କଥା ହେଲା ଦୀର୍ଘ ବର୍ଷ ହେବ ଅନ୍ତ୍ୟୋଦୟ କାର୍ଡଧାରୀମାନଙ୍କ କାର୍ଡରେ ପରିବର୍ତ୍ତନ ହେଉନାହିଁ। କାର୍ଡଧାରୀଙ୍କ ପରିବାରରେ ସମସ୍ତ ବ୍ୟକ୍ତି ରୋଜଗାରକ୍ଷମ ହୋଇ ସୁଧା ସେ ପରିବାର ୩୫ କିଲୋ ଚାଉଳ ବାପ ନାମରେ ଉଠାଉଥିବା ବେଳେ ପୁଅ ବୋହୂ ଏବଂ ପରିବାର ଅନ୍ୟ ସଦସ୍ୟ ମାନେ ଅଲଗା କାର୍ଡ ମାଧ୍ୟମରେ ରାସନ ସାମଗ୍ରୀ ଉଠାଉଛନ୍ତି। ଯାହା ଆରେଇ ଗ୍ରାମ ପଞ୍ଚାୟତରେ ଦେଖିବାକୁ ମିଳିଛି। ବିଞ୍ଝାରପୁର ବ୍ଲକ ଯୋଗାଣ ବିଭାଗ ଅଧିକାରୀ ଏଥିପ୍ରତି ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏହା ସହ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରିବା ସହ ବହୁ ଦୂରାରୋଗ୍ୟରେ ପୀଡ଼ିତ ରହିବା ସହ ପରିବାର ଚଳାଇବାକୁ ଅକ୍ଷମମାନଙ୍କୁ ଏହି କାର୍ଡରେ ଅନ୍ତର୍ଭୁକ୍ତ କରାଗଲେ ଗରିବ ପରିବାରମାନଙ୍କ ପରିବାର ଚଳିବାରେ ଅସୁବିଧା ରହିବ ନାହିଁ ବୋଲି କୁହାଯାଉଛି।

● ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ

## ସ୍ଥାନ ପାଇଲେ ୫ବର୍ଷର ଶିଶୁ

**କୁଆଖିଆ, ୨୨।୯ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଁଚି ପଞ୍ଚାୟତ ଗୋର୍ଦ୍ଧା ଗ୍ରାମର ସସ୍ମିତା ଓ ସନ୍ତୋଷ ବାରିକଙ୍କ ୫ବର୍ଷର ଶିଶୁପୁତ୍ର ରାଜକିଶୋର ବାରିକ ନିଜର ବୁଦ୍ଧିମତାର ପରିଚୟ ଦେଇ ଇଣ୍ଡିଆ ବୁକ୍ ଅଫ ରେକର୍ଡ (ଆଇବିଆର) ରେ ସ୍ଥାନ ପାଇଛନ୍ତି। ରାଜକିଶୋର ନିର୍ଦ୍ଧାରିତ ସମୟ ମଧ୍ୟରେ ଓଡ଼ିଶା ରାଜ୍ୟର ୩୦ଗୋଟି ଜିଲା, ବର୍ଷକର ୧୨ଟି ମାସ, ୬ଟି ଋତୁ, ସପ୍ତାହର ବାର, ୬ଗୋଟି ନର୍ସରୀ ରାଇମ୍ (ସଙ୍ଗୀତ), ୧୨ଜଣ ମନ୍ତ୍ରୀ, ଭାରତ ଦେଶର ୨୮ଗୋଟି ରାଜ୍ୟ ଓ ସେଗୁଡିକର ରାଜଧାନୀ ଆଦି ନାମକୁ ନିର୍ଭୁଲ ଭାବରେ ଆବୃତ୍ତି କରି ଏଭଳି ସଫଳତା ହାସଲ କରିବାକୁ ଯୋଗ୍ୟ ବିବେଚିତ ହୋଇପାରିଛନ୍ତି।

## ବିଦେଶୀ ମଦ ଜବତ; ଜଣେ ଗିରଫ

**କୁଆଖିଆ, ୨୨।୯ (ସମିସ):** ରସୁଲପୁର କୁଆଖିଆ ଥାନା ଅନ୍ତର୍ଗତ ବାଲିପାଟଣା ହାଟ ସ୍ଥିତ କୁଳଗାଁ ଗ୍ରାମରୁ ବିଦେଶୀ ମଦ ବିକ୍ରି ଅଭିଯୋଗରେ ଜଣକୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଏହି ଗ୍ରାମର ମୁନା ତରାଇ(୨୭) ନାମକ ବ୍ୟକ୍ତି ବେଆଇନ୍ ବିଦେଶୀ ମଦ ରଖି ବିକ୍ରି କରୁଥିବା କୁଆଖିଆ ପୁଲିସ ଜାଣିବାକୁ ପାଇଥିଲେ। ଆଜି ସନ୍ଧ୍ୟାରେ ଉକ୍ତ ଗ୍ରାମରେ ପୁଲିସ ପକ୍ଷରୁ ଚଢ଼ଉ ବେଳେ ତା' ନିକଟରୁ ବହୁ ପରିମାଣର ବିଦେଶୀ ମଦ ମିଳିଥିଲା। ପୁଲିସ ଉକ୍ତ ମଦକୁ ଜବତ୍ କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲେ।

## କାର୍ତ୍ତିକେୟ ପୁସ୍ତକାଗାରର ନୂତନ କର୍ମକର୍ତ୍ତା

**ବଡଚଣା, ୨୨।୯ (ସମିସ):** ଯାଜପୁର ଜିଲ୍ଲାର ସର୍ବପୁରାତନ ପୁସ୍ତକାଗାର ମଧ୍ୟରୁ ଅନ୍ୟତମ ବଡଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡାସ୍ଥିତ କାର୍ତ୍ତିକେୟ ପୁସ୍ତକାଗାରର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ଆଜି ପୁସ୍ତକାଗାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଆଗାମୀ ଦୁଇ ବର୍ଷ ପାଇଁ ସଭାପତି ଭାବେ ପ୍ରକାଶ କୁମାର ରାଉତ, ସମ୍ପାଦକ ସୁଧାଂଶୁ ମହାପାତ୍ର, କୋଷାଧ୍ୟକ୍ଷ ରାକେଶ ସେନାପତି ଓ ପୁସ୍ତକାଗାର ରକ୍ଷକ ଭାବେ ଜଗବନ୍ଧୁ ସାହାଣୀ ମନୋନୀତ ହୋଇଛନ୍ତି। ଏହି ଅବସରରେ ପୁସ୍ତକାଗାର ଆନୁକୂଲ୍ୟରେ ଆୟୋଜିତ ବାର୍ଷିକ ନାଟକ ଉତ୍ସବ ଆୟୋଜିତ ବିଷୟରେ ଆଲୋଚନା ହେବା ସହିତ ପୁସ୍ତକାଗାର କର୍ମକର୍ତ୍ତା ଓ ସଭ୍ୟମାନଙ୍କ ମଧ୍ୟରେ ଶାନ୍ତି ଶୃଙ୍ଖଳା ଭାଇଚାରା ରକ୍ଷା କରି ପୁସ୍ତକାଗାରକୁ ଜିଲ୍ଲାରେ ଏକ ଆଦର୍ଶ ପୁସ୍ତକାଗାରରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ପ୍ରୟାସ ଜାରି ରଖିବାକୁ ସହମତି ପ୍ରକାଶ କରିଥିଲେ।

## ବଡ଼ବନ୍ତରେ ଭାଗବତ ସପ୍ତାହ

**ବରୁଆଁ, ୨୨।୯ (ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ସିମିଳିଆ ପଞ୍ଚାୟତର ବଡ଼ବନ୍ତ ଗ୍ରାମର ପରିଡ଼ାସାହି ଶ୍ରୀଶ୍ରୀ ଗାଦି ଗୋସେଇଁ ଭାଗବତ ଟୁଙ୍ଗିରେ ଭାଗବତ ସପ୍ତାହ ପାଳିତ ହୋଇଯାଇଛି। ପଣ୍ଡିତ ହଳଧର ପତିଙ୍କ ପୌରୋହିତ୍ୟରେ ଷୋଡ଼ଶ ଉପଚାର ପୂଜା ପୂର୍ବକ ନୈବେଦ୍ୟାଦି କରାଯାଇ ଭାଗବତ ସପ୍ତାହ ପାଳନ କରାଯାଇଥିଲା। ଭାଗବତ ଟୁଙ୍ଗିର ସମ୍ପାଦିକା ଅନୁପମା ପରିଡ଼ା କର୍ତ୍ତା ଭାବେ ସଂକଳ୍ପ କରିଥିବା ବେଳେ ସଭାପତି ସାବିତ୍ରୀ ପରିଡ଼ା ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଭାଗବତ ସପ୍ତାହରେ ବରିଷ୍ଠ ହୋମିଓପ୍ୟାଥିକ୍ ଚିକିତ୍ସକ ତଥା ବିଶିଷ୍ଟ କଳାକାର ଭାଗିରଥୀ ରଣା ମୁଖ୍ୟଅତିଥି ରୂପେ ଯୋଗଦେବା ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ତତ୍ ସହିତ ସୁନାମଧନ୍ୟ କଳାକାରମାନଙ୍କୁ ନେଇ ଭଜନ ସମାରୋହ କରାଯାଇଥିଲା।

## କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଗଣଧାରଣା



**ବିଞ୍ଝାରପୁର, ୨୨।୯ (ସମିସ):** ବିଞ୍ଝାରପୁର ବ୍ଲକରେ ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫ ସଙ୍ଘ ପକ୍ଷରୁ ସ୍ଥାୟୀ ଦରମା ଦାବିରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ପୂର୍ବାହ୍ନରେ ଗଣଧାରଣା ଦିଆଯାଇଛି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ୨୯ ପଞ୍ଚାୟତରେ ମିଶନ ଶକ୍ତି ଅଧୀନରେ ଶତାଧିକ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫ ଆଜି କାର୍ଯ୍ୟ ବନ୍ଦ କରି ଗଣଧାରଣାରେ ସାମିଲ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫ ମାନଙ୍କ ପାଇଁ ସରକାର ସ୍ଥାୟୀ ଦରମାର ବ୍ୟବସ୍ଥା ନକରି କେବଳ ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି। ଯାହାଦ୍ୱାରା ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କମ୍ୟୁନିଟି ସପୋର୍ଟ ଷ୍ଟାଫ ମାନଙ୍କ ପାଇଁ ସ୍ଥାୟୀ ଦରମା ଓ ରାଜସ୍ୱ ଗ୍ରାମ ଅନୁଯାୟୀ ସିଏଲଏଫ ଗଠନ ବେଳେ ବାଦ ପଡ଼ିଥିବା ସିଆର୍‌ପିମାନଙ୍କର ସ୍ଥାୟିତ୍ୱ ଏବଂ ସମସ୍ତ ସିଏସଏସ୍ ମାନଙ୍କର ସ୍ଥାୟୀ ଦରମା ପ୍ରଦାନ ନେଇ ସଙ୍ଘ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବି କରାଯାଇଥିଲେ ମଧ ଦାବି ପୂରଣ ହୋଇ ପାରିନାହିଁ। ଯାହାକୁ ନେଇ ସଙ୍ଘ ଅସନ୍ତୋଷ ପ୍ରକାଶ କରିବାସହ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍‌ଦୋଳନ ଜାରି ରହିବ ବୋଲି ସଂଘର ସଭାପତି ଉତ୍ପଳବର୍ଣ୍ଣା ସାମଲ ଓ ସମ୍ପାଦିକା ପ୍ରଭାତୀ ରାଉତ ପ୍ରମୁଖ ସୂଚନା ଦେଇଛନ୍ତି।

## ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି

**ଯାଜପୁର, ୨୨।୯ (ସମିସ):** ଯାଜପୁର ଜିଲ୍ଲାର ସର୍ବପୁରାତନ ମହାବିଦ୍ୟାଳୟ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମୌଳିକ ସମସ୍ୟା ସମାଧାନ ଦାବିରେ ଛାତ୍ର ଅଶାନ୍ତି ଦେଖିବାକୁ ମିଳିଛି। ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କଲେଜ ପରିସରରେ ଆଲୋକୀକରଣ, କ୍ୟାଣ୍ଟିନ ବ୍ୟବସ୍ଥା, ଶୌଚାଳୟ, କମନରୁମ, ସୁରକ୍ଷା ବ୍ୟବସ୍ଥା, ସାଇକଲ ଷ୍ଟାଣ୍ଡ ପାଇଁ ଦାବି କରାଯାଇ ଆସୁଛି। ପ୍ରତିଥର ଦାବି ପୂରଣ କରାଯିବ ବୋଲି କଲେଜ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଉଛନ୍ତି; କିନ୍ତୁ ପୂରଣ କରୁନଥିବାରୁ ଆଜି ଛାତ୍ରମାନେ ଏକତ୍ରିତ ହୋଇ କଲେଜ ଅଧ୍ୟକ୍ଷଙ୍କୁ ଦାବି ଜଣାଇଛନ୍ତି। କିନ୍ତୁ କଲେଜ ଅଧ୍ୟକ୍ଷ ଦାବି ପୂରଣ ହେବା ପାଇଁ ମୌଖିକ ଭାବେ କହିଥିଲେ ମଧ ଛାତ୍ରମାନେ ଲିଖିତ ପ୍ରତିଶ୍ରୁତି ମାଗିଥିଲେ। ଏଥିରେ କଲେଜ ଅଧ୍ୟକ୍ଷ ଅମଙ୍ଗ ହେବାରୁ ଏହାକୁ ନେଇ କଲେଜ ପରିସରରେ ଚାପା ଉତ୍ତେଜନା ଦେଖାଦେଇଥିଲା। ବିଶେଷ କରି ନିକଟରେ କଲେଜ କର୍ତ୍ତୃପକ୍ଷ କ୍ୟାଣ୍ଟିନ ଚଳାଇବା ଏବଂ ସିକ୍ୟୁରିଟି ଯୋଗାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। କିନ୍ତୁ ଅଦ୍ୟାବଧି ଉକ୍ତ ଟେଣ୍ଡର କାହିଁକି ଖୋଲାଯାଉନି ଏବଂ କାହା ଚାପରେ ଏହାକୁ ଅଟକାଯାଇଛି ବୋଲି ଛାତ୍ର ନେତାମାନେ ପ୍ରଶ୍ନ କରିଥିଲେ। ତୁରନ୍ତ ଟେଣ୍ଡର ଖୋଲି କ୍ୟାଣ୍ଟିନ ସୁବିଧା ଛାତ୍ରଛାତ୍ରୀଙ୍କୁ ଯୋଗାଇଦେବାକୁ ଦାବି କରିଥିଲେ। ତେବେ ବିଳମ୍ବିତ ରାତିରେ ଦାବି ପୂରଣର ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।




## ବଜ୍ରପାତରେ ଆଇନଜୀବୀଙ୍କ ମୃତ୍ୟୁ



**ବଡଚଣା, ୨୨।୯ (ସମିସ):** ଚଣ୍ଡିଖୋଲ କୋର୍ଟର ବରିଷ୍ଠ ଆଇନଜୀବୀ ନଗେନ୍ଦ୍ର ପାତ୍ର (୪୭)ଙ୍କ ଆଜି ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ଆଜି ନିଜ ଗ୍ରାମ କୋଲସାଇପାଟଣାରେ ନିଜ ଚାଷ ଜମିକୁ ଯାଇ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ସନ୍ଧ୍ୟା ବେଳେ ତାଙ୍କ ମୃତଶରୀର ବିଲରୁ ମିଳିବା ପରେ ବଡ଼ଚଣା ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ମୃତ ଘୋଷଣା କରିଛନ୍ତି। କାଲି ସକାଳେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ଏହି ଖବର ପାଇବା ପରେ ଚଣ୍ଡିଖୋଲ ବାର୍ ଆସୋସିଏସନରେ ଶୋକର ଛାୟା ଖେଳିଯାଇଛି ଓ ବାର ଆସୋସିଏସନର ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରକାଶ କୁମାର ଦାଶ, ଦେବରାଜ ବେହେରା, ପ୍ରତାପ ଦାସ, ଶରତ ଷଡଙ୍ଗୀ, ରେଣୁବାଳା ମହାନ୍ତି, ଉଦୟନାଥ ସାହୁ, ଆଶିଷ ମହାପାତ୍ର, ଫାଲଗୁନ ବିଶ୍ୱାଳ, ସୁବ୍ରତ ସ୍ୱାଇଁ, ଶ୍ରୀକାନ୍ତ ବଳ, ପ୍ରେମାନନ୍ଦ ବେହେରା, ମନିର ମହମ୍ମଦ, ସୁରେଶ ସାହାଣୀ, ସୁଜଳ କବି, ଲୋକରଣ୍ ନାୟକ, ପ୍ରମୁଖ ଶେଷ୍ ଦର୍ଶନ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## କଳିକା କେନ୍ଦ୍ର ଖୋଲିବା ଓ ନିଯୁକ୍ତି ନିମନ୍ତେ ବୈଠକ



**କବାଟବନ୍ଧ, ୨୨।୯ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ଦଇପୁର ଗ୍ରାମରେ ଏକ କଳିକା କେନ୍ଦ୍ର ଖୋଲିବା ଓ ନିଯୁକ୍ତି ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଇଏମ୍‌ଟିଏସ୍ ସଂସ୍ଥାର ଏଲ୍‌ସିଏମ୍ ବ୍ଲକ ଅଧିକାରୀ ଶୁଭେନ୍ଦୁ ନାୟକଙ୍କ ଉପସ୍ଥିତରେ କଳିକା କେନ୍ଦ୍ର ଖୋଲିବା ଏବଂ ନିଯୁକ୍ତି ସମ୍ବନ୍ଧରେ ବିଶେଷ ଆଲୋଚନା କରାଯାଇଥିଲା। କଳିକା କେନ୍ଦ୍ରରେ ନିଯୁକ୍ତି ସୂଚନା ପାଇଁ ରହିଥିବା ସମସ୍ତ ଗାଇଡ଼୍‌ଲାଇନ ତଥା ଶିକ୍ଷାଗତ ଯୋଗ୍ୟତା ଅଷ୍ଟମ ପାସ୍ କରିଥିବେ, ଘରେ ୩ ବର୍ଷରୁ ଅଧିକ ବଡ଼ ଶିଶୁ ଥିଲେ ଆବେଦନ କରିପାରିବେ ବୋଲି ନିୟମ ରହିଛି। ସେପ୍ଟେମ୍ବର୍ ୩୧ ତାରିଖ ଆବେଦନର ଶେଷ ତାରିଖ ବୋଲି ବୈଠକରେ ଜଣାଇ ଦିଆଯାଇଛି। କଳିକା କେନ୍ଦ୍ରରେ ୬ମାସରୁ ଅଧିକ ୩ ବର୍ଷରୁ କମ୍ ବୟସର କୁନିକୁନି ଶିଶୁଙ୍କୁ ରକ୍ଷଣାବେକ୍ଷଣ, ଖାଦ୍ୟପେୟ ଓ ଯତ୍ନ ନିଆଯିବାର ସୁବିଧା ରହିଛି। ଏହି ସଂସ୍ଥା ରାଜ୍ୟ ସରକାରଙ୍କ ଡିଏସ୍‌ଡବ୍ଲୁ ଏବଂ ଆଇଏମ୍‌ଟିଏସ୍ ମିଳିତ ଆନୁକୂଲ୍ୟରେ ବ୍ଲକର ବିଭିନ୍ନ ପଞ୍ଚାୟତର ଗ୍ରାମରେ ଖୋଲାଯାଇଛି। କଳିକା କେନ୍ଦ୍ର ସଂସ୍ଥା ତରଫରୁ କୌଣସି ଘର ନଥିବା କାରଣରୁ ବର୍ତ୍ତମାନ ଭଡ଼ା ଘରେ ଚାଲିବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ଶ୍ରୀ ନାୟକ ମତ ପ୍ରକାଶ କରିଛନ୍ତି। ଏଥିରେ ଅଙ୍ଗନବାଡ଼ି କର୍ମୀ ଛବିରାଣୀ ସାହୁ, ଆଶା ଦିଦି ଉମାରାଣୀ ସ୍ୱାଇଁ, ପଞ୍ଚାୟତ ସମିତି ସଭ୍ୟ ଦୀପକ ଦାସ, ୱାର୍ଡମେମ୍ବର ମାମା ମହାନ୍ତି, ଝରଣା ସାଇଁ, ଗ୍ରାମ ମୁଖିଆ ପୀତବାସ ସାହୁ, ଯୁବ ସଂଗଠକ ଲକ୍ଷ୍ମୀଧର ଜେନା, ସମାଜସେବୀ ନିଷ୍କାନ୍ତ ଖଟୁଆ ଏବଂ ଗ୍ରାମର ମହିଳାମାନେ ଉପସ୍ଥିତ ରହି ବୈଠକରେ ମତ ବିନିମୟ କରିଥିଲେ।

### ଯୁବତୀଙ୍କୁ ବ୍ଲାକମେଲିଂ ଘଟଣା

## କମିଶନରେଟ ପୁଲିସ କରିବ ତଦନ୍ତ

**ଯାଜପୁର, ୨୨।୯ (ସମିସ):** ଜେନାପୁର ଥାନା ଅନ୍ତର୍ଗତ ବୃନ୍ଦାଦେଇପୁର ଅଞ୍ଚଳର ଜନୈକା ଯୁବତୀଙ୍କ ଫଟୋ ବ୍ୟବହାର କରି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିବା ଘଟଣାରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। କେବଳ ଏହି ଘଟଣା ସମ୍ପର୍କରେ ଜେନାପୁର ପୁଲିସ ଜଗତପୁର ଥାନାକୁ ମାମଲା ହସ୍ତାନ୍ତର କରି ନିଜର କାମ ସାରିଦେଇଥିବା ବେଳେ ଜଗତପୁର ପୁଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଜଣାପଡ଼ିଛି। ସେପଟେ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ଗୃହ ବିଭାଗ ପକ୍ଷରୁ ଯାଜପୁର ଏସ୍‌ପି ଏବଂ କମିଶନରେଟ ପୁଲିସକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଏହି ପୀଡ଼ିତା ଜଣକୁ ସାଲେପୁର ଅଞ୍ଚଳର ଜନୈକା ବ୍ୟକ୍ତି ତାଙ୍କର ଫଟୋ।। ବ୍ୟବହାର କରି ନାନା ଅଶ୍ଳୀଳ ଫଟୋ ଓ ଭିଡିଓ ତିଆରି କରି ବାରମ୍ବାର ସୋସିଆଲ ମିଡିଆରେ ଛାଡିବାରେ ଲାଗିଛନ୍ତି। ଏ ସମ୍ପର୍କରେ କିଛି ମାସ ତଳେ ପ୍ରଥମେ କୁଆଖିଆ ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଅଭିଯୁକ୍ତ ପୁଣି ସେହି ପୀଡ଼ିତାଙ୍କ ଫଟୋ।। ଓ ଭିଡିଓ ଭାଇରାଲ କରିବାରେ ଲାଗିଛନ୍ତି। ଏହା ପରେ ସେ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଜେନାପୁର ପୁଲିସ କୌଣସି ତଦନ୍ତ ନ କରି ସିଧାସଳଖ ଜଗତପୁର ଥାନାକୁ ମାମଲା ହସ୍ତାନ୍ତର କରିଥିବା ଜଣାପଡ଼ିଛି। ପୀଡ଼ିତା ଜଣକ ନିଜ ମା'ଙ୍କ ସହିତ ଜଗତପୁର ଅଞ୍ଚଳରେ ରହୁଥିବାରୁ ଏଭଳି ମାମଲା ହସ୍ତାନ୍ତର କରାଯାଇଥିବା ଜେନାପୁର ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସେପଟେ ନ୍ୟାୟ ପାଇବା ପାଇଁ ପୀଡ଼ିତାଙ୍କ ପରିବାର ଏ ଥାନାରୁ ସେ ଥାନାକୁ ଦୌଡ଼ି ଦୌଡ଼ି ନିରାଶ ହେଲେଣି। ପୁଲିସ ତୁରନ୍ତ ନ୍ୟାୟ ଦେବା ବଦଳରେ ଜିଲ୍ଲା ବାହାରର ଥାନାକୁ ମାମଲା ହସ୍ତାନ୍ତର କରି ହଇରାଣ ହରକତ କରୁଥିବା ପୀଡ଼ିତାଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ପୀଡ଼ିତାଙ୍କ ପରିବାର ଲୋକେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ବାରମ୍ବାର ଏ ଥାନାରୁ ସେ ଥାନାକୁ ଯିବା ସମ୍ଭବ ହେଉନି। ସେପଟେ ପୀଡ଼ିତାଙ୍କୁ ଥାନାକୁ ଡକାଯାଇଛି। ଥାନାରେ ବୟାନ ରେକର୍ଡ ହେବା ପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଗତପୁର ଥାନା ଅଧିକାରୀ 'ସକାଳ'କୁ ସୂଚନା ଦେଇଛନ୍ତି। ମହିଳାମାନଙ୍କ ସମସ୍ୟା ପ୍ରତି ରାଜ୍ୟ ସରକାର ସମ୍ବେଦନଶୀଳ ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯେଉଁ ଡେଙ୍ଗୁରା ପିଟୁଛନ୍ତି ତାହା ବାସ୍ତବକ୍ଷେତ୍ରରେ ବିରୋଧାଭାସ କରୁଥିବା ସ୍ପଷ୍ଟ ଅନୁମେୟ।

### ପେଟିବନ୍ଧ ରାସ୍ତାର ଅବସ୍ଥା ବିପଦଜନକ

## ଷ୍ଟେସନକୁ ଯିବାରେ ଲୋକେ ହନ୍ତସନ୍ତ

ଯଖପୁରା, ୨୨।୯ (ସମିସ)

ଦାନଗଦି ବ୍ଲକ ପଙ୍କପାଳ ପଞ୍ଚାୟତ ମନୋହରପୁର ଗ୍ରାମଠାରୁ ବ୍ରାହ୍ମଣୀ ରେଳ ପୋଲ ପର୍ଯ୍ୟନ୍ତ ପେଟିବନ୍ଧ ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ପ୍ରତିଦିନ ଏହି ରାସ୍ତାରେ ଶହ ଶହ ଲୋକ ଯିବା ଆସିବା କରିଥାନ୍ତି। ବ୍ରାହ୍ମଣୀ ନଦୀକୂଳରେ ଥିବା ଚକୁଆ ରେଳଷ୍ଟେସନକୁ ସଂଯୋଗ କରୁଥିବା ଏହି ରାସ୍ତା ମରଣଯନ୍ତା ପାଲଟିଛି। ପ୍ରତିଦିନ ଏହି ରାସ୍ତାରେ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ବହୁ ସଂଖ୍ୟାରେ ଶ୍ରମିକ ଓ କର୍ମଚାରୀ ଯିବା ଆସିବା କରିଥାନ୍ତି। ପେଟିବନ୍ଧ ରାସ୍ତା ଏଇଥିପାଇଁ ଅଧିକ ଗୁରୁତ୍ୱ ବଢ଼ିଯାଇଥାଏ କି କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ଚକୁଆ ଷ୍ଟେସନ ର ସଂଯୋଗ ଏହି ପେଟିବନ୍ଧ ରାସ୍ତା ଦ୍ୱାରା ହିଁ ହୋଇଥାଏ। ଯାଜପୁର ରୋଡ୍ (ବ୍ୟାସନଗର) କଳିଙ୍ଗନଗର ତଥା ଆଖପାଖ ଅଞ୍ଚଳର ମୁଖ୍ୟ ବ୍ୟବସାୟିକ ସ୍ଥଳ ହୋଇଥିବାରୁ ସୁକିନ୍ଦା ଅଞ୍ଚଳରୁ ବହୁ ସଂଖ୍ୟାରେ ଲୋକ ଏହି ପେଟିବନ୍ଧ ଦେଇ ଯିବା ଆସିବା କରିଥାନ୍ତି। ପେଟିବନ୍ଧ ରାସ୍ତା ବ୍ରାହ୍ମଣୀ ନଦୀ ବନ୍ୟାଜଳର ପ୍ରକୋପରୁ ରକ୍ଷା ପାଇବା ସହ ଯାତାୟାତ ପାଇଁ ଏକ ମୁଖ୍ୟ ବନ୍ଧ ସଡ଼କ ଭାବେ ଧରିନିଆଯାଇଛି। ମାତ୍ର ପେଟିବନ୍ଧ ରାସ୍ତାରେ ଶହ ଶହ ଟ୍ରାକ୍ଟର ଓ ହାଇୱା



ପ୍ରତିଦିନ ଯାତାୟତ କରୁଥିବାରୁ ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଚକୁଆ ଓ ଖପୁରିଆପଦା ବେଆଇନ ବାଲିଘାଟରୁ ବାଲି ଉଠାଯାଇ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଏହି ବାଟଦେଇ ଶହ ଶହ ଟ୍ରାକ୍ଟର ଯାତାୟତ କରନ୍ତି। ପ୍ରଶାସନକୁ ଚକମା ଦେଇ ଧର୍ମଶାଳା ଅଞ୍ଚଳରୁ ଚିପ୍ସ ହାଇୱା ଗାଡି ସବୁ ଏହି ବାଟ ଦେଇ ବ୍ୟାସନଗର ତଥା ଜିଲ୍ଲା ବାହାରକୁ ପଠାଯାଉଛି। ନଦୀକୁ ସୁରକ୍ଷିତ ରଖିବା ପାଇଁ ପେଟିବନ୍ଧ ନିର୍ମାଣ ହୋଇଥିଲା। ପୂର୍ବରୁ ଏହି ବାଟଦେଇ ନଦୀକୂଳ ଅଞ୍ଚଳ ତଥା ବ୍ୟାସନଗରକୁ ଯିବାପାଇଁ ଏହା ମୁଖ୍ୟ ସଡ଼କ ହୋଇଥିଲା। ମାତ୍ର ଏହି ମାଟିରେ ତିଆରି ପେଟିବନ୍ଧ ରେ ଏତେ ସଂଖ୍ୟାରେ ମାଲ ବୋଝେଇ ଟ୍ରାକ୍ଟର ଓ ହାଇୱା ଯିବା ଆସିବା କରୁଥିବା ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ ଗାଡ଼ ହେଇଯାଉଥିବାରୁ ମୋଟର ସାଇକଲ ଆରୋହୀ ଓ ସାଧାରଣ ଲୋକ ଯାତାୟତ କରିବା ଅସମ୍ଭବ ହୋଇପଡ଼ିଛି। ଜଳସମ୍ପଦ ବିଭାଗ ପେଟିବନ୍ଧ ରାସ୍ତାକୁ ମରାମତି କରିବା ପାଇଁ ଆଗ୍ରହ ପ୍ରକାଶ କରୁନଥିବା ବେଳେ ଦିନକୁ ଦିନ ବନ୍ଧ ରାସ୍ତା ଟି ସାଧାରଣ ଯାତାୟତ କରିବା ପାଇଁ ବନ୍ଦ ହୋଇଯିବ। ବନ୍ଧ ରାସ୍ତା ଅଣଓସାରିଆ ହେଇଥିବାରୁ ଟ୍ରାକ୍ଟର ବା ହାଇୱାଟିଏ ଗଲେ ସେହି ବାଟରେ ଆଉ କୌଣସି ଲୋକ କି ମୋଟର ସାଇକଲ ଅତିକ୍ରମ କରିହୁଏନାହିଁ। ରେଳ ଷ୍ଟେସନ ଓ ଶିଳ୍ପାଞ୍ଚଳ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଯାତାୟତରେ ବ୍ୟାହତ କରୁଥିବା ଟ୍ରାକ୍ଟର ଓ ହାଇୱାକୁ ବନ୍ଧ ରାସ୍ତାରେ ନ ଯିବା ପାଇଁ ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ନଦୀ ବନ୍ଧକୁ ପ୍ରସସ୍ଥ କରିବା ସହ ପକା ସଡକ ନିର୍ମାଣ କରିବାକୁ ଜଳସମ୍ପଦ ବିଭାଗକୁ ସ୍ଥାନୀୟବାସିନ୍ଦା ଅବଗତ କରାଇଛନ୍ତି। ବ୍ରାହ୍ମଣୀ ନଦୀର ଆଡ଼ିବନ୍ଧ ବା ପେଟିବନ୍ଧ ମାର୍ଥାପୁର ଠାରୁ ଚକୁଆ ପର୍ଯ୍ୟନ୍ତ ପ୍ରଶସ୍ତ ସହ ପିଚୁ ହୋଇଥିବା ବେଳେ ଚକୁଆ ରେଳ ପୋଲ ଓ ଷ୍ଟେସନ ଠାରୁ ମନୋହରପୁର ପର୍ଯ୍ୟନ୍ତ ବନ୍ଧ ନିର୍ମାଣ କାର୍ଯ୍ୟ ହେଉନଥିବାରୁ ଯାତାୟତ ପାଇଁ ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ବନ୍ଧ ଉପରେ ଆଖପାଖ ଅଞ୍ଚଳର ଅନେକ ପଞ୍ଚାୟତ ସମେତ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଯାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବେଆଇନ ଭାବେ ବାଲି ଓ ଚିପ୍ସ ବୋଝେଇ ଗାଡିକୁ ବନ୍ଧରେ ଯାତାୟତ କରିବା ପାଇଁ ରୋକ ଲଗାଇଲେ ପ୍ରତିଦିନ ଘଟୁଥିବା ଦୁର୍ଘଟଣା ବହୁ ମାତ୍ରାରେ କମି ଯାଆନ୍ତା।

## ଝରାବେରଣୀ ପଞ୍ଚାୟତରେ ଜନଶୁଣାଣି



କିଶୋରନଗର,୨୨।୯ (ସମିସ): କିଶୋରନଗର ବ୍ଲକ ଝରାବେରଣୀ ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ଜିପିଡିଓ ସତ୍ୟପ୍ରିୟ ସାହୁ, ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ଯୋଗାଣ ଅଧିକାରୀ ରୁଷଭ ଚନ୍ଦ୍ର ନାୟକ, ବିଏସଏସଓ ଝସକେତନ ସାହୁ, ବିପିସି (ଓଏଲଏମ) ସୁଜିତ ପ୍ରଧାନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,୨୨।୯ (ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଇଛି।



ଏଥିରେ ୪୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୯ଟି ବ୍ୟକ୍ତିଗତ ଓ ୪ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗ ରହିଥିଲା। ଗୋଟିଏ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୬ ହଜାର ଟଙ୍କା ଓ ୯ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୮୨ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଛେଣ୍ଡିପଦା ବ୍ଲକ କଙ୍କରେଇ ଗ୍ରାମର ଅକର୍ମ ପ୍ରଧାନଙ୍କୁ ଟ୍ରାଇ ସାଇକଲ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ଜିଲ୍ଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ,୨୨।୯ (ସମିସ): ଅନୁଗୋଳ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ପାଲଲହଡ଼ା ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଏସ୍‌ପି ରାହୁଲ ଜୈନ ଯୋଗଦେଇଥିଲେ।



ଶିବିରରେ ସମୁଦାୟ ୭୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୭ଟି ବ୍ୟକ୍ତିଗତ ଓ ୨୧ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା। ୫ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୨ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ପାଲଲହଡ଼ା ତହସିଲଦାର ଆକାଂକ୍ଷା ମହାପାତ୍ର, ପାଲଲହଡ଼ା ବିଡିଓ ନିଶାନ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ, ଜିଲ୍ଲା ଶିଳ୍ପକେନ୍ଦ୍ର ମହାପ୍ରବନ୍ଧକ ଶିବାଶିଷ କାନୁନଗୋ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରୋଦ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ବିଶ୍ୱକର୍ମା ପୂଜା ମେଳାକୁ ଫିକାକଲା ବର୍ଷା

ଅନୁଗୋଳ,୨୨।୯ (ସମିସ): ନାଲକୋ ନଗର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ସମାରୋହର ସୋମବାର ଥିଲା ୬ଷ୍ଠ ଦିନ। ୫ମ ଦିନ ରବିବାର ଛୁଟିଦିନ ଥିବାରୁ ସନ୍ଧ୍ୟାରେ ମେଳାରେ ଅସମ୍ଭାଳ ଭିଡ଼ ଜମିଥିଲା। ମେଳା ଆଉ ଦୁଇଦିନ ପରେ ଶେଷ ହୋଇଯିବ। ବୁଧବାର ମେଢ଼ ବିସର୍ଜନ ହେବ ଏବଂ ମଙ୍ଗଳବାର ପଲ୍ଲୀଶ୍ରୀ ମେଳା ଉଦଯାପିତ ହେବ। ସେଥିପାଇଁ ସୋମବାର ମେଳାରେ ଭିଡ଼ ବଢ଼ିବ ବୋଲି ଆଶା କରାଯାଉଥିବା ବେଳେ ଅପରାହ୍ନ ୩ଟା ବେଳକୁ ନାଲକୋ ନଗର ଏବଂ ଆଖପାଖ ଅଞ୍ଚଳରେ ମୁଷଳ ଧାରାରେ ବର୍ଷା ହେବା ସହ ସନ୍ଧ୍ୟା ସୁଦ୍ଧା ଝିପିଝିପି ବର୍ଷା ଲାଗି ରହିଥିବାରୁ ପୂଜା ବଜାର




ଫିକା ହୋଇଯାଇଥିଲା। ବ୍ୟବସାୟୀ ମେଳା ଶେଷଦିନଗୁଡ଼ିକରେ ଭଲ ବେପାର ହେବ ବୋଲି ଆଶା ରଖିଥିବା ବେଳେ ବର୍ଷା ନିରାଶ କରିଛି। ଖାଦ୍ୟ ବ୍ୟବସାୟୀ ଗତକାଲିର ଝିପିଝିପି ବର୍ଷା ଏବଂ କାଦୁ ପଚପଚରେ କିଏ ବା ମେଳାକୁ ଆସିବ। କାଲି ପାଦ ରଖିବାକୁ ଠେଲା ପେଲା ଆଜି ଖାଁ ଖାଁ ପରିସ୍ଥିତି। ଏପରିକି କଣ୍ଟ୍ରୋଲ ରୁମ ମଞ୍ଚ, ପୂଜା କମିଟି



ଭିଡ଼ ଦେଖି ସେହି ଅନୁପାତରେ ଆଜି ସନ୍ଧ୍ୟା ପାଇଁ ଖାଦ୍ୟ ପ୍ରସ୍ତୁତ ରଖି ଚିନ୍ତାରେ ପଡ଼ିଛନ୍ତି। ମଞ୍ଚ ଚୌକି ଖାଲି ପଡ଼ିଥିବା ଦେଖାଯାଇଥିଲା। ବର୍ଷା ସମସ୍ତଙ୍କୁ ନିରାଶ କରିଛି।

## ସାମ୍ବାଦିକ ଜିତେନ୍ ମିଶ୍ରଙ୍କ ପରଲୋକ



କଣିହାଁ,୨୨।୯ (ସମିସ): କଣିହାଁ ବ୍ଲକ୍ ହନୁମାନପୁର ଗ୍ରାମ ବାସିନ୍ଦା ବରିଷ୍ଠ ସାମ୍ବାଦିକ ଜିତେନ୍ ମିଶ୍ରଙ୍କର ରବିବାର ରାତିରେ ପରଲୋକ ହୋଇଛି। ତାଙ୍କୁ ୫୨ବର୍ଷ ବୟସ ହୋଇଥିଲା। ରାତି ପ୍ରାୟ ୯ଟାରେ ହନୁମାନପୁରସ୍ଥିତ ବାସଭବନରେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକ ତାଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାର ହେବାପରେ ଶୁଭେଚ୍ଛୁ, ସହପାଠୀ, ବନ୍ଧୁ ପରିଜନ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ତାଙ୍କ ଶେଷଦର୍ଶନ କରିଥିଲେ। ଝରାବେରିଣୀସ୍ଥିତ ଟିକିରା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଉତ୍କଳ ସାମ୍ବାଦିକ ସଂଘ କଣିହାଁ ଶାଖା ସଭାପତି କଷ୍ଟଚରଣ ସାମଲଙ୍କ ସଭାତିତ୍ୱରେ କଣିହାଁ ପ୍ରେସ୍ କ୍ଲବ୍ ପରିସରରେ ସୋମବାର ଏକ ଶୋକସଭା ଅନୁଷ୍ଠିତ ହୋଇଛି। ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ୟୁଜେଏ ଓ ପ୍ରେସ୍ କ୍ଲବ୍ ସଦସ୍ୟ ସାମିଲ ହୋଇଥିଲେ।

## ବିଦ୍ୟୁତ ଖୁଣ୍ଟକୁ ଧକ୍କାଦେଲା ଟ୍ରକ୍; ଅନ୍ଧାରରେ ଗାଁ



କଣିହାଁ,୨୨।୯ (ସମିସ): ରବିବାର ରାତିରେ କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ ନାଇକାନାଳୀ ଛକ ଦେଇ ଯାଇଥିବା ୧୪୮ ନମ୍ବର ଜାତୀୟରାଜପଥ ପାଶ୍ୱର୍ରେ ଥିବା ଏକ ୧୧ କେଭି ବିଦ୍ୟୁତ୍ ଖୁଣ୍ଟକୁ ଏକ ଟ୍ରକ ଧକ୍କା ଦେଇ ଓଲଟି ପଡ଼ିଛି। ଫଳରେ ବିଦ୍ୟୁତ ଖୁଣ୍ଟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ବିଦ୍ୟୁତ ସରବରାହ ବନ୍ଦ ରହିଥିବା ବେଳେ ଗାଁ ଅନ୍ଧାରରେ ରହିଛି। ସୋମବାର ସନ୍ଧ୍ୟା ସୁଦ୍ଧା ଖୁଣ୍ଟ ମରାମତି ହୋଇପାରିନାହିଁ।

**ହୋ' ଭାଷା କ୍ରିୟାନୁଷ୍ଠାନ କମିଟି ଗଠିତ**

## ଈଶ୍ୱର ପିଙ୍ଗୁଆ ରାଜ୍ୟ କାର୍ଯ୍ୟକାରୀ ସଭାପତି



ଖମାର,୨୨।୯ (ସମିସ): ହୋ' ଭାଷା ଆନ୍ଦୋଳନକୁ ତୀବ୍ର କରିବା ପାଇଁ ୨୦୧୧ରେ ରାଇରଙ୍ଗପୁର ବଣସାହିସ୍ଥିତ ହୋ' ସାଂସ୍କୃତିକ ଭବନରେ ବିଭିନ୍ନ ସାମାଜିକ ସଙ୍ଗଠନକୁ ନେଇ ଅଖିଳ ଭାରତ ହୋ' ଭାଷା କ୍ରିୟାନୁଷ୍ଠାନ କମିଟି ଗଠିତ ହୋଇଥିଲା। ସେହିଦିନଠାରୁ ହୋ' ଭାଷା ଆନ୍ଦୋଳନ ପାଇଁ ଏହି ସଙ୍ଗଠନ କାର୍ଯ୍ୟ କରିଆସୁଛି। ହୋ' ସାଂସ୍କୃତିକ ଭବନ ପରିସରରେ ରାଜ୍ୟ ହୋ' ଭାଷା କ୍ରିୟାନୁଷ୍ଠାନ କମିଟିର ପୁନର୍ଗଠନ କରାଯାଇଛି। ଏଥିରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର, ଢେଙ୍କାନାଳ ବାଲେଶ୍ୱର, ଅନୁଗୋଳ, ଭୁବନେଶ୍ୱର, କଟକ ନେତୃବୃନ୍ଦଙ୍କ ଉପସ୍ଥିତିରେ ନିର୍ବାଚନ ହୋଇଥିଲା। ଏଥିରେ ନୂତନ ରାଜ୍ୟ ସଭାପତି ଭାବେ ବସନ୍ତ ସିଂ ବୁଲିଉଲି, କାର୍ଯ୍ୟକାରୀ ସଭାପତି ଭାବେ ଅନୁଗୋଳ ଜିଲ୍ଲା ପାଲଲହଡ଼ାର ଈଶ୍ୱରଚନ୍ଦ୍ର ପିଙ୍ଗୁଆ ଓ ସୀତାରାମ ଚାତାରଙ୍କୁ ଚୟନ କରାଯାଇଛି। ସେହିପରି ଉପସଭାପତି ଭାବେ ଶୁକଲାଲ ପାଲେୟା, ଗୋବିନ୍ଦ ଚନ୍ଦ୍ର ଜାରିକା, ସମ୍ପାଦକ ଭାବେ ନାରଣ ପୂର୍ତ୍ତି, ସାଙ୍ଗଠନିକ ସମ୍ପାଦକ ଭାବେ ରମେଶ କୁମାର ବୁଲିଉଲି, ସହସମ୍ପାଦକ ଭାବେ ଦୁଃଶାସନ ତିରିଆ, ନରେଶ କୁମାର ହେମ୍ବ୍ରମ ଓ ପୁଷ୍ପାଞ୍ଜଳି ସିଦୁ, କୋଷାଧ୍ୟକ୍ଷ ଭାବେ କୁନା କାଣ୍ଡେୟାଙ୍ଗ, ସହ କୋଷାଧ୍ୟକ୍ଷ ଭାବେ ନନ୍ଦୀ କେରାଇ ନିର୍ବାଚିତ ହୋଇଛନ୍ତି। ବୈଠକରେ ମୟୂରଭଞ୍ଜ ଆଦିବାସୀ ହୋ' ସମାଜ ସଭାପତି ମଟକା ବିରୁଆ, ଖଗେଶ୍ୱର ପିଙ୍ଗୁଆ, ମଧୁସୂଦନ ଜାରିକା, ପୂର୍ବତନ ଜାତୀୟ ସହସମ୍ପାଦକ ଲକ୍ଷ୍ମୀଧର ସିଂତିଉ, ଡମ୍ବୁରୁଧର ଜାରିକା, ଗରିୟା ଗମାଉ, କ୍ଷୀରୋଦ ହେମ୍ବ୍ରମ, ବାଗୁନ ଶୁଣ୍ଡି, ବୈଜୟନ୍ତୀ ଶୁଣ୍ଡି, ବାଦଲ ଜରାଇ, ଗଣେଶ ଗାଗରାଇ, ରାମଚନ୍ଦ୍ର ପୂର୍ଷୀ, ମିଥୁନ କାଣ୍ଡାକେଲ, ଜଟିଆ ସାଇଁ ପ୍ରମୁଖଙ୍କ ସହିତ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ।

## ମହିଳା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ 'ସ୍ୱାସ୍ଥ୍ୟ ସଖୀ'




ଅନୁଗୋଳ,୨୨।୯ (ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚେତନା ଏ ମିଶନ ଦ୍ୱାରା ମୋଟଙ୍ଗା ପିଏମ୍‌ଶ୍ରୀ ବୈଷୟିକ ଉଚ୍ଚ ବିଦ୍ୟାପୀଠରେ ଛାତ୍ରୀମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ 'ସ୍ୱାସ୍ଥ୍ୟ ସଖୀ' ଅନୁଷ୍ଠିତ ହୋଇଛି। ଏଥିରେ 'ଋତୁସ୍ରାବ ସଚେତନତା ଓ ସ୍ୱଚ୍ଛତା' ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଚେତନା ମିଶନର ପ୍ରତିଷ୍ଠାତା ତଥା ମୋଟିଭେସନାଲ ସ୍ପିକର ବାଣୀ ଦେବ କର୍ମଶାଳା ସମ୍ପର୍କରେ ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ମାସିକ ଋତୁସ୍ରାବ ମହିଳା ଶରୀର ଦ୍ୱାରା ଭବିଷ୍ୟତ ମାତୃତ୍ୱ ନିମନ୍ତେ ପ୍ରାକ ପ୍ରସ୍ତୁତି ଓ ଏହା ଏକ ସମ୍ପୂର୍ଣ୍ଣ ପ୍ରାକୃତିକ ଶାରୀରିକ ପ୍ରକ୍ରିୟା ବୋଲି ଛାତ୍ରୀମାନଙ୍କୁ ଭିଡିଓ ଜରିଆରେ ବୁଝାଇ ଦିଆଯାଇଥିଲା। ଋତୁସ୍ରାବ ସମୟରେ ଶରୀରର ଯତ୍ନ, ପରିଚ୍ଛନ୍ନତା, ହାଲୁକା ବ୍ୟାୟାମ ଓ ସୁଷମ ଖାଦ୍ୟର ଆବଶ୍ୟକତା ଇତ୍ୟାଦି ବିଷୟରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଚେତନା ଏ ମିସନ୍‌ର କଲ୍ୟାଣୀ ଶ୍ରୀକାନ୍ତ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ଭୋଇଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅନୁଗୋଳ କଲେଜରେ ଚିତ୍ରକଳା ପ୍ରତିଯୋଗିତା



ଅନୁଗୋଳ,୨୨।୯ (ସମିସ): ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶନିବାର ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନୀଳାଚଳ ପଟେଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଡ. ଅନସୂୟା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ. ବିକେ ସାହୁ, ଡ. ନାରାୟଣ ନାୟକ, ଡ. ଏମଆର ମିଶ୍ର, ଡ. ସ୍ମିତା ତପସ୍ୱିନୀ, ପ୍ରଫେସର ସୁଲଗ୍ନା ଚୌଧୁରୀ, ପ୍ରଫେସର ରୀନା ମାର୍ଣ୍ଡି, ପ୍ରଫେସର ଆରକେ ବେହେରା, ପ୍ରଫେସର ଏସ୍‌କେ ପ୍ରଧାନ ଓ ପ୍ରଫେସର ମନିଷା ମାଝି ମଞ୍ଚାସୀନ ଥିଲେ। ପ୍ରତିଯୋଗୀ ନିଜ କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ।

## ମା' ବାୟାଣୀ କ୍ଲବ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ଛେଣ୍ଡିପଦା,୨୨।୯ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ପାତ୍ରପଡ଼ା ପଞ୍ଚାୟତ ମା' ବାୟାଣୀ ପୀଠ ନିକଟରେ ମା' ବାୟାଣୀ କ୍ଲବ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



ଆଗକୁ ଏହି ପୀଠକୁ ପଲିଥିନ୍‌ମୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି କ୍ଲବ ସଦସ୍ୟ। ଏହି କାର୍ଯ୍ୟକ୍ରମରେ ପାତ୍ରପଡ଼ା ଗ୍ରାମର ଘନଶ୍ୟାମ ସାହୁ, ରଞ୍ଜିତ, ରାଜେଶ, ଲୁଲୁ, ରାହୁଲ, ରାଜା, ରକି, ଶୁଭ, ଓମ, ବସନ୍ତ, ନୀତୀଶ, ମାନସ, ମନୋଜ, କାହ୍ନା, ସୁବ୍ରତ, ସତ୍ୟବ୍ରତ, ରଜତ, ଶାନ୍ତନୁ, ବୁଲୁ, ରାଜୁ, ସୁମନ୍ତ, ସିଧା, ନିଲୁ ପ୍ରମୁଖ ଯୋଗଦେଇ ସଫେଇ ସହ ଚାରାରୋପଣ କରିଥିଲେ।

## ଦେଢ଼ଲକ୍ଷରୁ ଅଧିକ ଟଙ୍କାର ବାଣ ଜବତ




କଣିହାଁ,୨୨।୯ (ସମିସ): କଣିହାଁ ବ୍ଲକ୍ ଏନଟିପିସି ଥାନା ପୁଲିସ୍ ସୋମବାର ମଧ୍ୟାହ୍ନରେ ବିଜିଗୋଳ ପାଟଣାସାହିରେ ଚଢ଼ଉ କରି କାଳୁଚରଣ ବିଶ୍ୱାଳ (୫୪)ଙ୍କ ବାସଭବନରୁ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୭୮ ପ୍ରକାରର ବେଆଇନ ବାଣ ଜବତ କରିଛି। ଏହି ଚଢ଼ଉ ପାଇଁ ପୁଲିସ ପକ୍ଷରୁ ଦିଇଟି ଟିମ୍ ଗଠନ କରାଯାଇଥିଲା। ଗୋଟିଏ ଟିମ୍ କାଳୁଚରଣଙ୍କ ଏନଟିପିସି ଲକ୍ଷ୍ମୀବଜାରସ୍ଥିତ ତେଜରାତି ଦୋକାନରେ ଜଗିଥିବା ବେଳେ ଅନ୍ୟ ଏକ ଟିମ୍ ତାଙ୍କ ବାସଭବନରେ ଚଢ଼ଉ କରିଥିଲା। ସେଠାରୁ ଦେଢ଼ଲକ୍ଷରୁ ଅଧିକ ଟଙ୍କାର ବାଣ ଜବତ କରାଯାଇଥିବା ଥାନା ଆଇଆଇସି ସନ୍ତୋଷ କୁମାର ସେଠୀ କହିଛନ୍ତି। ଚଢ଼ଉରେ ଏସ୍‌ଆଇ ଏମଡି ପଣ୍ଡା ଓ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ। ଏନେଇ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ପୁଲିସ କହିଛି।

● ବାଣ ଗୋଦାମରେ ଛେଣ୍ଡିପଦା ପୁଲିସର ଚଢ଼ଉ

## ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ



ଛେଣ୍ଡିପଦା,୨୨।୯ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ କୋଶଳା ଚନ୍ଦନନଗରଠାରେ ଥିବା ବେଆଇନ ବାଣ ଗୋଦାମରେ ପୁଲିସ ଚଢ଼ଉ କରିଛି। ସେଠାରୁ ବିପୁଳ ବାଣ ଜବତ କରାଯାଇଛି। ଜବତ ବାଣର ଆନୁମାନିକ ମୂଲ୍ୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୁଲିସ କହିଛି। ଏହି ଘଟଣାରେ ଜଣଙ୍କୁ ଅଟକ ରଖି ପୁଲିସ ତଦନ୍ତ ଚଳାଇଛି।

**ଗୋଷ୍ଠୀ ସହାୟିକା କର୍ମୀଙ୍କ ଗଣଧାରଣା**

## ମୋହନ ସରକାର ବିରୋଧରେ ଗର୍ଜିଲେ ମହିଳା



କଣିହାଁ,୨୨।୯ (ସମିସ): କଣିହାଁ ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଭବନ ସାମ୍ନାରେ ସୋମବାର ଧାରଣାରେ ବସିଲେ ଶତାଧିକ ମିଶନଶକ୍ତି ଗୋଷ୍ଠୀ ସହାୟିକା କର୍ମୀ। ସ୍ଥାୟୀ ନିଯୁକ୍ତି, ଦରମା ବୃଦ୍ଧି, ବ୍ୟାଙ୍କ ଜରିଆରେ ଦରମା ପ୍ରଦାନ, ପରିଚୟ ପତ୍ର ପ୍ରଦାନ, ୬ମାସର ବକେୟା ଦରମା ଦାବିରେ ଧାରଣା ଦେଇଛନ୍ତି ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ କରୁଥିବା ଗୋଷ୍ଠୀ ସହାୟିକା କର୍ମୀ।

କର୍ମୀମାନେ ମୋହନ ସରକାରଙ୍କ ବିରୋଧରେ ଗର୍ଜିବା ସହ ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଧାରଣାରେ ବ୍ଲକରେ କାର୍ଯ୍ୟରତ ୨୭୦ ଜଣ ଏମବିକେ, ସିଆରପି, ବ୍ୟାଙ୍କମିତ୍ର, ପ୍ରାଣୀମିତ୍ର, କୃଷିମିତ୍ର ସାମିଲ ହୋଇଛନ୍ତି। ଜ୍ୟୋତିର୍ମୟୀ ନାୟକ, ରୁବି ସାହୁ, ବନୋଜା ପାଳଙ୍କ ନେତୃତ୍ୱରେ ଏହି ଧାରଣା ଜାରି ରହିଛି।

## ସ୍ଥାୟୀ ନିଯୁକ୍ତି ଓ ଦରମା ବୃଦ୍ଧି ଦାବିରେ ଗୋଷ୍ଠୀ ସହାୟିକା କର୍ମୀଙ୍କ ଧାରଣା



ଛେଣ୍ଡିପଦା,୨୨।୯ (ସମିସ): ବିଭିନ୍ନ ଦାବି ନେଇ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିଛନ୍ତି ଶତାଧିକ ମିଶନଶକ୍ତି ଗୋଷ୍ଠୀ ସହାୟିକା କର୍ମୀ। ସ୍ଥାୟୀ ନିଯୁକ୍ତି, ଦରମା ବୃଦ୍ଧି, ବ୍ୟାଙ୍କ ଖାତାରେ ଦରମା ପ୍ରଦାନ ଆଦି ଦାବି କରାଯାଇଛି। ପୂର୍ବ ସରକାର ସମୟରେ ଏହି ଗୋଷ୍ଠୀ ସହାୟିକା କର୍ମୀମାନଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ସେମାନେ ପଞ୍ଚାୟତ ଓ ବ୍ଲକ ସ୍ତରରେ ମିଶନଶକ୍ତି ବିଭାଗରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଥିଲେ। କିନ୍ତୁ ବର୍ତ୍ତମାନ ସେମାନଙ୍କୁ କାର୍ଯ୍ୟ ଆଧାରରେ ଦରମା ଦିଆଯାଉଥିବା ବେଳେ ତାହା ପରିଶ୍ରମ ଅନୁସାରେ ବହୁତ କମ୍। ପୂର୍ବରୁ ସେମାନେ ନିର୍ଦ୍ଦିଷ୍ଟ ଦରମା ପାଉଥିବା ବେଳେ ବର୍ତ୍ତମାନ ଯେତିକି କାମକୁ ସେତିକି ଦରମା ସରକାରଙ୍କ ତରଫରୁ ପ୍ରଦାନ କରାଯାଉଛି। ଏହାକୁ ନେଇ ଶତାଧିକ ଗୋଷ୍ଠୀ ସହାୟିକା କର୍ମୀ ସରକାରଙ୍କ ବିରୋଧରେ ନାରାବାଜି କରିବା ସହ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଓ ଦରମା ବୃଦ୍ଧି ଦାବି କରିଛନ୍ତି। ଏହି ଧାରଣାରେ ଏମବିକେ, ସିଆରପି, ବ୍ୟାଙ୍କମିତ୍ର, ପ୍ରାଣୀମିତ୍ର, କୃଷିମିତ୍ର ପ୍ରମୁଖ ବ୍ଲକର ୨୦୦ରୁ ଊର୍ଦ୍ଧ୍ୱ ଗୋଷ୍ଠୀ ସହାୟିକା କର୍ମୀ ଧାରଣାରେ ବସିଛନ୍ତି। ସଭାପତି ଟୁନି ସାହୁ, ସାମ୍ପାଦକ ବିମଳା ସାହୁଙ୍କ ନେତୃତ୍ୱରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ହେଲେ ଧାରଣାସ୍ଥଳକୁ କୌଣସି ପ୍ରଶାସନିକ ଅଧିକାରୀ ଆସି ନ ଥିବା ସଂଘ ତରଫରୁ ଅଭିଯୋଗ କରାଯାଇଛି।

## ୬ ଦଫା ଦାବିରେ ଜିପିଏମ୍‌ଏଫ୍ କର୍ମୀଙ୍କ ଧାରଣା



ବଣ୍ଟରପାଳ,୨୨।୯ (ସମିସ): ଅନୁଗୋଳ ଜିଲ୍ଲା ବଣ୍ଟରପାଳ ବ୍ଲକର ଜିପିଏମଏଫ୍ କର୍ମୀମାନେ ୬ ଦଫା ଦାବି ନେଇ ସୋମବାର ପୂର୍ବାହ୍ନ ୯ଟାରୁ ବ୍ଲକ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ଏହି ଗଣଧାରଣାରେ ଏମବିକେ, ସିଆରପି, ବ୍ୟାଙ୍କମିତ୍ର, କୃଷିମିତ୍ର, ପ୍ରାଣୀମିତ୍ରମାନେ ସାମିଲ ହୋଇଛନ୍ତି। ବକେୟା ଦରମା ପ୍ରଦାନ, କାର୍ଯ୍ୟ ଅନୁଯାୟୀ ପ୍ରୋତ୍ସାହନ ରାଶି ପ୍ରଥା ବନ୍ଦ କରାଯାଇ ପୁନର୍ବାର ଦରମା ଭିତ୍ତିରେ କାର୍ଯ୍ୟ, କାର୍ଯ୍ୟ ଅନୁଯାୟୀ ବାର୍ଷିକ ଦରମା ପ୍ରଦାନ, ବ୍ୟାଙ୍କ ମାଧ୍ୟମରେ ପ୍ରତ୍ୟକ୍ଷ ଦରମା ପ୍ରଦାନ, ପୂର୍ବଭଳି ସ୍ଥାୟୀ ଦରମା ସହ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିପରି ପ୍ରତ୍ୟେକ ରାଜସ୍ୱ ଗ୍ରାମ ଅନୁଯାୟୀ ସିଏଲଏଫ୍ ଗଠନ ନିଷ୍ପତ୍ତିକୁ ସଂଘ ବିରୋଧ କରିବା ସହ ଏହାର ସ୍ଥାୟୀ ସମାଧାନ ନିମନ୍ତେ ଦାବି କରିଛନ୍ତି। ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଧାରଣାରେ ବ୍ଲକର ସମସ୍ତ ୩୪୩ ସଦସ୍ୟ ସାମିଲ ହୋଇଛନ୍ତି।

**ଜବରଦଖଲରେ ଲାଗିଲା 'ନାଲିଗାର'**

# ସରକାରୀ ଜାଗା ମାଡ଼ିବସିଥିବା ଲୋକେ ଛାନିଆ

ଅନୁଗୋଳ,୨୨।୯ (ସମିସ): ସହର ମଧ୍ୟରେ ଜବରଦଖଲକୁ ନେଇ ଏକ ବଡ଼ଧରଣର ପଦକ୍ଷେପ ନେବାକୁ ଯାଉଛି ଜିଲ୍ଲା ପ୍ରଶାସନ। ସୋମବାର ପୌରପାଳିକା, ତହସିଲ ଓ ପୁଲିସ ପକ୍ଷରୁ ମିଳିତ ଭାବେ ଜବରଦଖଲ ଜାଗାଗୁଡ଼ିକ ଚିହ୍ନଟ କରାଯାଇ ନାଲିରଙ୍ଗ ମରାଯାଉଛି। ଏଭଳି ସ୍ଥିତିରେ ସରକାରୀ ଜାଗା ମାଡ଼ିବସିଥିବା ଲୋକେ ଛାନିଆ ହୋଇଯାଇଛନ୍ତି। ପୌରପାଳିକା ଜବରଦଖଲ ଉଚ୍ଛେଦ ପାଇଁ ଅତିଶୀଘ୍ର ପଦକ୍ଷେପ ନେବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛି। ସହରର ଜନଗହଳିପୂର୍ଣ୍ଣ




ସ୍ଥାନ କାଞ୍ଚନ ବଜାରରୁ ଶାନ୍ତି ହୋଟେଲ ଛକ ଏବଂ ମାରୱାଡି ଧର୍ମଶାଳାଠାରୁ ବଜାର ଛକ ରାସ୍ତା। ଏହି ଅଞ୍ଚଳରେ ଜବରଦଖଲ ବୃଦ୍ଧି କାରଣରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ପୂର୍ବରୁ ଏ ନେଇ ପୌରପାଳିକା ଏବଂ ଜିଲ୍ଲା ପ୍ରଶାସନକୁ ଅନେକ ଥର ଜନସାଧାରଣଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ଏହି ଅଭିଯୋଗଗୁଡ଼ିକ ଆଧାରରେ ସୋମବାର ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ତହସିଲଦାର ଆଲୋକ ଦେହୁରୀ ଏବଂ ପୁଲିସ ପକ୍ଷରୁ ସରକାରୀ ଜାଗା ଚିହ୍ନଟ କରାଯାଇ ନାଲିରଙ୍ଗ ମରାଯାଇଛି।





# ପୀଠରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା


କଟକ ଚଣ୍ଡୀଙ୍କ ହରଚଣ୍ଡୀ ବେଶ


ଗଡ଼ଚଣ୍ଡୀଙ୍କ ରାଜରାଜେଶ୍ୱରୀ ବେଶ


ଝାଞ୍ଜିରୀମଙ୍ଗଳାଙ୍କ ସରସ୍ୱତୀ ବେଶ


ବାସନ୍ତୀ ଦୁର୍ଗାଙ୍କ କାତ୍ୟାୟନୀ ବେଶ


ଧାକୁଲେଇଙ୍କ ଦକ୍ଷିଣକାଳୀ ବେଶ

# ଗଣେଶ ଭସାଣିରେ ଗଣ୍ଡଗୋଳ; ୪ ଗିରଫ

କଟକ,୨୨।୯(ସମିସ):



ଗଣେଶ ଭସାଣି ସମୟରେ ବିଡାନାସୀ ଅଞ୍ଚଳର ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଆକ୍ରମଣ ପ୍ରତିଆକ୍ରମଣରେ ୨ ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ଲାଲବାଗ ଥାନା ପୁଲିସ ମୋଟ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବିଡାନାସୀ ଗୋପାଳ ସାହିର ଚୁଇନା ଓରଫ ସୁନିଲ କୁମାର ବେହେରା(୩୬), ଦିପୁ ଓରଫ ବିକ୍ରମ କେଶରୀ ବେହେରା(୪୦), ବିକି ଓରଫ ମନୋଜ ବେହେରା(୨୫) ଓ ଦିଲ୍ଲୀପ କୁମାର ସାମଲ (୨୫)। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି।

ପୁଲିସ ସୂଚନା ଅନୁସାରେ, ରବିବାର ସହରରେ ବୁଢା ଗଣେଶ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡାନାସୀ ଗୋପାଳ ସାହି ମଙ୍ଗଳାଛକ ସ୍ଥିତ ଏକ କ୍ଲବର ପ୍ରତିମା ଶୋଭାଯାତ୍ରାରେ ଚାନ୍ଦିନଚୌକ ଦେଇ ଦେବୀଗଡା ଅଭିମୁଖେ ଯାଉଥିଲା। ଶତାଧିକ ଯୁବକ ଏଥିରେ ସାମିଲ ହୋଇଥିଲେ। ତେବେ ନାଚକୁଦ ସମୟରେ ଚାନ୍ଦିନଚୌକ ଅଞ୍ଚଳରେ ହଠାତ ୨ ଯୁବ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପ୍ରଥମେ ଠେଲାପେଲା ଓ ପରେ ହାତାହାତି ହୋଇଥିଲେ। ଚୁଇନା, ଦୀପୁ ଓ ବିକି ମିଶିକରି ଦିଲ୍ଲୀପ ଓ ତାର ସାଙ୍ଗମାନଙ୍କୁ ନିସ୍ତୁକ ମାଡ ମାରିଥିଲେ। ଏମିତିକି ନିଶାସକ୍ତ ଅବସ୍ଥାରେ ଥିବା ଚୁଇନା ଲୁଚାଇ ରଖିଥିବା ଏକ ଛୁରୀରେ ଦିଲ୍ଲୀପକୁ ଆକ୍ରମଣ କରିଥିଲା। ଏହି ସମୟରେ ଦିଲ୍ଲୀପ ହାତ ଦେଖାଇଦେବାରୁ ଛୁରୀରେ ତାଙ୍କ ପାପୁଲି କଟି ଯାଇଥିଲା। ଅପରପକ୍ଷେ ଦିଲ୍ଲୀପ ପିନ୍ଧିଥିବା ଏକ କଡାରେ ଚୁଇନାର ମୁଣ୍ଡକୁ ଆକ୍ରମଣ କରିଥିଲା। ଏଥିରେ ଚୁଇନାର ମୁଣ୍ଡ ଫାଟି ଯାଇଥିଲା। ଏହା ଦେଖି ପୁଲିସ ପହଞ୍ଚି ଗଣ୍ଡଗୋଳକାରୀଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲା। ମାତ୍ର ପୁଲିସ କର୍ମଚାରୀଙ୍କୁ ଉତ୍ତ୍ୟକ୍ତ ଯୁବକମାନେ ଦୁର୍ବ୍ୟବହାର କରିଥିଲେ। ଏଭଳି ସ୍ଥିତିରେ ପୁଲିସ ଶୋଭାଯାତ୍ରାକୁ କିଛି ସମୟ ପାଇଁ ବନ୍ଦ କରିଦେଇଥିଲା। ଏହାପରେ ସେଠାରୁ ଆହତମାନଙ୍କୁ ଆଣି ମେଡିକାଲ ପଠାଇଥିଲା। ଏନେଇ ଦିଲ୍ଲୀପର ଅଭିଯୋଗକ୍ରମେ ପୁଲିସ ଚୁଇନା, ଦୀପୁ ଓ ବିକିକୁ ଗିରଫ କରିଛି। ସେହିପରି ପାଲଟା ଏତଲାରେ ପୁଲିସ ଦିଲ୍ଲୀପକୁ ଗିରଫ କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଜେଲ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା ସୂଚନା ଦେଇଛନ୍ତି।

# ଉପର ପଡ଼ିଆରେ ବାଲିଯାତ୍ରା ନ କରିବା ନିଷ୍ପତ୍ତିକୁ ମେୟରଙ୍କ ବିରୋଧ




କଟକ,୨୨।୯(ସମିସ): କଟକ ଜିଲ୍ଲା ପ୍ରଶାସନର ଉପର ପଡ଼ିଆରେ ବାଲିଯାତ୍ରା ନ କରିବା ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିଛନ୍ତି କଟକ ମେୟର ସୁବାଷ ସିଂହ। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ମେୟର ଶ୍ରୀ ସିଂହ କହିଛନ୍ତି ଉପର ପଡିଆରେ ଯେହେତୁ ପ୍ରଥମେ ବାଲିଯାତ୍ରା ଆରମ୍ଭ ହୋଇଥିଲା ତେଣୁ ଉପର ପଡିଆ ସହ ବାଲିଯାତ୍ରାର ଐତିହ୍ୟ ଯୋଡି ହୋଇ ରହିଛି। ପରମ୍ପରା ଦୃଷ୍ଟିରୁ ଉପର ପଡିଆକୁ ବାଦ୍ ଦେଇ ବାଲିଯାତ୍ରା ଆୟୋଜନ କଳ୍ପନା କରାଯାଇପାରିବ ନାହିଁ। ଏ ନେଇ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିବା ଶ୍ରୀ ସିଂହ କହିଛନ୍ତି। ପ୍ରଶାସନ ଭିଡ ନିୟନ୍ତ୍ରଣ ପାଇଁ ଉପର ବାଲିଯାତ୍ରା ପଡ଼ିଆରେ ପାର୍କିଂ ବ୍ୟବସ୍ଥା କରିବା ପାଇଁ ନିଷ୍ପତ୍ତି ନେଇଥିବା ସୂଚନା ଦେଇଥିଲେ। ଉପର ବାଲିଯାତ୍ରା ପଡିଆରେ ପାର୍କିଂ ବ୍ୟବସ୍ଥା ଏକ ଅବାସ୍ତବ ପରିକଳ୍ପନା। ଯଦି ଉପର ପଡିଆରେ କେବଳ ପାର୍କିଂ କରାଯାଏ, ତେବେ ଉପର ପଡିଆରେ ହଜାର ହଜାର ଗାଡି ସହ ଲୋକଙ୍କ ଭିଡ ଜମିବ ଓ ଭିଡ ନିୟନ୍ତ୍ରଣ ସମ୍ଭବ ହେବ ନାହିଁ ବୋଲି ମେୟର ଶ୍ରୀ ସିଂହ ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଡେପୁଟି ମେୟର ଦମୟନ୍ତୀ ମାଝୀ ଓ କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଝିଂବନ୍ଧରେ ଦୁର୍ଘଟଣା; କାର ଜବତ

କଟକ,୨୨।୯(ସମିସ): ମର୍କତନଗର ସେକ୍ଟର ୭ନଂ ଝିଂବନ୍ଧ ଗଡା ନିକଟରେ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ କାର ୨ଟି ଗାଈଙ୍କୁ ଧକ୍କା ଦେଇଛି। ନିଶାସକ୍ତ ଅବସ୍ଥାରେ ଜଣେ ମହିଳା ଏଭଳି ଦୁର୍ଘଟଣା ଘଟାଇଥିବା ଜଣାପଡିଛି। ରବିବାର ବିଳମ୍ବିତ ରାତିରେ ମହିଳା ଜଣକ ଏକ କାରରେ କାଠଯୋଡି ଝିଂବନ୍ଧରେ ବେଲିଭ୍ୟୁ ଛକ ଆଡକୁ ଯାଉଥିଲେ। ଏତିକିବେଳେ ସେକ୍ଟର ୭ନଂ ଗଡା ନିକଟରେ ସେ ଭାରସାମ୍ୟ ହରାଇ ରାସ୍ତା କଡରେ ଶୋଇଥିବା ଦୁଇଟି ଗାଈକୁ ଧକ୍କା ଦେଇଥିଲେ। ଏହା ଦେଖି କିଛି ପଥଚାରୀ ପୁଲିସକୁ ଜଣାଇଥିଲେ। ମର୍କତନଗର ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଗାଡି ଧକ୍କାରେ ଗାଈ ୨ଟି ସାମାନ୍ୟ ଆହତ ହୋଇଥିଲେ। ଯାଞ୍ଚ ସମୟରେ ଜଣାପଡିଲାକି, ଗାଡି ଚଳାଉଥିବା ମହିଳା ଜଣକ ନିଶାସକ୍ତ ଅବସ୍ଥାରେ ଅଛନ୍ତି। ତେଣୁ ପୁଲିସ ସଂଗେ ସଂଗେ ତାଙ୍କୁ ମେଡିକାଲ ପଠାଇଥିଲା। ଏହି ଘଟଣାରେ ପୁଲିସ ମଦ୍ୟପାନ କରି ଗାଡି ଚଳାଇବା ନେଇ ମାମଲା ରୁଜୁ କରି କାରଟିକୁ ଜବତ କରିଛି।

# ମୋକିମ ଫାଉଣ୍ଡେସନ ପକ୍ଷରୁ ରବି ନାରାୟଣ ରଥଙ୍କ ଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ




କଟକ,୨୨।୯(ସମିସ): ଆଜି ମୋକିମ ଫାଉଣ୍ଡସେନ ଦ୍ୱାରା ଆୟୋଜିତ ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥଙ୍କ ଚିତ୍ର ପ୍ରଦର୍ଶନୀ ରବିକିରଣ କାର୍ଯ୍ୟକ୍ରମ ସିଡିଏ ସେକ୍ଟର-୬ ସ୍ଥିତ ୱିଣ୍ଡସର ପ୍ୟାଲେସ ଠାରେ ଉଦଘାଟିତ ହୋଇଯାଇଛି। ଏଥିରେ ଶ୍ରୀ ରଥଙ୍କର ବିଭିନ୍ନ ଚିତ୍ର, ଭାସ୍କର୍ଯ୍ୟ ଏବଂ ସ୍କେଚ କଳାକୃତି ପ୍ରଦର୍ଶନୀ କରାଯାଇଛି। ଏହି ଉଦଘାଟନୀ ଉତ୍ସବରେ ମୋକିମ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ଜଷ୍ଟିସ ଅରୁଣ ପରିଚ୍ଛା, ପ୍ରଫେସର ସତ୍ୟ ନାରାୟଣ ପଣ୍ଡା, ଗୌତମ ଶିଦ୍ଧିକି, ଡ. ମିହିର ପଣ୍ଡା, ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର, ପ୍ରଫେସର ରବୀନ୍ଦ୍ର ମିଶ୍ର, ବରିଷ୍ଠ ନେତ୍ରୀ ଗିରିବାଳା ବେହେରା, ଆଇନଜୀବୀ ଶୈଳବାଳା ଜେନା ପ୍ରମୁଖ ଅତିଥି ଯୋଗଦେଇ ଏହି ଚିତ୍ର କଳା କାର୍ଯ୍ୟକ୍ରମକୁ ଉଦଘାଟିତ କରିବା ସହ ବୁଲି ଦେଖିଥିଲେ। ଅତିଥିଙ୍କୁ ମୋକିମ ଫାଉଣ୍ଡେସନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଅତିଥିଙ୍କ ଦ୍ୱାରା ରବିକିରଣ ନାମକ ଏକ ପୁସ୍ତକ ଉନ୍ମୋଚନ କରାଗଲା। ଏଥିରେ କଟକ ସହର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସମେତ ବହୁ ଦର୍ଶକ ଆସି ଶ୍ରୀ ରଥଙ୍କ ଦ୍ୱାରା ସଦ୍ୟ ନିର୍ମିତ କଳା ପରିଦର୍ଶନ କରିବା ସହିତ ଏହାର ନିର୍ମାଣ ଶୈଳୀ ବିଷୟରେ ମଧ୍ୟ ବୁଝିଥିଲେ। ଏହି ଅବସରରେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ଉଦୟ ଶଙ୍କର ରାୟ, ଡ. ବିବେକାନନ୍ଦ ସିଂ, ଭାଗବତ ଶୁକ୍ଳା, ସାହିତ୍ୟିକ ସତ୍ୟ ଦାସ ଆଦି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲୁ ରହିବ। ଶେଷରେ ଆଇନଜୀବୀ କୈଳାସ ଶତପଥି ଧନ୍ୟବାଦ ଦେଇଥିଲେ। ଶିଳ୍ପୀ ପ୍ରଣବ ଅଖଣ୍ଡ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଉଣ୍ଡେସନର ସଭ୍ୟ ସକୀଲ ଖାନ, ସତ୍ୟ ରଞ୍ଜନ କର, କମର ଆଲମ ବକ୍ସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ସାମନ୍ତସାହି ଷୋଳପୁଅ ମା ପୂଜାରେ ଯୋଗଦେଲେ ପ୍ରଭାତ ଓ ରଞ୍ଜନ



କଟକ,୨୨।୯(ସମିସ): କଟକ ସାମନ୍ତସାହି ଷୋଳପୁଅ ମା' ପୂଜାରେ ଯୋଗଦାନ କରି ମା'ଙ୍କ ସୁବାଶିଷ ଲାଭ କଲେ ଚୌଦ୍ୱାର କଟକ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ଇଷ୍ଟକୋଷ୍ଟ ରେଲୱେ ଡିଆରୟୁସିସି ମେମ୍ବର ଡ. ରଞ୍ଜନ ବିଶ୍ୱାଳ, କଟକ ମହାନଗର ୨୪ ନମ୍ବର ୱାର୍ଡ କର୍ପୋରେଟର ତଥା ସ୍ୱାସ୍ଥ୍ୟ କମିଟି ଅଧକ୍ଷା ଦିପ୍ତୀମୟୀ ମୂଳିଆ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ବସନ୍ତ ନାୟକ ଫାଉଣ୍ଡେସନ ତରଫରୁ ଚକ୍ଷୁ ପରୀକ୍ଷା ଶିବିର



କଟକ,୨୨।୯(ସମିସ): ବରିଷ୍ଠ ପ୍ରଯୋଜକ ସ୍ୱର୍ଗତ ବସନ୍ତ ନାୟକଙ୍କ ସୁପୁତ୍ର ସଞ୍ଜୟ ନାୟକ (ଟୁଟୁ) ଙ୍କ ଦ୍ୱାରା ଗତ କାଲି ବସନ୍ତ ନାୟକ ଫାଉଣ୍ଡେସନ ତରଫ ରୁ କଟକର ବାରବାଟୀ ପାଲେସେରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଓ ମାଗଣା ଚଷମା ବଣ୍ଟନ କାର୍ଯ୍ୟକର୍ମ ଶିବିର ଆୟୋଜନ କରାଯାଇଥିଲା। କଟକ୍ ତଥା ଆଖପାଖ ଅଞ୍ଚଳର ସାଧାରଣ ଗରିବ, ଖଟିଖିଆ, ମହିଳା, ବୃଦ୍ଧା ଯୁବକ ଓ ଯୁବତୀଙ୍କର ପରୀକ୍ଷା କେନ୍ଦ୍ରରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅଭିନେତ୍ରୀ ବର୍ଷା ପ୍ରିୟର୍ଶିନୀ, କୁନା ତ୍ରିପାଠୀ, ଶ୍ରୀତମ ଦାସ,ପୁନମ ମିଶ୍ର, ଡିସ୍କୋ ରେଡ୍ଡୀ, ସଞ୍ଜୟ ମହାକୁଡ, ଜ୍ୟୋତି ରଂଜନ ମହାନ୍ତି, ଟିକି ପଟ୍ଟନାୟକ, ସକିଲ ଅହମ୍ମଦ ଓ ଟୁଟୁ ନାୟକଙ୍କ ପତ୍ନୀ ନିତୁ ନାୟକ ପରିଚାଳନା କରିଥିଲେ। ଏହି ଭଳି ସାମାଜିକ କାର୍ଯ୍ୟକ୍ରମ ଓ ତାର ବାର୍ତ୍ତା ସବୁ ବେଳେ ଜାରି ରଖିବା କୁ ସମସ୍ତ ବୁଦ୍ଧିଜୀବୀ ଟୁଟୁ ନାୟକ ଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ସ୍ୱର୍ଗତ ବସନ୍ତ ନାୟକଙ୍କ ପୁତ୍ର ସଞ୍ଜୟ ନାୟକ ଏହି କାର୍ଯ୍ୟକ୍ରମ ସବୁ ବେଳେ ଜାରିରଖିବା କୁ ସଂକଳ୍ପବଦ୍ଧ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଛନ୍ତି।



**ପାର୍ବଣ ତା'ର କଅଁଳ ପାଦ ସ୍ୱର୍ଶ କରି ସ୍ଥିତି ଜାହିର୍ କରି ସାରିଲାଣି। ମହାନଦୀ ଓ କାଠଯୋଡିର ଉତ୍ତାଳ ଜଳରାଶିରେ ଖେଳି ଗଲାଣି ପାର୍ବଣର ଖିଆଲି ତରଙ୍ଗ। ମର୍କତନଗରରୁ ମହାନଦୀବିହାର ଭିତରେ ଫିକାଫିକା ଲାଗୁଥିବା ଐତିହାସିକ କଟକ ନଗରୀ କ୍ରମଶଃ ପାର୍ବଣର ରଙ୍ଗରେ ରଙ୍ଗେଇ ହେଲାଣି। ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରେ ସହରରେ ପାଦ ଥାପି ଥିବା ପାର୍ବଣ କାର୍ତ୍ତିକେଶ୍ୱର ପୂଜା ପରେ ବିଦାୟ ନେବ। ଏହାରି ଭିତରେ ଦେଇଯିବ ଅନେକ ପାସୋରା ଆଉ ଅପାସୋରା ଘଟଣା। ଆଉ କିଛି ଦିନ ପରେ ଦଶହରା। ନିର୍ମଳ ଆଶ୍ୱୀନକୁ ସ୍ୱାଗତ କରିବାକୁ ନଦୀ ପଠାରେ ଖିଲିଖିଲି ହସିଲାଣି କାଶତଣ୍ଡୀ...**

# ଝଲସିବ ୬୫ ଫୁଟ୍‌ର ଲାଇଟ୍ ଗେଟ୍

କଟକ,୨୨।୯(ସମିସ):

ସାଜସଜା ପାଇଁ ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛି ଚାଉଳିଆଗଞ୍ଜ ପୂଜା କମିଟି। ୧୯୨୫ ମସିହାରେ ଏକ ଚାଳ ଘରେ ହରପାର୍ବତୀଙ୍କ ପୂଜାର୍ଚ୍ଚନା କରାଯାଉଥିଲା। ୧୯୬୨ ମସିହାରେ



ଆରମ୍ଭ ହୋଇଥିଲା ଦେବୀ ଦୁର୍ଗାଙ୍କ ଉପାସନା। ଆଜିକୁ ୬୩ବର୍ଷ ହେବ ଏହି ପୂଜା ମଣ୍ଡପରେ ଶାରଦୀୟ ଦୁର୍ଗା ପୂଜା କରାଯାଇ ଆସୁଅଛି। ଚଳିତବର୍ଷ ଦୁର୍ଗା ପୂଜା ପାଇଁ କମିଟି ପକ୍ଷରୁ ୨୦ଲକ୍ଷ ଟଙ୍କା ବଜେଟ୍ କରାଯାଇଛି। ଦୁଇଟି ଏଲଇଡି ଲାଇଟ ଗେଟ୍ ବ୍ୟବସ୍ଥା କରାଯିବ। ଗୋଟିଏ ରହିବ ଓଏମ୍‌ପି ପଟୁ ଚାଉଳିଆଗଞ୍ଜ ପ୍ରବେଶ ପଥରେ, ଯାହାକି କେରଳର କାତ୍ୟାୟନୀ ମନ୍ଦିର ସଦୃଶ ଦେଖାଯିବ। ଏହାର ଉଚ୍ଚତା ୬୫ ଫୁଟ୍ ରହିବ। ସେହିପରି ଆଉ ଏକ ଲାଇଟ ଗେଟ୍ ଚାଉଳିଆଗଞ୍ଜରୁ ନୂଆବଜାର ପଟକୁ ଲଗାଯିବ। ଏହାର ଉଚ୍ଚତା ୬୫ ଫୁଟ୍ ଓ ଚଉଡା ୪୨ ଫୁଟ୍ ରହିବ। ଏହି ପୂଜା ମଣ୍ଡପରେ ବଙ୍ଗୀୟ ପରମ୍ପରାରେ

## ଚାଉଳିଆଗଞ୍ଜ ପୂଜା କମିଟି

ପୂଜାର୍ଚ୍ଚନା କରାଯାଏ। ୪୨ମୌଜା ଅଞ୍ଚଳର ପୂଜକ ମାନସ ଆଚାର୍ଯ୍ୟ ମୁଖ୍ୟ ପୂଜକ ଭାବେ ପୂଜାର୍ଚ୍ଚନା କରିଥାନ୍ତି। ୧୯୯୯ ମସିହାରେ ଚାନ୍ଦି ମେଢ଼ କରାଯାଇଥିଲା। ପରେ ୨୦୦୭ ମସିହାରେ ମା' ଦୁର୍ଗାଙ୍କର ସୁନାର ମୁକୁଟ କରାଯାଇଛି। ଚାନ୍ଦି ମେଢ ସମେତ ଅନ୍ୟାନ୍ୟ ଅଳଙ୍କାର ୪.୫ କ୍ୱିଣ୍ଟାଲ ଓଜନର ରହିଥିବା ବେଳେ ସୁନା ମୁକୁଟ ସମେତ ମା'ଙ୍କ ହାର, ନୋଥ, କାନଫୁଲ, ମଥାମଣି, କଣ୍ଠମାଳ ଆଦି ୫ କେଜି ୫ଶହ ଗ୍ରାମ ଓଜନର ରହିଛି। ଚଳିତଥର ଆଉ ୧ କେଜି ଓଜନର ଚାନ୍ଦିର ଅଳଙ୍କାର ଯୋଡାଯିବ। ବିଜୟା ଦଶମୀରେ ଏଠାରେ ପ୍ରାୟ ୧୦ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଦହି ପଖାଳର ବ୍ୟବସ୍ଥା କରାଯିବ।

### ଭସାଣିରେ ପାରମ୍ପରିକ ବାଦ୍ୟ



ଚାଉଳିଆଗଞ୍ଜ ପୂଜା କମିଟି ପକ୍ଷରୁ ଚଳିତବର୍ଷ ପ୍ରଶାସନର ସଚେତନତା ମୁତାବକ ପୂଜା ଓ ଭସାଣି ଯାତ୍ରା କରାଯିବ। ଐତିହ୍ୟ, ସଂସ୍କୃତିକୁ ବଜାୟ ରଖିବାକୁ କମିଟି ପକ୍ଷରୁ ସର୍ବଦା ପ୍ରୟାସ ଜାରି କରାଯାଇଛି। ଭସାଣିରେ ପ୍ରମୁଖ ସ୍ଥାନରୁ ହାତ ବାଜା ଅଣାଯିବ। ଭଦ୍ରେଶ୍ୱର ଘଣ୍ଟ, ଢେଙ୍କାନାଳ ମାଦଳ, ଯାଜପୁର ବ୍ୟାଣ୍ଡ ପାର୍ଟି, ରଘୁନାଥପୁର ଯୋଡି ଶଙ୍ଖ, ପଞ୍ଜାବୀ ବାଜା ସମେତ ପାରମ୍ପରିକ ବାଦ୍ୟରେ ଯାତ୍ରା କରାଯିବ।

ଦେବେନ୍ଦ୍ର ପାତ୍ର, ସଭାପତି

### ପ୍ରଶାସନ ପାଖେ ଦାବି ରହିଛି



ଦଶମୀରେ ଦହି ପଖାଳ ଭୋଗ ମା'ଙ୍କୁ ଲାଗି କରାଯିବା ପରେ ଶ୍ରଦ୍ଧାଳୁଙ୍କୁ ବଣ୍ଟନ ହେବ। ଏଠାରେ ପୂଜା ସମୟରେ ଅହେତୁକ ଭିଡ଼ ପରିଲକ୍ଷିତ ହୁଏ। ତେବେ ପୂଜା ମଣ୍ଡପ କଟକ ପାରାଦ୍ୱୀପର ମୁଖ୍ୟ ରାସ୍ତାରେ ଥିବାରୁ କମିଟି ପକ୍ଷରୁ ଏଠାରେ ଅସ୍ଥାୟୀ ଶୌଚାଳୟ ଓ ପାଣି ଟାଙ୍କିର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯିବାକୁ ଦାବି କରାଯାଉଛି।

ନିରଞ୍ଜନ ସାହୁ(ଶିବ), ସାଧାରଣ ସମ୍ପାଦକ

# ଶାରଦୀୟ ନବରାତ୍ର ପୂଜା ଆରମ୍ଭ

## ● ମା' ବନଦୁର୍ଗାଙ୍କ ପୀଠ



ଢେଙ୍କାନାଳ, ୨୨।୯(ସମିସ): ସ୍ଥାନୀୟ କୁଞ୍ଜକାନ୍ତସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ସୋମବାରଠାରୁ ଶାରଦୀୟ ନବରାତ୍ର ପୂଜା ଆରମ୍ଭ ହୋଇଛି। ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲ ହାର, ଭୋଗ ଲାଗି ହୋଇଥିଲା। ମଧ୍ୟାହ୍ନରେ ମା'ଙ୍କ ମହାସ୍ନାନ କରାଯାଇ ଶୈଳପୁତ୍ରୀ ବେଶ ଅନୁଷ୍ଠିତ ହୋଇଥିଲା। କଳସ ଯାତ୍ରା କରାଯାଇ ମା'ଙ୍କ ଅଧିବାସ ପୂଜା ଆରମ୍ଭ ହୋଇଥିଲା। ମଣ୍ଡଳ ପୂଜା, କଳସ ପୂଜା, ସପ୍ତଚଣ୍ଡୀ ପାଠ, ସପ୍ତଚଣ୍ଡୀ ଆହୁତି କରାଯାଇଥିଲା। ପୂଜକ କାମାକ୍ଷାପ୍ରସାଦ କରଶର୍ମା, ମନ୍ଦିର ପୂଜକ ସୂର୍ଯ୍ୟକାନ୍ତ ମିଶ୍ରଶର୍ମା, କର୍ତ୍ତା ରଞ୍ଜନ ପାଣି, ମିନତୀ ପାଣି, ଦେବାଶିଷ ମହାପାତ୍ର, ମୌସୁମୀ ପଣ୍ଡିତଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂଜା ଅନୁଷ୍ଠିତ ହୋଇଥିଲା।

## ● ମା' ତାରିଣୀଙ୍କ ପୀଠ



ଢେଙ୍କାନାଳ: ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡ୍‌ସ୍ଥିତ ମା' ତାରିଣୀ ପୀଠରେ ନବରାତ୍ର ପୂଜା ଆରମ୍ଭ ହୋଇଛି। ଷୋଡ଼ଶ ଉପଚାରରେ ପୂଜା କରାଯାଇ ୧୦୦୮ ବେଲପତ୍ର ଲାଗି ହୋଇଥିଲା। ପୂଜକ ଲିଙ୍ଗରାଜ ପତିଶର୍ମା, ମନ୍ଦିର ପୂଜକ ଆପୁଲ ରଣା ଓ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂଜା ଅନୁଷ୍ଠିତ ହୋଇଥିଲା।

## ● କନକ ଦୁର୍ଗା ମନ୍ଦିର

ଢେଙ୍କାନାଳ : ସ୍ଥାନୀୟ ଦେଉଳସାହି ଯୁବୁଲି ଟାଉନସ୍ଥିତ ମା' କନକ ଦୁର୍ଗାଙ୍କ ମନ୍ଦିରରେ ଶାରଦୀୟ ନବରାତ୍ର ପୂଜା ଆରମ୍ଭ ହୋଇଛି। ପ୍ରଥମ ଦିନରେ ମା'ଙ୍କ ବାଲା ତ୍ରିପୁର ସୁନ୍ଦରୀ ବେଶ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀପାଠ, ସପ୍ତଚଣ୍ଡୀ ଆହୁତି କରାଯିବ।

# ଜଙ୍ଗଲ ସଂରକ୍ଷଣ ଓ ବନ୍ୟପ୍ରାଣୀ ସୁରକ୍ଷା ନେଇ ପଦଯାତ୍ରା

ଢେଙ୍କାନାଳ, ୨୨।୯(ସମିସ): ସ୍ଥାନୀୟ ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଏବଂ ବନଖଣ୍ଡ କାର୍ଯ୍ୟାଳୟ ମିଳିତ ଉଦ୍ୟମରେ ଜଙ୍ଗଲ ସଂରକ୍ଷଣ ଓ ବନ୍ୟପ୍ରାଣୀ ସୁରକ୍ଷା ନିମନ୍ତେ ଏକ ପ୍ରକୃତି ପଦଯାତ୍ରା ସପ୍ତଶଯ୍ୟା ଓ କପିଳାସ ବନାଞ୍ଚଳରେ ଅନୁଷ୍ଠିତ ହୋଇଛି। ଏଥିରେ ଆଇଆଇଏମସିର ଓଡ଼ିଆ ଓ



ଇଂରାଜୀ ସାମ୍ବାଦିକତା ଏବଂ କର୍ପୋରେଟ କମ୍ୟୁନିକେସନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ବିଭାଗ ବିଦ୍ୟାର୍ଥୀ ସାମିଲ ହୋଇଥିଲେ। ବିଶେଷ କରି ଉଭୟ ବନାଞ୍ଚଳର ଜୈବବିବିଧତା, ସଂରକ୍ଷଣ ଏବଂ ଏହାର ଗୁରୁତ୍ୱ ଉପରେ ଅଭିଜ୍ଞତା ସାଉଁଟିବା ସହ ଉଭୟ ପ୍ରତିଷ୍ଠାନ ପକ୍ଷରୁ ଚାଲିଥିବା ଫଟୋଗ୍ରାଫି ପ୍ରତିଯୋଗିତାକୁ ବିଦ୍ୟାର୍ଥୀମାନେ ପ୍ରୋତ୍ସାହିତ କରିଥିଲେ। ଡିଏଫଓ ସୁମିତ କର ଓ ସହକାରୀ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠଙ୍କ ତତ୍ତ୍ୱାବଧାନରେ ସପ୍ତଶଯ୍ୟା ବନାଞ୍ଚଳରେ ପ୍ରକୃତି ପଦଯାତ୍ରା ଚାଲିଥିବା ବେଳେ କପିଳାସ ବନାଞ୍ଚଳରେ କାର୍ଯ୍ୟକ୍ରମକୁ ଆଇଆଇଏମସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଏବଂ ବନ ବିଭାଗର ଡ. ଅସିତ ଚକ୍ରବର୍ତ୍ତୀ ମାର୍ଗଦର୍ଶନ କରିଥିଲେ। ଫଟୋଗ୍ରାଫି ପ୍ରତିଯୋଗିତା ପାଇଁ ଆସନ୍ତା ୨୫ ତାରିଖ ଫଟୋ ଦାଖଲର ଶେଷ ଦିନ ରହିଥିବାରୁ ଜଙ୍ଗଲର ସୌନ୍ଦର୍ଯ୍ୟ ଓ ଏହାର ଗୁରୁତ୍ୱକୁ କ୍ୟାମେରାରେ କଏଦ କରିବା ନିମନ୍ତେ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଢେଙ୍କାନାଳ, ୨୨।୯(ସମିସ): ସ୍ଥାନୀୟ ପୁଲିସ ଲାଇନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଡିଏସପି ସଲିଳ କୁମାର ପ୍ରଧାନ ଏବଂ ଟ୍ରାଫିକ ହାବିଲଦାର ପ୍ରକାଶ କୁମାର ମାଝୀ ଯୋଗଦେଇ ବିଭିନ୍ନ ଟ୍ରାଫିକ ଚିହ୍ନ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଗାଡ଼ି ଚଳାଇଲା ବେଳେ ହେଲମେଟ ବ୍ୟବହାର, ମାଦକଦ୍ରବ୍ୟଠାରୁ ଦୂରେଇ ରହିବା ଆଦି ବିଷୟରେ ସଚେତନ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ସନ୍ତୋଷ ମିଶ୍ର କହିଲେ ଯେ ସେ ଦୀର୍ଘ ୨୫ ବର୍ଷ ହେବ ସାଇକଲରେ ଭାରତ ସମେତ ନେପାଳ, ବାଂଲାଦେଶ, ଶ୍ରୀଲଙ୍କା, ଚୀନ ଆଦି ଦେଶ ପରିଭ୍ରମଣ କରି ସଡ଼କ ସୁରକ୍ଷା ବାର୍ତ୍ତା ଦେଇଆସୁଛନ୍ତି। ୧୬ରୁ ୩୦/୩୫ ବର୍ଷ ବୟସରେ ପିଲାମାନେ ଅଧିକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଟ୍ରାଫିକ ପୁଲିସକୁ ସମ୍ମାନ ଦେବା ସହ ସଡ଼କ ସୁରକ୍ଷା ନିୟମ ମାନି ଗାଡ଼ି ଚଳାଇଲେ ଦୁର୍ଘଟଣା ଘଟିବା ସମ୍ଭାବନା ଯଥେଷ୍ଟ କମିଯାଇଥାଏ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ମିଶ୍ର, ମନୋଜବାଳା ମିଶ୍ର, ସ୍ନେହପ୍ରଭା ସାହୁ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଞ୍ଚଳର ସମସ୍ୟା ନେଇ ସାମ୍ବାଦିକ ସଂଘର ସ୍ମାରକପତ୍ର

କାମାକ୍ଷାନଗର, ୨୨।୯ (ସମିସ)

କଙ୍କଡ଼ାହାଡ଼ ବ୍ଲକର ବିଭିନ୍ନ ସମସ୍ୟା ନେଇ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ କଙ୍କଡ଼ାହାଡ଼ଠାରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରାଙ୍କୁ ୧୩ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୨୧ ପଞ୍ଚାୟତକୁ ନେଇ ଗଠିତ ଏହି ବ୍ଲକ ଭୌଗୋଳିକ ଦୃଷ୍ଟିକୋଣରୁ ୩ଟି ଜୋନ (କଙ୍କଡ଼ାହାଡ଼, ମହାବିରୋଡ୍ ଓ ବିରାସାଳ)ରେ ବିଭକ୍ତ ହୋଇଛି। ବ୍ଲକ ସଦର ମହକୁମାଠାରୁ ଘାଗରାମୁଣ୍ଡା ଦୂରତା ୪୫ କିମି ଓ ମରୁଆବିଲ ୪୦ କିମି ଦୂରରେ ଅବସ୍ଥିତ। ଅଞ୍ଚଳରେ ଅନେକ ସମସ୍ୟା ଥିବାବେଳେ ଅନେକ ଥର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିଠାରୁ ଆରମ୍ଭ କରି ଇ-ଅଭିଯୋଗ, ଟୁଇଟ ମାଧ୍ୟମରେ




ଅବଗତ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କଙ୍କଡ଼ାହାଡ଼ରେ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ଓ ଜେଏମଏଫସି ଅଦାଲତ ନ ଥିବାରୁ ମହାବିରୋଡ୍ ଥାନା ଅଞ୍ଚଳର ୧୦ ପଞ୍ଚାୟତର ଲୋକେ ପରଜଙ୍ଗ ଓ କଙ୍କଡ଼ାହାଡ଼ ଥାନା ଅଞ୍ଚଳର ୧୧ ପଞ୍ଚାୟତର ଲୋକେ କାମାକ୍ଷାନଗର ଯାଇ ଅସୁବିଧାରେ ପଡ଼ୁଛନ୍ତି। କଙ୍କଡାହାଡ଼ଠାରେ ବସଷ୍ଟାଣ୍ଡ, ମହାବିରୋଡ୍-କଙ୍କଡ଼ାହାଡ଼ ଦେଇ ଭୁବନେଶ୍ୱର ପର୍ଯ୍ୟନ୍ତ ସରକାରୀ ବସ ସେବା, କଙ୍କଡ଼ାହାଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା, ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ଗୃହ, କଙ୍କଡ଼ାହାଡ଼, ମହାବିରୋଡ୍ ଓ ବିରାସାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଅନ୍ୟ ସମସ୍ୟା ସମାଧାନ, ମହାବିରୋଡ୍‌ଠାରେ ଦମକଳ କେନ୍ଦ୍ର, ମହାବିରୋଡ୍ ଅତିରିକ୍ତ କୃଷି କାର୍ଯ୍ୟାଳୟ କାର୍ଯ୍ୟକ୍ଷମ, କଙ୍କଡ଼ାହାଡ଼ ଓ ମହାବିରୋଡ୍‌ରେ ନୂତନ ବିଦ୍ୟୁତ ଗ୍ରୀଡ୍ ସ୍ଥାପନ, ୧୪୯ ନମ୍ବର ଜାତୀୟ ରାଜପଥର ଭେଜିଆ ଛକରୁ ଘାଗରାମୁଣ୍ଡା ହାଇସ୍କୁଲ ଛକ ପର୍ଯ୍ୟନ୍ତ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହି ସ୍ଥାନକୁ ଦୁର୍ଘଟଣାପ୍ରବଣ ଅଞ୍ଚଳ ଘୋଷଣା କରାଯାଇ ରେଡିୟମ ଷ୍ଟିକର, ସତର୍କତା ସୂଚନା ଫଳକ ସ୍ଥାପନ, ଜାତୀୟ ରାଜପଥରେ କଡ଼ାକଡ଼ି ପାଟ୍ରୋଲିଂ, ଅପହଞ୍ଚ ପୁଟିପାଳ ଗାଁରେ ପ୍ରାଥମିକ ବିଦ୍ୟାଳୟ, ବାମ ପଞ୍ଚାୟତ ପାକଟମୁଣ୍ଡା, ଗଣ୍ଡିଖୋଲ ଗ୍ରାମ ଓ ଘାଗରାମୁଣ୍ଡା ପଞ୍ଚାୟତ ମଝିକା ଓ ସୁନ୍ଦରମୁଣ୍ଡି, କାନ୍ତୁଲ ପଞ୍ଚାୟତ ପୁଟିପାଳ, ଏକୁଲ, କୋଟ, ସେକୁଲ ଗାଁରେ ମୋବାଇଲ ନେଟୱର୍କ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏହାର ସମାଧାନ, ଦଶୀପୁର ଉଚ୍ଚ ବିଦ୍ୟାଳୟ, ବାମ ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ହେଲା ବିନା ବିଜ୍ଞାନ ଶିକ୍ଷକରେ ଶିକ୍ଷାଦାନ ଚାଲୁଥିବା ବେଳେ ଗତବର୍ଷ ସପ୍ତାହରେ ୩ ଦିନ ଡେପୁଟେସନ ଦିଆଯାଇଥିବା ଜଣେ ବିଜ୍ଞାନ ଶିକ୍ଷକଙ୍କୁ ୬ ଦିନ ଡେପୁଟେସନ ଦେବା, ବ୍ଲକ ସଦର ମହକୁମାରେ ସିସିଟିଭି ଓ ରାସ୍ତାର ଆଲୋକୀକରଣ, ମହାବିରୋଡ୍ ଓ କଙ୍କଡ଼ାହାଡ଼ରେ ନୂତନ ବିଦ୍ୟୁତ ଗ୍ରୀଡ୍ ସ୍ଥାପନ ପାଇଁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସମସ୍ତ ସମସ୍ୟାର ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ସଙ୍ଘ ସଭାପତି ରାଜେଶ କୁମାର ଦେହୁରୀ, ସାଧାରଣ ସମ୍ପାଦକ ନବକିଶୋର ସାହୁ, ଉପସଭାପତି ଦୀପକ କୁମାର ସାହୁ, କୋଷାଧ୍ୟକ୍ଷ ଅରବିନ୍ଦ ପାଳ, କ୍ଷୀରୋଦ ଦେହୁରୀ, ରିତେଶ ବ୍ରହ୍ମା, ଚଗଲା ଦେହୁରୀ, ରାଜୀବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି ସାଂଗଠନିକ ବୈଠକ ପାଇଁ ପ୍ରସ୍ତୁତି ବୈଠକ



କାମାକ୍ଷାନଗର, ୨୨।୯(ସମିସ): କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ (ବିଜେଡି) କର୍ମୀମାନଙ୍କୁ ନେଇ ଆସନ୍ତା ୨୪ ତାରିଖ ହେବାକୁ ଥିବା ନିର୍ବାଚନ ମଣ୍ଡଳୀସ୍ତରୀୟ ସାଂଗଠନିକ ବୈଠକ ନିମନ୍ତେ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ନଗରପାଳ ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ପଞ୍ଚାୟତ ଏବଂ ୱାର୍ଡରୁ କର୍ମୀମାନଙ୍କୁ ଯୋଡ଼ିବା ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏଥିସହ ଓଡ଼ିଶା ସରକାରଙ୍କ ମନମୁଖି କାର୍ଯ୍ୟ ପାଇଁ ମଙ୍ଗଳବାର ଦଳ ତରଫରୁ ହେବାକୁ ଥିବା ବିଧାନସଭା ଘେରଉରେ କାମାକ୍ଷାନଗର ନିର୍ବାଚମମଣ୍ଡଳୀ ତରଫରୁ କର୍ମୀମାନେ ଯୋଗଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ପୂର୍ବତନ ଭୁବନ ଏନଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ପୂର୍ବତନ ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, କାମାକ୍ଷାନଗର ବ୍ଲକ ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ଭୁବନ ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁ, କାମାକ୍ଷାନଗର ଏନଏସି ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ, ଭୁବନ ଏନଏସି ସଭାପତି ନରେନ୍ଦ୍ର କୁମାର ସାହୁ, କାଉନସିଲର ସଞ୍ଜୟ କୁମାର ପରିଡ଼ା, ବନମାଳୀ ରାଉଳ ପ୍ରମୁଖ ଯୋଗଦେଇଥିଲେ।

# ହିନ୍ଦୋଳ ଲକ୍ଷ୍ମୀପୂଜା ପ୍ରସ୍ତୁତି ବୈଠକ

ଖଜୁରିଆକଟା, ୨୨।୯(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ପ୍ରଭାସ କୁମାର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସହକାରୀ ଉପଜିଲ୍ଲାପାଳ ତଥା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଶ୍ୱଜିତ ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ବିବରଣୀ ପାଠ କରିଥିବାବେଳେ ତହସିଲଦାର ଦିଲୀପ ସେଠୀ, ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ, ଉପଖଣ୍ଡ ଚିକିତ୍ସାଧିକାରୀ ସୁଧାଂଶୁ ମିଶ୍ର, ହିନ୍ଦୋଳ ଥାନା ଅଧିକାରିଣୀ ଚାରୁଲତା ବେହେରା, ଅବକାରୀ ଅଧିକାରିଣୀ ମମତା ନାୟକ, ବିଦ୍ୟୁତ ବିଭାଗ ଯନ୍ତ୍ରୀ, ପିଡବ୍ଲ୍ୟୁଡି ଏସଡିଓ, ଅଗ୍ନିଶମ ଅଧିକାରୀ, ସମସ୍ତ ପୂଜାକମିଟି ସଭାପତି/ସମ୍ପାଦକ, ସାମ୍ବାଦିକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଅକ୍ଟୋବର ୬ରୁ ୧୬ ପର୍ଯ୍ୟନ୍ତ ପୂଜା ଆୟୋଜନ କରାଯିବ। ପୂଜାକୁ ଶାନ୍ତିଶୃଙ୍ଖଳାରେ ପାଳନ ନିମନ୍ତେ



ସମସ୍ତ ପୂଜାକମିଟି ସହମତି ପ୍ରକାଶ କରିଥିଲେ। ୧୬ରେ ସାମୂହିକ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ପୁଲିସ ପ୍ରଶାସନ ସମେତ ସମସ୍ତ ପୂଜା କମିଟି କର୍ମକର୍ତ୍ତା ଓ ଜନସାଧାରଣ ସହଯୋଗ କରିବାକୁ ଉପଜିଲ୍ଲାପାଳ ଅନୁରୋଧ କରିଥିଲେ। ଏକ ମିଳିତ ପୂଜାକମିଟି ଗଠନ କରାଯିବ। ଶାନ୍ତିଶୃଙ୍ଖଳା, ପରିମଳ, ପରିବେଶ ସୁରକ୍ଷା, ଶ୍ରଦ୍ଧାଳୁଙ୍କ ଉତ୍ତମ ବ୍ୟବହାର, ପ୍ରଶାସନିକ ନୀତିନିୟମ ପାଳନ ସହ ଆକର୍ଷଣୀୟ ସାଜସଜ୍ଜା ଇତ୍ୟାଦିକୁ ଅନୁପାଳନ କରିଥିବା ଶ୍ରେଷ୍ଠ ପୂଜା କମିଟିକୁ ପୁରସ୍କୃତ କରାଯିବାକୁ ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନଙ୍କ ପ୍ରସ୍ତାବକୁ ସମସ୍ତେ ସ୍ୱାଗତ କରିଥିଲେ। ଏ ସମ୍ପର୍କରେ ପ୍ରଶାସନ ପୂଜାକମିଟି ସହ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଉପଜିଲ୍ଲାପାଳ କହିଥିଲେ। ଚଳିତବର୍ଷ ୧୬ ପୂଜାମଣ୍ଡପରେ ପୂଜା ହେଥିବାବେଳେ ୧୪ଟି କମିଟି ଭସାଣିରେ ଭାଗନେବେ ବୋଲି ଜଣାପଡ଼ିଛି।

# ସେବା ଦେବାରେ ବିଫଳ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ

## ● ଅଧିକାରୀ ମୋବାଇଲରେ ବ୍ୟସ୍ତ, ଗ୍ରାହକଙ୍କୁ ଅବହେଳା

ଢେଙ୍କାନାଳ, ୨୨।୯(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଗଦାଶିଳାସ୍ଥିତ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଗ୍ରାହକଙ୍କୁ ସେବା ଦେବାରେ ବିଫଳ ହୋଇଛି। ଫଳରେ ଗ୍ରାହକ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। କର୍ମଚାରୀ ଓ ଶାଖା ପରିଚାଳକ ମୋବାଇଲ ଫୋନରେ ବ୍ୟସ୍ତ ରହୁଥିବା ବେଳେ ଗ୍ରାହକ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି।

ଏହି ବ୍ୟାଙ୍କ ଉପରେ ଗୁଣ୍ଡିଚାପଡ଼ା, ସିମିନଇ, ଗଦାଶିଳା, ବଳରାମପୁର, କାଶିଆଡିହ, କାଣ୍ଡବିନ୍ଧା ସହ ହିନ୍ଦୋଳ ବ୍ଲକର ସୋରଡ, ଜାମୁଚକଡ଼ା, ଗଞ୍ଜରା, ବ୍ରାହ୍ମଣିଆପାଳ, ଜଗନ୍ନାଥପୁର, ବମ୍ପା ଆଦି ଗ୍ରାମର ଅନେକ ଉପଭୋକ୍ତା ନିର୍ଭର କରନ୍ତି। ପ୍ରତିଦିନ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସହ ସୁଭଦ୍ରା, ମିଶନ ଶକ୍ତି, ବିଭିନ୍ନ ଭତ୍ତା ହିତାଧିକାରୀ ନିର୍ଭର କରିଛନ୍ତି। କିନ୍ତୁ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ଦୂରଦୂରାନ୍ତରୁ ଆସୁଥିବା ଗ୍ରାହକମାନେ ଠିକ ସମୟରେ ସେବା ପାଉ ନ ଥିବା ଅଭିଯୋଗ ହେଉଛି। ସେହିପରି ଏହି ଶାଖାରେ ବିଭିନ୍ନ ସ୍କୁଲ କଲେଜର ଆକାଉଣ୍ଟ ସହ ବୃତ୍ତି ପାଇଁ ଛାତ୍ରଛାତ୍ରୀ ଖାତା ଖୋଲିଥିବା ବେଳେ ସେବା ପାଉ ନ ଥିବା ଅଭିଯୋଗ ହୋଇଛି। ବ୍ୟାଙ୍କରେ ସୀମିତ ସ୍ଥାନ ଯୋଗୁଁ ଗ୍ରାହକମାନେ ବାହାରେ ଅପେକ୍ଷା କରିବାକୁ ପଡୁଛି। କୌଣସି କାର୍ଯ୍ୟ ପାଇଁ ଗ୍ରାହକ ଆସିଲେ ସେବା ପ୍ରଦାନ ପାଇଁ ଉଦ୍ଦିଷ୍ଟ ସ୍ଥାନରେ କୌଣସି କର୍ମଚାରୀ ନ ଥିବା ଦେଖିବାକୁ ମିଳୁଛି। ଅନେକ ସମୟରେ ଇଣ୍ଟରନେଟ ଥିଲେ ମଧ୍ୟ ନାହିଁ କହି ଗ୍ରାହକଙ୍କୁ ଫେରାଇ ଦିଆଯାଉଛି। ବ୍ୟାଙ୍କରେ ବରିଷ୍ଠ ନାଗରିକଙ୍କ ପାଇଁ ମଧ୍ୟ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ଦୈନିକ ଲକ୍ଷ ଲକ୍ଷ ଟଙ୍କା ବ୍ୟବସାୟ କରୁଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପ୍ରତି ଗ୍ରାହକମାନେ ଦିନକୁ ଦିନ ବିମୁଖ ହେଉଛନ୍ତି। ବ୍ୟାଙ୍କର ସୁନାମ ଫେରାଇ ଆଣିବାକୁ ଏଠାରେ ନୂତନ କର୍ମଚାରୀ ନିଯୁକ୍ତି ସହ ବ୍ୟବସ୍ଥା ସୁଧାରିବାକୁ ଦାବି ହୋଇଛି। ସେହିପରି ଦଣ୍ଡିମାଳ ଅଞ୍ଚଳରେ କୌଣସି ଜାତୀୟକରଣ ବ୍ୟାଙ୍କ ନ ଥିବାରୁ ଏକ ବ୍ୟାଙ୍କ ଶାଖା ଖୋଲିବାକୁ ଦାବି ହେଉଛି।

# ଆମ୍ ଆଦ୍‌ମୀ ପାର୍ଟିର ଗଣଧାରଣା ଅଷ୍ଟମ ଦିନରେ

ଢେଙ୍କାନାଳ, ୨୨।୯(ସମିସ): ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଆମ ଆଦମୀ ପାର୍ଟି ପକ୍ଷରୁ ଆରମ୍ଭ ହୋଇଥିବା ଗଣଧାରଣା ଅଷ୍ଟମ ଦିନରେ ପହଞ୍ଚିଛି। ତେବେ ଆଜିପର୍ଯ୍ୟନ୍ତ ପ୍ରସାଶନ କୌଣସି ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ମୁଖ୍ୟ ଚିକିତ୍ସାଳୟ ଉପରେ ପ୍ରାୟ ୨୦ ଲକ୍ଷ ଲୋକ ନିର୍ଭର କରୁଥିବା ବେଳେ ଏଠାରେ ବିଭିନ୍ନ ସମସ୍ୟା ଲାଗି ରହିଥିବାରୁ ରୋଗୀମାନେ ହଇରାଣ ହରକତ ହେବା ସହ କଟକ ଏସ୍‌ସିବି ଯିବାକୁ ବାଧ ହେଉଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ




ନ ଥିବାରୁ ଆମ ଆଦମୀ ପାର୍ଟୀ ପକ୍ଷରୁ ଚିକତ୍ସାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଗତ ୧୫ ତାରିଖରୁ ଧାରଣା ଦିଆଯାଇଛି। ଏଥିରେ ପାର୍ଟିର ରାଜ୍ୟ ସଙ୍ଗଠକ ସମ୍ପାଦକ ଭରତ କୁମାର ଦାସ ଯୋଗଦେଇ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ବିଜେପି ସରକାର ଉପରେ ବର୍ଷିଛନ୍ତି। ପ୍ରଶାସନ ଓ ସରକାରଙ୍କୁ ନିଦରୁ ଉଠାଇବା ପାଇଁ ଆସନ୍ତା ୨୪ ତାରିଖ ପୂର୍ବାହ୍ନ ୧୦ଟାରେ ଘଣ୍ଟ ଏବଂ ଥାଳି ବଜାଇ ଚିକିତ୍ସାଳୟଠାରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବ। ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ପୁନର୍ବାର ଅବଗତ କରାଯିବ। ଏହି କାର୍ଯ୍ୟକ୍ରମରେ ପାର୍ଟିର ରାଜ୍ୟ ସଭାପତି ଏବଂ ପ୍ରତ୍ୟେକ ଜିଲ୍ଲାର ନେତୃମଣ୍ଡଳୀ ଅଂଶଗ୍ରହଣ କରିବେ ବୋଲି ସେ ସୂଚନା ଦେଇଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥ ନିମିତ୍ତ ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାବାସୀ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ଜିଲ୍ଲା ସଭାପତି ରମେଶ ପଣ୍ଡା, ସଦର ବ୍ଲକର ପ୍ରସନ୍ନ ବରାଳ, ପୀତାମ୍ବର ସାମନ୍ତରାୟ, ଅନୁସୂଚିତ ଜାତି କାର୍ଯ୍ୟକାରୀ ସଭାପତି ସନାତନ ନାଏକ, ବାବୁଲି ମଲିକ, ଜିଲ୍ଲା ସମ୍ପାଦକ ଶେଷଦେବ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ଧାରଣାରେ ବସିଲେ ଜିପିଏଲଏଫ କର୍ମୀ





ଢେଙ୍କାନାଳ, ୨୨।୯(ସମିସ)

ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଜିପିଏଲଏଫ କର୍ମୀ ବିଭିନ୍ନ ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଛନ୍ତି। ରାଜ୍ୟର ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ଜିପିଏଲଏଫ କର୍ମୀମାନେ ନିଜ ବକେୟା ଦରମା ଏବଂ ସ୍ଥାୟୀ ନିଯୁକ୍ତି ନେଇ ଧାରଣାରେ ବସିଛନ୍ତି। ସଦର ବ୍ଲକରେ ଜିପିଏଲଏଫ ସଂଘ ସଭାପତି ନମିତା ସେଠୀଙ୍କ ନେତୃତ୍ୱରେ ୧୬୬ଜଣ କର୍ମୀ ଧାରଣା ଦେବା ସହ ସେମାନଙ୍କୁ ଗତ ଏପ୍ରିଲରୁ ବକେୟା ଥିବା ଦରମା ଏବଂ ସ୍ଥାୟୀ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ସେମାନେ ବାରମ୍ବାର ଦାବି ଜଣାଇ ଆସୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସୋମବାରଠାରୁ ବ୍ଲକ ଓଏଲଏମ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଉଛନ୍ତି। କାମ ନାହିଁ ତ ଦରମା ନାହିଁ ନିଷ୍ପତ୍ତି ସରକାର ଶୁଣାଇଥିବା ବେଳେ ଇନସେନ୍‌ଟିଭ ପ୍ରଫେସନାଲ ବୋନସ ହିସାବରେ ତାଙ୍କ ପ୍ରାପ୍ୟ ଦିଆଯାଉଛି। ଯାହା ସେମାନେ ଗ୍ରହଣ କରିବାକୁ ନାରାଜ। ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟାଙ୍କମିତ୍ର, କୃଷିମିତ୍ର, ସିଆରପିମାନେ ନିୟୋଜିତ ହେଉଥିବା ବେଳେ ସ୍ଥାୟୀ ଦରମା ଦେବାରେ ସରକାର ଟାଳଟୁଳ ନୀତି କରୁଛନ୍ତି। ତେଣୁ ରାଜ୍ୟ ସଂଘର ନିଷ୍ପତ୍ତି ଅନୁଯାୟୀ ସେମାନେ ଧାରଣା ଦେଇଥିବା ପ୍ରକାଶ କରିଛନ୍ତି।

**କାମାକ୍ଷାନଗର:** କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ମିଶନଶକ୍ତି ଗୋଷ୍ଠୀ



ସହାୟିକା କର୍ମୀମାନେ ଧାରଣାରେ ବସିଛନ୍ତି। ଏହି ଧାରଣାରେ ବ୍ଲକରେ କାର୍ଯ୍ୟରତ ୨୭୦ ଜଣ ଏମବିକେ, ସିଆରପି, ବ୍ୟାଙ୍କମିତ୍ର, ପ୍ରାଣୀମିତ୍ର, କୃଷିମିତ୍ର ସାମିଲ ହୋଇଛନ୍ତି। ସଭାପତି ସରୋଜିନୀ ରାୟ, ସାମ୍ପାଦକ ସୁମତି ରାଉଳଙ୍କ ନେତୃତ୍ୱରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ସୋମବାର କଙ୍କଡ଼ାହାଡ଼ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଥିବାବେଳେ ସଂଘ ତରଫରୁ ଏକ ସ୍ମାରକପତ୍ର ଦିଆଯାଇଛି। ହେଲେ ଧାରଣାସ୍ଥଳକୁ କୌଣସି ପ୍ରଶାସନିକ ଅଧିକାରୀ ଆସି ନ ଥିବା ସଂଘ ତରଫରୁ ଅଭିଯୋଗ ହୋଇଛି।

**ପରଜଙ୍ଗ:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସର ମିଶନ ଶକ୍ତି ଭବନ ସମ୍ମୁଖରେ ମିଶନଶକ୍ତି ଗୋଷ୍ଠୀ ସହାୟିକା କର୍ମୀମାନେ ବିଭିନ୍ନ ଦାବି ନେଇ ଧାରଣା ଦେଇଛନ୍ତି। ବ୍ଲକରେ କାର୍ଯ୍ୟରତ ୨୯୮ ଜଣ କର୍ମୀ ଓଏଲଏମ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଛନ୍ତି। ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/10 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର (ପ୍ରୋଡକ୍ଟସ୍-ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍‌ଏମ୍‌ଜିଏସ୍-III | 34 | 28 | 35 |
| ଡେପୁଟି ମ୍ୟାନେଜର (ପ୍ରୋଡକ୍ଟସ୍-ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍‌ଏମ୍‌ଜିଏସ୍-II | 25 | 25 | 32 |

**ବିଜ୍ଞାପନ ସଂ. CRPD/SCO/2025-26/11 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର କ୍ରେଡିଟ୍ ଆନାଲିଷ୍ଟ | ଏମ୍‌ଏମ୍‌ଜିଏସ୍-III | 63 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.09.2025 ରୁ 02.10.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 11.09.2025

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

## ମୟୂରଭଞ୍ଜରେ ପୁଣି ନାକା ଚେକିଂ ଜୋରଦାର

# ନିୟମ ଉଲ୍ଲଙ୍ଘନକାରୀଙ୍କ ନାଁରେ ୨୫୪ ମାମଲା




### ୪.୩୪ ଲକ୍ଷରୁ ଅଧିକ ଟଙ୍କା ଜରିମାନା ଆଦାୟ

**ବାରିପଦା, ୨୨।୯ (ସମିସ)**

ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ନେତୃତ୍ୱରେ ସମସ୍ତ ଥାନା ପକ୍ଷରୁ ୨୧ତାରିଖ ରବିବାର ସନ୍ଧ୍ୟା ୬ଟାରୁ ମଧ୍ୟରାତ୍ରି ୧୨ଟା ପର୍ଯ୍ୟନ୍ତ ନାକା/ବ୍ଲକିଂ ଚେକିଂ କରାଯାଇଥିଲା। ଟ୍ରାଫିକ୍ ନିୟମ ଓ ନିର୍ଦ୍ଦେଶନାକୁ କାର୍ଯ୍ୟକାରୀ କରିବା, ଅବୈଧ ଗୋ-ଚାଲାଣ, ଖଣିଜ ପଦାର୍ଥର, ଚୋରା ମାଦକଦ୍ରବ୍ୟ ଚାଲାଣ ବା ପରିବହନକୁ ରୋକିବା ଏବଂ ଅସାମାଜିକ ଅପରାଧୀଙ୍କ କାର୍ଯ୍ୟକଳାପକୁ ପର୍ଯ୍ୟବେକ୍ଷଣ କରିବା ଉଦ୍ଦେଶ୍ୟରେ ଉପରୋକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମୋଟର୍ ଯାନବାହନ ଚେକିଂ ସମୟରେ ୨୫୪ଟି ଗାଡ଼ିକୁ ଯାଞ୍ଚ କରିଥିଲେ। ନାକା/ବ୍ଲକିଂ ସମୟରେ ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ବାଇକ ଚାଳକ ଓ ଗାଡ଼ି ଚାଳକଙ୍କୁ ମୋଟ ୪ଲକ୍ଷ ୩୪ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ଏହାସହିତ ୪ଟି ମଦ୍ୟପାନ କରି ଗାଡ଼ି ଚଳାଇବାର ମାମଲା ଓ ୩ଟି ଅବକାରୀ ମାମଲା ପଞ୍ଜିକୃତ କରାଯାଇଥିଲା। ସେହିପରି ୧୯ ଲିଟର୍ ଦେଶୀ/ ୧୩ଲିଟର ବିଦେଶୀ ମଦ ଜବତ କରାଯାଇଛି। ଅଧିକାଂଶ ମାମଲା ଟ୍ରାଫିକ୍ ଉଲ୍ଲଙ୍ଘନ ସମ୍ବନ୍ଧୀୟ ଥିବା ବେଳେ ବେଆଇନ ଲଘୁଖଣିଜ ଦ୍ରବ୍ୟ ପରିବହନ ମାମଲାରେ ୫ଟି ବାଲି ବୋଝେଇ ହାଇୱା ଜବତ ହୋଇଛି। ଗୋଟିଏ ବେଆଇନ ଗୋ ଚାଲାଣ ମାମଲା ରୁଜୁ ସହିତ ଗୋଟିଏ ପିକ ଅପ୍ ଭ୍ୟାନ ଜବତ ସାଙ୍ଗକୁ ୮ଟି ଗୋରୁ ଉଦ୍ଧାର ହୋଇଛି। ଚୋରା ସ୍କ୍ରାବ୍ ବୋଝେଇ ଏକ ମିନିଟ୍ରକ ମଧ୍ୟ ଜବତ ହୋଇଛି। ଏହି ନାକା ଚେକିଂ ମାଧ୍ୟମରେ ଜିଲ୍ଲାରେ ଶୃଙ୍ଖଳା ଓ ସୁରକ୍ଷା ରକ୍ଷଣରେ ପୁଲିସ୍ ପ୍ରଶାସନ ବିଶେଷ ସତର୍କତା ଦେଖାଇଛି।

# ଅମ୍ବିକା ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ

**ବାରିପଦା, ୨୨।୯ (ସମିସ):** ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକାଙ୍କ ବାରିପଦା ସ୍ଥିତ ମନ୍ଦିରରେ ଶାରଦୀୟ ନବରାତ୍ରି ପୂଜା ରୀତିନୀତି ଅନୁସାରେ ଆରମ୍ଭ ହୋଇଛି। ଶାରଦୀୟ ଦୁର୍ଗାପୂଜା ପାଇଁ ଜଗତଜନନୀ ମାଆ ଦୁର୍ଗା ଧରାବତରଣ କରିବେ। ଏହି ଅବସରରେ ମାଆଙ୍କ ଷୋଡଶ ଉପଚାର ପୂଜା ଚାଲିଛି। ସୋମବାରଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ଶୈଳପୁତ୍ରୀ ରୂପରେ ପୂଜା ପାଇବେ। 'ଶୈଳପୁତ୍ରୀ' ଆଦିଶକ୍ତିର ପ୍ରଥମ ସ୍ୱରୂପା ଶୈଳପୁତ୍ରୀଙ୍କ ଉପାସନା ସହ ନବରାତ୍ରର ଆରମ୍ଭ ହୋଇଥାଏ। ପୌରାଣିକ ମତେ ହିମାଳୟଙ୍କ ତପସ୍ୟା ଓ ପ୍ରାର୍ଥନାଦ୍ୱାରା ପ୍ରସନ୍ନ ହୋଇ ଦେବୀ ତାଙ୍କର କନ୍ୟା ଭାବେ ଜନ୍ମ ନେଇଥିଲେ। ଏହିଦିନ ଭକ୍ତ ଓ ସାଧକ ନିଜର ମନକୁ ମୂଳାଧାର ଚକ୍ରରେ ଅବସ୍ଥାନ କରି ଉପାସନା କରିଥାନ୍ତି। ସେହିପରି ଦ୍ୱିତୀୟ ଦିନ ମଙ୍ଗଳବାର ବ୍ରହ୍ମଚାରିଣୀ, ତୃତୀୟ ଦିନ ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିନ କୁଷ୍ମାଣ୍ଡା, ପଞ୍ଚମ ଦିନ ସ୍କନ୍ଦମାତା, ଷଷ୍ଠ ଦିନ କାତ୍ୟାୟନି, ସପ୍ତମୀ ଦିନ କାଳରାତ୍ରି, ଅଷ୍ଟମ ଦିନ ମହାଗୌରୀ, ନବମ ଦିନରେ ସିଦ୍ଧିଦାତ୍ରୀ ରୂପରେ ମା' ଅମ୍ବିକା ପୂଜା ପାଇବେ। ନବରାତ୍ର ପୂଜା ଦୃଷ୍ଟିରୁ ମନ୍ଦିରରେ ଅଧିକ ଭକ୍ତଙ୍କ ସମାଗମ ହେବ। ମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ଓ ଟାଉନ ଥାନା ପୁଲିସ ପକ୍ଷରୁ ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି ଅନ୍ୟପଟେ ବାରିପଦା ସହର ଓ ଆଖପାଖ ୩୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ମାଆଙ୍କ ମୂର୍ତ୍ତିରେ ଖଡିଲାଗି ହେବା ପରେ ସୋମବାରଠାରୁ ରଙ୍ଗକାମ ମଧ୍ୟ ଆରମ୍ଭ ହୋଇଛି। ମଣ୍ଡପରେ ସାଜସଜ୍ଜା ଓ ତୋରଣ କାମ ଜୋରସୋରରେ ଚାଲିଛି।



## ଶାରଦୀୟ ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

# ଭସାଣି ଯାତ୍ରାରେ ଡିଜେ ସମ୍ପୂର୍ଣ୍ଣ ନିଷେଧ




**ବାରିପଦା, ୨୨।୯ (ସମିସ):** ବାରିପଦା ସହରରେ ଅନୁଷ୍ଠିତହେବାକୁ ଥିବା ଶାରଦୀୟ ଦୁର୍ଗା ପୂଜା ଓ ଭସାଣିକୁ ଶାନ୍ତି ଶୃଙ୍ଖଳାରସହିତ ସମ୍ପନ୍ନ କରାଯିବା ନେଇ ସ୍ଥାନୀୟ ବାରିପଦା ଟାଉନ ଥାନାପରିସରରେ ବାରିପଦା ସଦର ଉପଜିଲାପାଳ ଡ.ଦୟାସିନ୍ଧୁ ପରିଡ଼ାଙ୍କ ପୌରୋହିତ୍ୟରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରିପଦା ସଦର ଏସଡିପିଓ ପ୍ରଭାତ କୁମାର ମଲ୍ଲିକ ଓ ବାରିପଦା ଟାଉନ ଥାନା ଆଇଆଇସି କରୁଣାକର ରାଉତ ଆଗାମୀ ଶାରଦୀୟ ପୂଜା ସମ୍ପର୍କରେ ପ୍ରଶାସନ ପକ୍ଷରୁ ଥିବା ସମସ୍ତ ନିୟମାବଳି ସମ୍ପର୍କରେ ସୂଚନା ଦେବା ସହିତ କାହାରିଠାରୁ ଜୋର ଜବରଦସ୍ତ ଚାନ୍ଦା ଆଦାୟ ନ କରିବାକୁ ମଧ୍ୟ କୁହାଯାଇଛି। ଏଥିରେ ବାରିପଦା ଟାଉନ ଥାନା ଅନ୍ତର୍ଗତ ୨୧ଟି ଦୁର୍ଗାପୂଜା ଆୟୋଜକ କମିଟିର"ସଭାପତି ଓ ସମ୍ପାଦକଙ୍କ ସମେତ ପୁଲିସ ପ୍ରଶାସନ ଓ ବିଭିନ୍ନ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଶାରଦୀୟ ପୂଜା ସମୟରେ ସମସ୍ତ ପୂଜା ପେଣ୍ଡାଲଗୁଡିକରେ ଶ୍ରଦ୍ଧାଳୁ ମହିଳା ଭକ୍ତଙ୍କ ସମେତ ସମସ୍ତେ ଶାନ୍ତି ଶୃଙ୍ଖଳାର ସହିତ ପୂଜା ଓ ଦର୍ଶନ କରାଯିବା ପାଇଁ ପଦକ୍ଷେପ ନିଆଯିବାକୁ ସ୍ଥିର ହୋଇଛି। ପ୍ରସ୍ତୁତ ପୂଜା ପେଣ୍ଡାଲ ଗୁଡ଼ିକରେ ନିରାପତ୍ତା ପ୍ରତି ବିଶେଷ ଭାବେ ବିଦ୍ୟୁତ୍ ତାର ପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ଭସାଣି କାର୍ଯ୍ୟକ୍ରମର ନିର୍ଦ୍ଦିଷ୍ଟ ତାରିଖ ସହିତ କେଉଁ ରାସ୍ତା ଦେଇ ସହର ପରିକ୍ରମା କରିବା ସମ୍ପର୍କରେ ପ୍ରତ୍ୟେକ ପୂଜାପେଣ୍ଡାଲର କର୍ମକର୍ତ୍ତା ଉପଜିଲ୍ଲାପାଳ ଏବଂ ଥାନା ଆଇଆଇସିଙ୍କଠାରୁ ଆବଶ୍ୟକ ଅନୁମତି ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ସୁପ୍ରିମକୋର୍ଟ ନିର୍ଦ୍ଦେଶ ମୁତାବକ ଶବ୍ଦ ପ୍ରଦୂଷଣ ଉପରେ ରୋକ ଲଗାଯାଇଥିବାରୁ ଭସାଣି ଯାତ୍ରାରେ ଡିଜେକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ପୂଜା ପେଣ୍ଡାଲ ସମେତ ବାରିପଦା ସହର ତମାମ ବ୍ୟାପକ ପୁଲିସ ବ୍ୟବସ୍ଥା ରଖାଯିବାର ବ୍ୟବସ୍ଥା ହୋଇଛି।

# ଅଖଣ୍ଡ ମୟୂରଭଞ୍ଜ ପାଇଁ ଓଡ଼ିଆ ଜାଗରଣ ମଞ୍ଚର ଦାବିପତ୍ର

**ବାରିପଦା, ୨୨।୯ (ସମିସ):** ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାକୁ ଖଣ୍ଡ ଖଣ୍ଡ ନ କରି ଅଖଣ୍ଡ ଜିଲ୍ଲା ନିମନ୍ତେ ଦାବି ହୋଇଛି। ଏନେଇ ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ପ୍ରତିଷ୍ଠାତା ସଭାପତି ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାକୁ ବିଭାଜନ କରିବା ନେଇ ଗଣମାଧ୍ୟମରେ ଖବର ପ୍ରସାରଣ ହେଉଥିବା ବେଳେ ଏହାକୁ ବିରୋଧ କରିଛନ୍ତି। ଜିଲ୍ଲାକୁ ଭାଗ ଭାଗ ନକରି ବିଚ୍ଛିନ୍ନାଞ୍ଚଳ ଷଢେଇକଳା, ଖରସୁଆଁ ଆଦିକୁ ଓଡ଼ିଶାରେ ମିଶାଇବାକୁ ମଧ୍ୟ ଦାବି କରିଛି ମଞ୍ଚ। ଏହି ଗଡ଼ଜାତ ଅଞ୍ଚଳ ଗୁଡିକ ଓଡ଼ିଶାର ଅଂଶ ବିଶେଷ ଭାବରେ ଶାସିତ ହେଉଥିଲା। ବାଲେଶ୍ୱରର ତତ୍କାଳୀନ ଜିଲ୍ଲାପାଳ ଏହାର ପ୍ରଶାସନିକ ଦାୟିତ୍ୱରେ ରହିଥିଲେ। ତେବେ ରାଜନୈତିକ ଚକ୍ରାନ୍ତ କରାଯାଇ ଏହି ଅଞ୍ଚଳକୁ ୧୯୪୮ ମସିହା ମଇ ମାସ ୧୮ରେ ପ୍ରଶାସନିକ ସୁବିଧା ଦୃଷ୍ଟିରୁ ସାମୟିକ ଭାବରେ କେନ୍ଦ୍ର ସରକାର ଝାଡ଼ଖଣ୍ଡ ରାଜ୍ୟ ସହ ମିଶାଇଥିଲେ। ଏପରିକି ୧୯୫୪ ମସିହାରେ ଗଠିତ ରାଜ୍ୟ ପୂର୍ନଗଠନ କମିଶନ ଅଧକ୍ଷ୍ୟ ସାର ଫଜାଲ ଅଲି, ସଦସ୍ୟ ପଣ୍ଡିତ କେଏନ କୁଞ୍ଜୁରୁ ଏବଂ ସର୍ଦାର ଏଚଏମ ପାନିକର ଅନୁଧାନ ପାଇଁ ଆସିଥିଲେ। ସିଂହଭୂମ ଉତ୍କଳ ସଭାର ପ୍ରତିନିଧିଙ୍କ ସହିତ ସେତେବେଳ ବିହାର ବିଧାନସଭାର ନିର୍ବାଚିତ ୩୪ ଜଣ ବିଧାୟକ ଏ ପ୍ରସଙ୍ଗରେ ସ୍ମାରକପତ୍ର ମାଧ୍ୟମରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ତଥା ବହୁ ବିଶିଷ୍ଟ ସାଂସଦ, ବିଧାୟକଙ୍କୁ ତଥା ରାଜ୍ୟ ପୂର୍ବଗଠନ କମିଶନକୁ ସିଂହଭୂମ ଜିଲ୍ଲା ତଥା ଷଢେଇକଳା, ଖରସୁଆଁକୁ ମିଶାଇବାର ଦୃଢ ଦାବି ରଖିଥିଲେ। ଏଣୁ ବର୍ତ୍ତମାନ ମୟୂରଭଞ୍ଜ ଭଳି ଏକ ଐତିହ୍ୟ ସମ୍ପର୍ଣ୍ଣ ଅଞ୍ଚଳକୁ ବିଭାଜନ କରାନଯାଇ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ବୋଲାଉଥିବା ଷଢେଇକଳା, ଖରସୁଆଁ ଓ ପୂର୍ବ ସିଂହଭୂମକୁ ଓଡ଼ିଶା ସହିତ ମିଶାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ଶ୍ରୀ ନାୟକଙ୍କ ସହ ପୀତାମ୍ବର ମଲ୍ଲିକ, ଆଇନଜୀବୀ ଅରବିନ୍ଦ ଦାସ, ସତ୍ୟନାରାୟଣ ବେହେରା, ବେଦ ପ୍ରକାଶ ପାରିକ, ଚନ୍ଦ୍ରଭାନୁ ଗିରି, ବାହାଦୁର ମୁର୍ମୁ ଓ ଗୁରା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



# ପାର୍ବଣ ପାଇଁ ମା' କୀଚକେଶ୍ୱରୀ ପୀଠ ଚଳଚଞ୍ଚଳ

**ଖିଚିଂ, ୨୨।୯ (ସମିସ):** ଏକଦା ପ୍ରାଚୀନ ଗଡ଼ଜାତ ରାଜ୍ୟ ଖିଜିଙ୍ଗ ମଣ୍ଡଳର ସୁରମ୍ୟ ଓ ସମୃଦ୍ଧ ରାଜଧାନୀ ଭାବେ ମାନ୍ୟତା ଲାଭ ଖିଜିଙ୍ଗକୋଟ୍ଟ ବା ଆଧୁନିକ ଖିଚିଂର ଐତିହାସିକ ଗୁରୁତ୍ୱ, ସାଂସ୍କୃତିକ ବିଭବ, ପ୍ରାଚୀନ ପୁଣ୍ୟ କୀର୍ତ୍ତି ତଥା ଧାର୍ମିକ ପରମ୍ପରା ସମଗ୍ର ଓଡ଼ିଶାରେ ବିରଳ। ଏହିପୁଣ୍ୟ ପୀଠରେ ବିରାଜିତା ଭଞ୍ଜ ରାଜବଂଶର ଇଷ୍ଟଦେବୀ ମା' କୀଚକେଶ୍ୱରୀ (ଚାମୁଣ୍ଡା)ଙ୍କ ମହିମା ଯେପରି ରହସ୍ୟମୟ, ତାଙ୍କର ପୂଜା ପଦ୍ଧତି, ରୀତିନୀତି, ପରମ୍ପରା ସେପରି ରହସ୍ୟମୟ। ଓଡ଼ିଶାର ସମୃଦ୍ଧ ଶାକ୍ତ ପରମ୍ପରାରେ ମା' କିଚକେଶ୍ୱରୀଙ୍କ ବିଶେଷ ମହିମା ରହିଥିବାବେଳେ ଶାରଦୀୟ ପୂଜାର ନିଜସ୍ୱ ବିଶେଷତ୍ୱ ପରିଲକ୍ଷିତ ହୋଇଥାଏ। ତେବେ ରାଜରାଜୁଡା ଅମଳରୁ ପ୍ରଚଳିତ ପରମ୍ପରା ଅନୁଯାୟୀ ଶାରଦୀୟ ମହୋତ୍ସବ ଅବସରରେ ମା'ଙ୍କ ପୀଠରେ ତ୍ରିଦିନାବକ



(ସପ୍ତମୀ, ଅଷ୍ଟମୀ ଓ ନବମୀ) ପୂଜାର୍ଚ୍ଚନା ଯଥାବିଧି ଅନୁଷ୍ଠିତ ହୋଇଥାଏ। ଏହି ତିନି ଦିନଧରି ମା'ଙ୍କ ମନ୍ଦିରରେ ସ୍ୱତନ୍ତ୍ର ରୀତିନୀତିରେ ଚଣ୍ଡୀପାଠ କରାଯାଇଥାଏ। ରାତିରେ ଷୋଡ଼ଶ ଉପଚାର ପୂଜା ସହିତ ଦେବୀଙ୍କ ଉଦ୍ଦେଶ୍ୟରେ ପିଠା, କ୍ଷୀରି ଖେଚୁଡ଼ି, ମାଛ, ମାଂସ ଓ ମଦ ଆଦି ଭୋଗ ଲାଗିବା ବ୍ୟବସ୍ଥା ରହିଛି। ଏଥିସହ ବିଜୟା ଦଶମୀ ଦିନ ବିଧିମତେ ପୂର୍ଣ୍ଣାହୁତି ସମ୍ପନ୍ନ କରାଯାଇଥାଏ। ତେବେ ମା' ଙ୍କ ଶାରଦୀୟ ପୂଜା ନିକଟତର ହେଉଥିବା ବେଳେ ମନ୍ଦିର ପ୍ରଶାସନ ଏଥିପ୍ରତି ବିଶେଷ ଗୁରୁତ୍ୱ ଦେଉଛନ୍ତି।

# ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାରେ ଜିଲ୍ଲାରୁ ୨୦ କ୍ରୀଡ଼ାବିତ୍

**ବାରିପଦା, ୨୨।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲାର ଭବାନୀପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆରମ୍ଭ ହୋଇଥିବା ଦୁଇଦିନିଆ ଓଡ଼ିଶା ରାଜ୍ୟସ୍ତରୀୟ ତୀରନ୍ଦାଜ କ୍ରୀଡା ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୨୦ ଜଣ ଯୋଗ ଦେଇଛନ୍ତି।ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବାଳକ ଟିମ ମ୍ୟାନେଜର ଭାବେ ପିଇଟି ସତ୍ୟନାରାୟଣ ଗିରି ଓ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି ବବିତା ସେଠୀ ନେତୃତ୍ୱ ନେଉଛନ୍ତି। ୧୪ ବର୍ଷରୁ ବାଳକ ବିଭାଗର ଖେଳାଳିମାନେ ହେଲେ ଜୟଦେବ ମହାନ୍ତ, ମିର୍ଜା ହାଁସଦା, ରଘୁନାଥ ମୁର୍ମୁ, ଦିବ୍ୟରଞ୍ଜନ ମହାନ୍ତ ଓ ବାଳିକା ବିଭାଗରେ ସ୍ୱାସତୀ ମହାନ୍ତ, ଜସ୍ମି ମାରାଣ୍ଡି। ସେହିପରି ୧୭ ବର୍ଷରୁ କମ ବାଳକ ବିଭାଗରେ ରହିତ କୁମାର ମାରାଣ୍ଡି, ଗୋବିନ୍ଦ ମାଝି, ସୁଧାଂଶୁ କୁମାର ମହାନ୍ତ, ଚୈତନ୍ୟ ସୋରେନ, ପ୍ରତ୍ୟୁଷ ଗିରି ଓ ବାଳିକା ବିଭାଗରେ ମଧୁସ୍ମିତା ଟାଟ୍ଟାର, ସମିୟା ହାଁସଦା, ଜଳେଶ୍ୱରୀ ବିରୁଆ, ସନ୍ଧ୍ୟାରାଣୀ ବାରିକ, ଲକ୍ଷ୍ମୀପ୍ରିୟା ମହାନ୍ତ, ବାଲି ମାଝି, ଦୁଲଗୁ ସୋରେନ, ରୁପି ହାଁସଦା ଓ ରାଇମାତ ଟୁଡ୍ଡୁ।



# ଆର୍ଥିକ ସମାବେଶ ସ୍ୟାଚୁରେସନ୍ କ୍ୟାମ୍ପେନ୍

**ବାରିପଦା, ୨୨।୯ (ସମିସ):** ବାରିପଦା ସେଣ୍ଟ୍ରାଲ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖା ପକ୍ଷରୁ ସୋମବାର ଆର୍ଥିକ ସମାବେଶ ସ୍ୟାଚୁରେସନ୍ କ୍ୟାମ୍ପେନ୍ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସରକାରୀ ପ୍ରଯୋଜିତ ଯୋଜନାଗୁଡ଼ିକୁ ପ୍ରଚାର କରିବା ସହ ଶତପ୍ରତିଶତ ଆର୍ଥିକ ସମାବେଶ ସୁନିଶ୍ଚିତ କରିବା। କାର୍ଯ୍ୟକ୍ରମରେ ଅଞ୍ଚଳ ମୁଖ୍ୟ ଦିବ୍ୟେନ୍ଦୁ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବାରିପଦା ବ୍ରାଞ୍ଚ ମ୍ୟାନେଜର ମାନସ ପାତ୍ର ସଂଯୋଜନା କରିଥିଲେ। ଏହି ଅବସରରେ ଶ୍ରୀ ପାତ୍ର ପିଏମଜେଡିୱାୟ, ପିଏମଜେଜେବିୱାୟ, ପିଏମ ଏସବିଓ୍ୱାୟ, ଏପିୱାୟ ଓ ଅନ୍ୟାନ୍ୟ ସରକାରୀ ଆର୍ଥିକ ସମାବେଶ ଯୋଜନା ବିଷୟରେ ବିସ୍ତୃତ ଅଲୋକପାତ କରିଥିଲେ। ସମାଜର ସମସ୍ତଙ୍କୁ ଏହି ସୁବିଧାଗୁଡ଼ିକ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। କ୍ୟାମ୍ପେନ୍ ସମୟରେ ଶହେରୁ ଅଧିକ ନୂତନ ଖାତା ଖୋଲାଯାଇଥିଲା, ଯାହାରୁ ୬୦%ରୁ ଅଧିକ ଖାତା ମହିଳା ପାଇଁ ଥିଲା। ଏହା ବ୍ୟାଙ୍କର ମହିଳା ସଶକ୍ତିକରଣ ପ୍ରତିରତ ପ୍ରୟାସକୁ ପ୍ରକାଶ କରେ। ସ୍ଥାନୀୟ ନାଗରିକ, ଲାଭୁକମାନେ ଓ ଅଧିକାରୀମାନଙ୍କ ସକ୍ରିୟ ଅଂଶଗ୍ରହଣ ଫଳରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା। ଶତପ୍ରତିଶତ ଆର୍ଥିକ ସମାବେଶ ସ୍ୟାଚୁରେସନ୍ ଲକ୍ଷ୍ୟ ପ୍ରତି ସମସ୍ତଙ୍କ ସମ୍ମିକ୍ତ ପ୍ରୟାସ ଦୃଢ଼ ହୋଇଥିଲା।




## ୬୪ ବର୍ଷରେ ବାରିପଦାର ଫ୍ରେଜାର ହଷ୍ଟେଲ ଦୁର୍ଗାପୂଜା

# ମୂର୍ତ୍ତି, ଅନ୍ନଭୋଗ ଓ ଝୁଣାନାଚ ଏଠି ସ୍ୱତନ୍ତ୍ର

**ବାରିପଦା, ୨୨।୯ (ସମିସ)**

ଯୁବକ ସଂଘ କଲଚୁରାଲ୍ ଆସୋସିଏସନ ପକ୍ଷରୁ ବାରିପଦାର ଲାଲବଜାର, ଫ୍ରେଜାର ହଷ୍ଟେଲ ପାଖରେ ହୋଇ ଆସୁଥିବା ସାର୍ବଜନୀନ ଦୁର୍ଗାପୂଜା ମୂର୍ତ୍ତି, ଅନ୍ନଭୋଗ ଓ ଝୁଣାନାଚ ପାଇଁ ସ୍ୱତନ୍ତ୍ରତା ବଜାୟ ରଖିଛି। ୧୯୬୧ ମସିହାରେ ମାଗଣା ସହାୟତାରେ ଆରମ୍ଭ ହୋଇଥିଲା ଏଠାକାର ପୂଜା। ସ୍ୱର୍ଗତ ପଞ୍ଚାନନ ଦାସ ଆଲୋକ ଓ ଶବ୍ଦ ଏବଂ ହରିଶ୍ଚନ୍ଦ୍ର ସିଂବାବୁ ଯୋଗାଇଥିଲେ ମୂର୍ତ୍ତି। ପ୍ରଥମେ ପୌରପରିଷଦର ଏକ ଭଙ୍ଗା କୂଅ ଉପରେ ବାଉଁଶ ଭାଡ଼ି କରି ଆରମ୍ଭ ହୋଇଥିଲା ପୂଜା। ସେହିଦିନ ଠାରୁ ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇ ଆସୁଛି ପୂଜା। ସଂଘର ରୌପ୍ୟ ଜୟନ୍ତୀରେ ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ଉଷା ଉଥିପ୍ପଙ୍କ ସଙ୍ଗୀତ ପରିବେଷଣ ହେଉ କିମ୍ବା ପ୍ରଥମ କରି ମହମ୍ମଦ ହବିବଙ୍କ ଅର୍କେଷ୍ଟ୍ରାକୁ ବାରିପଦା ଆଣିବାରେ ଏହି ସଂଘର ନାମ ସର୍ବବିଦ୍ୟମାନ୍ୟ ହୋଇ ରହିଛି। ପାରମ୍ଭରେ ଏଠାରେ ମେଢ଼ ନିର୍ମାଣ କରାଯାଇ ପୂଜା ହେଉଥିଲା। ପରବର୍ତ୍ତୀ ସମୟରେ ନିର୍ମିତ ସ୍ୱତନ୍ତ୍ର ମଣ୍ଡପରେ ପୂଜା ମହାଆଡ଼ମ୍ବରରେ ପାଳନ କରାଯାଉଛି। ନୀଳଗିରିର ବ୍ରାହ୍ମଣ ଓ ଚଣ୍ଡୀପାଠକ ପ୍ରଶାନ୍ତ ବେହେରାଙ୍କ ଦ୍ୱାରା ପୂଜାକାର୍ଯ୍ୟ ହେଉଥିବା ବେଳେ ସପ୍ତମୀଠାରୁ ନବମୀ ପର୍ଯ୍ୟନ୍ତ ୩ ଦିନ ଧରି ଅନ୍ନଭୋଗ ଓ ସନ୍ଧ୍ୟା ସମୟର ଝୁଣାନାଚ ଏଠାକାର ବିଶେଷତ୍ୱ ରହିଛି। ସେହିପରି ମୂର୍ତ୍ତି ନିର୍ମାଣ ଓ ଭୋଗ ପାଇଁ ଏଠାରେ ଅଧିକ ବ୍ୟୟବରାଦ ରହୁଥିବାବେଳେ ଏଠାରେ ଏକ ରଙ୍ଗର ମୂର୍ତ୍ତି ନିର୍ମାଣ ହୋଇଥାଏ। ମୂର୍ତ୍ତିରେ ଲାଗୁଥିବା ବସ୍ତ୍ର ମଧ୍ୟ ଏଠି ମାଟିରେ ନିର୍ମିତ ହୋଇଥାଏ। ଏକରଙ୍ଗର ମୂର୍ତ୍ତି ଓ ମେଢ଼ ପାଇଁ ପ୍ରତିବର୍ଷ ଲୋକଙ୍କ ଭିଡ଼ ଜମିଥାଏ।



### ସେମାନେ ଯାହା କୁହନ୍ତି...



ସ୍ଥାନୀୟ ଲୋକଙ୍କର ମା'ଦୁର୍ଗାଙ୍କ ପ୍ରତି ଅଶେଷ ଆଗ୍ରହକୁ ଦେଖି ସ୍ୱର୍ଗତ ନଗେନ୍ଦ୍ର ନାଥ ପଟ୍ଟନାୟକ, ଶଙ୍କର ବର୍ମା, ଦେବତୋଷ ଦାଶ, ଜ୍ୟୋତି ପ୍ରକାଶ ବୋଷ ଓ ଗୋବିନ୍ଦ ଚନ୍ଦ୍ର"ଜେନା ପ୍ରମୁଖ ଆରମ୍ଭ କରିଥିଲେ ପୂଜା। ଆମେ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିଆସୁଛୁ। **-ଜ୍ୟୋତିପ୍ରକାଶ ରଥ, ସଭାପତି**



ଚଳିତବର୍ଷ ଏହି ଅନୁଷ୍ଠାନର ପୂଜା ୬୪ବର୍ଷରେ ପହଞ୍ଚି ଥିବାବେଳେ ସମ୍ପାଦକ ରାଜେଶ ଶର୍ମାଙ୍କ ନେତୃତ୍ୱରେ ୧୫୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କ ସହଯୋଗରେ ପୂଜା ପ୍ରସ୍ତୁତି ଆଗେଇ ଚାଲିଛି। ଦୁର୍ଗାପୂଜା ବ୍ୟତୀତ ବିଭିନ୍ନ ସହଯୋଗମୂଳକ କାର୍ଯ୍ୟ ଆମ ଆସୋସିଏସନ ପକ୍ଷରୁ କରାଯାଇଥାଏ। ଆମ ମଣ୍ଡପ ସମ୍ମୁଖରେ ସ୍ୱତନ୍ତ୍ର ସଚେତନାମୂଳକ ପ୍ରଦର୍ଶନୀ ଭିନ୍ନ ଅନୁଭୂତି ଆଣିଥାଏ। **-ବିପ୍ଳବ ଭଞ୍ଜନ ବୁଗୁଡ଼େଇ (ଉପସଭାପତି)**

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/10 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର (ପ୍ରୋଡକ୍ଟସ୍-ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍ଏମ୍ଜିଏସ୍-III | 34 | 28 | 35 |
| ଡେପୁଟି ମ୍ୟାନେଜର (ପ୍ରୋଡକ୍ଟସ୍-ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍ଏମ୍ଜିଏସ୍-II | 25 | 25 | 32 |

**ବିଜ୍ଞାପନ ସଂ. CRPD/SCO/2025-26/11 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର କ୍ରେଡିଟ୍ ଆନାଲିଷ୍ଟ | ଏମ୍ଏମ୍ଜିଏସ୍-III | 63 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.09.2025 ରୁ 02.10.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 11.09.2025
**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**

ସକାଳ
THE SAKALA



www.sakalaepaper.com

## ଜାତୀୟ ନାଟକ ମହୋତ୍ସବରେ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ନିମନ୍ତ୍ରିତ

**ଭଦ୍ରକ, ୨୨।୯ (ସମିସ):** ଓଡ଼ିଶା ନାଟ୍ୟ ସଂଘ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ନାଟକ ମହୋତ୍ସବରେ ଉତ୍ତର ଓଡ଼ିଶାରୁ ଭଦ୍ରକର ନଟରାଜ ସାଂସ୍କୃତିକ ଅନୁଷ୍ଠାନକୁ ନିମନ୍ତ୍ରିତ କରାଯାଇଛି। ଆସନ୍ତା ୨୨ରୁ ୨୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ନାଟ୍ୟ ମହୋତ୍ସବରେ ୨୫-୯-୨୫ସନ୍ଧ୍ୟା ୭ଟା ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପଠାରେ ନଟରାଜ ମଞ୍ଚସ୍ଥ କରିବ ତାର ଏକ ଭିନ୍ନ ସ୍ୱାଦର ନାଟକ 'ଏଠି ସବୁ ଭୁଲ'। କାର୍ଯ୍ୟକ୍ରମ୍ୟର ରାଜ୍ୟ ବାହାର ତଥା ରାଜ୍ୟର ସୁନାମଧନ୍ୟ ନାଟ୍ୟ ଅନୁଷ୍ଠାନ ମଧ୍ୟ ତାଙ୍କର ସର୍ବ ଶ୍ରେଷ୍ଠ ନାଟକଗୁଡ଼ିକୁ ପରିବେଷଣ କରିବେ। ନଟରାଜ ପରିବେଷଣ କରୁଥିବା ନାଟକଟିର ନାଟ୍ୟକାର ଡ. ସୁଧାଂଶୁ ନାୟକ ଓ ତାପସ ସ୍ୱାଇଁଙ୍କ ଦ୍ୱାରା ଏହା ନିର୍ଦ୍ଦେଶିତ। ଭଦ୍ରକର ବଛାବଛା କଳାକାରମାନେ ତାଙ୍କର ଅଭିନୟର ଚମତ୍କାରିତାରେ ରବୀନ୍ଦ୍ର ମଣ୍ଡପର ଦର୍ଶକଙ୍କୁ ଅଭିଭୂତ କରିବେ ବୋଲି ନଟରାଜର ସମ୍ପାଦକ ନରେନ୍ଦ୍ର ପରିଡ଼ା ଜଣାଇଛନ୍ତି।

# ଶିକ୍ଷକ ଡେପୁଟେସନ ପ୍ରତିବାଦରେ ସ୍କୁଲରେ ଧାରଣା



**ଭଣ୍ଡାରିପୋଖରୀ/ବାରିକପୁର, ୨୨।୯ (ସମିସ)**

ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତ ସାରୋ ଉପ୍ରା ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସୋମବାର ଧାରଣା ଦେଇଥିଲେ। ଏହି ବିଦ୍ୟାଳୟରୁ ଜଣେ ଶିକ୍ଷକଙ୍କୁ ସପ୍ତାହର ୩ ଦିନ ପାଇଁ ଅନ୍ୟ ବିଦ୍ୟାଳୟକୁ ଡେପୁଟେସନରେ ପଠାଯାଇଥିବାରୁ ଏହାର ପ୍ରତିବାଦ ଜଣାଇ ଏହି ଧାରଣା ଦିଆଯାଇଥିଲା। ଚଳିତ ବର୍ଷ ସାରୋ ଉପ୍ରା ବିଦ୍ୟାଳୟର ଶିଶୁବାଟିକାରେ ୮ ଜଣ ଛାତ୍ରୀ, ପ୍ରଥମ ଶ୍ରେଣୀରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୮୪ଜଣ ଛାତ୍ରଛାତ୍ରୀ ଓ ୬ଷ୍ଠ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୬୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ମୋଟ ୧୫୭ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୬ ଜଣ ଶିକ୍ଷକ ରହିଛନ୍ତି। ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ ନାହାନ୍ତି। ଅଭିଭାବକମାନେ ଶିକ୍ଷକ ଅଭାବ ଦର୍ଶାଉଥିବା ବେଳ ବ୍ଲକ ଶିକ୍ଷା ବିଭାଗ ବଳକା ଥିବା କହୁଛନ୍ତି। ଶିକ୍ଷକ ଅନନ୍ତ ଚରଣ ନାୟକଙ୍କୁ ଜଣେ ମାତ୍ର ଶିକ୍ଷକ ଥିବା ବନ୍ଦାଳୋ-ମଡିଆଳି ଉପ୍ରା ବିଦ୍ୟାଳୟକୁ ସପ୍ତାହକୁ ୩ ଦିନ ପାଇଁ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଡେପୁଟେସନ କରାଯାଇଥିଲା। ଏହାକୁ ବିରୋଧ କରି ଛାତ୍ରଛାତ୍ରୀ ଓ ଅଭିଭାବକମ ସୋମବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଏଥିପୂର୍ବରୁ ଗତ ୨୦୨୩ ମସିହାରେ ଅନୁରୂପ ଭାବେ ବିଦ୍ୟାଳୟରୁ ଜଣେ ଶିକ୍ଷକଙ୍କୁ ଅନ୍ୟ ବିଦ୍ୟାଳୟକୁ ଡେପୁଟେସନ କରାଯାଇଥିଲା। ସେହି ସମୟରେ ମଧ୍ୟ ଧାରଣା ଦିଆଯାଇଥିଲା। ଶିକ୍ଷାଧିକାରୀ ଡେପୁଟେସନ ବାତିଲ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଡେପୁଟେସନ ବାତିଲ ହେବା ବଦଳରେ ଡେପୁଟେସନକୁ ନିୟମିତ ବଦଳିରେ ପରିଣତ କରାଯାଇ ଅଭିଭାବକଙ୍କୁ ଭଣ୍ଡାଇ ଦିଆଯାଇଥିଲା ବୋଲି ଆନ୍ଦୋଳନକାରୀମାନେ ଦୋଷାରୋପ କରିଥିଲେ। ଖବର ପାଇ ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ଜେନା ଓ ଶିକ୍ଷା ସଂଯୋଜିକା ଜ୍ୟୋସ୍ନାକୁମାରୀ ବାରିକ ପହଞ୍ଚି ଧାରଣାକାରୀଙ୍କୁ ବୁଝାସୁଝା କରିଥିଲେ। ଗୋଷ୍ଠୀ ଶିକ୍ଷା ସଂଯୋଜକ ଶ୍ରୀ ଜେନା ୧ ମାସ ମଧ୍ୟରେ ଡେପୁଟେସନ ବାତିଲ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ବାବାମଣିଙ୍କ ମନ୍ଦିରରେ ପୀଠଦେବୀ ଜୟଦୁର୍ଗାଙ୍କ ଷୋଡଶ ଦିବସୀୟ ପୂଜା ଅବସରରେ ମା'ଙ୍କ ନାରାୟଣୀ ବେଶ

## ସମାଜସେବୀ ପ୍ରେମାନନ୍ଦ ଦାସଙ୍କ ଦେହାନ୍ତ

**ଭଦ୍ରକ, ୨୨।୯ (ସମିସ):** ଗାନ୍ଧୀ ବାଳାଶ୍ରମର ପରିଚାଳନା କମିଟିର ବରିଷ୍ଠ ସଦସ୍ୟ, ଛେନାପଦି ସ୍ଥିତ ବିଷ୍ଣୁପ୍ରିୟା ବାଳାଶ୍ରମ ଓ ବିଷ୍ଣୁପ୍ରିୟା ଜରାନିବାସର ପ୍ରାଣ ପ୍ରତିଷ୍ଠାତା ସମାଜସେବୀ ପ୍ରେମାନନ୍ଦ ଦାସଙ୍କ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୪ବର୍ଷ ହୋଇଥିଲା। ପାର୍ଥିବ ଶରୀରକୁ ପ୍ରଥମେ ବିଷ୍ଣୁପ୍ରିୟା ବାଳାଶ୍ରମ ନିଆଯାଇ ଅନ୍ତେବାସୀଙ୍କ ଶେଷଦର୍ଶନ ପରେ ଭଦ୍ରକ କୁଆଁସ ସ୍ଥିତ ବାସଭବନକୁ ଜନସାଧାରଣଙ୍କ ଶେଷ ଦର୍ଶନ ପାଇଁ ନିଆଯାଇଥିଲା। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ମହାତ୍ମାଗାନ୍ଧୀ ବିଚାର ମଞ୍ଚର ସମ୍ପାଦକ ସୁଧାକର ରାଉତ, ଅବସରପ୍ରାପ୍ତ ବିଚାରପତି ବାସୁଦେବ ଦାସ, ମୁସ୍‌ଲିମ୍ ଜମାତର ଅବଦୁଲ ମୁକିଦ ଖାଁ, ବୈଜ୍ଞାନିକ କାନ୍ତାଦାସ ମହାପାତ୍ର, ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ଅକ୍ଷୟ କୁମାର ଦାସ, ଗାନ୍ଧୀ ସେବାସଂଘ ପୁରୁବାଇ କନ୍ୟାଶ୍ରମର ସମ୍ପାଦିକା ସୁମତି ମହାନ୍ତି, ଗାନ୍ଧୀ ବାଳାଶ୍ରମ ସମ୍ପାଦକ ଅଶୋକ କୁମାର ଦାସ, ସମାଜସେବୀ ହରିପ୍ରସାଦ ନନ୍ଦୀ, କ୍ରୀଡା ସଙ୍ଗଠକ ଉପେନ୍ଦ୍ର ବାରିକ ସେମତ ବହୁ ବିଶିଷ୍ଟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ପରେ ପାର୍ଥିବ ଶରୀରକୁ ଗରଦପୁରସ୍ଥିତ ଗାନ୍ଧୀ ଓଡ଼ିଶା ବାଳାଶ୍ରମକୁ ନିଆଯାଇଥିଲା। ବାଳାଶ୍ରମ ଅନ୍ତେବାସୀ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଅନ୍ତିମ ଦର୍ଶନ ପେର ଏକ ଶୋଭାଯାତ୍ରାରେ ପୁରୁଣା ବଜାର ସ୍ଥିତ ଶ୍ମଶାନକୁ ନିଆଯାଇ ସମସ୍ତ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତିରେ ଶେଷକୃତ କରାଯାଇଥିଲା। ବଡପୁଅ ମ୍ରିନାଳକାନ୍ତ ଦାସ ମୁଖାଗ୍ନି ଦେଇଥିଲେ।



## ଧାମରା ବନ୍ଦର ଆଗରେ ଶ୍ରମିକ ଶୋଷଣ ପ୍ରତିବାଦରେ ଧାରଣା




**ଭଦ୍ରକ, ୨୨।୯ (ସମିସ):** ଧାମରା ବନ୍ଦର (ଆଦାନୀ) କର୍ତ୍ତୃପକ୍ଷ ବନ୍ଦର ମଧ୍ୟରେ କାର୍ଯ୍ୟରତ ଶ୍ରମିକଙ୍କୁ ଶୋଷଣ କରାଯାଉଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବି ସମସ୍ୟାର ସମାଧାନ ହୋଇପାରୁନାହିଁ। ଫଳରେ ସୋମବାର ଭାରତୀୟ ମଜଦୁର ସଂଘ ଏବଂ ଧାମରା ବନ୍ଦର କର୍ମଚାରୀ ସଂଘ ପକ୍ଷରୁ ଧାମରା ବନ୍ଦର ୧ନମ୍ବର ଫାଟକ ଆଗରେ ଧାରଣା ଦିଆଯାଇଥିଲା। ଏହି ଧାରଣା ସକାଳ ୭ଟାରେ ଆରମ୍ଭ ହୋଇଥିଲା। ଫଳରେ କିଛି ସମୟ ପାଇଁ ଧାମରା ବନ୍ଦର ୧ନଂ ଗେଟ ଦେଇ ସମସ୍ତ ଲୁହା ପଥର ବୋଝେଇ ଟ୍ରକ ଏବଂ ଟିପ୍ପର ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ପରେ ଧାମରା ବନ୍ଦର କର୍ତ୍ତୃପକ୍ଷ ମାନବ ସମ୍ବଳ ବିକାଶ ଅଧିକାରୀ ବାସୁକୀ ନାଥ, ଜୟନ୍ତ ରାଣା, ସଞ୍ଜୟ ମହାନ୍ତି ପ୍ରମୁଖ ପହଞ୍ଚି ଧାରଣାସ୍ଥଳରେ ପହଞ୍ଚି କର୍ମକର୍ତ୍ତାଙ୍କୁ ଧାରଣା ପ୍ରତ୍ୟାହୃତ କରିବା ପାଇଁ ଅନୁରୋଧ କରିଥିଲେ। ପରେ ବିଏମ୍‌ଏସ୍ ରାଜ୍ୟ ସଭାପତି ଶାନ୍ତନୁ କୁମାର ମହାପାତ୍ର, ଜିଲ୍ଲାସମ୍ପାଦକ ମନୋଜ ବସନ୍ତରାୟ, ଧାମରା ବନ୍ଦର କର୍ମଚାରୀ ସଂଘର ସମ୍ପାଦକ ମନୋଜ ଲଙ୍କା, ସହ ସଭାପତି ଚନ୍ଦ୍ରଶେଖର ଜନା, ବିଜୟ ପ୍ରତାପ ଜେନା, ପ୍ରମୁଖ ଯାଇ ଧାମରା ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ବନ୍ଦର କର୍ତ୍ତୃପକ୍ଷ ଆସନ୍ତା ୩ଦିନ ମଧ୍ୟରେ ଶ୍ରମିକଙ୍କ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଜିର ଏହି ଧାରଣା ପ୍ରତ୍ୟାହୃତ ହେବା ପରେ ଆସନ୍ତା ୩ଦିନ ମଧ୍ୟରେ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ଯଦି ବନ୍ଦର କର୍ତ୍ତୃପକ୍ଷ ନ କରନ୍ତି ତେବେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ପୁଣି ଧାରଣା ଦିଆଯିବ ବୋଲି ସଂଘ ଚେତାବନୀ ଦେଇଛି। ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ବିପିନ ବେହେରା, କାର୍ତିକ ଗୁଡିଆ, ପ୍ରଦୀପ ରାଉତ, ବିଜୟ ପ୍ରଫୁଲ୍ଲ ସେଠୀ, ଶୁଭେନ୍ଦୁ ନାୟକ ପ୍ରମୁଖ କର୍ମକର୍ତା ମାନେ ଉପସ୍ଥିତ ଥିଲେ।

## ବିଧାୟକଙ୍କ ହସ୍ତକ୍ଷେପ; ନବୀକରଣ ହେବ ବଡ଼କୋଳିପଦି ମାଇନର

**ବାରିକପୁର, ୨୨।୯ (ସମିସ):** ଭଣ୍ଡାରିପୋଖରୀ ବିଦ୍ୟୁତ କାର୍ଯ୍ୟାଳୟଠାରୁ ମଣିନାଥପୁର ପାଳଦା ପୂର୍ତ୍ତ ରାସ୍ତାକୁ ସଂଯୋଗ କରୁଥିବା ବଡକୋଳିପଦି ମାଇନର ରାସ୍ତା ନବୀକରଣ ହେବ। ଜଳସମ୍ପଦ ବିଭାଗ ପକ୍ଷରୁ ୩୫୦ମିଟର ଗମନାଗମନ ପଥଟିର କଂକ୍ରିଟ ନିର୍ମାଣ ପାଇଁ ୩୭ଲକ୍ଷ ବ୍ୟୟ ଅଟକଳ କରାଯାଇଛି। ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ଠିକାଦାର ଚୟନ ପରେ ଖୁବ ଶୀଘ୍ର କାମ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଉକ୍ତ ମାଇନର ରାସ୍ତାଟି ଅନେକ ବର୍ଷ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିଲା। ଏହା ଉପରେ ବର୍ଷକୁ ବର୍ଷ କେବଳ ମୋରମ ବିଛା ଯାଉଥିବା ବେଳେ ବର୍ଷା ଦିନେ ଗମନାଗମନ ପାଇଁ ଲୋକଙ୍କୁ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା।ଏନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରିତ ହେବା ସହିତ ସ୍ଥାନୀୟ ଶିକ୍ଷାବିତ କାର୍ତ୍ତିକଚନ୍ଦ୍ର ସ୍ୱାଇଁଙ୍କ ଦସ୍ତଖତ ଅଭିଯାନ ଜରିଆରେ ରାସ୍ତାଟିର ନବୀକରଣ ପାଇଁ ଦାବି ହୋଇଥିଲା। ୧୫ ଦିନ ପୂର୍ବରୁ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ ମଧ୍ୟ ଦାବି ସମ୍ପର୍କରେ ଅବଗତ କରାଯାଇଥିଲା। ବିଧାୟକ ଏନେଇ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିବା ବେଳେ ଲୋକଙ୍କ ହିତ ଦୃଷ୍ଟିରୁ ଖୁବଶୀଘ୍ର ରାସ୍ତାଟିର ନବୀକରଣ କାର୍ଯ୍ୟ ପାଇଁ କହିଥିଲେ। ତଦନୁଯାୟୀ ଏଷ୍ଟିମେଟ ପ୍ରସ୍ତୁତ ହେବା ପରେ ଏବେ ଟେଣ୍ଡର ଡକାଯାଇଛି। ବିଧାୟକଙ୍କ ହସ୍ତକ୍ଷେପ ପରେ ବହୁ ଦିନର ସମସ୍ୟା ଦୂର ହେବାକୁ ଯାଉଥିବା ବେଳେ ବିଭିନ୍ନ ମହଲରୁ ଶ୍ରୀ ମଲ୍ଲିକଙ୍କୁ ସାଧୁବାଦ ଜଣାଯାଇଛି।

## ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର



**ଭଦ୍ରକ, ୨୨।୯ (ସମିସ):** ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଧନାଇ ଚରଣ ଟୁଡୁ, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ ଓ ଅନ୍ୟ ବିଭାଗର ଅଧିକାରୀ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣି ଶିବିରରେ ମୋଟ ୯୦ ଆବେଦନପତ୍ର ଦାଖଲ ହୋଇଥିଲା। ସେଥିରୁ ୭୦ ଟି ବ୍ୟକ୍ତିଗତ ଥିଲାବେଳେ ୨୦ ଟି ସାମୂହିକ ଅଭିଯୋଗ ଥିଲା। ଶିବିରରେ ୨୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଜଣ ଓ ରେଡକ୍ରସରୁ ୪ ଜଣଙ୍କୁ ମୋଟ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଆଜିର ଜନଶୁଣାଣିରେ ମୁଖ୍ୟତଃ ରେସନ କାର୍ଡ, ମଧୁବାବୁ ପେନସନ, ପି ଏମ ଆବାସ ଯୋଜନା ରେ ଗୃହ ବଣ୍ଟନ, ଜମିଜମା ସମ୍ପର୍କିତ ଅଭିଯୋଗ ଆଗତ ହୋଇଥିଲା।

## ବାବା କାଞ୍ଚନ ଗଣେଶଙ୍କ ଭସାଣି ଶୋଭାଯାତ୍ରା






**ଭଦ୍ରକ, ୨୨।୯ (ସମିସ):** ଭଦ୍ରକ ସହରସ୍ଥିତ କୁଆଁସଠାରେ ୩୩ ବର୍ଷ ହେବ ପୂଜା ପାଇ ଆସୁଥିବା ବାବା କାଞ୍ଚନ ଗଣେଶଙ୍କୁ ଆଜି ଭସାଣି ଶୋଭାଯାତ୍ରାରେ ବସର୍ଜନ କରାଯାଇଛି। ଆଜିର ଭସାଣି ଶୋଭାଯାତ୍ରାରେ ଉତ୍ତର ପ୍ରଦେଶ ମହାଦେବ ନୃତ୍ୟ, କର୍ଣ୍ଣାଟକର କନ୍ତାରା ନୃତ୍ୟ, ମଧ୍ୟପ୍ରଦେଶ ଉଜ୍ଜୈନର ଡମ୍ବରୁ ବାଜା, ରାଜସ୍ଥାନ ନୃତ୍ୟ, ବେଲପାହାଡ଼ କଲ୍କୀ ନୃତ୍ୟ, କଳାହାଣ୍ଡି କଟପା ନୃତ୍ୟ, ବଲାଙ୍ଗିର ଦୁଲଦୁଲି, ସମ୍ବଲପୁର ଶିଙ୍ଗ ବାଜା, ବରଗଡ଼(ରେମତା) ଘଣ୍ଟା, ଢେଙ୍କାନାଳ ମେଲୋଡି ଆଦି ଦଳ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। ଏହି ଶୋଭାଯାତ୍ରା ବେଳେ ପୂଜା କମିଟି ଉପଦେଷ୍ଟା-ଆଶିଷ ରାଉତ ଓ ଆଶୁତୋଷ ପଣ୍ଡା, ସଭାପତି ରୁଦ୍ରନାରାୟଣ ଲେଙ୍କା, ଉପ ସଭାପତି-ଚିରାଗ ଦେଶାଇ, ସମ୍ପାଦକ ତପେସ ଦାସ ଓ ସଦସ୍ୟ କାର୍ତ୍ତିକ ମହାଳିକ, ସୁମନ ମହାପାତ୍ର, ଅଭିମନ୍ୟୁ ବେହେରା, ଅଜିତ ମାଝୀ, ଖଗେଶ୍ୱର ମହାଳିକ, ନିର୍ମଳ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ମା' ସୁବର୍ଣ୍ଣମୁଖୀଙ୍କ ପୀଠରେ ନବରାତ୍ର ପୂଜା ଆରମ୍ଭ



**ଦୋବଲ, ୨୨।୯ (ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ ପଞ୍ଚାୟତ ସୋଧଠାରେ ଥିବା ମା' ସୁବର୍ଣ୍ଣମୁଖୀ ମନ୍ଦିରରେ ସୋମବାରଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଛି। ଦଶହରା ଦିନ ଏହା ଶେଷ ହେବ। ଆଜି ସକାଳୁ ଗେଙ୍ଗୁଟୀ ନଦୀରୁ ଭକ୍ତମାନଙ୍କ ଦ୍ୱାରା ଜଳ ଆଣି ଏକ କଳସ ଶୋଭାଯାତ୍ରାରେ ମା'ଙ୍କ ପୀଠରେ ପହଞ୍ଚିଥିଲେ। ସେଠାରେ ସୂର୍ଯ୍ୟ ପୂଜା, ଗୋ ପୂଜା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଛି। ପ୍ରତ୍ୟେକ ଦିନ ମା'ଙ୍କର ପୂଜାର୍ଚ୍ଚନା କରାଯିବ। ସ୍ଥାନୀୟ ଅଞ୍ଚଳର ଉମାକାନ୍ତ ପତି ଓ ସୁମିତ୍ରା ପତି ଏବଂ ଧର୍ମପଦ ପତି ଓ ରାକେଶ ପତି କର୍ତ୍ତାଭାବେ ଉପସ୍ଥିତ ଥିଲେ। ପୂଜକ ପ୍ରଶାନ୍ତ ପଣ୍ଡା ଓ ବାବନ ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ।

## ପାର୍ବଣ ପାଇଁ ଚଳଚଞ୍ଚଳ ଶକ୍ତିପୀଠ

**ବାରିକପୁର, ୨୨।୯ (ସମିସ):** ମାତୃଶକ୍ତି ଉପାସନାର ଅନନ୍ୟ ଉତ୍ସବ ଦୁର୍ଗାପୂଜାକୁ ଆଉ ୫ ଦିନ ରହିଲା। ଏଥିପାଇଁ ଶକ୍ତିପୀଠଗୁଡ଼ିକ ଚଳଚଞ୍ଚଳ ହୋଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ନିର୍ଗୁଣ୍ଡି ସ୍ଥିତ ପ୍ରସିଦ୍ଧ କୁଣ୍ଡ ସାହି ଶାରଦୀୟ ଦୁର୍ଗାପୂଜା ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଧି ଅନୁସାରେ ରବିବାର ମହାଳୟା ଦିନ ମା'ଙ୍କ ମୃଣ୍ମୟୀ ପ୍ରତିମାରେ ଖଡି ଚଢାଯାଇଛି। ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଶ ଧୁମଧାମରେ ପୂଜା ଅନୁଷ୍ଠିତ ହେବ ବୋଲି ସଭାପତି ମହେନ୍ଦ୍ର କୁମାର ନନ୍ଦୀ କହିଛନ୍ତି। ଭଣ୍ଡାରିପୋଖରୀ ସହିତ ଧାମନଗର ବ୍ଲକ ଅଞ୍ଚଳର ଅନେକ ଜନସାଧାରଣ ଏଥିରେ ଯୋଗ ଦେବେ। ସେଥିପାଇଁ ଦଶ ଦିନ ପୂର୍ବରୁ ଶାନ୍ତି କମିଟି ଗଠନ କରାଯାଇଛି। ସିଂହବାହିନୀଙ୍କ ପୂଜା ପାଇଁ ଏବେ ଘରେ ଘରେ ମଧ୍ୟ ବନ୍ଧୁ ବାନ୍ଧବଙ୍କ ସମାଗମ ଆରମ୍ଭ ହୋଇଛି। ଆସନ୍ତା ରବିବାରଠାରୁ ବିଲ୍ୱବରଣୀଠାରୁ ପୂଜା ଉତ୍ସବ ଶୁଭାରମ୍ଭ ହେବ। ସେହିଭଳି ସରସଦା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମଧ୍ୟ ଏଥର ୩୪ ତମ ପୂଜା ଉତ୍ସବକୁ ବେଶ ଧୁମଧାମରେ ପାଳନ କରାଯାଉଛି। ସମ୍ଭାବ୍ୟ ଲଘୁଚାପ ଜନିତ ବର୍ଷା ପାଇଁ ସବୁଠି ପୂଜା ମଣ୍ଡପ ଗୁଡିକରେ ବ୍ୟାପକ ବ୍ୟବସ୍ଥା କରାଯାଇଛି।



**ସେମାନେ ଯାହା କୁହନ୍ତି...**



ଚଳିତ ବର୍ଷ କମିଟି ପକ୍ଷରୁ ଭଜନ ସନ୍ଧ୍ୟା ସହିତ ଛୋଟ ଛୋଟ ପିଲାଙ୍କ ଦ୍ୱାରା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ରହିଛି। ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ମା'ଙ୍କୁ ପୂଜାର୍ଚ୍ଚନା କରାଯିବ। ଆୟୋଜିତ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେବେ। ତେଣୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ କମିଟି ଦ୍ୱାରା ବ୍ୟାପକ ଆୟୋଜନ କରାଯାଇଛି। **- ଶରତ ଚନ୍ଦ୍ର କୁଣ୍ଡୁ, ସମ୍ପାଦକ**



ଗତ ୧୯ ୯୨ମସିହାରେ ଆରମ୍ଭ ହୋଇଥିବା ସରସଦା ସାର୍ବଜନୀନ ଦୁର୍ଗାପୂଜା ୩୪ ବର୍ଷରେ ପ୍ରଦାର୍ପଣ କରିଛି। ମା'ଙ୍କ ପୂଜା ବର୍ଷକୁ ବର୍ଷ ବେଶ ଆଡମ୍ବର ପୂର୍ଣ୍ଣ ଭାବେ ଆୟୋଜନ ହେଉଛି। ସ୍ଥାନୀୟ ଯୁବକ ମାନେ ପୂଜାରେ ସାମିଲ ହେଉଥିବାରୁ କମିଟି ପୂଜା ଉତ୍ସବକୁ ବେଶ ଧୂମଧାମରେ ପାଳନ କରୁଛି। **- ବୁଦ୍ଧିରାମ ସ୍ୱାଇଁ, ମୁଖ୍ୟ ସଂକଳ୍ପକର୍ତ୍ତା**

ଶାରଦୀୟ ଉତ୍ସବ



### ୩୫ ବର୍ଷରେ ନୀଳକଣ୍ଠପୁର ସାର୍ବଜନୀନ ଦୁର୍ଗାପୂଜା

# ମୁଣ୍ଡରେ ଝୁଣାଦାନି ରଖି ଭକ୍ତ କରନ୍ତି ପୂଜା

**ଭଦ୍ରକ, ୨୨।୯ (ସମିସ)**

ଭଦ୍ରକ ସହରର ନୀଳକଣ୍ଠପୁର (ସନ୍ଥିଆ) ସାର୍ବଜନଦୀନ ଦୁର୍ଗାପୂଜା ମଣ୍ଡପ ନିଆରା ଢଙ୍ଗରେ ପୂଜା କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏଥର ନୀଳକଣ୍ଠପୁର ସାର୍ବଜନଦୀନ ଦୁର୍ଗାପୂଜା ୩୫ ବର୍ଷରେ ପଦାର୍ପଣ କରିଛି। ଏହି ପୂଜା ଗତ ୧୯ ୯୧ ମସିହାରେ ସ୍ୱର୍ଗତ ଲାଲା ରମେଶ ଚନ୍ଦ୍ର ରାୟ, ସନ୍ତୋଷ ଲାହା, ଦାମୋଦର ମହାପାତ୍ରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏହି ମଣ୍ଡପରେ ବଙ୍ଗୀୟ ପରମ୍ପରାରେ ଦେବୀଙ୍କ ଷୋଡଶ ଉପଚାର ପୂଜା ସମ୍ପାଦନ କରାଯାଇଥାଏ। ବିଶେଷ କରି ମା'ଙ୍କ ପ୍ରତିମୂର୍ତ୍ତି ଓ ସାଜସଜ୍ଜା ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଥାଏ। ମା'ଙ୍କ ପ୍ରତିମୂର୍ତ୍ତିକୁ ଭଦ୍ରକ ସହର ମଠସାହି ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟର କାରିଗର ରାଜୁ ମୁଣ୍ଡା ନିର୍ମାଣ କରୁଛନ୍ତି। ତେବେ ଏହି ନୀଳକଣ୍ଠପୁର ସାର୍ବଜନୀନ ଦୁର୍ଗାପୂଜାର ୨ଟି ବିଶେଷତ୍ୱ ରହିଛି; ଯାହା ଭକ୍ତଙ୍କୁ ଆକର୍ଷିତ କରିଥାଏ। ଏଠାକାର ମାଆଙ୍କ ପୀଠରେ ମହାଷ୍ଟମୀ ଦିନ ମାନସିକଧାରୀ ଭକ୍ତମାନେ ଉପବାସ ରହି ସ୍ନାନ ସାରି ଓଦା ଲୁଗାରେ ମୁଣ୍ଡରେ ଝୁଣାଦାନି ରଖି ମା' ଦୁର୍ଗାଙ୍କ ଚଣ୍ଡୀପାଠ ସମୟରେ ଝୁଣା ଜାଳି ମାନସିକ ବର ପ୍ରାର୍ଥନା କରିଥାନ୍ତି। ଫଳରେ ମାନସିକଧାରୀଙ୍କ ମାନସିକ ପୂର୍ଣ୍ଣ ହୋଇଥାଏ ବୋଲି ଦୃଢ ବିଶ୍ୱାସ ରହି ଆସିଛି। ଏହି ଝୁଣାଦାନି ଜାଳି ବସିବା ଦୃଶ୍ୟ ଆଧାତ୍ମିକ ପରିବେଶ ସୃଷ୍ଟି ସହ ଭକ୍ତି ଭାବନା ଜାଗ୍ରତ କରିଥାଏ। ଆଉ ଏହି ଅଷ୍ଟମୀ ପୂଜାରେ ଶହଶହ ସଂଖ୍ୟାରେ ମହିଳା ଓ ପୁରୁଷ ଭକ୍ତମାନଙ୍କ ପ୍ରବଳ ଭିଡ ହୋଇଥାଏ। ସେହିଭଳି ଆଉ ଏକ ବିରଳ ପରମ୍ପରା ହେଲା, ବିଜୟ ଦଶମୀ ବା ଦଶହରା ପର ଦିନ ମା' ଦୁର୍ଗା ଦେବୀଙ୍କ ବିସର୍ଜନ ଶୋଭାଯାତ୍ରା ପୂର୍ବରୁ ମହିଳା ଭକ୍ତମାନଙ୍କ ଦ୍ୱାରା ବିଦାୟ ବନ୍ଦାପନା ଓ ସିନ୍ଦୂର ଖେଳ କରାଯାଇଥାଏ। ଏହା ଏକ ନିଆରା ଓ ମନୋରମ ପରମ୍ପରା। ଅନ୍ୟପକ୍ଷରେ ପୂଜା ୪ ଦିନରେ ପ୍ରତିଦିନ ଛୋଟ ପିଲାମାନଙ୍କ ଦ୍ୱାରା ଚିତ୍ରାଙ୍କନ ଓ ଓଡିଶୀ ଶାସ୍ତ୍ରୀୟ ସଙ୍ଗୀତ ଓ ଭଜନର ତାଳେ ତାଳେ ନୃତ୍ୟ ପରିବେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଶେଷ ଦିନ ଦଶହରା ବନ୍ଧୁମିଳନ ଅବସରରେ ମାନପତ୍ର ଓ ପୁରସ୍କାର ଦିଆଯାଏ।





ବିସର୍ଜନ ପୂର୍ବରୁ ମହିଳାଙ୍କ ଦ୍ୱାରା ବନ୍ଦାପନା ଓ ସିନ୍ଦୂରଖେଳ

**ସେମାନେ ଯାହା କୁହନ୍ତି...**



୩୫ ବର୍ଷର ଏହି ସାର୍ବଜନୀନ ଦୁର୍ଗାପୂଜାକୁ ଶ୍ରଦ୍ଧାଳୁ ଓ ନୀଳକଣ୍ଠପୁର ଅଧିବାସୀଙ୍କ ସହଯୋଗରୁ ସମ୍ଭବ ହୋଇପାରିଛି। ଏଥର ଏଥର ପୂଜା କିଭଳି ସୁରୁଖୁରୁରେ ହେବ ଏଥିନେଇ କମିଟି ଯତ୍ନବାନ ରହିଛି।

**- ଲାଲା ଜଗଦୀଶ ରାୟ, ସଭାପତି**



ସାର୍ବଜନୀନ ନୀଳକଣ୍ଠନଗର ଦୁର୍ଗାପୂଜା ପୂଜା ଅବସରରେ ଅନୁଷ୍ଠିତ ହେବାକୁ ଥିବା ଝୁଣାଦାନି ଜଳାଇ ପୂଜା କରିବା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, କିଭଳି ଶାନ୍ତିଶୃଙ୍ଖଳାରେ ଦର୍ଶକ ମାନେ ଉପଭୋଗ କରିବେ ଓ ମାଆଙ୍କ ଅଷ୍ଟମୀ ପୂଜାକୁ କିଭଳି ଶୃଙ୍ଖଳିତ ଢଙ୍ଗରେ କରାଯିବ ଏଥିନେଇ ଆମେ ପ୍ରସ୍ତୁତ ରହିଛୁ।

**- ସୁକାନ୍ତ କୁମାର ଲାହା, ସମ୍ପାଦକ**





# ଶିଶୁମୃତ୍ୟୁ; କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଉତ୍ତେଜନା

ଭୁବନେଶ୍ୱର, ୨୨।୯(ସମିସ): ଶିଶୁ ମୃତ୍ୟୁକୁ ନେଇ କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା ଦେଖିବାକୁ ମିଳିଛି । କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ହୋହଲ୍ଲା, ଆନ୍ଦୋଳନ, ରାସ୍ତାରୋକ ଏବଂ ଭଙ୍ଗାରୁଜା କରିଥିଲେ ଲୋକେ । କିଛି ସମୟ ପାଇଁ କ୍ୟାପିଟାଲ ହସ୍ପିଟାଲ ଛକରୁ ଏଜି ଛକ ଯାଏଁ ଯାତାୟାତ ଠପ୍ ହୋଇଯାଇଥିଲା । ପୁଲିସ

- କ୍ଷତିପୂରଣ, କାର୍ଯ୍ୟାନୁଷ୍ଠାନ ଦାବିରେ ହୋହଲ୍ଲା, ରାସ୍ତାରୋକ
- ହସ୍ପିଟାଲ ଛକରୁ ଏଜି ଛକ ଯାଏଁ ଯାତାୟାତ ଠପ୍
- ଏମରଜେନ୍ସି ୱାର୍ଡକୁ ପଶିଲେ ଆନ୍ଦୋଳନକାରୀ
- ସୁରକ୍ଷା କର୍ମୀ ମାଡ଼ରେ ଜଣେ ଆନ୍ଦୋଳନକାରୀ ଗୁରୁତର
- ମୁଖ୍ୟମନ୍ତ୍ରୀଙ୍କ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା




ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ପରିସ୍ଥିତି ଜଟିଳ ହୋଇଯାଇଥିଲା । ଶେଷରେ ଲୋକଙ୍କୁ ରାସ୍ତାରୁ ହଟାଇବା ପାଇଁ ନାକେଦମ ହୋଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପରିବାର ଲୋକଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

ହାତିଆଶୁଣି ଅଞ୍ଚଳର ଅଟୋଚାଳକ ଆଶିଷ ସାହୁ ତାଙ୍କ ଦେଢ଼ ବର୍ଷର ପୁଅକୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ଆଣିଥିଲେ । ଥଣ୍ଡା, କାଶ ଚିକିତ୍ସା ହସପିଟାଲରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତରଙ୍କ ଖାମଖିଆଲି ଯୋଗୁଁ ଶିଶୁକୁ ଓଭର ଡୋଜ ମେଡ଼ିସିନ ଦିଆଯାଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ । ତେଣୁ ଔଷଧ ନେବାର କିଛି ସମୟ ପରେ ଶିଶୁଟିର ଶରୀର ନିସ୍ତେଜ ହେବା ସହ ମୃତ୍ୟୁ ହୋଇଥିଲା ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଡାକ୍ତରଙ୍କ ଅବହେଳାକୁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ଦାବି କରି ରାସ୍ତା ଅବରୋଧ କରିଥିଲେ ସ୍ମାର୍ଟ ଅନଲାଇନ ଅଟୋ ଚାଳକ । ପୁଲିସ ଆନ୍ଦୋଳନକାରୀଙ୍କ ବୁଝାସୁଝା କରିବା ପରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ଏହାପରେ ଶିଶୁର ପୋଷ୍ଟମର୍ଟମ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ହସ୍ପିଟାଲରେ ନିୟୋଜିତ ସୁରକ୍ଷା କର୍ମୀ ଓ ଉତ୍ତ୍ୟକ୍ତ ଲୋକମାନଙ୍କ ମଧ୍ୟରେ ଝଗଡ଼ା ହେଲା । ସୁରକ୍ଷା କର୍ମୀ ମାଡ଼ରେ ଜଣେ ଆନ୍ଦୋଳନକାରୀ ଗୁରୁତର ଭାବେ ଅଭିଯୋଗ ହୋଇଛି । ସମ୍ପୃକ୍ତ ସୁରକ୍ଷା କର୍ମୀଙ୍କୁ ଖୋଜି ଖୋଜି ନିର୍ଦ୍ଦେଶଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ଆନ୍ଦୋଳନକାରୀ । ଏହାରି ଭିତରେ ଶିଶୁର ପରିବାରକୁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ତେବେ ରୋଗୀ ସେବାରେ କୌଣସି ଅବହେଳା ହୋଇନାହିଁ ବୋଲି ସ୍ପଷ୍ଟ କରିଛନ୍ତି ହସ୍ପିଟାଲ ନିର୍ଦ୍ଦେଶକ । ମାମଲାର ଗୁରୁତ୍ୱକୁ ଦେଖି ସ୍ୱାସ୍ଥ୍ୟ ସଚିବଙ୍କ ନିର୍ଦ୍ଦେଶରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ହସ୍ପିଟାଲରେ ପହଞ୍ଚି ତଦନ୍ତ କରିଛନ୍ତି । ହସ୍ପିଟାଲରେ ନିୟୋଜିତ ଘରୋଇ ସୁରକ୍ଷା କର୍ମୀଙ୍କ ଦାଦାଗିରି ଯୋଗୁଁ ରୋଗୀ ଓ ସମ୍ପର୍କୀୟ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି ଆନ୍ଦୋଳନକାରୀ । କାର୍ଯ୍ୟାନୁଷ୍ଠାନ ଦାବି କରି ହସପିଟାଲ ଭିତରକୁ ଧସେଇ ପଶିଥିଲେ । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରି ନିଜ 'ଏକ୍ସ' ହ୍ୟାଣ୍ଡେଲରେ କ୍ଷତିପୂରଣ ବାବଦରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି ।

# ଖୁବ୍‌ଶୀଘ୍ର ଆସିବ ଶୁଭମିତ୍ରା ଶବ ବ୍ୟବଚ୍ଛେଦ ରିପୋର୍ଟ

**● ଏସ୍ଏଫ୍ଏସ୍ଏଲକୁ ଚିଠି ଲେଖିବ ପୁଲିସ**

ଭୁବନେଶ୍ୱର, ୨୨।୯ (ସମିସ): ମହିଳା କନେଷ୍ଟବଳ ଶୁଭମିତ୍ରା ହତ୍ୟାକାଣ୍ଡରେ ଗିରଫ ହୋଇଥିବା କନେଷ୍ଟବଳ ସ୍ୱାମୀ ଦୀପକକୁ କୋର୍ଟରେ ଦୋଷୀ ସାବ୍ୟସ୍ତ କରିବାକୁ ଜୋରଦାର ଉଦ୍ୟମ ଚଳାଇଛି ପୁଲିସ । ଶୁଭମିତ୍ରାଙ୍କ ପରିବାର ସଦସ୍ୟଙ୍କ ଠାରୁ ଆରମ୍ଭ କରି ଘଟଣା ସହ ସମ୍ପୃକ୍ତ ୨୫ ଜଣଙ୍କ ବୟାନ ରେକର୍ଡ ସରିଲାଣି । ଏମିତିକି ଦୀପକ କାମ କରୁଥିବା ପୁଲିସ କମିସନରଙ୍କ କାର୍ଯ୍ୟାଳୟର କିଛି କର୍ମଚାରୀଙ୍କୁ ମଧ୍ୟ ପଚରାଉଚରା କରାଯାଇଛି । ସେପଟେ ଶୁଭମିତ୍ରାଙ୍କ ମୃତଦେହ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଥିଲା । ଭିସେରା ପରୀକ୍ଷା ପାଇଁ କେନ୍ଦୁଝର ଡାକ୍ତରଖାନାରୁ ନମୁନା ରାଜ୍ୟ ଅପରାଧ ବିଧିବିଜ୍ଞାନଗାର (ଏସଏଫଏସଏଲ୍)କୁ ପରୀକ୍ଷା ପଠାଯାଇଥିଲା । ସେଠାକାର ଏକ ଡାକ୍ତରୀ ଟିମ୍ ଶୁଭମିତ୍ରାଙ୍କ ବ୍ୟବଚ୍ଛେଦରୁ ମିଳିଥିବା ବିଭିନ୍ନ ତଥ୍ୟକୁ ଯାଞ୍ଚ କରୁଛନ୍ତି । ବ୍ୟବଚ୍ଛେଦର କେତେଦିନ ପୂର୍ବରୁ ଶୁଭମିତ୍ରାଙ୍କ ମୃତ୍ୟୁ ହୋଇଛି ଓ ଶରୀରର କେଉଁ କେଉଁ ସ୍ଥାନରେ କ୍ଷତ ଚିହ୍ନ ରହିଛି । ସେସବୁ କ୍ଷତ କେଉଁ କାରଣରୁ ହୋଇଥାଏ, ସେନେଇ ଯାଞ୍ଚ କରୁଛନ୍ତି । ଚଳିତ ସପ୍ତାହରେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବ ବୋଲି ପୁଲିସ କହିଛି । ହେଲେ ଭିସେରା ପରୀକ୍ଷା ସମେତ ଅନ୍ୟ ରିପୋର୍ଟ ଆସି ନଥିବାରୁ ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତର ମଧ୍ୟ ଚୂଡ଼ାନ୍ତ ମତାମତ ଦେଇ ନ ପାରନ୍ତି । ତେବେ ଭିସେରା ଓ ଅନ୍ୟାନ୍ୟ ପରୀକ୍ଷା ରିପୋର୍ଟ ଶୀଘ୍ର ଦେବା ପାଇଁ କମିସନରେଟ ପୁଲିସ ପକ୍ଷରୁ ଏସ୍ଏଫ୍ଏସ୍ଏଲକୁ ଚିଠି ଲେଖାଯିବ । ଶୁଭମିତ୍ରା ହତ୍ୟାକାଣ୍ଡର ବିଭିନ୍ନ ପ୍ରମାଣକୁ ଏକାଠି କରୁଛି ପୁଲିସ । ଘଟଣାର ପ୍ରାୟ ୬୦ଟି ଦସ୍ତାବିଜକୁ ପୁଲିସ କୋର୍ଟରେ ଦାଖଲ କରିବାକୁ ପ୍ରସ୍ତୁତ କରାଯାଉଛି ।

ସେପଟେ ଖୁଣ୍ଟୁଣି ଥାନାରେ ହୋଇଥିବା ଅପର୍ଣ୍ଣା ହତ୍ୟା ମାମଲାର ତଦନ୍ତ ମଧ୍ୟ ମଧ୍ୟ ବେଶ୍ ଆଗେଇଛି । ଅପର୍ଣ୍ଣାଙ୍କ ପରିବାର ଲୋକଙ୍କ ପରେ ଦୁର୍ଘଟଣା ମାମଲାର ସାକ୍ଷୀଙ୍କୁ ପଚରାଉଚରା କରିବା ପାଇଁ ନୋଟିସ କରିଛି ପୁଲିସ । ଏଥିସହିତ ଟ୍ରକ୍ ଚାଳକ ଓ ଡ୍ରାଇଭରଙ୍କୁ ପଚରାଉଚରା କରାଯିବ । ଦୁର୍ଘଟଣା ମାମଲାର ସମସ୍ତ ପ୍ରମାଣର ପୁନଃ ଯାଞ୍ଚ କରାଯିବ । ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ମଧ୍ୟ ପୁନଃ ଯାଞ୍ଚ କରାଯିବ ବୋଲି ପୁଲିସ କହିଛି । ସୂଚନାଯୋଗ୍ୟ ଯେ, ୨୦୨୨ ମସିହା ମାର୍ଚ୍ଚ ମାସ ୧୭ ତାରିଖ ଦିନ ଦୀପକ ଓ ପ୍ରଥମ ପତ୍ନୀ ଅପର୍ଣ୍ଣା କାର୍ ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିଲେ । ଅପର୍ଣ୍ଣା ପରିସ୍ରା କରିବାକୁ କହିବାରୁ ଖୁଣ୍ଟୁଣି ଥାନା ଅନ୍ତର୍ଗତ ରାଧାକିଶୋରପୁର ଠାରେ ଦୀପକ କାର ରଖିଥିଲେ । ଅପର୍ଣ୍ଣା ପରିସ୍ରା କରିବାକୁ ଯାଉଥିବା ବେଳେ ଟ୍ରକ୍ ଧକ୍କାରେ ଆହତ ହୋଇଥିଲେ ଓ ପରେ ମୃତ୍ୟୁବରଣ କରିଥିଲେ । ପତ୍ନୀଙ୍କୁ ଓଡି-୦୨-ଏସ୍-୩୪୮୬ ନମ୍ବର ବିଶିଷ୍ଟ ଏକ ଟ୍ରକ ଧକ୍କା ଦେଇଥିବା ଦୀପକ ଖୁଣ୍ଟୁଣି ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ କରିଥିଲା । ଦୀପକ ଟ୍ରକ୍ ମାଲିକଙ୍କୁ ଟଙ୍କା ଦେଇ ମିଛ କହିବାକୁ କହିଥିଲା ବୋଲି ସେତେବେଳେ ଟ୍ରକ୍ ମାଲିକ ବୟାନ ଦେଇଥିଲେ । ଦୀପକ ଦେଇଥିବା ଟ୍ରକର ସମ୍ପୃକ୍ତି ନ ମିଳିବାରୁ ପୁଲିସ ଏଫ୍ଆରଟି ନୋ କ୍ଲୁ କରି ମାମଲାକୁ ବନ୍ଦ କରି ଦେଇଥିଲା । ଏବେ ଦ୍ୱିତୀୟ ପତ୍ନୀ ଶୁଭମିତ୍ରା ହତ୍ୟାକାଣ୍ଡରେ ଦୀପକ ଗିରଫ ହେବାପରେ ଅପର୍ଣ୍ଣାଙ୍କ ଭଉଣୀ ରୋଜାଲିନ ଖୁଣ୍ଟୁଣି ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି । (ବରୁଣ)

**● ମହିଳାଙ୍କୁ ଗଣଦୁଷ୍କର୍ମ ଘଟଣା**

# ଘର ମାଲିକଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୨୨।୯ (ସମିସ): ବାଣୀବିହାର ଅଞ୍ଚଳରେ ଘଟିଥିବା ଏକ ଗଣଦୁଷ୍କର୍ମ ମାମଲାର ରାୟ ଆଜି ପ୍ରକାଶ ପାଇଛି । ଭୁବନେଶ୍ୱରସ୍ଥିତ ଅତିରିକ୍ତ ସେସନ୍ସ ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତର ବିଚାରପତି ଶୁଭଞ୍ଜନ ମହାନ୍ତି ଅଭିଯୁକ୍ତ ଘର ମାଲିକ ଅମିତାଭ ଶତପଥୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ।

ପୁଲିସ ସୂଚନା ଅନୁସାରେ, ପୀଡ଼ିତା ଓ ତାଙ୍କ ସ୍ୱାମୀ ବାଣୀବିହାର ରେଳ ଷ୍ଟେସନ ଓଭରବ୍ରିଜ ତଳେ ଥିବା ଅମିତାଭର ଘରେ ଭଡ଼ା ରହୁଥିଲେ । ୨୦୧୪ ଏପ୍ରିଲ ୪ ତାରିଖ ଦିନ ଅମିତାଭ, ପତ୍ନୀ କାଞ୍ଚନ ଓ ସାଙ୍ଗ ବାହୁଡ଼ା ମିଶି ତାଙ୍କ ଭଡ଼ାଟିଆ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ । ସ୍ୱାମୀ କାମରୁ ଘରକୁ ଫେରିବାବେଳେ ଏହି ଘଟଣା ଦେଖି ଦେବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ । ଅଭିଯୁକ୍ତମାନେ ପୀଡିତାଙ୍କୁ ମଦ୍ୟପାନ କରିବାକୁ ବାଧ କରିଥିଲେ ଓ ପରେ ଗଣଦୁଷ୍କର୍ମ କରିଥିଲେ ବୋଲି ପୀଡ଼ିତା କହିଥିଲେ । ପୀଡ଼ିତାଙ୍କ ସ୍ୱାମୀ ଏନେଇ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ କେସ୍ ନଂ ୯୪/୧୪ ରେ ଦଫା ୩୭୬(ଡି) ଆଇପିସି ଲଗାଇ ମାମଲା ରୁଜୁ କରିଥିଲା । ତଦନ୍ତକାରୀ ଅଧିକାରିଣୀ ତଥା ତତ୍କାଳୀନ ସବ୍ ଇନ୍ସପେକ୍ଟର ସୁବାସିନୀ ମହାପାତ୍ର ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୮ ଜଣ ସାକ୍ଷୀ ଓ ୪୪ଟି ଦସ୍ତାବିଜ ଆଧାରରେ ବିଚାର କରି ଆସାମୀ ଅମିତାଭ ଶତପଥୀ ଓରଫ ଭାଲୁକୁ ଧାରା ୩୭୬(ଡି) ଆଇପିସି ଅନୁସାରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ୨୦ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୫୦ ହଜାର ଟଙ୍କା ଜୋରମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୧ ବର୍ଷର କାରାଦଣ୍ଡ ଦେଇଛନ୍ତି । ଅଦାୟ ଦଣ୍ଡ ରାଶି ପୀଡ଼ିତାଙ୍କୁ କ୍ଷତିପୂରଣ ଭାବେ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ପୀଡ଼ିତାଙ୍କ ସହିତ ଘଟିଥିବା ଶାରୀରିକ ଓ ମାନସିକ ଆଘାତକୁ ଧ୍ୟାନରେ ରଖି ଅଧିକ କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ସୁପାରିଶ କରିଛନ୍ତି । ଘଟଣାର ଅନ୍ୟ ଦୁଇ ଅଭିଯୁକ୍ତ ଅଦାଲତରେ ଅନୁପସ୍ଥିତ ଥିବାରୁ ସେମାନଙ୍କ ରାୟ ସଂରକ୍ଷିତ ରହିଛି । ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଡ. ସୁରେଶ କୁମାର ବାରିକ ଏହି ମାମଲାକୁ ପରିଚାଳନା କରୁଥିଲେ ।

**ଟ୍ୟାକ୍ସି ଡ୍ରାଇଭର ମୃତ୍ୟୁ ଘଟଣା**

# ଜେଲ୍ ଗଲେ ୪ ଗିରଫ ଅଭିଯୁକ୍ତ

ଭୁବନେଶ୍ୱର, ୨୨।୯(ସମିସ): ଚନ୍ଦକା ଜଙ୍ଗଲ ରାସ୍ତାକଡ଼ରୁ ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର ସାହୁଙ୍କ ମୃତଦେହ ମିଳିବା ଘଟଣାରେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ । ଗଜପତି ଜିଲ୍ଲା ଯୋଗିପଡ଼ାର ଏନ୍. ଦିଲ୍ଲୀପ କୁମାର, ଗୁରଣ୍ଡିର ଦୀପକ କୁମାର ସାହୁକା, ରବୀନ୍ଦ୍ର ବେହେରା ଏବଂ ରମେଶ ଚନ୍ଦ୍ର ବେହେରା । ସେମାନଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଏବଂ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଗିରଫ କରାଯାଇଥିବା ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ।

**ସାର୍ଟିଫିକେଟ୍ ସହ ଷ୍ଟାମ୍ପ ଜବତ କଲା ପୁଲିସ**

ଜବ୍ ଦେବାକୁ କହି ଏମାନଙ୍କ ଠାରୁ ଟଙ୍କା ଓ ଡକ୍ୟୁମେଣ୍ଟ ନିଆଯାଇଥିଲା । ଟଙ୍କା ଓ ଡକ୍ୟୁମେଣ୍ଟ ଫେରସ୍ତ ପାଇଁ ଏମାନେ ବିଦ୍ୟାଧରକୁ କହୁଥିଲେ । ହେଲେ ବିଦ୍ୟାଧର କିନ୍ତୁ ଧରାଛୁଆଁ ଦେଉନଥିଲେ । ଏଥିପାଇଁ ଗତ ୧୫ ତାରିଖରେ ତାଙ୍କୁ ଅପହରଣ କରାଯାଇଥଇଲା । ଏହି ଘଟଣାରେ ୮ରୁ ଅଧିକ ଲୋକଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଛି । ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି । ସେମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ରେଡ କରୁଛି । ଖାଲି ସେତିକି ନୁହେଁ ଉକ୍ତ ମାଡାମଙ୍କ ନାଁରେ ମଧ ସମାନ ଦଫା ଲଗାଯାଇଥିବା ମଧ କହିଛନ୍ତି ପୁଲିସ କମିସନର । ସୂଚନା ଥାଉ କି, ଅପହରଣକାରୀମାନେ ଟଙ୍କା ନ ପାଇବାରୁ ଗତ ୧୫ ତାରିଖରେ ବିଦ୍ୟାଧରଙ୍କୁ ଅପହରଣ କରି ନେଇଥିଲେ । ଏହା ପରେ ୨ କୋଟି ଟଙ୍କା ମୁଣ୍ଡ ଜାମିନ ରଖିବା ସହ ଯାଜପୁର ଅଞ୍ଚଳରେ ଏକ ଘରେ ଅଟକ ରଖିଥିଲେ । ଘରେ ଅଟକ ରଖିଥିବା ବେଳେ ସେଠାରୁ ଖସି ନ ପାରିବା ଓ ନେଇଥିବା ଟଙ୍କା ଫେରସ୍ତ କରି ନପାରିବା ଦେଖି ବିଦ୍ୟାଧର ଆତ୍ମହତ୍ୟା କରିଥିଲେ । ନିଜ ପାଖରେ ଥିବା ଧଳା ଗାମୁଛାରେ ଫ୍ୟାନରେ ଝୁଲି ପଡ଼ିଥିଲେ ।

ବିଦ୍ୟାଧର ଆତ୍ମହତ୍ୟା କରିଥିବା ଦେଖି ହଡବଡେଇ ଯାଇଥିଲେ ଅପହରଣକାରୀ । ଶେଷରେ ଅନ୍ୟ ଉପାୟ ନ ପାଇ ମୃତଦେହକୁ ଟ୍ୟାକ୍ସିରେ ଆଣି ଚନ୍ଦକା ଅଞ୍ଚଳକୁ ଆଣିଥିଲେ । ସେଠାରେ ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ଚେଷ୍ଟା କରିଥିଲେ । ସେଠାରେ ଏକ ଗଛରେ ମୃତଦେହ ଗାମୁଛାରେ ଟାଙ୍ଗିଥିଲେ । ଏହି ସମୟରେ ଅଭିଯୁକ୍ତମାନେ ଧମକ ଦେଇଥିବା ଫୋନ୍ ନମ୍ବରକୁ ପୁଲିସ ଟ୍ରେସ୍ କରି କଲ୍ କରିଥିଲେ । ଅଭିଯୁକ୍ତମାନେ ପୁଲିସ କଲ୍ ଉଠାଇବା ପରେ ଭୟରେ ସେଠାରେ ମୃତଦେହ ଫିଙ୍ଗି ଫେରାର ହୋଇଯାଇଥିଲେ । ପୁରା ଘଟଣାରେ ଟଙ୍କା ନେଇ ଫେରାର ଅଛନ୍ତି ଜ୍ୟୋତ୍ସ୍ନା ମ୍ୟାଡାମ୍ । ଯିଏକି ଚାକିରି ଦେବାକୁ କହି ଠକେଇ କରୁଥିଲେ । ଗଢିଥିଲେ ଠକେଇ ଗ୍ୟାଙ୍ଗ । ଯାହାର ସଦସ୍ୟ ଥିଲେ ମୃତ ଟ୍ୟାକ୍ସି ଡ୍ରାଇଭର୍ ବିଦ୍ୟାଧର । ୧୫ ସେପ୍ଟେମ୍ବର ୨୦୨୫ ।

ବିଦ୍ୟାଧରଙ୍କ ପାଖରେ ପହଞ୍ଚିଥିଲେ ଗଜପତି, ଭୁବନେଶ୍ୱର, ବାଲେଶ୍ୱର ଓ ଯାଜପୁରରୁ ଆସିଥିବା ଏହି ଯୁବକମାନେ ଓ ଭୁବନେଶ୍ୱରରେ ସରକାରୀ ଚାକିରିର ସ୍ୱପ୍ନ ନେଇ ବିଦ୍ୟାଧରଙ୍କ ମାଧ୍ୟମରେ ଦେଇଥିଲେ ଦେଢ଼ କୋଟି ଟଙ୍କା । ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆ ନାମକ ଜଣେ ମହିଳା ଏକ କନସଲଟାନ୍ସି ଖୋଲି ଚାକିରି ଦେଉଥିଲେ ଆଉ ଟଙ୍କା ସହ ଚାକିରି ଆଶାୟୀଙ୍କ ଅସଲି ସାର୍ଟିଫିକେଟ ସବୁ ନେଇଯାଇଥିଲେ ବିଦ୍ୟାଧର ଓ ହେଲେ ନା ମିଳିଲା ଚାକିରି ନା ଫେରି ପାଇଲେ ଟଙ୍କା । ବିଦ୍ୟାଧର ଟଙ୍କା ଫେରାଇବାକୁ ଅସମର୍ଥ ହେବାରୁ, ଗତ ୧୬ ତାରିଖ ଦିନ ତାଙ୍କରି କାରରେ ଯାଜପୁରକୁ ଉଠାଇ ନେଇଥିଲେ ଚାକିରି ଆଶାୟୀ । ଆଉ ୨ କୋଟି ନ ଫେରାଇଲେ ସ୍ୱାମୀ ଆଉ ଘରକୁ ଫେରିବନି ବୋଲି ବିଦ୍ୟାଧରଙ୍କ ପତ୍ନୀଙ୍କୁ ଫୋନ କରି ଧମକ ଦେଇଥିଲେ । ହେଲେ ୧୯ ତାରିଖରେ ବିଦ୍ୟାଧର ବନ୍ଧକ ଥିବା ଭଡ଼ା ଘରେ ଆତ୍ମହତ୍ୟା କରିଦେଲେ । ମୃତ ଦେହକୁ ଯାଜପୁରରୁ ଚନ୍ଦକା ଆଣି ଫୋପାଡ଼ି ଫେରାର ହୋଇ ଯାଇଥିଲେ ସମସ୍ତେ । କିଏ ପୁଅକୁ ସରକାରୀ ଚାକିରି ଦେବାକୁ ଟଙ୍କା ଦେଇଥିଲେ ତ ଆଉ କିଏ ଭାଇ ପାଇଁ ଲକ୍ଷ ଲକ୍ଷ ଟଙ୍କାର ଡିଲ୍ କରିଥିଲେ । ଚାକିରି ତ ମିଳିଲାନି, ଟଙ୍କା ବି ଫେରି ପାଇଲେନି । ଆଉ ଶେଷରେ ବାନ୍ଧିଛି ପୁଲିସ ।

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଘେରାଓ

ଭୁବନେଶ୍ୱର, ୨୨।୯(ସମିସ): ସୈନିକ ସ୍କୁଲସ୍ଥିତ ଅବୈଧ ଡମ୍ପିଂୟାର୍ଡକୁ ପ୍ରୋତ୍ସାହନ ବିରୁଦ୍ଧରେ ପଟିଆ ଶିଳ୍ପାଞ୍ଚଳରେ ଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଘେରାଓ କରିଛି ସୈନିକ ସ୍କୁଲ ବଞ୍ଚାଅ ଅଳିଆଗଦା ହଟାଅ ଅଭିଯାନ । ବିଏମସି ଗାଡ଼କଣ ଡମ୍ପିଂୟାର୍ଡରେ ଅବୈଧ ଭାବେ ଅଳିଆ ଗଦା କରିବା ଯୋଗୁଁ ଅସହ୍ୟ ଦୁର୍ଗନ୍ଧ, ପରିବେଶ ପ୍ରଦୂଷଣ, ଶ୍ୱାସ, ଚର୍ମ ରୋଗ ଏବଂ ସମ୍ଭାବ୍ୟ କର୍କଟ ରୋଗ ସମେତ ଜନସ୍ୱାସ୍ଥ୍ୟ ବିପଦ ସୃଷ୍ଟି ହୋଇଚାଲିଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଏବଂ ସ୍ୱାସ୍ଥ୍ୟ ବିପଦକୁ ଅଣଦେଖା କରି ଉପଯୁକ୍ତ ତଦାରଖ ବିନା ସିଟିଓ ଜାରି କରିଥିଲେ ।

ଆଞ୍ଚଳିକ ଅଧିକାରୀ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଏବଂ ସ୍ୱାସ୍ଥ୍ୟ ବିପଦକୁ ଅଣଦେଖା କରି ଉପଯୁକ୍ତ କ୍ଷେତ୍ର ପରିଦର୍ଶନ ବିନା ସିଟିଓ ଜାରି କରିଛନ୍ତି । ଅଳିଆ ଗଦା ହଟାଅ ଅଭିଯାନ ଓ ପ୍ରଦୂଷଣ ବୋର୍ଡ ଅଧିକାରୀଙ୍କ ମିଳିତ ସେପ୍ଟେମ୍ବର ୯ ବୈଠକରେ ନିଶ୍ଚିତ କରାଯାଇଥିଲା ଯେ ପ୍ରକ୍ରିୟାକରଣ ୟୁନିଟ୍ ନୁହେଁ, ଏକ ଡମ୍ପିଂ ଷ୍ଟେସନ । ତେଣୁ ୭ ଦିନ ମଧ୍ୟରେ ସବୁ ଅଳିଆ ସ୍ଥାନ ସଫା କରିବାକୁ ବିଏମ୍‌ସିକୁ ନିର୍ଦ୍ଦେଶ ଦେଇଥିଲା ପ୍ରଦୂଷଣ ବୋର୍ଡ । ଯେତେ ବେଳେ ଏହା ଏକ ବିବାଦ ଓ ଆଇନ ଗତ ବିଚରାଧୀନ ଅବସ୍ଥାରେ ଅଛି ସେତିକି ବେଳେ ତାଙ୍କୁ କିପରି ବେଆଇନ ଭାବେ ଅନୁମତି ଦିଆଗଲା ବୋଲି ସଂଗଠନ ପକ୍ଷରୁ ପ୍ରଶ୍ନ କରାଯାଇଛି । ତେଣୁ ଆଞ୍ଚଳିକ ଅଧିକାରୀ ୭ ଦିନ ମଧ୍ୟରେ ବିଏମ୍‌ସିକୁ ଦିଆଯାଇଥିବା ସିଟିଓ ପ୍ରତ୍ୟାହାର ନ କଲେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ଅଳିଆଗଦା ହଟାଅ ଅଭିଯାନର ପ୍ରସନ୍ନ ବିଷୋୟୀ କହିଛନ୍ତି । ଦିଲୀପ ଦାସ ଶର୍ମାଙ୍କ ନେତୃତ୍ୱରେ ଆଜିର ଘେରାଉରେ ଚିନ୍ତାମଣି ବାରିକ, ସନ୍ଦୀପ୍ତ ଦାସ, ଶଙ୍କର୍ଷଣ ବାରିକ, ସଞ୍ଜୟ ମଲ୍ଲିକ, ମହେଶ୍ୱର ବିଶ୍ୱାଳ, ଧରଣୀଧର ରାଉତ ନବ କିଶୋର ବେହୁରା, ସୁଶାନ୍ତ ସାହୁ, ମିନତୀ ପାତ୍ର, ଭଗବତୀ ମିଶ୍ରଙ୍କ ସମେତ ସେହି ଅଞ୍ଚଳର ଅନେକ କ୍ଷତିଗ୍ରସ୍ତ ଜନସାଧାରଣ ଯୋଗ ଦେଇଥିଲେ ।

# ୧୦ ଦେଶର ରାଷ୍ଟ୍ରଦୂତଙ୍କ କିଟ୍ ଓ କିସ୍ ପରିଦର୍ଶନ

ଭୁବନେଶ୍ୱର, ୨୨।୯(ସମିସ): ଲାଟିନ ଆମେରିକା ଏବଂ କାରିବିଆନ୍ ଦେଶଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ଦଶ ଜଣ ରାଷ୍ଟ୍ରଦୂତ ଆଜି କିଟ୍ ଏବଂ କିସ ପରିଦର୍ଶନ କରିବା ସହ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ଗୋଲ ଟେବଲ ବୈଠକରେ ଯୋଗ ଦେଇଥିଲେ । ପେରୁ, ଆର୍ଜେଣ୍ଟିନା, ଉରୁଗୁଏ, ପାରାଗୁଏ, ସୁରିନାମ, ଚିଲି, ଜାମାଇକା, ବଲିଭିଆ, ଗୁଆଟେମାଲା ଏବଂ କଲମ୍ବିଆ ଆଦି ଦେଶର ରାଷ୍ଟ୍ରଦୂତମାନେ ଏଥିରେ ସାମିଲ ହୋଇଥିଲେ । ବୈଠକରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଯୋଗ ଦେଇଥିଲେ ।

**● ବରମୁଣ୍ଡା ବସଷ୍ଟାଣ୍ଡରୁ ହେଲ୍‌ପରଙ୍କୁ ଅପହରଣ**

# ହାତଗୋଡ଼ ବାନ୍ଧି ଲୁଟିଲେ; ଗୋଠପାଟଣାରେ ଫିଙ୍ଗିଲେ

ଭୁବନେଶ୍ୱର, ୨୨।୯ (ସମିସ): ରାଜଧାନୀରେ ଆଇନଶୃଙ୍ଖଳା ଓ ନାଗରିକ ସୁରକ୍ଷାର ଧଜିଆ ଉଡ଼ୁଛି । କେତେବେଳେ ନିଖୋଜ ଯୁବତୀଙ୍କ ମୃତଦେହ ୭ ମାସ ପରେ ମିଳୁଛି ତ ଆଉ କେତେବେଳେ ମହିଳା କନେଷ୍ଟବଳଙ୍କୁ ହତ୍ୟା କରି ଘଟଗାଁରେ ପୋତି ଦିଆଯାଉଛି । ଏହାରି ଭିତରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବରମୁଣ୍ଡା ବସଷ୍ଟାଣ୍ଡରୁ ହେଲପରଙ୍କୁ ଅପହରଣ କରାଯାଇଛି । ଲୁଟ୍ ପରେ ତାଙ୍କୁ ଫିଙ୍ଗି ଦେଇ ଫେରାର ହୋଇ ଯାଇଛନ୍ତି ଦୁର୍ବୃତ୍ତ । ଅଭିଯୋଗ ପାଇବା ପରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀର ଆଶୁତୋଷ ମହାନ୍ତି (୨୬) ।



**ଜଣେ ଗିରଫ; ୫ ଅଭିଯୁକ୍ତ ଫେରାର**

ପୁଲିସ ସୂଚନାନୁସାରେ, ହେଲପର ଜୟନ୍ତ ବିଶ୍ୱାଳ ଓ କଣ୍ଡକ୍ଟର ଅଶୋକ ମହାନ୍ତି ଗୋଟିଏ ମାଲିକ ନିକଟରେ ଅଲଗା ଅଲଗା ବସରେ କାମ କରୁଛନ୍ତି । ଗତ ଶୁକ୍ରବାର ଭଦ୍ରକର ଜାମୁଝାଡ଼ି ଠାରେ ଯାତ୍ରୀ ଉଠାଇବାକୁ ନେଇ ଜୟନ୍ତ ଓ ଅଶୋକ ମଧ୍ୟରେ ଝଗଡ଼ା ହୋଇଥିଲା । ଶନିବାର ଅପରାହ୍ଣରେ ଜୟନ୍ତ ବିଶ୍ୱାଳ ବରମୁଣ୍ଡା ପୁରୁଣା ବସ୍‌ଷ୍ଟାଣ୍ଡରେ ବସ୍ ଭିତରେ ଶୋଇଥିଲେ । ସେହି ସମୟରେ ଅଶୋକ, ତା'ର ପୁଅ ଆଶୁତୋଷ ଓ ୪ ସହଯୋଗୀ ଆସି ଜୟନ୍ତଙ୍କୁ ଏକ କାରରେ ଅପହରଣ କରି ନେଇଥିଲେ । ଜୟନ୍ତଙ୍କ ଆଖିରେ ପଟି ବାନ୍ଧି ତାଙ୍କ ମୁଣ୍ଡ ଓ ଗୋଡ଼ୁ ଧାରୁଆ ଅସ୍ତ୍ର ଓ ଠେଙ୍ଗାରେ ଆକ୍ରମଣ କରିଥିଲେ । ତାଙ୍କ ହାତ ଗୋଡ଼ ବାନ୍ଧି ୮୬୦୦ ଟଙ୍କା ଲୁଟି ନେବାପରେ ଆହତ ଅବସ୍ଥାରେ ଗୋଠପାଟଣାରେ ଫିଙ୍ଗି ଫେରାର ହୋଇ ଯାଇଥିଲେ । ସ୍ଥାନୀୟ ଲୋକମାନଙ୍କ ସହାୟତାରେ ଜୟନ୍ତଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରଯାଇଥିଲା । ଏନେଇ ଜୟନ୍ତଙ୍କ ଭିଣୋଇ ଭଗବାନ ରାଉତ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ପୂର୍ବ ଝଗଡ଼ାରୁ ପ୍ରତିଶୋଧ ପରାୟଣ ହୋଇ ଅଶୋକ, ତା'ର ପୁଅ ଆଶୁତୋଷ, ଭଣଜା ଲିଟୁ ଓ ସହଯୋଗୀମାନେ ମିଶି ଏଭଳି କାଣ୍ଡ ଭିଆଇଥିବା ତଦନ୍ତରୁ ଜଣାପଡ଼ିଥିଲା । ଆଜି ପୁଲିସ ଆଶୁତୋଷକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆହୁରି ୫ ଅଭିଯୁକ୍ତ ଫେରାର ଅଛନ୍ତି ।

**ଇନ୍‌ଫୋସିଟି ଥାନା ପାଖରେ**

# ନିଲାମ ହେଉଛି ରାସ୍ତାକଡ଼ ସରକାରୀ ଜମି

ଭୁବନେଶ୍ୱର, ୨୨।୯ (ସମିସ): ରାଜଧାନୀରେ ରାସ୍ତାକଡ଼ ସରକାରୀ ଜମିର ନିଲାମ ପାଇଁ ଏକାଠି ହେଉଛନ୍ତି ଆଶାୟୀ ବ୍ୟବସାୟୀ । ସର୍ବସାଧାରଣରେ ପଡୁଛି ପାଲି । ଲାଗୁଛି ଲକ୍ଷାଧିକ ଟଙ୍କାର ବୋଲି । ବ୍ୟବସାୟୀମାନେ ମାତ୍ର ୫୦ ବର୍ଗ ମିଟର ଜମି ପାଇଁ ମାସକୁ ୨୦ରୁ ୩୦ ହଜାର ପର୍ଯ୍ୟନ୍ତ ବୋଲି ଲାଗାଇ ଦେଉଛନ୍ତି । ବ୍ୟବସାୟୀଙ୍କୁ ନିଲାମରେ ମିଳିଥିବା ଜମିର କୌଣସି କାଗଜପତ୍ର ମିଳିବନି, ମିଳିବ ତ କେବଳ ସ୍ଥାନୀୟ ଗୁଣ୍ଡାଙ୍କ ପ୍ରତିଶ୍ରୁତି । କାରଣ ଏହି ନିଲାମ ପ୍ରକ୍ରିୟା କୌଣସି ସରକାରୀ କାର୍ଯ୍ୟାଳୟ କରୁ ନାହିଁ । ରାଜଧାନୀରେ ଜମି କବଜା କରୁଥିବା ସିଣ୍ଡିକେଟ୍ ସରକାରୀ ଜମିକୁ ଦିନ ଦ୍ୱିପହରେ ନିଲାମ କରିଦେଉଛନ୍ତି । ଇନ୍‌ଫୋସିଟି ଥାନା ପାର୍ଲେଜୀ ଗଳିରେ ରାସ୍ତା କଡ ସରକାରୀ ଜମି ନିଲାମ୍ କରୁଥିବା ଏକ ଭିଡିଓ ଜୋର ସୋର୍‌ରେ ଭାଇରାଲ୍ ହେବାରେ ଲାଗିଛି ।

ମାଫିଆ ସିଣ୍ଡିକେଟ୍ ପ୍ରଥମେ ରାସ୍ତାକଡ ଜମି କବଜା କରି ନେଲା । ଏହାକୁ ୭୦ଟି ପ୍ଲଟ୍‌ରେ ବିଭକ୍ତ କଲା । ଚୁନ ପକାଇ ପ୍ରତ୍ୟେକ ପ୍ଲଟ୍‌କୁ ଭାଗ କରାଗଲା । ବହୁ ସଂଖ୍ୟାରେ ବ୍ୟବସାୟୀ ଜମି ଦେଖାଇବାକୁ ଡକାଗଲା ।

**ମାଲାମାଲ୍ ଦଲାଲ୍, ପ୍ରଶାସନ ଜଳକା**

**ପଚାଶ ବର୍ଗଫୁଟ୍ ପାଇଁ ମାସିକ ୨୦ ହଜାର**

ନିଲାମ ମୂଲ୍ୟ ରାସ୍ତା ଆରମ୍ଭରୁ ଅଧିକ ରହିଲା । ଶେଷରେ କମ୍ ରଖାଗଲା । ପରେ ନିଲାମର ଦିନ ଧାର୍ଯ୍ୟ କରାଯାଇ ଶୁକ୍ରବାର ନିଲାମ କରାଗଲା । ଦିନ ଦ୍ୱିପହରେ ନିଲାମ୍ ଚାଲିଲା । ପାଲିରେ ଗୁଳା ପଡ଼ି ନିଲାମ୍ ହେଲା । ଏହାର ଭିଡିଓ ବି କରାଗଲା । ଯାହାକୁ ପରବର୍ତ୍ତୀ ସମୟରେ ସୋସିଆଲ୍ ମିଡ଼ିଆରେ ଭାଇରାଲ ହୋଇଥିଲା । ରାଜ୍ୟର ପ୍ରଶାସନିକ ପ୍ରାଣକେନ୍ଦ୍ର କୁହାଯାଉଥିବା ଭୁବନେଶ୍ୱରରେ ଏଭଳି ନିଲାମ୍ ଦେଖି ଲୋକେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଏସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଥାନା ଠାରୁ ମାତ୍ର ୨ଶହ ମିଟର ଦୂରରେ ଏଭଳି ବେଆଇନ୍ କାର୍ଯ୍ୟ ହେଉଥିଲେ ମଧ୍ୟ କାହା ବିରୋଧରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ।

ପୂର୍ବରୁ ଜମିଜବରଦଖଲ ଲୁଚାଛପା ଭାବେ କରାଯାଉଥିଲା । ହେଲେ ସରକାରୀ ଜମି କବଜା କରୁଥିବା ଦଲାଲ୍ ମାନେ ଏବେ ସମ୍ପୂର୍ଣ୍ଣ ଭାବେ ଭୟ ଶୂନ୍ୟ ହୋଇଗଲେଣି । ଦିନ ଦ୍ୱି ପହରେ କବଜା କରି ବିକ୍ରି କରିଦେଉଛନ୍ତି । ପାର୍ଲେଜୀ ଗଳି ରାସ୍ତାକଡ କବଜା କରି ବ୍ୟବସାୟୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ନେବା ପରେ ବିଏମ୍‌ସିର ଜଣେ କର୍ପୋରେଟରଙ୍କ କାନରେ କଥା ପଡ଼ିଥିଲା । ସେ ଆସି ଏହାକୁ ଅଟକାଇ ଥିଲେ । ଏନେଇ ସ୍ଥାନୀୟ ଜେଡିସିଙ୍କୁ ମଧ୍ୟ ଅବଗତ କରାଯାଇଥିଲା । ହେଲେ ଜମି କବଜାକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଏସମ୍ପର୍କରେ ଜେଡିସି ମନ୍ମଥ ନାୟକ କହିଛନ୍ତି ଆମେ ବନ୍ଦ କରିଥିଲୁ । ଯଦି ଡ୍ରେନ୍ ଉପରେ କବଜା କରିଥାନ୍ତେ ତେବେ ଆମେ କାର୍ଯ୍ୟାନୁଷ୍ଠାନ ନେଇଥାନ୍ତୁ ବୋଲି ସେ କହିଛନ୍ତି । ଏ ତ ଥିଲେ ଗୋଟିଏ ଘଟଣା । ରାଜଧାନୀରେ ଏଭଳି ଦଲାଲଙ୍କ ଅସାଧୁ ସିଣ୍ଡିକେଟ୍ ଚାଲିଛି, ଯେଉଁମାନେ ଏକର ଏକର ଜମିକୁ ନିଜ ଦଖଲକୁ ନେଇ ସ୍ଥାନୀୟ ଲୋକଙ୍କୁ ନିଲାମରେ ଦେଉଛନ୍ତି ।



## ଜବରଦଖଲରେ ୫ଶହ ଏକର

ରାଜଧାନୀ ଭୁବନେଶ୍ୱରରେ ସରକାରୀ ସମ୍ପତ୍ତିକୁ ଜବରଦଖଲ କରିବା ସମସ୍ତ ସୀମା ଟପି ଯାଇଛି । ଗୋଟିଏ ପଟେ ଜମି ମୂଲ୍ୟ ହୁ ହୁ ହୋଇ ବଢ଼ି ଚାଲିଥିଲା ବେଳେ ପ୍ରାୟ ୫ଶହ ଏକର ଜମି ଜବରଦଖଲକାରୀଙ୍କ ହାତକୁ ଚାଲିଯାଇଛି । ରାଜଧାନୀରେ ୪୯୮. ୦୮ ଏକର ଜମି ଜବରଦଖଲକୁ ଚାଲିଯାଇଥିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଉତ୍ତର ରଖିଛନ୍ତି । ଜବରଦଖଲକାରୀଙ୍କ ବିରୋଧରେ ଓପିପି ଆଇନ୍‌ରେ ମାମଲା ରୁଜୁ କରାଯାଇଛି । ମାମଲାର ଫଇସଲା ହେବା ପରେ ସିଇଏମ୍‌ସି ଦ୍ୱାରା ଜବରଦଖଲ ମୁକ୍ତ କରାଯାଉଛି । ପରେ ଏହାକୁ ପ୍ରାଚୀର ଦ୍ୱାରା ଆବଦ୍ଧ କରାଯାଇ ସରକାରଙ୍କ ସମ୍ପତ୍ତି ବୋଲି ସାଇନ୍‌ବୋର୍ଡରେ ଉଲ୍ଲେଖ କରାଯାଉଛି । ସୂଚନାଯୋଗ୍ୟ ରାଜଧାନୀରେ କେତେ ସରକାରୀ ଜମି ଜବରଦଖଲରେ ରହିଛି ବୋଲି ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ବିଧାନସଭାରେ ପ୍ରଶ୍ନ କରିଥିଲେ ।

# ଜଳିଗଲା ଏଲ୍‌ଆଇସି ଡିଭିଜନ କାର୍ଯ୍ୟାଳୟ

**● ୬ ଦମକଳ ନିୟୋଜିତ, ୩ଘଣ୍ଟା ପରେ ଆୟତ୍ତ ହେଲା ନିଆଁ**

ବ୍ରହ୍ମପୁର,୨୨।୯ (ସମିସ): ହୁତୁ ହୁତୁ ହୋଇ ଜଳିଗଲା ସ୍ଥାନୀୟ ଖୋଡାସିଙ୍ଗି ସ୍ଥିତ ଏଲଆଇସି ଡିଭିଜନ କାର୍ଯ୍ୟାଳୟ। ଅଗ୍ନିକାଣ୍ଡରେ କାର୍ଯ୍ୟାଳୟର କମ୍ପୁଟର, ପ୍ରିଣ୍ଟର, ଫ୍ୟାନ୍, ଟେବୁଲ ସହ ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଏହି ଘଟଣା ସୋମବାର ସକାଳ



ସମୟରେ ଦେଖିବାକୁ ମିଳିଥିଲା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡାସିଙ୍ଗି ସ୍ଥିତ ଏଲଆଇସି ଡିଭିଜନ କାର୍ଯ୍ୟାଳୟରେ। ସକାଳ ପ୍ରାୟ ୭ଟା ୩୦ମିନିଟ ସମୟରେ କାର୍ଯ୍ୟାଳୟର ଦ୍ୱିତୀୟ ମହଲାରୁ ଧୂଆଁ ବାହାରୁଥିବା ନେଇ କାର୍ଯ୍ୟାଳୟରେ ନିୟୋଜିତ ସୁରକ୍ଷାକର୍ମୀ ଦେଖିବାକୁ ପାଇଥିଲେ। ଏନେଇ ସେ ତୁରନ୍ତ କାର୍ଯ୍ୟାଳୟର ଉପରିସ୍ଥ ଅଧିକାରୀଙ୍କୁ ଫୋନ ଯୋଗେ ଜଣାଇବା ପରେ ସେ ଅଗ୍ନିଶମ ବିଭାଗକୁ ମଧ୍ୟ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟ ଆରମ୍ଭ କରିଥିଲା। ସେପଟେ ଦ୍ୱିତୀୟ ମହଲାର ଆଇଟି ଲ୍ୟାବରେ ନିଆଁ ଲାଗିବା ଫଳରେ ସେଠାରେ ଥିବା ବହୁ କମ୍ପୁଟର, ପ୍ରିଣ୍ଟର, ଫ୍ୟାନ ଓ ଲାଇଟ ସହ ବହୁ ଇଲେକ୍ଟ୍ରିକାଲ ମେସିନ ଜଳିଯାଇଥିଲା। ଅଧିକ ମାତ୍ରାରେ ଧୂଆଁ ନିର୍ଗତ ହେବା ଫଳରେ ଦ୍ୱିତୀୟ ମହଲାକୁ ଯାଇ ନିଆଁ ଲିଭାଇବା କାର୍ଯ୍ୟରେ ବାଧା ଉପୁଜିଥିଲା। ତଥାପି ଅଗ୍ନିଶମ ବିଭାଗର ୬ଟି ଦମକଳ ଓ ୩୦ରୁ ଅଧିକ କର୍ମଚାରୀ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ପ୍ରାୟ ୩ଘଣ୍ଟାର କସରତ ପରେ ନିଆଁକୁ ଆୟତ୍ତ କରିବାରେ ସଫଳତା ମିଳିଥିଲା ବୋଲି କହିଛନ୍ତି ଅଗ୍ନିଶମ ଅଧିକାରୀ ଠାକୁର ପ୍ରସାଦ ଦଳେଇ। ସେପଟେ ଅଗ୍ନିକାଣ୍ଡ ଘଟିଥିବା ଆଇଟି ଲ୍ୟାବର ମୁଖ୍ୟ ସରଭର ଭୁବନେଶ୍ୱରରେ ରହିଛି। ତେଣୁ ଗ୍ରାହକଙ୍କ ତଥ୍ୟ ସହ ଏଲଆଇସିର କୌଣସି ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ନଷ୍ଟ ହେବନାହିଁ। କୋଠାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଥିବାବେଳେ ହଠାତ ଏତେବଡ ଅଗ୍ନିକାଣ୍ଡ କିଭଳି ହେଲା ତାହାର କାରଣ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଏଲଆଇସିର ମାର୍କେଟିଂ ମ୍ୟାନେଜର ଏ.କେ.ପାଟଯୋଶୀ କହିଛନ୍ତି।

# ଆକ୍ରମଣ ମାମଲାରେ ନାବାଳକଙ୍କୁ ଧରିଲା ପୁଲିସ

ବ୍ରହ୍ମପୁର,୨୨।୯ (ସମିସ): ଏକ ଆକ୍ରମଣ ମାମଲାରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ନାବାଳକଙ୍କୁ କାବୁ କରି ଜେଜେବିରେ ହାଜର କରିଛି। ନାବାଳକ ଜଣକ ଆଙ୍କୁଲି ଅଞ୍ଚଳର ହୋଇଥିବା ପୁଲିସ କହିଛି। ସୂଚନାଯୋଗ୍ୟ ଯେ, ସ୍ଥାନୀୟ କୁମ୍ଭାରପଲ୍ଲୀରେ ଲିଟୁ ପାଣିଗ୍ରାହୀଙ୍କ ଘର ନିକଟରେ ଗତ କିଛିଦିନ ଧରି କିଛି ଯୁବକ ଶୌଚ କରିବାକୁ ଆସୁଥିଲେ। ଏହାକୁ ଦେଖି ଲିଟୁ ସେମାନଙ୍କୁ ତାଗିଦ ମଧ୍ୟ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁବକମାନେ ଲିଟୁଙ୍କୁ ଆକ୍ରମଣ କରିବା ସହ ଧମକଚମକ ଦେଇଥିଲେ। ଏ ନେଇ ଲିଟୁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଅଧିକାଂଶ ମାର୍କେଟ୍‌ରେ ତାଲା, କର୍ତ୍ତୃପକ୍ଷ ଉଦାସୀନ





**● ଗଞ୍ଜାମ ହାଟ, ଗିରି ମାର୍କେଟ ସମେତ ହାଇଜେନିକ ମାଛ ମାର୍କେଟ**
**● କାର୍ଯ୍ୟକ୍ଷମ ହୋଇନି ମର୍ଦ୍ଦରାଜ ଓ ଇଂଜିନିୟରିଂ ସ୍କୁଲ ଭେଣ୍ଡିଂ ଜୋନ**
**● ବଳିଗଲାଣି ବିସ୍ଥାପିତଙ୍କ ଦୁଃଖ, ରାସ୍ତା କଡ଼ରେ କରୁଛନ୍ତି ବ୍ୟବସାୟ**

ବ୍ରହ୍ମପୁର,୨୨।୯ (ସମିସ)

ଦକ୍ଷିଣଓଡ଼ିଶାର ବ୍ୟବସାୟିକ ପେଣ୍ଠସ୍ଥଳ ବ୍ରହ୍ମପୁର ସହରରେ ଗୋଟିଏ ପରେ ଗୋଟିଏ ମାର୍କେଟ ବନ୍ଦ ହେବାରେ ଲାଗିଛି। ପୁରୁଣା ମାର୍କେଟ ବନ୍ଦ କରି ନୂତନ ମାର୍କେଟ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଉଥିଲେ ହେଁ ଏଥିରେ ବହୁ ବିଳମ୍ବ ପରିଲକ୍ଷିତ ହୋଇଛି। ଯଦ୍ୱାରା କ୍ଷତିଗ୍ରସ୍ତ ତଥା ବିସ୍ଥାପିତ ବ୍ୟବସାୟୀ ରାସ୍ତା କଡ଼ରେ ଉଠାଦୋକାନୀ ଭାବେ ଭାଗ୍ୟକୁ ଆଦରି ବ୍ୟବସାୟେ କରୁଥିବା ଦେଖିବାକୁ ମିଳୁଛି। ଏ କ୍ଷେତ୍ରରେ ଉଭୟ ବିଏମ୍‌ସି ଓ ବିଡିଏ କର୍ତ୍ତୃପକ୍ଷଙ୍କୁ ବ୍ୟବସାୟୀ ଓ ସହରବାସୀ ମୁଖ୍ୟତଃ ଦାୟୀ କରିଛନ୍ତି। ଦୀର୍ଘବର୍ଷ ପରେ ମଧ୍ୟ କର୍ପୋରେସନ ରୋଡ୍‌ରେ ବିଡିଏ ପକ୍ଷରୁ ବହୁ ପ୍ରତୀକ୍ଷିତ 'ଗଞ୍ଜାମ ହାଟ' ଆରମ୍ଭ ହୋଇପାରି ନ ଥିବାବେଳେ ନିକଟ ଅତୀତରେ ସହରର ଅନ୍ୟତମ ପୁରୁଣା ମାର୍କେଟ ଗିରିମାର୍କେଟକୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ସେଠାରେ ମଧ୍ୟ ନୂତନ ମାର୍କେଟ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ସେହିଭଳି ସହରର ଅନ୍ୟତମ ପ୍ରମୁଖ ମାର୍କେଟ ହେଉଛି କମାପଲ୍ଲୀ ମାର୍କେଟ। ରାସ୍ତା ଉପରେ ବସିଥିବା ଉଭୟ ପନିପରିବା ଓ ଆମିଷ ମାର୍କେଟକୁ ଜିଲ୍ଲା କୋର୍ଟ ନିକଟରୁ ଉଚ୍ଛେଦ କରାଯାଇଥିଲା। ପରବର୍ତ୍ତୀ ସମୟରେ ମେଡିକାଲ ଛକ ନିକଟରେ ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍ ଉଭୟ ପନିପରିବା ଓ ଆମିଷ କାରବାର ପାଇଁ ପ୍ରତିଷ୍ଠା କରାଯାଇଥିଲା। ବିସ୍ଥାପିତ ବ୍ୟବସାୟୀଙ୍କୁ ଏଠାରେ ଲଟେରି ମାଧ୍ୟମରେ ଥଇଥାନ କରାଯାଇଥିଲା। ତେବେ ବ୍ୟବସାୟୀଙ୍କ ତୁଳନାରେ ପିଣ୍ଡି ବା ଦୋକାନ ଗୃହ ସଂଖ୍ୟା କମ୍ ଥିବାରୁ ବହୁ ବ୍ୟବସାୟୀଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଦୁଇ ମହଲା ବିଶିଷ୍ଟ ହାଇଜେନିକ୍ ଆମିଷ ବଜାରର ଉଭୟ ମହଲାରେ ୩୬ଟି ଲେଖାଏଁ ମୋଟ ୭୨ଟି ପିଣ୍ଡି କରାଯାଇଥିବା ବେଳେ ଗ୍ରାହକମାନେ ଦ୍ୱିତୀୟ ମହଲାକୁ ଯିବାକୁ ଅନିଚ୍ଛା ପ୍ରକାଶ କରିବାରୁ ଦ୍ୱିତୀୟ ମହଲାକୁ କୌଣସି ଆମିଷ ବ୍ୟବସାୟୀ ନଯାଇ ତଳ ମହଲାରେ ବସି କାରବାର କଲେ। ଫଳରେ ଉପର ମହଲା କାର୍ଯ୍ୟକ୍ଷମ ନ ହୋଇ ଖାଲିପଡ଼ିଲା। ତଳ ମହଲାରେ ଚାଲିଥିବା ମାଛ ବଜାରରେ ପାଣିର ଅଭାବ ଯୋଗୁଁ ବ୍ୟବସାୟୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସେପଟେ ଭେଣ୍ଡିଂ ଜୋନ୍ ସମ୍ମୁଖରେ ଏକ ଶୌଚାଳୟ ପ୍ରତିଷ୍ଠା କରାଯାଇଥିବାରୁ ଲୋକଙ୍କ ଯାତାୟାତରେ ସମସ୍ୟା ଉପୁଜୁଛି। ଅନ୍ୟପଟେ ହାଇଜେନିକ୍ ମାଛ ବଜାର ନିକଟରେ ବିଏମ୍‌ସିର ଡମ୍ପିଂ ପଏଣ୍ଟ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଅନୁରୂପ ଭାବେ ପନିପରିବା ବ୍ୟବସାୟ ପାଇଁ ନୂତନ ଭାବେ ନିର୍ମିତ ଦୁଇ ମହଲା ବିଶିଷ୍ଟ ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍‌ର ପ୍ଲାନ୍‌ରେ ବାରମ୍ବାର ପରିବର୍ତ୍ତନ ଫଳରେ ନିର୍ମାଣ କାର୍ଯ୍ୟ ବହୁ ବିଳମ୍ବ ହୋଇଛି। ତେବେ ଗତ ଅଗଷ୍ଟ ୩୧ତାରିଖ ସ୍ୱାୟତ୍ତଶାସନ ଦିବସ ଅବସରରେ ଯଦିଓ ଏହାକୁ ତରବରିଆ ଭାବେ ଉଦ୍‌ଘାଟନ କରାଯାଇଛି ହେଲେ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଷ୍ଟାଣ୍ଡିଂ କମିଟି ବୈଠକ ପରେ ପିଣ୍ଡି ଆବଣ୍ଟନ କିଭଳି ହେବ ସେନେଇ ଚୁଡ଼ାନ୍ତ ନିଷ୍ପତ୍ତି ହେବ ଏବଂ ତାହାପରେ ଏହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି ମେୟର ସଂଘମିତ୍ରା ଦଳେଇ।

ଅନୁରୂପ ଭାବେ ଇଞ୍ଜିନିୟରିଂ ସ୍କୁଲ ଛକ ନିକଟରେ ସ୍ଥାନୀୟ କିଛି ଉଠାଦୋକାନୀଙ୍କୁ ଥଇଥାନ କରିବାକୁ ଯାଇ ଦୀର୍ଘ ବର୍ଷ ପୂର୍ବେ ବିଏମ୍‌ସି ପକ୍ଷରୁ ୧୪ଟି ଦୋକାନ ଗୃହ ଥିବା ଭେଣ୍ଡିଂ ଜୋନ୍ କରାଯାଇଛି। ତେବେ କୌଣସି କାରଣରୁ ଏହାକୁ ମଧ୍ୟ ଆବଣ୍ଟନ କରାଯାଇନାହିଁ। ଗୋଟିଏ ପଟେ ରାସ୍ତା କଡ଼ରୁ ଉଠାଦୋକାନୀଙ୍କୁ ହଟାଇ ସେମାନଙ୍କୁ ସହରର ବିଭିନ୍ନ ସ୍ଥାନରେ ଭେଣ୍ଡିଂ ଜୋନ ଏବଂ ମାର୍କେଟ ପ୍ରତିଷ୍ଠା କରି ଥଇଥାନ କରିବାକୁ ଲକ୍ଷ୍ୟ ରହିଥିଲେ ହେଁ ସେଥିରେ ବହୁ ବିଳମ୍ବ ଘଟୁଥିବା ପରିଲକ୍ଷିତ ହେଉଛି। ଏ ନେଇ ଉଭୟ ବିଡିଏ ଏବଂ ବିଏମ୍‌ସି ପକ୍ଷରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ଭେଣ୍ଡିଂ ଜୋନ୍‌ଗୁଡ଼ିକୁ ପ୍ରାଥମିକତା ଦେଇ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି ବିଏମ୍‌ସି କମିସନର ତଥା ବିଡିଏ ଉପାଧ୍ୟକ୍ଷ ପ୍ରଥମେଷ ଅରବିନ୍ଦ ରାଜେଶିର୍କେ। ସେହିଭଳି ଗଞ୍ଜାମ ହାଟକୁ କିଭଳି ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯାଇପାରିବ ସେ ନେଇ ବ୍ୟବସାୟୀଙ୍କ ସହିତ ଆଲୋଚନା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଓଡ଼ିଶା ଶିକ୍ଷା ଅମଲା ସଂଘ ପକ୍ଷରୁ ଦାବିପତ୍ର

ବ୍ରହ୍ମପୁର,୨୨।୯ (ସମିସ): ଓଡିଶା ଶିକ୍ଷା ଅମଲା ସଂଘ ପକ୍ଷରୁ ଲୋକସେବା ଭବନରରେ ମୁଖ୍ୟମନ୍ତ୍ରୀମୋହନଚରଣମାଝିଓବିଭିନ୍ନବରିଷ୍ଠଅଧିକାରୀଙ୍କସହସଂଘରବିଭିନ୍ନସମସ୍ୟାନେଇ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୧୯୭୧ ମସିହାରୁ ଅଦ୍ୟାବଧି ଦୀର୍ଘ ୫୪ବର୍ଷ ଧରି ଦୁଇ ପିଢ଼ିରେ ବିଶେଷ କରି ଶିକ୍ଷା ବିଭାଗର କନିଷ୍ଠ ସହାୟକମାନେ ପ୍ରାୟ ୨୫ରୁ ୩୦ ବର୍ଷ ଚାକିରୀ କରି ଅବସର ନେଉଥିଲେ ମଧ୍ୟ ଚାକିରୀ କାଳରେ ପଦୋନ୍ନତି ପାଇବାରୁ ବଞ୍ଚିତ ହେଉଥିବା ସଂଘ ଦାବି କରିଛି। ସେହିପରି ୨୦୧୩ ମସିହାରୁ ବିଦ୍ୟାଳୟ ଓ



ଗଣଶିକ୍ଷା ବିଭାଗ ପୁନଃ ଗଠନ ହୋଇଥିଲେ ମଧ୍ୟ ଦୀର୍ଘ ୫୪ବର୍ଷ ପରେ ବି ବରିଷ୍ଠ ସହାୟକ ତଥା ଉପ-ବିଭାଗ ଅଧିକାରୀ ସଂଖ୍ୟାରେ କୌଣସି ବୃଦ୍ଧି କରାଯାଉ ନାହିଁ। ଏଭଳି ଭାବେ ବିଭିନ୍ନ ବିଷୟ ସମ୍ପର୍କରେ ଆଲୋଚନା କରିବା ସହ ଜିଲ୍ଲା ସ୍ତରୀୟ ଅମଲାମାନେ ଦୀର୍ଘଦିନ ଧରି ଅବହେଳିତ ହୋଇ ଆସୁଥିବା ଦାବି କରାଯାଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ମାର୍ଗଦର୍ଶନରେ ଦାବିପତ୍ର ପ୍ରଦାନ ସମୟରେ ସଂଘର ରାଜ୍ୟ ସଭାପତି ଅଜିତ କୁମାର ସାବତ ଓ ରାଜ୍ୟ ସାଧାରଣ ସମ୍ପାଦକ ଶାନ୍ତନୁ କୁମାର କର ଉପସ୍ଥିତ ଥିଲେ।

# ଏସଏସଭିଟି ପଡିଆରେ ମାଗଣା ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର,୨୨।୯ (ସମିସ): ଏସଏସଭିଟି ପଡିଆରେ ଭାରତୀୟ ଜନତା ପାର୍ଟି ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ବିଜେପିର ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ ଯୋଗଦେଇ ଉଦଘାଟନ କରିଥିଲେ। ଶିବିରରେ ଚକ୍ଷୁ ଓ ଦନ୍ତ ପରୀକ୍ଷା, ସ୍ତ୍ରୀ ଓ ପ୍ରସୂତୀ ବିଭାଗ, ଅସ୍ଥି ଓ ଶଲ୍ୟ ଚିକିତ୍ସା, ମେଡିସିନ, ଶିଶୁ ରୋଗ, ଭିବିଡି, ଆନାଟୋମି ଓ ଟିବି ଇତ୍ୟାଦି ବିଭାଗର ଡ଼ାକ୍ତରମାନେ ଉପସ୍ଥିତ ଥିବା ବେଳେ ବହୁ ବ୍ୟକ୍ତି ଯୋଗ ଦେଇ ନିଜ ଚିକିତ୍ସା କରିବା ସହ ଡ଼ାକ୍ତରଙ୍କ ପରାମର୍ଶ କରିଥିଲେ। ସ୍ୱାସ୍ଥ୍ୟ ଶିବିରରେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ପ୍ରମୁଖ ପ୍ରଦୀପ ନାୟକ, ବିଧାୟକଙ୍କ ଏମ୍‌କେସିଜି ପ୍ରତିନିଧି ଶିବ ପ୍ରସାଦ ଦାଶ, ବିଧାୟକଙ୍କ ବିଏମସି ପ୍ରତିନିଧି ଅଶୋକ ଶୁକ୍ଳ, ରାଜ୍ୟ ପ୍ରବକ୍ତା ଟି. ଗୋପି, ସିଦ୍ଧାନ୍ତ ଗଙ୍ଗ ଦେବ, ରତ୍ନଗର୍ଭା ସରସ୍ୱତୀ ଦେବୀ, ପୂର୍ବତନ ବିଡିଏ ଅଧ୍ୟକ୍ଷ ଶରତ ପଟ୍ଟନାୟକଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ନବରାତ୍ର ପୂଜା





ବ୍ରହ୍ମପୁର,୨୨।୯ (ସମିସ)

ଶକ୍ତିପୀଠରେ ନବ ଦିନାତ୍ମକ ପୂଜା ବା ନବରାତ୍ର ପୂଜା ସୋମବାର ଠାରୁ ଆରମ୍ଭ ହୋଥିବା ବେଳେ ବ୍ରହ୍ମପୁରର ସହର ଉତ୍ସବ ମୁଖର ହୋଇଛି। ପ୍ରତି ଦେବୀ ପୀଠରେ ଆଧ୍ୟାତ୍ମିକ ପରିବେଶ ଦେଖାଦେଇଛି। ଚଣ୍ଡୀପାଠ, ଦେବୀ ଆରାଧନା ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ନବରାତ୍ର ପୂଜା ନିମନ୍ତେ ପ୍ରଥମେ ଗଙ୍ଗା ଆବାହନ କରାଯିବା ସହ ନିକଟସ୍ଥ ପୋଖରୀରୁ ମା'ଙ୍କ ମୁଖ୍ୟଘଟ ନିମନ୍ତ୍ରଣ, ବ୍ରାହ୍ମଣ ବରଣ, ସୂର୍ଯ୍ୟ ପୂଜା, ନବଗ୍ରହ ପୂଜା କରିବା ପରେ ବିଭିନ୍ନ ମେଢ଼ର ନିର୍ମାଣ ହୋଇଥିବା ମା'ଙ୍କ ପ୍ରତିମୂର୍ତ୍ତିର ମୁହଁ ଖୋଲା ଯାଇଥିଲା। ଏହା ପରେ ଚଣ୍ଡୀ ପାଠ ଓ ଦେବୀଙ୍କ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ପରେ ମା'ଙ୍କ ଏକ ହଜାର ନାମରେ ବେଲପତ୍ର ପୂଜା ଓ ହୋମ କାରାଯାଇ ଶେଷରେ ମା'ଙ୍କ ଅନ୍ନ ଭୋଗ ପରେ ବିଶ୍ରାମ ନୀତିକାନ୍ତି ଆନୁଷ୍ଠିତ ହୋଇଥିବା ପୂଜକ ବିଷ୍ଣୁ ପ୍ରସାଦ ଦାସ କହିଛନ୍ତି। ଅନ୍ୟପକ୍ଷରେ ଉପାସକ ଓ ମାନସିକଧାରୀମାନେ ମଧ୍ୟ ଦୀପ ବସାଇ ପୂଜା କରୁଛନ୍ତି। ବିଭିନ୍ନ ଶକ୍ତିପୀଠରେ ସକାଳୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ଏହା ସହ ସହରର ପ୍ରମୁଖ କାଳୀ ମନ୍ଦିର ଓ ଦେବୀ ପୀଠ ଏଥିଲାଗି ଚଳଚଞ୍ଚଳ ହୋଇଛି। ନବରାତ୍ର ପୂଜା ଓ ଦୁର୍ଗାପୂଜା ପାଇଁ ଆଲୋକମାଳାରେ ସହର ଝଲସୁଛି। ପ୍ରତି ଛରେ ରଙ୍ଗ ବେରଙ୍ଗର ଆଲୋକୀରକରଣ ହୋଇଛି। ଦୁର୍ଗାପୂଜା ଲାଗି ଭିଡ଼ ଓ ଆଲୋକମାଳା ସମସ୍ତଙ୍କ ମନରେ ନୂଆ ଉଦ୍ଦୀପନା ଆଣିଛି। ସହରର ବିଜିପୁର, ଗିରି ମାର୍କେଟ, ହନୁମାନ ବଜାର, କୋର୍ଟପେଟା, ଆଯୋଧ୍ୟା ନଗର, ଇଞ୍ଜିନିୟରିଂ ସ୍କୁଲ ଛକ, କମାପଲ୍ଲୀ ସମେତ ପ୍ରଥମ ଥର ନିମନ୍ତେ ଫାଷ୍ଟ ଗେଟରେ ନବମୀପୂଜା ଅନୁଷ୍ଠିତ ହୋଇଛି। ଏଭଳି ଭାବରେ ସହର ପ୍ରାୟ ୨୦ରୁ ଅଧିକ ପୂଜା କମିଟି ପକ୍ଷରୁ ନବରାତ୍ର ପୂଜା କରାଯାଉଛି। ସେହିପରି ସ୍ଥାନୀୟହାଉସିଂବୋଡର୍ ଗାୟତ୍ରୀ ମନ୍ଦିର, ଚନ୍ଦ୍ର ଚୌଡ଼େଶ୍ୱରୀ ମନ୍ଦିର, ବିଜିପୁର କାଳୀ ମନ୍ଦିର, ନୂଆ ବସଷ୍ଟାଣ୍ଡ କାଳୀ ମନ୍ଦିର, ଆମ୍ବପୁଆ କାଳୀ ମନ୍ଦିର, ଲାଞ୍ଜିପଲ୍ଲୀ ଦୁର୍ଗାମନ୍ଦିର, କୁଠାରୀ ମନ୍ଦିର, କାଳୁଆ ମନ୍ଦିର ଆଦି ବିଭିନ୍ନ ପୀଠରେ ନବରାତ୍ର ପୂଜା ଅନୁଷ୍ଠିତ ହୋଇଛି। ଶକ୍ତିପୀଠରେ ନାମ ସଂକିର୍ତ୍ତନ, ଚଣ୍ଡିପାଠ, ହୋମ, ଯଜ୍ଞ, ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ମାନ ହୋଇଛି। ଏଭଳି ଭାବେ ବ୍ରହ୍ମପୁର ସହରର ବିଭିନ୍ନ ଦେବୀ ପୀଠରେ ନବରାତ୍ର ପୂଜାର ଆସର ଜମିଛି। ସେହିପରି ଗଞ୍ଜାମ ଜିଲ୍ଲାର ସମସ୍ତ ଶକ୍ତି ଓ ଦେବୀ ପୀଠରେ ନବରାତ୍ର ପୂଜା ଆରମ୍ଭ ହୋଇଥିବା ବେଳେ ଆଜି ମଧ୍ୟ ନୀତିକାନ୍ତିରେ ପୂଜା ସମାପନ ହୋଇଛି। ଅନ୍ୟପକ୍ଷରେ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ତାରାତାରିଣୀ, ମନ୍ତ୍ରିଡ଼ୀର ଭୈରବୀ ଓ ମହୁରୀ କାଳୁଆଠାରେ ରୀତିନୀତି ଅନୁସାରେ ପୂଜା ହୋଇଯାଇଛି। ଜଗତ କଲ୍ୟାଣ ପାଇଁ ମାଁଙ୍କୁ ଆରାଧନା କରାଯାଉଛି। ଏଥିଲାଗି ଚାରିଆଡ଼େ ଆଧ୍ୟାତ୍ମିକ ପରିବେଶ ଦେଖାଦେଇଛି।

## ଶୈଳପୁତ୍ରୀ ବେଶରେ ଦର୍ଶନ ଦେଲେ ମା'

ନବ ଦିନାତ୍ମକ ପୂଜାରେ ପ୍ରଥମ ଦିନରେ ମା' ଶ୍ରଦ୍ଧାଳୁଙ୍କୁ ଶୈଳପୁତ୍ରୀ ବେଶରେ ଦର୍ଶନ ଦେଇଥିଲେ। ଆଦିଶକ୍ତିର ପ୍ରଥମ ସ୍ୱରୂପ ଶୈଳପୁତ୍ରୀଙ୍କ ଉପାସନା ସହ ନବରାତ୍ରର ଆରମ୍ଭ ହୋଇଥାଏ। ପୌରାଣିକ ମତାନୁସାରେ ହିମାଳୟଙ୍କ ତପସ୍ୟା ଓ ପ୍ରାର୍ଥନା ଦ୍ୱାରା ପ୍ରସନ୍ନ ହୋଇ ଦେବୀ ତାଙ୍କର କନ୍ୟା ଭାବେ ଜନ୍ମ ନେଇଥିଲେ। ଏହିଦିନ ଭକ୍ତ ଓ ସାଧକ ନିଜର ମନକୁ ଶାନ୍ତ କରି ଉପାସନା କରିଥାନ୍ତି।

# ନକ୍ସଲ ଗୁଳିରେ ଆହତ ଯବାନଙ୍କ ସ୍ୱାସ୍ଥ୍ୟାବସ୍ଥା ପରଖିଲେ ବରିଷ୍ଠ ଅଧିକାରୀ ଓ ସ୍ୱତନ୍ତ୍ର ଡାକ୍ତରୀ ଟିମ୍

ବ୍ରହ୍ମପୁର,୨୨।୯ (ସମିସ): ଗଞ୍ଜାମ ଓ କନ୍ଧମାଳ ସୀମାନ୍ତରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟରେ ଜଣେ ଏସଓଜି ଜବାନ ପ୍ରେମସିଂ ମାଝି ଆହତ ହୋଇଥିଲେ। ଆହତ ପ୍ରେମସିଂଙ୍କୁ ପ୍ରଥମେ ଭଞ୍ଜନଗର ଓ ପରେ ଏମକେସିଜି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ଯବାନଙ୍କ ପେଟରୁ ଗୋଟିଏ ଗୁଳି ଉଦ୍ଧାର କରାଯାଇଥିବା ବେଳେ ତାଙ୍କ ମେରୁଦଣ୍ଡରେ ଗୁଳି ବାଜି ସେ ଗୁରୁତର ହୋଇପଡିଛନ୍ତି। ଆହତ ଯବାନ ପ୍ରେମସିଂଙ୍କୁ ସେଣ୍ଟ୍ରାଲ ଆଇସିୟୁରେ ଭର୍ତ୍ତି କରାଯାଇ ତାଙ୍କର ଚିକିତ୍ସା ଜାରି ରହିଛି। ଦିନିକିଆ ଗଞ୍ଜାମ ଗସ୍ତରେ ଆସି ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ମଧ୍ୟ ଯବାନଙ୍କୁ ଡାକ୍ତରଖାନାରେ ଭେଟି ଆଲୋଚନା କରିଥିଲେ। ସୋମବାର ପୁଣି ଅତିରିକ୍ତ ଡିଜି ସଂଜୀବ ପଣ୍ଡା ଓ ଆଇଜି ଦୀପକ କୁମାରଙ୍କ ସମେତ କଟକ ଏସସିବିରୁ ନ୍ୟୁରୋସର୍ଜରୀ ବିଭାଗର ପ୍ରଫେସର ଡାକ୍ତର ଅନୁପ କୁମାର ମହାପାତ୍ର ବ୍ରହ୍ମପୁର ଆସି ଡାକ୍ତରଖାନାରେ ଯବାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଥିଲେ। ତାଙ୍କର ଚିକିତ୍ସା କିଭଳି ଚାଲିଛି ଅଧିକ ଓ ଉନ୍ନତ ଚିକିତ୍ସାର ଆବଶ୍ୟକତା ଅଛିକି ନାହିଁ



ସେନେଇ ସ୍ଥାନୀୟ ଡାକ୍ତରଙ୍କସହିତ ବିଚାରବିମର୍ଷ କରିଥିଲେ। ଆହତଯବାନ ପ୍ରେମସିଂଙ୍କର ସୁଷୁମ୍ନା କାଣ୍ଡରେ କ୍ଷତ ଲାଗିଥିବାରୁ ତାଙ୍କର ଦୁଇଟି ଗୋଡ ଅଚଳ ରହିଥିବା ସୂଚନା ମିଳିଛି। ଏଣୁ ନ୍ୟୁରୋ ଫିଜିଓଲୋଜି ଚିକିତ୍ସାର ଆବଶ୍ୟକତା ଥିବା ସ୍ୱତନ୍ତ୍ର ଡାକ୍ତରୀ ଟିମପରାମର୍ଶ ଦେଇଥିବା ବେଳେ ଏଥିପାଇଁ ଯବାନଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିବା ସୂଚନା ମିଳିଛି। ତେବେ ଏନେଇ ଯବାନଙ୍କ ପରିବାର ବର୍ଗ ଓ ତାଙ୍କୁ ଚିକିତ୍ସା କରୁଥିବା ସ୍ଥାନୀୟ ଡାକ୍ତର ନିଷ୍ପତ୍ତି ନେବେ ବୋଲି ଜଣାପଡିଛି। ଆହତ ଯବାନଙ୍କ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଥିବା ଜଣାପଡିଛି। ଏହି ଅବସରରେ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର ଓ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମଙ୍କ ସମେତ ଏମକେସିଜି ମେଡିକାଲର ସର୍ଜରୀ ବିଭାଗର ଡାକ୍ତର ଆର. ଆର. ମୁଣ୍ଡ ଏବଂ ନ୍ୟୁରୋ ସର୍ଜରୀ ବିଭାଗର ଡାକ୍ତରମାନେ ଉପସ୍ଥିତ ଥିଲେ।

# ଏମ୍‌କେସିଜି ବିପଦସଙ୍କୁଳ କୋଠାରେ ଚାଲିଛି ଅଫିସ୍

ବ୍ରହ୍ମପୁର,୨୨।୯ (ସମିସ)





**■ ଅସୁରକ୍ଷିତ ଇନ୍‌ଡୋର କୋଠା ଭାଙ୍ଗିବା ନେଇ ହୋଇପାରୁନି ନିଷ୍ପତ୍ତି**
**■ ୩ବର୍ଷ ହେଲା ସୂଚନା ଫଳକ ଲଗାଇ ଦାୟିତ୍ୱ ସାରିଦେଇଛି ପୂର୍ତ୍ତବିଭାଗ**
**■ ଅଭିଯୋଗ ପରେ କୋଠା ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଅଧୀକ୍ଷକ**

ଏମ୍‌କେସିଜି ମେଡିକାଲର ବହୁ ପୁରୁଣା ତଥା ଅସୁରକ୍ଷିତ ଘୋଷିତ ଇନ୍‌ଡୋର କୋଠାକୁ ବେନିୟମ ଭାବେ କିଛି ସଂସ୍ଥା ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ମେଡିକାଲ ପ୍ରତିଷ୍ଠା ସମୟରେ ନିର୍ମାଣ ହୋଇଥିବା ବହୁତଳ ବିଶିଷ୍ଟ ଏହି ପୁରୁଣା ଇନଡୋର କୋଠାକୁ ବିପଦଶଙ୍କୁଳ ତଥା ଅସୁରକ୍ଷିତ ବୋଲି ଦିର୍ଘ ୩ବର୍ଷ ପୂର୍ବରୁ ପୂର୍ତ୍ତବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଫଳରେ ନୂତନ ଇନଡୋର ପ୍ରତିଷ୍ଠା କରାଯାଇ ପୁରୁଣା ତଥା ଅସୁରକ୍ଷିତ କୋଠାକୁ ଖାଲି କରାଯାଇଥିଲା। ଉକ୍ତ କୋଠାକୁ ସମ୍ପୂର୍ଣ୍ଣ ଭାଙ୍ଗି ସେଠାରେ ନୂତନ କୋଠା ନିର୍ମାଣ କରିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇସାରିଛି। ତେବେ ପୁରୁଣା କୋଠାକୁ ଭାଙ୍ଗିବା ପାଇଁ ବହୁଥର ଉଚ୍ଚସ୍ତରୀୟ ବୈଠକ ବସିବା ସହିତ ଏକାଧିକ ଥର ସରକାରୀ ଅନୁମୋଦନ ପାଇଁ ପ୍ରସ୍ତାବ ପଠାଯାଇଛି। ତେବେ ସରକାରୀ ଅନୁମୋଦନ ହାସଲରେ ବିଳମ୍ବ ଘଟୁଥିବାରୁ ପୁରୁଣା ତଥା ଅସୁରକ୍ଷିତ କୋଠାକୁ ଭାଙ୍ଗିବା ସମ୍ଭବପର ହେଉନାହିଁ। ଏଭଳି ପରିସ୍ଥିତିରେ ଅସୁରକ୍ଷିତ ପୁରୁଣା ଇନ୍‌ଡୋର କୋଠାଟି ଭୂତକୋଠି ଭଳି ପ୍ରତୀୟମାନ ହେଉଛି। ତେବେ ଏହି ଅସୁରକ୍ଷିତ କୋଠାରେ କେତେବେଳେ ଯେ କିଛି ଅଘଟଣ ଘଟିବ ନାହିଁ ଏହା କହିବା ମୁସକିଲ ହୋଇପଡିଛି। କାରଣ ଅସୁରକ୍ଷିତ ଘୋଷଣା ସତ୍ତ୍ୱେ ଏହି କୋଠାର ପଛଭାଗରେ ଏକାଧିକ ପ୍ରକୋଷ୍ଠକୁ କିଛି ଆଉଟସୋର୍ସିଂ ସଂସ୍ଥା ବେନିୟମ ଭାବେ ଅର୍ଥାତ୍ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ବ୍ୟବହାର କରି ନିଜର ଅଫିସ ଓ ଷ୍ଟୋର ରୁମ କରିଥିବା ଦେଖିବାକୁ ମିଳିଛି। ସବୁଠାରୁ ବଡକଥା ହେଲା ମେଡିକାଲ କଲେଜ ଓ ହସ୍ପିଟାଲର ସୁରକ୍ଷା ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ନିଜର କାର୍ଯ୍ୟାଳୟ ସେଠାରେ ଖୋଲିଥିବା ଦେଖିବାକୁ ମିଳିଛି। ଫଳରେ ପ୍ରତ୍ୟହ ୩ଟି ସିଫ୍ଟରେ ଶହଶହ ସୁରକ୍ଷାକର୍ମୀ ନିଜର ହାଜିରା ଦେବାକୁ ଉକ୍ତ ଅସୁରକ୍ଷିତ କୋଠାକୁ ଆସୁଛନ୍ତି। ଏଣୁ କେତେବେଳେ ଯେ ଉକ୍ତ ବହୁପୁରୁଣା ତଥା ବିପଦଶଙ୍କୁଳ କୋଠା ଭୁଷୁଡ଼ି ପଡିବ ଓ କିଛି ଅଘଟଣ ନଘଟିବ ତାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ମେଡିକାଲ କ୍ୟାମ୍ପସର ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ତାପସ ଦାଶଙ୍କ କହିବା କଥା ଉକ୍ତ କୋଠା ମେଡିକାଲ କର୍ତ୍ତୃପକ୍ଷଙ୍କର ଅଧିନରେ ରହିଛି। ଏହାକୁ ପ୍ରାୟ ୩ବର୍ଷ ପୂର୍ବେ ଅସୁରକ୍ଷିତ ଘୋଷଣା କରାଯାଇ ଖାଲି କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସୂଚନା ଫଳକ ମଧ୍ୟ ଲଗାଯାଇଛି। ଏଣୁ ଉକ୍ତ କୋଠାକୁ କିଏ ବ୍ୟବହାର କରୁଛି ଅଥବା ନାହିଁ ତାହା ମେଡିକାଲ କର୍ତ୍ତୃପକ୍ଷଙ୍କର ଦାୟିତ୍ୱ ଏବଂ ପୂର୍ତ୍ତବିଭାଗର ନୁହେଁ। ଏନେଇ ଏମକେସିଜି ମେଡିକାଲ ଅଧିକ୍ଷକ ପ୍ରଫେସର ଡାକ୍ତର ଦୁର୍ଗାମାଧବ ଶତପଥିଙ୍କ ସହ ଯୋଗାଯୋଗ କରାଯିବାରେ ସେ ଏନେଇ ଅଭିଯୋଗ ପାଇଥିବା କହିଛନ୍ତି। ଏବଂ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ସୂଚନା ପାଇବା ପରେ ତୁରନ୍ତ ଉକ୍ତ କୋଠାକୁ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ମଙ୍ଗଳବାର ସୁଦ୍ଧା ଉକ୍ତ କୋଠା ଖାଲି ନହେଲେ ସମ୍ପୃକ୍ତ ଘରୋଇ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ପ୍ରଫେସର ଶତପଥୀ ସ୍ପଷ୍ଟ କରିଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/10 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର (ପ୍ରୋଡକ୍ଟସ୍-ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍ଏମ୍‌ଜିଏସ୍-III | 34 | 28 | 35 |
| ଡେପୁଟି ମ୍ୟାନେଜର (ପ୍ରୋଡକ୍ଟସ୍-ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍ଏମ୍‌ଜିଏସ୍-II | 25 | 25 | 32 |

**ବିଜ୍ଞାପନ ସଂ. CRPD/SCO/2025-26/11 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର କ୍ରେଡିଟ୍ ଆନାଲିଷ୍ଟ | ଏମ୍ଏମ୍‌ଜିଏସ୍-III | 63 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.09.2025 ରୁ 02.10.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 11.09.2025

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

# ଶ୍ରୀକ୍ଷେତ୍ର ସିଟି

୨୨/୯/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୩,୫୮,୯୫୯/- ସୁନା: ୦୧.୬୦୦ ଗ୍ରାମ୍ ରୁପା: ୨୧.୬୦୦ ଗ୍ରାମ୍



## ରତ୍ନ ଅଳଙ୍କାର ଗଣତିମଣତି ଦାବି

ପୁରୀ,୨୨।୯ (ସମିସ): ମଙ୍ଗଳବାର ଅସ୍ଥାୟୀ ରତ୍ନ ଭଣ୍ଡାରରେ ଥିବା ମହାପ୍ରଭୁଙ୍କ ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀକୁ ମୂଳ ରତ୍ନ ଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ଏହା ଚାବିପଡ଼ି ସିଲ୍ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ତେବେ ଗଣତିମଣତି ନେଇ ପ୍ରଶାସନ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍ପତ୍ତି ନିଆଯାଇନାହିଁ, ଯାହାକୁ ନେଇ ଆପତ୍ତି ଉଠାଇଛି ଶ୍ରୀଜଗନ୍ନାଥ ସେନା। ଏ ନେଇ ସେନା ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତୁରନ୍ତ ଅଳଙ୍କାରଗୁଡ଼ିକର ଗଣତିମଣତି କରି ୧୯୭୮ ମସିହା ଅନୁଯାୟୀ ମେଳକ କରିବାକୁ ଦାବି କରିଛି। ଏ ନେଇ ସେନା ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ଶଶୁରଘରଠାରେ ସମୂହ ଦୀପଦାନ, ପ୍ରାର୍ଥନା ସହ ବିକ୍ଷୋଭ କରାଯାଇଛି। ସେହିପରି ମହାପ୍ରଭୁଙ୍କ କୋହିନୁର ହୀରା, ୫୨୨ ରୁପା ଇଟା କେବେ ଶ୍ରୀମନ୍ଦିରକୁ ଫେରିବ ଓ ଦଶାବତାର ମୂର୍ତ୍ତି କେବେ ଲଗାଯିବ ଏ ନେଇ ସରକାର କ'ଣ କରୁଛନ୍ତି ବୋଲି ପ୍ରଶ୍ନ କରିଛି ସେନା।

## ନିଶାଗ୍ରସ୍ତ ଯୁବକଙ୍କ ମାଡ଼ରେ ସଫେଇ କର୍ମଚାରୀ ଆହତ

ପୁରୀ,୨୨।୯ (ସମିସ): ନିଶାଗ୍ରସ୍ତ ଯୁବକଙ୍କ ମାଡ଼ରେ ଆହତ ହୋଇଛନ୍ତି ଜଣେ ସଫେଇ କର୍ମଚାରୀ। ସୋମବାର ସକାଳେ ଏଭଳି ଏକ ଅଭାବନୀୟ ଘଟଣା ବଳଗଣ୍ଡି ଛକ ନିକଟରେ ଦେଖିବାକୁ ମିଳିଥିଲା। ଜଣେ ସଫେଇ କର୍ମଚାରୀ ରାସ୍ତା ସଫା କରୁଥିଲେ। ଏହି ସମୟରେ ଜଣେ ନିଶାଗ୍ରସ୍ତ ଯୁବକ ରାସ୍ତାକଡ଼ରେ ଥିବା ଡ୍ରେନ୍‌କୁ ସଫା କରିବା ଲାଗି ସମ୍ପୃକ୍ତ ସଫେଇ କର୍ମଚାରୀଙ୍କୁ କହିଥିଲେ। ହେଲେ ସେ ମନା କରିଦେଇଥିଲେ। ଡ୍ରେନ୍ ସଫା କରିବେ ନାହିଁ ବୋଲି ଯୁବକଙ୍କୁ କହିଥିଲେ। ଏଥିରେ ନିଶାଗ୍ରସ୍ତ ଯୁବକଙ୍କ ମୁଣ୍ଡକୁ ନିଶା ଆହୁରି ଚଢ଼ିଯାଇଥିଲା। ସେ ସଫେଇ କର୍ମଚାରୀଙ୍କୁ ମାଡ଼ ମାରିବା ସହ ତାଙ୍କ ସଫେଇ ଗାଡ଼ିକୁ ମଧ୍ୟ ଭାଙ୍ଗି ଦେଇଥିଲେ। ଏହି ଘଟଣାକୁ ନେଇ ସଫେଇ କର୍ମଚାରୀ କୁମ୍ଭାରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ସମ୍ପୃକ୍ତ ଯୁବକ ଜଣକ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

### ଅମାନିଆ ହେଉଛନ୍ତି ପର୍ଯ୍ୟଟକ

# ବଢୁଛି ସମୁଦ୍ର ସ୍ନାନ ଦୁର୍ଘଟଣା

### ବୁଡ଼ିଯାଉଥିବା ବେଳେ ପର୍ଯ୍ୟଟକଙ୍କୁ ଉଦ୍ଧାରକଲେ ଲାଇଫ୍‌ଗାର୍ଡ

ପୁରୀ,୨୨।୯ (ସମିସ)

ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଉଛି। ଛୁଟି ଦିନମାନଙ୍କରେ ଅସମ୍ଭବ ଭିଡ଼ ହେଉଛି। ତେବେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ପୁଲିସ ଏବଂ ପ୍ରଶାସନ ପ୍ରାଥମିକତା ଦେଉଥିଲେ ମଧ୍ୟ ଏମିତି କିଛି ପର୍ଯ୍ୟଟକ ଅଛନ୍ତି ସେମାନେ ଅମାନିଆ ହେଉଛନ୍ତି। ବିଶେଷକରି ସମୁଦ୍ର ସ୍ନାନ ପାଇଁ ଯେଉଁ କଟକଣା ରହିଛି ଏ ଦିଗରେ ଅନେକ ପର୍ଯ୍ୟଟକ ସଚେତନ ହେଉନାହାନ୍ତି। ଫଳରେ ସମୁଦ୍ର ସ୍ନାନଜନିତ ଦୁର୍ଘଟଣା ବଢୁଛି। ବିଭିନ୍ନ କାରଣ ପାଇଁ ଅନେକ ସମୟରେ ସମୁଦ୍ର ଅଶାନ୍ତ ରହୁଛି। ଉଚ୍ଚ ଲହଡ଼ି ଆସି କୂଳରେ ମାଡ଼ ହେଉଛି। ଫଳରେ ବିଭିନ୍ନ ସମୟରେ କିଏ ଆହତ ହେଉଛନ୍ତି ତ ପୁଣି କାହାର ଗୋଡ଼, ହାତ ଭାଙ୍ଗୁଛି। ଏପରିକି ମଝିରେ ମଝିରେ ଜୀବନ ଚାଲିଯିବାର ଖବର ବି ଆସୁଛି। କିଛିଦିନ ହେବ ସମୁଦ୍ର ସ୍ନାନ ସମୟରେ ବୁଡ଼ି ଯାଉଥିବା ପର୍ଯ୍ୟଟକଙ୍କୁ ଲାଇଫ୍‌ଗାର୍ଡ ଉଦ୍ଧାର କରୁଛନ୍ତି। ହେଲେ ଏ ଦିଗରେ ପର୍ଯ୍ୟଟକଙ୍କୁ ଅଧିକ ସଚେତନ ଏବଂ ସତର୍କ ହେବା ଦରକାର।

ପୁରୀ ଭାରତର ଏକ ପ୍ରମୁଖ ଆଧ୍ୟାତ୍ମିକ ଓ ପର୍ଯ୍ୟଟନ ସହର। ଏଠାକୁ ପ୍ରତ୍ୟହ ଦେଶ ବିଦେଶର ପର୍ଯ୍ୟଟକ ଆସିଥା'ନ୍ତି। ସ୍ୱର୍ଣ୍ଣାଭ ବେଳାଭୂମି ସାଙ୍ଗକୁ ସମୁଦ୍ରର ନୀଳ ଜଳରାଶି ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ତେବେ ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରୁ ଅଧିକାଂଶ ସମୁଦ୍ର ସ୍ନାନ କରିବାକୁ ପସନ୍ଦ କରିଥା'ନ୍ତି। କିନ୍ତୁ ସଚେତନତାର ଅଭାବ, ଲାଇଫ୍‌ଗାର୍ଡଙ୍କ କଥା ନ ଶୁଣିବା ଏବଂ ଜୋର୍‌ରେ ଲହଡ଼ି ଆସି କୂଳରେ ମାଡ଼ ହେଉଥିବାରୁ ଦିନକୁ ଦିନ ବିପଦପୂର୍ଣ୍ଣ ହେଉଛି ସମୁଦ୍ର ସ୍ନାନ। ବିଭିନ୍ନ ସମୟରେ ପର୍ଯ୍ୟଟକ ବୁଡ଼ିଯାଉଥିବା ବେଳେ ଅନେକ ଆହତ ବି ହେଉଛନ୍ତି। ନିକଟରେ କିଛିଦିନ ହେବ ବୁଡ଼ି ଯାଉଥିବା ପର୍ଯ୍ୟଟକଙ୍କୁ ଗଭୀର ସମୁଦ୍ରରୁ ଲାଇଫ୍‌ଗାର୍ଡ ଉଦ୍ଧାର କରୁଥିବା



ଦେଖିବାକୁ ମିଳିଛି। ସୋମବାର ମଧ୍ୟ ଜଣେ ପର୍ଯ୍ୟଟକ ବୁଡ଼ି ଯାଉଥିବାବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦେବଦୂତ ସାଜିଥିଲେ ଲାଇଫ୍‌ଗାର୍ଡ। ପଶ୍ଚିମବଙ୍ଗ ମେଦିନୀପୁର ଅଞ୍ଚଳର ଗୋପାଳ ଆଇଚ ପୁରୀ ବୁଲିବାକୁ ସପରିବାର ଆସିଥିଲେ। ସୋମବାର ସକାଳେ ୮ ନମ୍ବର ସେକ୍ଟରରେ ସେ ଗାଧୋଉଥିଲେ। ହଠାତ୍ ଏକ ବଡ଼ ଲହଡ଼ି ମାଡ଼ରେ ସେ ବୁଡ଼ି ଯାଇଥିଲେ। ସେ ଭିତରକୁ ଟାଣି ହୋଇ ଯାଉଥିବାବେଳେ ତାଙ୍କ ପରିବାର ଲୋକ ଉଦ୍ଧାର କରିବାକୁ ଡାକ ପକାଇଥିଲେ। ସେଠାରେ ଉପସ୍ଥିତ ଲାଇଫ୍‌ଗାର୍ଡ ତୁରନ୍ତ ତାଙ୍କୁ ଉଦ୍ଧାର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି। ଏମିତି ପ୍ରାୟ ଅଧିକାଂଶ ଦିନ ଗାଧୋଇବା ବେଳେ ପର୍ଯ୍ୟଟକ ବିପଦରେ ପଡୁଛନ୍ତି।

ତେବେ କାହିଁକି ଦିନକୁ ଦିନ ସମୁଦ୍ର ସ୍ନାନ ଅସୁରକ୍ଷିତ ହୋଇପଡୁଛି? ଏହାର କାରଣ ସମୁଦ୍ର ନା ପର୍ଯ୍ୟଟକ? ଏମିତି ପ୍ରଶ୍ନ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଥିବା ବେଳେ ମୁଖ୍ୟତଃ ପର୍ଯ୍ୟଟକଙ୍କ ସଚେତନତାର ଅଭାବ ଯୋଗୁଁ ଏପରି ଘଟୁଥିବା କୁହାଯାଉଛି। ଏହାର ଏକାଧିକ କାରଣ ମଧ୍ୟରେ ପ୍ରଶାସନ ପକ୍ଷରୁ ଚିହ୍ନଟ ଅଞ୍ଚଳ ବ୍ୟତୀତ ପର୍ଯ୍ୟଟକମାନେ ମନଇଚ୍ଛା ଯେ କୌଣସି ସ୍ଥାନରେ ସ୍ନାନ କରୁଛନ୍ତି। ଫଳରେ ସେମାନେ ଲାଇଫ୍‌ଗାର୍ଡଙ୍କ ନଜରରେ ରହୁନାହାନ୍ତି। ଯଦି ଉଚ୍ଚ ଲହଡ଼ି ଆସିଲା, ତେବେ ସେମାନେ ବିପଦରେ ପଡୁଛନ୍ତି। ତେଣୁ ପର୍ଯ୍ୟଟକମାନେ ସଚେତନ ହେଲେ ଦୁର୍ଘଟଣା ନିଶ୍ଚିତ ଭାବେ ହ୍ରାସ ପାଇବ ବୋଲି ଜଣେ ଅଗ୍ନିଶମ ଅଧିକାରୀ କହିଛନ୍ତି।

## ଓଡ଼ିଆ ଅସ୍ମିତା ସ୍ୱାକ୍ଷର ସଂକଳ୍ପ ବର୍ଷ ଉଦ୍‌ଘାଟିତ

ପୁରୀ,୨୨।୯ (ସମିସ): ନୀଳଶୈଳ, ବିଶ୍ୱ ଓଡ଼ିଆ ସମ୍ମିଳନୀ ଏବଂ ରାଜକିଶୋର ରାଜ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ପ୍ରତିବର୍ଷ ଆୟୋଜିତ ସ୍ୱାକ୍ଷର ସଂକଳ୍ପ ଦିବସକୁ ବର୍ଷତମାମ "ଓଡ଼ିଆ ଅସ୍ମିତା ସ୍ୱାକ୍ଷର ସଂକଳ୍ପ ବର୍ଷ ୨୦୨୫' ଭାବେ ପାଳନ କରିବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞା ନିମନ୍ତେ ସିଂହଦ୍ୱାରଠାରେ ଦୀପଦାନ କରାଯାଇଥିଲା। ପରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ. ମୁରଲୀ ମନୋହର ଶର୍ମାଙ୍କ ଅଧ୍ୟକ୍ଷତାରେ ସଙ୍ଗୀତ ପରିଷଦ ସଭାଗୃହଠାରେ ସ୍ୱାକ୍ଷର ସଂକଳ୍ପ ଫଳକକୁ ଦସ୍ତଖତ କରିଥିଲେ ଚଳିତ ବର୍ଷ ଓଡିଶାର ବିଭିନ୍ନ ସ୍ଥାନରେ ସ୍ୱାକ୍ଷର ଅଭିଯାନ ଜାରି ରହିବ। ଏଥିରେ ମୁଖ୍ୟଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ନୀଳଶୈଳର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ନାୟକ (ଡ. ଧର୍ମଛଡ଼ା), ବିଶିଷ୍ଟ ସାହିତ୍ୟିକ ପଣ୍ଡିତ ସଦାଶିବ ମିଶ୍ର, ସ୍ତମ୍ଭକାର ହରିଶଙ୍କର ମିଶ୍ର, ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, ସମାଜସେବୀ ରୁଚିମିତ୍ରା ଜଗଦେବ ମହାପାତ୍ର, ସୌମ୍ୟଶଙ୍କର ରାଜ, ସବିତା ମହାନ୍ତି, ନରେନ୍ଦ୍ର ରାଜ ସାମନ୍ତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ନୀଳଶୈଳ ପୁରୀ ଶାଖା ସଭାପତି ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ। ଧନ୍ୟବାଦ ଅର୍ପଣ କରିଥିଲେ ଅଜୟ କୁମାର ଦାଶ।

### ମହିଳାଙ୍କୁ ବିଡିଓଙ୍କ ଦୁର୍ବ୍ୟବହାର ଅଭିଯୋଗ

## ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ଘେରିଲେ ଶତାଧିକ ମହିଳା

ଗୋପ,୨୨।୯ (ସମିସ)

**ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଲେ ଅଧିକାରୀ**

ସୋମବାର ମଧ୍ୟାହ୍ନରେ ଗୋପ ବ୍ଲକ୍ ବୈଠକ ଗୃହ ସମ୍ମୁଖରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଶତାଧିକ ମହିଳା ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରାଙ୍କୁ ଦୀର୍ଘ ୪୦ ମିନିଟ୍ ଧରି ଘେରାଉ କରିଥିଲେ। ଏହି ଅଭିଯୋଗ ମଧ୍ୟରେ ବିଡିଓ ବିଭିନ୍ନ ସମୟରେ ଅଭିଯୋଗକାରୀ ମହିଳାମାନଙ୍କୁ ଦୁର୍ବ୍ୟବହାର କରୁଥିବା ଭଳି ଅଭିଯୋଗ ହୋଇଥିବାବେଳେ ଅନ୍ୟ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ଉକ୍ତ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଅଧିକାରୀଙ୍କୁ ଛାଡ଼ିଥିଲେ। ପ୍ରକାଶ ଯେ, ସରକାରଙ୍କ ନିର୍ଦ୍ଦେଶରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ପୁନର୍ଗଠନ ପ୍ରକ୍ରିୟା ଚାଲିଥିବାବେଳେ ଗୋପ ବ୍ଲକ୍‌ରେ ମଧ୍ୟ ଏହି ପ୍ରକ୍ରିୟା କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ଏହି ପୁନର୍ଗଠନ ପ୍ରକ୍ରିୟାକୁ ସ୍ଥଗିତ ରଖିବା ଅଭିଯୋଗକୁ ନେଇ ଏହି ଘେରଉ କରାଯାଇଥିବା ଅଭିଯୋଗରୁ ଜଣାପଡ଼ିଛି। ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ ଗୋପ ବ୍ଲକ୍ ଜନଶୁଣାଣି ଶିବିରରେ ଯୋଗଦେଇ ବିହାରିବାବେଳେ ମହିଳା ନେତ୍ରୀ ନିରୂପମା ସ୍ୱାଇଁଙ୍କ ନେତୃତ୍ୱରେ ମହିଳାମାନେ ବୈଠକ ଗୃହ ସମ୍ମୁଖରେ ଅଧିକାରୀମାନଙ୍କୁ ଦୀର୍ଘ ୪୦ ମିନିଟ୍ ଧରି ଛାଡ଼ି ନ ଥିଲେ। ପରେ ଅଭିଯୋଗକାରୀ ମହିଳାମାନେ ଏହି ଅଭିଯୋଗ ସହିତ ୩/୪ ଦିନ ତଳେ ଏହି ପ୍ରସଙ୍ଗରେ ଅଭିଯୋଗ ଦେବାକୁ ଆସିଥିବା ମହିଳାମାନଙ୍କୁ ବିଡିଓ ଛବିରାଣୀ ସାହୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସହ ବ୍ଲକ୍ କାର୍ଯ୍ୟାଳୟ ଗେଟ୍‌କୁ ତାଲା ପକାଇ ଦେଇଥିଲେ। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗକୁ ବିଡିଓ ଶ୍ରୀମତୀ ସାହୁ ଖଣ୍ଡନ କରିଥିବାବେଳେ ଏପରି ସମସ୍ୟା ଉପରେ ଜିଲ୍ଲାପାଳଙ୍କୁ ଅଭିଯୋଗ ଦିଆଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା କହିଥିଲେ। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରାଙ୍କୁ ପଚାରିବାରେ ସରକାରଙ୍କ ନିର୍ଦ୍ଦେଶକୁ ନେଇ ସମସ୍ତ କାର୍ଯ୍ୟ କରାଯାଉଛି। ମାତ୍ର ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ।

### ● ଚନ୍ଦ୍ରଭାଗା ସମୁଦ୍ର କୂଳରୁ ମୁମୂର୍ଷୁ ଅବସ୍ଥାରେ ମହିଳା ଉଦ୍ଧାର

## ମହିଳାଙ୍କ ଗଳା କାଟି ହତ୍ୟା ଉଦ୍ୟମ

କୋଣାର୍କ,୨୨।୯ (ସମିସ): କୋଣାର୍କ-ପୁରୀ ବେଳାମାର୍ଗ ସଂଲଗ୍ନ ଚନ୍ଦ୍ରଭାଗା ସମୁଦ୍ର କୂଳରୁ ଜଣେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। କେହି ଦୁର୍ବୃତ୍ତ ମହିଳାଙ୍କ ଗଳାକାଟି ହତ୍ୟା ଉଦ୍ୟମ କରିଥିବା ସନ୍ଦେହ କରାଯାଉଛି।

ସୋମବାର ଅପରାହ୍ଣରେ ଜଣେ ମହିଳା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବା ପରେ କୋଣାର୍କ ଟୁରିଷ୍ଟ ପୁଲିସ ତାଙ୍କୁ ଉଦ୍ଧାର କରି ପ୍ରଥମେ କୋଣାର୍କ ମେଡିକାଲ ଏବଂ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଘଟଣାଟି କୋଣାର୍କ-ପୁରୀ ବେଳାମାର୍ଗ ରାସ୍ତାର କଇଁଛ ସୁରକ୍ଷା ଘର ନିକଟରେ ଘଟିଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରିବା ପରେ ଘଟଣାର ସତ୍ୟତା ଜଣାପଡ଼ିବ ବୋଲି ଅନୁମାନ କରାଯାଉଛି। କିଏ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟାଇଛି, ଏହା ଜାଣିବା ପାଇଁ ପୁଲିସ ଛାନ୍‌ଭିନ୍ ଚଳାଇଛି। ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ମହିଳାଙ୍କ ନାମ ଲକ୍ଷ୍ମୀପ୍ରିୟା ଭୋଇ ଏବଂ ତାଙ୍କ ଘର ଜଗତସିଂହପୁର ଜିଲ୍ଲା ମଙ୍ଗଳପୁର ଅଞ୍ଚଳରେ। ମହିଳା ଜଣକ ଜଣେ ବନ୍ଧୁଙ୍କ ସହିତ କୋଣାର୍କ ବୁଲିବାକୁ ଆସିଥିବାବେଳେ କୋଣାର୍କରୁ ପୁରୀ ଯିବା ରାସ୍ତାର କଇଁଛ ଘର ନିକଟରେ ଏଭଳି ଘଟଣା ଘଟିଛି। ମହିଳାଙ୍କ ମୁଣ୍ଡର ପଛ ପାର୍ଶ୍ୱ ଓ ଡାହାଣ କାନରେ ଶକ୍ତ ଆଘାତ ଲାଗିଥିବାବେଳେ ବେକ କଟାଯାଇ ଗଭୀର କ୍ଷତ ସୃଷ୍ଟି ହୋଇଥିବା ଜଣାପଡ଼ିଛି।

## ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

ଚାରିଛକ,୨୨।୯ (ସମିସ): ଚାରିଛକ ଥାନା ଅନ୍ତର୍ଗତ ହିରାପାଟଣା ଗ୍ରାମର ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ଦାସଙ୍କ ତୁଳସୀପୁରସ୍ଥିତ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ଚାରିଛକ ଥାନାରେ ସେ ଅଭିଯୋଗ କରିଛନ୍ତି। ଶ୍ରୀ ଦାସଙ୍କ ଅଗରକୋଠବାଡ଼ ଡାଲି ମିଲ୍ ପାଖରେ ଥିବା ବାସଭବନରେ ରବିବାର ସନ୍ଧ୍ୟାରେ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ପୂର୍ବପଟ ଝରକା ଭାଙ୍ଗି ଘର ଭିତରକୁ ପଶିଥିଲେ। ଶୋଇବା ଘରେ ଥିବା ଆସବାବପତ୍ର ଫିଙ୍ଗାଫୋପଡ଼ା କରିବା ସହ ଆଲମାରୀ ଭାଙ୍ଗି ସେଥିରେ ଥିବା ସୁନାହାର ୧ଟା, ସୁନା ଶଙ୍ଖା ୨ହଳ, କାନଝରା ୨ହଳ, କାନଫୁଲ ୩ହଳ, ବଡ଼ ସୁନାଚେନ୍ ୨ଟା, ଛୋଟ ସୁନାଚେନ୍ ୨ଟା, ମଙ୍ଗଳସୂତ୍ର ୧ଟା, ଛୋଟ ହାର ୧ଟା, ସୁନା ମୁଦି ୮ଟା, ଲକେଟ୍ ୬ଟା, ରୁପା ପାଉଁଜି ୪ହଳ ସମେତ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଚୋରି କରିନେଇଥିବା ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ଚାରିଛକ ପୁଲିସ ୧୧୭/୨୫ରେ ଏକ ମାମଲା ରୁଜୁ କରିବା ସହ ଛାନ୍‌ଭିନ୍ ଆରମ୍ଭ କରିଛି। ସୋମବାର ସନ୍ଧ୍ୟାରେ ଏଏସ୍‌ଆଇ ବୁଦ୍ଧୁରାମ ମୁର୍ମୁ, ଏଏସ୍‌ଆଇ କୈଳାଶ ଚନ୍ଦ୍ର ପ୍ରଧାନ, ସାଇଣ୍ଟିଫିକ୍ ଅଫିସର ଆଦିତ୍ୟ ରଞ୍ଜନ ନାୟକ, ଫଟୋଗ୍ରାଫର ରମେଶ ଚନ୍ଦ୍ର ବାରିକ, ଲାବୋରେଟୋରୀ ଆସିଷ୍ଟାଣ୍ଟ ଦେବୀ ପ୍ରସାଦ ମହାପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ଶ୍ରୀକ୍ଷେତ୍ରରେ ଗୁପ୍ତ ଗୁଣ୍ଡିଚା

## ନାରାୟଣୀ ମନ୍ଦିରକୁ ବିଜେ ହେଲେ ଦୁର୍ଗାମାଧବ

ପୁରୀ,୨୨।୯ (ସମିସ): ଶ୍ରୀମନ୍ଦିରରେ ଚାଲିଛି ଦୁର୍ଗାମାଧବ ଉପାସନା। ସୋମବାର ମା' ବିମଳାଙ୍କ ପୀଠରୁ ଦୁର୍ଗାମାଧବ ରଥାକୃତି ବିମାନରେ ବିଜେ ହୋଇ ଦୋଳମଣ୍ଡପ ସାହିସ୍ଥିତ ନାରାୟଣୀ ମନ୍ଦିରକୁ ବିଜେ କରିଥିଲେ। ସେଠାରେ ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀମନ୍ଦିରରେ ରାତ୍ର ଚନ୍ଦନ ଲାଗି ବଢ଼ିବା ପରେ ଦୁର୍ଗାମାଧବ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।



ସକାଳ ଧୂପ ବଢ଼ିବା ପରେ ଦୁର୍ଗାମାଧବ ଜୟ ବିଜୟ ଦ୍ୱାର ଝୁଲଣ ମଣ୍ଡପଠାରେ ଥିବା ବିମାନରେ ବିଜେ କରିଥିଲେ। ଘଣ୍ଟ, ଛତା, କାହାଳୀ ଓ ବୈଜୟନ୍ତୀ ପଟୁଆରରେ ବିମାନକୁ ସିଂହଦ୍ୱାର ଦେଇ ଦୋଳମଣ୍ଡପ ସାହିକୁ ବିଜେ କରାଯାଇଥିଲା। ଏହି ସମୟରେ ବିଭିନ୍ନ ସ୍ଥାନରେ ପାରମ୍ପରିକ ପନ୍ତି ଅନୁଷ୍ଠିତ ହୋଇଥିଲା। ବିମାନକୁ ମା' ନାରାୟଣୀଙ୍କ ମନ୍ଦିର ପରିସରକୁ ବିଜେ କରାଯାଇଥିଲା। ମନ୍ଦିର ଭିତର ଖଟରେ ଦୁର୍ଗାମାଧବ ବିଜେ କରିବା ପରେ ଭିତରଚ୍ଛ ମହାପାତ୍ର ରୁପା ପିଙ୍ଗଣରେ କର୍ପୂର ଜଳ ଲାଗି କରାଇଥିଲେ। ଶୀତଳ ଭୋଗ ମଣୋହି ହୋଇ ବନ୍ଦାପନା ହୋଇଥିଲା। ଶ୍ରୀମନ୍ଦିରରେ ରାତ୍ର ଚନ୍ଦନ ଲାଗି ହେବା ପରେ ଦୁର୍ଗାମାଧବ ପାଲିଙ୍କିରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରି ଭଣ୍ଡାରଘରକୁ ବିଜେ କରିଥିଲେ। ଏହି ଉପାସନାକୁ ଗୁପ୍ତ ଗୁଣ୍ଡିଚା ବା ଶାକ୍ତ ଗୁଣ୍ଡିଚା କୁହାଯାଏ। ଦୁର୍ଗାମାଧବ ଏହିଭଳି ଭାବେ ନବମୀ ପର୍ଯ୍ୟନ୍ତ ନାରାୟଣୀ ମନ୍ଦିରକୁ ବିଜେ କରିବେ। ସୂଚନାଯୋଗ୍ୟ, ମୂଳାଷ୍ଟମୀଠାରୁ ଶ୍ରୀମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ବିମଳାଙ୍କ ଷୋଳପୂଜା ଆରମ୍ଭ ହୋଇଛି। ସେହିଦିନଠାରୁ ଦୁର୍ଗାମାଧବ ରୁନ୍ଧା ହୋଇ ପୂଜା ପାଉଛନ୍ତି। ଶ୍ରୀଦୁର୍ଗାମାଧବ ଷୋଳପୂଜାର ପ୍ରଥମ ୮ ଦିନ ମା' ବିମଳାଙ୍କ ମନ୍ଦିରକୁ ଏବଂ ଏହାପରେ ନବମୀ ପର୍ଯ୍ୟନ୍ତ ଦୋଳମଣ୍ଡପ ସାହିସ୍ଥିତ ମା' ନାରାୟଣୀଙ୍କ ମନ୍ଦିରକୁ ବିଜେ କରିଥା'ନ୍ତି।

### ● ନିଖୋଜଙ୍କ ଉଦ୍ଧାର ଅଭିଯାନ

## ୩ ଜଣଙ୍କୁ ସୁରକ୍ଷିତ ଉଦ୍ଧାରକଲା ପୁଲିସ

ପୁରୀ,୨୨।୯ (ସମିସ): ପାଖେଇ ଆସିଲାଣି ପାର୍ବଣ। ଏହି ସମୟରେ ଅପରାଧ ବଢ଼ିଥାଏ। ତେଣୁ ପାର୍ବଣରେ ଯେପରି କୌଣସି ପ୍ରକାର ଅଘଟଣ ନ ଘଟେ ସେଥିପାଇଁ ଆଗୁଆ ପଦକ୍ଷେପ ନେଇଛି ପୁରୀ ପୁଲିସ। ଆରମ୍ଭ କରିଛି 'ଅପରେସନ ଚକ୍ର'। ଏଥିରେ ଅପରାଧୀଙ୍କୁ ସାବାଡ଼ କରାଯିବା ସହ ବେଆଇନ ନିଶା କାରବାର କରୁଥିବା ଅଭିଯୁକ୍ତଙ୍କୁ କାବୁ କରାଯାଉଛି। ବେଆଇନ ଗାଡ଼ି ଚାଳକଙ୍କଠାରୁ ଜରିମାନା ଆଦାୟ ହେଉଛି। ତେବେ ଏହାରି ଭିତରେ ଜିଲ୍ଲାବ୍ୟାପୀ ପୁଲିସ ଆଉ ଏକ ସ୍ୱତନ୍ତ୍ର ଅଭିଯାନ 'ମିସିଂ ପର୍ସନ ରେସ୍କ୍ୟୁ ଡ୍ରାଇଭ୍' ଚଳାଇଛି। ଏହି ଅଭିଯାନରେ ଏକାଧିକ ଥାନାକୁ ମିଳିଛି ସଫଳତା। ସେମାନେ ହଜି ଯାଇଥିବା ବ୍ୟକ୍ତିଙ୍କୁ ସଫଳତାର ସହ ଉଦ୍ଧାର କରିଛନ୍ତି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, କାକଟପୁର ପୁଲିସ ଦୁଇଟି ମାମଲାରେ ଦୁଇଜଣ ସାଧାରଣ (ମେଜର୍) ଝିଅଙ୍କୁ ସୁରକ୍ଷା ପୂର୍ବକ ଉଦ୍ଧାର କରିଛି। ସେହିପରି ବ୍ରହ୍ମଗିରି ଥାନା ପୁଲିସ ୧୧ ବର୍ଷର ଜଣେ ନାବାଳକଙ୍କୁ ପୁରୀ ବସ୍‌ଷ୍ଟାଣ୍ଡରୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ଏ ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ଇତିମଧ୍ୟରେ କିଛି ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟମାନଙ୍କୁ ମଧ୍ୟ ଉଦ୍ଧାର କରିବା ଲାଗି ନିରନ୍ତର ଉଦ୍ୟମ ଜାରି ରହିଛି। ଯଦି କୌଣସି ନିଖୋଜ୍ ସମ୍ବନ୍ଧିତ ସୂଚନା ମିଳେ ତବେ ନିକଟସ୍ଥ ଥାନା କିମ୍ବା ୧୧୨କୁ କଲ୍ କରିବା ପାଇଁ ଏସ୍‌ପି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

# ଶ୍ରୀମନ୍ଦିର ସାମଗ୍ରୀ ଯାଉଛି କୁଆଡ଼େ?

ପୁରୀ,୨୨।୯ (ସମିସ)





ଶ୍ରୀମନ୍ଦିର ପରିସରରୁ ଆସୁଥିବା ସାମଗ୍ରୀ ଯାଉଛି କୁଆଡ଼େ? ଏହାକୁ ଅନ୍ୟ କେହି ନେଉନାହାନ୍ତି ତ? ଏମିତି ପ୍ରଶ୍ନ ଏବେ ଅନେକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। କାରଣ ମନ୍ଦିର ପରିସରରୁ ଅଣାଯାଇଥିବା ଲୁହା ପାଇପ୍, ଆଲୁମିନିୟମ୍ ଡୋର୍ ଫ୍ରେମ୍, ଆଲୁମିନିୟମ୍ ଜାଲି ଆଦି ସାମଗ୍ରୀ ସୋମବାର ସିଦ୍ଧମହାବୀର ଅଞ୍ଚଳକୁ ଯାଇଥିଲା। ଯିଏ ଏହା ଦେଖିଥିଲେ ତାଙ୍କ ମନରେ ସନ୍ଦେହ ଉପୁଜିଥିଲା। ସନ୍ଦେହ ହେବା ବି ସ୍ୱାଭାବିକ। ଭକ୍ତ ନିବାସ ପରିସର କିମ୍ବା ଶ୍ରୀମନ୍ଦିର ପ୍ରଶାସନର ନୂତନ ଭାବେ ନିର୍ମିତ ଗୋଦାମ ଘରେ ରଖା ନ ଯାଇ ଏହା ଅନ୍ୟତ୍ର ଗଲା କାହିଁକି? ଏହି ପ୍ରଶ୍ନ ଏବେ ଅନେକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି।

ନିୟମଅନୁସାରେ, ଶ୍ରୀମନ୍ଦିରର କୌଣସି ବି ସାମଗ୍ରୀ ଅନ୍ୟ କେହି ନେଇପାରିବେ ନାହିଁ। ସେ ମନ୍ଦିରର କର୍ମଚାରୀ ହୁଅନ୍ତୁ ଅବା ସେବାୟତ କିମ୍ବା ଅଧିକାରୀ। ମନ୍ଦିର ପରିସରରୁ ଯଦି କିଛି ଲୁହା ସାମଗ୍ରୀର ୱେଷ୍ଟେଜ୍ ବାହାରେ ତେବେ ଏହାକୁ ମନ୍ଦିର ପ୍ରଶାସନ ନିଜ ହେପାଜତରେ ରଖିଥାଏ। ଏହା ଟେଣ୍ଡର ଡକାଯିବା ପରେ ଯେ କେହି ନେଇଥା'ନ୍ତି। ସୋମବାର ଅପରାହ୍ଣରେ ଶ୍ରୀମନ୍ଦିର ପରିସରରୁ ଉତ୍ତର ଦ୍ୱାର ଦେଇ ଆଲୁମିନିୟମ୍ ଜାଲି, ଡୋର୍ ଫ୍ରେମ୍, ଲୁହା ପାଇପ୍ ଆଦି ବାହାର କରାଯାଇଥିଲା। ଉତ୍ତର ଦ୍ୱାରରେ ଏକ ଟାଟା ଏସି ଗାଡ଼ିରେ ଏହା ଲଦାଯାଇଥିଲା। ସେହି ଗାଡ଼ିଟି ଗୁଣ୍ଡିଚା ଭକ୍ତ ନିବାସ ପରିସରକୁ ପ୍ରବେଶ କରିଥିଲା। ସେଠାରୁ ଆଉ ଏକ ଟାଟା ଏସି ଗାଡ଼ିରେ ଏହିଭଳି ସାମଗ୍ରୀ ଲଦାଯାଇ ସିଦ୍ଧମହାବୀର ଅଞ୍ଚଳକୁ ଯାଇଥିଲା। ଏଠାରେ ପ୍ରଶ୍ନଉଠୁଛି, ମନ୍ଦିର ପରିସରରୁ ଅଣାଯାଇଥିବା ସାମଗ୍ରୀ ଟେଣ୍ଡର ହୋଇ ଆସିଥିଲା ନା ନାହିଁ? ଏ ସମ୍ପର୍କରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ କହିଛନ୍ତି, ମନ୍ଦିର ସାମଗ୍ରୀ କେହି ସେମିତି ନେଇପାରିବେ ନାହିଁ। ଯଦିବି କିଛି ୱେଷ୍ଟେଜ୍ ଜିନିଷ ଥାଏ ତାହାର ଟେଣ୍ଡର କରାଯାଏ। ତେବେ ଏଭଳି ସାମଗ୍ରୀର ଏବେ ଟେଣ୍ଡର ହେବାର ଖବର ମୋ ପାଖରେ କିଛି ନାହିଁ। ତେବେ କ'ଣ ହୋଇଛି ବୁଝିଲେ କହିବି ବୋଲି କହିଥିଲେ।

## ଜିଲ୍ଲା ସ୍କୁଲରେ ଫାୟାର ମକ୍‌ଡ୍ରିଲ୍

ପୁରୀ,୨୨।୯ (ସମିସ): ପୁରୀ ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଜିଲ୍ଲା ସ୍କୁଲ ପରିସରରେ ଏକ ଫାୟାର ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ପୁରୀ ସର୍କଲ୍ ଅଗ୍ନିଶମ ବିଭାଗର ଡେପୁଟି ଫାୟାର ଅଫିସର ଓ ସହକାରୀ ଫାୟାର ଅଫିସରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଫାୟାର ମକ୍ ଡ୍ରିଲ୍‌ରେ ନିଆଁ ଲାଗିଲେ କିଭଳି ଏହାର ନିୟନ୍ତ୍ରଣ ଓ ମୁକାବିଲା କରାଯାଇପାରିବ, ଆପାତ୍‌କାଳୀନ ସ୍ଥିତିରେ କିଭଳି ସଚେତନ ଓ ସଜାଗ ରହି ପ୍ରତିକୂଳ ପରିସ୍ଥିତିର ସାମ୍ନା କରିହେବ ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆଯାଇଛି। ଘରେ ହେଉ କିମ୍ବା ନିଜ ପାରିପାର୍ଶ୍ୱରେ ଯଦି ଆକସ୍ମିକ ଦୁର୍ଘଟଣା କିମ୍ବା ଅଘଟଣ ଘଟେ ତେବେ କିଭଳି ଏହାର ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ଛାତ୍ରଛାତ୍ରୀମାନେ ମଧ୍ୟ ଏହାକୁ ଶିକ୍ଷା କରିବା ପରେ ବେଶ୍ ଖୁସିବ୍ୟକ୍ତ କରିଛନ୍ତି। ଯଦି କୌଣସି ଜାଗାରେ ନିଆଁକୁ ନେଇ ଆକସ୍ମିକ ଦୁର୍ଘଟଣା ଘଟେ ସେମାନେ ନିଶ୍ଚିତ ଏହାକୁ ନିୟନ୍ତ୍ରଣ କରିବାରେ ସଫଳ ହେବେ ବୋଲି କହିଛନ୍ତି।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/10 (ନିୟମିତ ପଦବୀ)

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର (ପ୍ରୋଡକ୍ଟସ୍-ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍‌ଏମ୍‌ଜିଏସ୍-III | 34 | 28 | 35 |
| ଡେପୁଟି ମ୍ୟାନେଜର (ପ୍ରୋଡକ୍ଟସ୍-ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍‌ଏମ୍‌ଜିଏସ୍-II | 25 | 25 | 32 |

ବିଜ୍ଞାପନ ସଂ. CRPD/SCO/2025-26/11 (ନିୟମିତ ପଦବୀ)

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର କ୍ରେଡିଟ୍ ଆନାଲିଷ୍ଟ | ଏମ୍‌ଏମ୍‌ଜିଏସ୍-III | 63 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.09.2025 ରୁ 02.10.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 11.09.2025

ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)





# ସପ୍ତମୀରୁ ଭସାଣି ପୀଠରେ ଅବସ୍ଥାନ କରିବେ କର୍ମକର୍ତ୍ତା

## ଆସୁଛନ୍ତି ମା' — ଅଷ୍ଟମୀରେ ଲଡୁ ଓ ଖଜା ଭୋଗ — ପାଇକରାପୁରରେ ନିଆରା ଦୁର୍ଗାପୂଜା

ଭୁବନେଶ୍ୱର, ୨୨।୯ (ସମିସ): ପାଇକରାପୁର ସାର୍ବଜନୀନ ଦୁର୍ଗାପୂଜାରେ ଦେଖିବାକୁ ମିଳେ ନିଆରା ଦୁର୍ଗାପୂଜା। କମିଟି ପକ୍ଷରୁ ପାଳନ ହୋଇଆସୁଥିବା ଏହି ନିଆରା ପୂଜା ଚଳିତବର୍ଷ ୧୯ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଏହି ଦେବୀ ପୀଠ ଐତିହାସିକ ଦେଉଳିଆ ପାହାଡ଼ ପାଦଦେଶରେ ଅବସ୍ଥିତ। କେଉଁ ଆବାହନ କାଳରୁ ଏଠାରେ ଶକ୍ତି ପୂଜା କରାଯାଏ। ଏଠାର ପ୍ରତ୍ୟକ୍ଷ ଦେବୀ ହେଉଛନ୍ତି 'ମା'ଦୁଲାଦେବୀ'। ପ୍ରତିବର୍ଷ ସବୁଜିମାମୟ ପାହାଡ଼ର ପାଦଦେଶରେ ଦୁର୍ଗାପୂଜା ଅନୁଷ୍ଠିତ ହେଉଥିବା ବେଳେ ତୋରଣରେ ପରିବେଶ ସୁରକ୍ଷା ତଥା ଦେଉଳିଆ ମୁଣ୍ଡିଆର ସୁରକ୍ଷା ପାଇଁ ବିଭିନ୍ନ ବାର୍ତ୍ତା ରହିଥାଏ। ଚଳିତ ବର୍ଷ ଏଠାରେ କାଳ୍ପନିକ ତୋରଣରେ ପୂଜା ପାଇବେ ମା'। ୭୦ଫୁଟ ଏହି ତୋରଣରେ ପୂଜା ପାଇବ ମା'ଙ୍କର ୧୨ଫୁଟ ଉଚ୍ଚତା ବିଶିଷ୍ଟ ମୃଣ୍ମୟୀ ମୂର୍ତ୍ତି। ଏହି ପୂଜା ମଣ୍ଡପର ବିଶେଷତ୍ୱ ହେଉଛି, ଜନ୍ମାଷ୍ଟମୀରେ ମାଟି ଅନୁକୂଳ ହେବା ପରେ କମିଟିର ସଦସ୍ୟମାନେ ଆମିଷ ବର୍ଜନ କରିଥାନ୍ତି। ସେହିପରି ଏଠାକାର ଆଉ ଏକ ବିଶେଷତ୍ୱ ହେଉଛି ସପ୍ତମୀ ଦିନ କଳସ ଯାତ୍ରା ଠାରୁ ଭସାଣି ପର୍ଯ୍ୟନ୍ତ କର୍ମକର୍ତ୍ତାମାନେ ଘର ପରିବାରଠାରୁ



ଦୂରେଇ ରହି ଦେବୀପୀଠରେ ନିର୍ମିତ ଅସ୍ଥାୟୀ କୁଟୀରରେ ଅବସ୍ଥାନ କରନ୍ତି। ଏବଂ ମା'ଙ୍କ ଭସାଣୀ ଉତ୍ସବ ପରଦିନ କମିଟିର ସମସ୍ତ ସଦସ୍ୟ ଝଙ୍କଡ଼ରେ ମା' ଶାରଳାଙ୍କ ଦର୍ଶନ କରନ୍ତି। ବିଧି ଅନୁସାରେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବ। ଷଷ୍ଠୀରେ ବିଲ୍ୱବରଣ, ମଣ୍ଡଳିକରଣ ଓ ଅଧିବାସ କାର୍ଯ୍ୟ ସହ ସପ୍ତମୀରେ କଳାସଯାତ୍ରା, ସର୍ବଦେବାଦେବୀ ଆବହାନ, ଘଟମଣ୍ଡାଳୀ, ଚଡକ୍ଷୁଦାନ, ଅଗ୍ନିସ୍ଥାପନ ଆଦି କରାଯିବ। ସେହିପରି ଅଷ୍ଟମୀ, ନବମୀ ଓ ଦଶମୀରେ ସୂର୍ଯ୍ୟପୂଜା, ଗୋ ପୂଜା, ଶାଳା ପୂଜା, ସମ୍ପୂର୍ଣ୍ଣ ଚଣ୍ଡିପାଠ ସନ୍ଧିପୂଜା ଆଦି କରାଯିବ। ସପ୍ତମୀ ଠାରୁ ଦଶମୀ ପର୍ଯ୍ୟନ୍ତ ମା'ଙ୍କ ନିକଟରେ ଖିରି ପିଠା ଭୋଗ ଲାଗି କରାଯିବ। ଏହାସହ ଅଷ୍ଟମୀ ଦିନ ଲଡୁ ଓ ଖଜା ଭୋଗ କରାଯିବ। ପ୍ରତ୍ୟେକ ଦିନ ଭକ୍ତଙ୍କ ମା'ଙ୍କ ପ୍ରସାଦ ସେବନ ବ୍ୟବସ୍ଥା ରହିବ। ସେହିପରି ଦଶମୀରେ ଚରୁଅନ୍ନ ପାଇଁ ଏଠାରେ ଜନ ସମାଗମ ହୁଏ। ତେଣୁ ପ୍ରତିବର୍ଷ ପରି ଏଥର ମଧ୍ୟ ଶାନ୍ତଶୃଙ୍ଖଳାର ସହ ପୂଜା ସମାପନ୍ନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।



ଭିଡ଼କୁ ନିୟନ୍ତ୍ରଣ କରାଯିବାକୁ ମହିଳା ଓ ପୁରୁଷଙ୍କ ଧାଡି ଅଲଗା ଅଲଗା କରାଯିବ। ଏହାସହ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ସହ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଏବଂ ଅଗ୍ନିନିରପତ୍ତା ବ୍ୟବସ୍ଥା ରହିବ। ପୁଲିସ ପ୍ରଶାସନ ସମେତ କମିଟିର ସଦସ୍ୟମାନେ ଚାରିଆଡ଼େ ନଜର ରଖିବେ।

-ପାର୍ଥ ପ୍ରସାଦ ପାଇକରାୟ, ସଭାପତି



ଏହା ଏକ ଐତିହାସିକ ପୀଠ ହୋଇଥିବାରୁ ମା'ଙ୍କର ନବମୀ ରାତିରେ ଏକ ଗୁପ୍ତ ନୀତି ସମ୍ପନ୍ନ କରାଯାଏ। ଏଥର ଭସାଣୀରେ କେବଳ ଘଣ୍ଟ ବଜାଇ ମା'ଙ୍କୁ ମେଲାଣି ଦିଆଯିବ। ପ୍ରତିଥର ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଇକ ଆଖଡ଼ା ପରିବେଷଣ କରାଯାଇଥିବା ବେଳେ ଏଥର କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ନାହିଁ। ଏଠାରେ ମା'ଙ୍କୁ ମେଲାଣି ଦେବା ପୂର୍ବରୁ ମହିଳାମାନେ ମା'ଙ୍କ ମୁଣ୍ଡରେ ସିନ୍ଦୁର ଓ ପାଦରେ ଅଳତା ଲଗାଇ ଦିଅନ୍ତି।

-ସୌଭାଗ୍ୟଜ୍ୟୋତି ରାଉତରାୟ, ସମ୍ପାଦକ

## ମୃତଭାଇର ସେୟାର ବିକ୍ରିକରି ସାନଭାଇ ଗିରଫ

ଭୁବନେଶ୍ୱର, ୨୨।୯ (ସମିସ): ବଡ଼ ଭାଇର ମୃତ୍ୟୁ ପରେ ଜାଲିଆତି କରି ତାଙ୍କ ନାମରେ ଥିବା ସେୟାର ବିକ୍ରି କରିବା ଅଭିଯୋଗ ସାନଭାଇ ନରେଶ କେଡ଼ିଆଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ପୁଲିସ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀଙ୍କ ସ୍ୱାମୀ ଲେଫ୍ଟନାଣ୍ଟ ଦିନେଶ କୁମାର କେଡିଆଙ୍କ ମୃତ୍ୟୁ ପରେ ତା ୨୦୨୪ ମାର୍ଚ୍ଚ ୩ରେ ତାଙ୍କ ସାନ ଭାଇ ନରେଶ କୁମାର କେଡିଆ ତାଙ୍କ ମୋବାଇଲ୍ ଫୋନ୍, ପୋଷ୍ଟମର୍ଟମ୍ ରିପୋର୍ଟ, ସମ୍ପତ୍ତି କାଗଜପତ୍ର, ବ୍ୟାଙ୍କ ବିବରଣୀ, ଜେରୋଧା ସେୟାର ଟ୍ରେଡିଂ ଆକାଉଣ୍ଟ ବିବରଣୀ ଏବଂ ଅନ୍ୟାନ୍ୟ ମୂଳ ଡକ୍ୟୁମେଣ୍ଟକୁ ନିଜ କବଜାକୁ ନେଇଥିଲେ। ଅଭିଯୋଗକାରିଣୀଙ୍କୁ ମୃତ୍ୟୁ ପ୍ରମାଣପତ୍ର, ବୀମା ଦାବି ଏବଂ ଅନ୍ୟାନ୍ୟ ଆଇନଗତ ଔପଚାରିକତା ପାଇଁ ଆବଶ୍ୟକ ବୋଲି ବୁଝାଇଥିଲେ। ପରବର୍ତ୍ତୀ ସମୟରେ, ଅଭିଯୋଗକାରିଣୀ ଜାଣିବାକୁ ପାଇଲେ ଯେ ନରେଶ କୁମାର କେଡିଆ ନମିନି ପରିବର୍ତ୍ତନ କରିବା ପରେ ପ୍ରାୟ ୧.୯୮ କୋଟି ଟଙ୍କାର ସେୟାର ବିକ୍ରି କରି ପାଣ୍ଠିର ଅପବ୍ୟବହାର କରିଛନ୍ତି। ଲେଫ୍ଟନାଣ୍ଟ ଦିନେଶଙ୍କ ନାମରେ ଜାରି ହୋଇଥିବା ସିମ୍ କାର୍ଡକୁ ବ୍ଲକ କରିଛନ୍ତି, ଇମେଲ୍ ପ୍ରମାଣପତ୍ର ପରିବର୍ତ୍ତନ କରିଛନ୍ତି ଏବଂ ମୃତକଙ୍କ ବାଙ୍ଗାଲୋର ସମ୍ପତ୍ତିର ଭଡ଼ା ଅନ୍ୟତ୍ର ପଠାଇଛନ୍ତି। ସେ ଅଭିଯୋଗକାରିଣୀଙ୍କୁ ଆଇନଗତ ଔପଚାରିକତା ବିଷୟରେ ଉତ୍ତର ଦେବା ବନ୍ଦ କରିଦେଇଥିଲେ ଏବଂ ପରିବାରର ଅନ୍ୟ ସଦସ୍ୟଙ୍କ ସହିତ ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିଥିଲେ। ଅଭିଯୋଗକାରିଣୀ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ, ଏପରି ହେରଫେର ଯୋଗୁଁ ହୋଇଥିବା ଋଣ ଦେୟ ପରିଶୋଧ ନକରିବା ପାଇଁ ତାଙ୍କୁ ଅଜଣା ନମ୍ବର ଏବଂ ବ୍ୟାଙ୍କଗୁଡ଼ିକରୁ ଧମକପୂର୍ଣ୍ଣ କଲ୍ ଆସିଥିଲା। ତଦନ୍ତ ସମୟରେ, ଅଭିଯୁକ୍ତଙ୍କୁ କଳାହାଣ୍ଡି ଜିଲ୍ଲାର ବିଜାମରା ଗ୍ରାମରୁ ଗିରଫ କରାଯାଇଥିଲା।

## ଭବିଷ୍ୟନିଧି ଫେଡେରେଶନର କେନ୍ଦ୍ରୀୟ କାର୍ଯ୍ୟକାରିଣୀ



ଭୁବନେଶ୍ୱର,୨୨।୯ (ସମିସ): ସ୍ଥାନୀୟ ଭବିଷ୍ୟନିଧି କାର୍ଯ୍ୟାଳୟରେ ସର୍ବଭାରତୀୟ ଭବିଷ୍ୟନିଧି ଫେଡେରେଶନର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ପୌରୋହିତ୍ୟ କରିଥିଲେ। ଫେଡେରେଶନର ମହାସଚିବ ଆର. କୃପାକରନ୍, ଆଞ୍ଚଳିକ ଭବିଷ୍ୟନିଧି କମିଶନର ସୁଶାନ୍ତ ପାଢୀ, ଶ୍ରମିକ ନେତା ମଦନ ମୋହନ ଧଳ, କିଶୋର ଚନ୍ଦ୍ର ଜେନା, ଫେଡରେଶନର ସଭାପତି ଡି. ପି. ସିଂହ ଏବଂ ସର୍ବଭାରତୀୟ ଉପସଭାପତି ପ୍ରଶାନ୍ତ କୁମାର ବାରିକ ବକ୍ତବ୍ୟ ରଖିଥିଲେ। ପ୍ରବର୍ତ୍ତନ ଅଧିକାରୀ ଅଲେଖ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଫେଡେରେଶନର ୨୦୨୫-୨୭ ବର୍ଷ ପାଇଁ ପ୍ରଥମ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱରରେ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ଆଜି ପୁରୀରୁ ବିଧାନସଭା କଳା ଓ କ୍ରୀଡା ପ୍ରଶିକ୍ଷକଙ୍କ ପଦଯାତ୍ରା

ଭୁବନେଶ୍ୱର, ୨୨।୯ (ସମିସ): ଓଡ଼ିଶା କଳା ଓ କ୍ରୀଡା ଶିକ୍ଷକ ମହାସଂଘର ସାମ୍ବାଦିକ ସମ୍ମିଳନୀ ପୁରୀ କୁଳମଣି ଭବନ (ଶିକ୍ଷକ ଭବନ)ଠାରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କଳା ଓ କ୍ରୀଡା ପ୍ରଶିକ୍ଷକ ପ୍ରଶିକ୍ଷିକାଙ୍କୁ ପାର୍ଟ ଟାଇମ ପ୍ରଥା ଉଚ୍ଛେଦ କରି ନିୟମିତ କରିବା ନିମନ୍ତେ ମଙ୍ଗଳବାର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସିଂହଦ୍ୱାର ନିକଟରୁ ବାହାରି ୨୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସାକ୍ଷାତ ଆଲୋଚନା ଉଦ୍ଦେଶ୍ୟରେ ଭୁବନେଶ୍ୱର ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ମହାସଂଘର ସଭାପତି ଓ ସାଧାରଣ ସମ୍ପାଦକ ସୂଚନା ପ୍ରଦାନ କରିଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ସଭାପତି ପାଣ୍ଡବ ବିଶି, ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ପଣ୍ଡା, ଉପସଭାପତି ସ୍ମୃତି ପ୍ରସାଦ ପ୍ରଧାନ, ରଶ୍ମୀରଞ୍ଜନ ସାହାଣୀ, ପ୍ରଦୀପ କୁମାର ଦାସ, ଜଗନ୍ନାଥ ମିଶ୍ର, ପ୍ରିୟଙ୍କା ସ୍ୱାଇଁ, ଚନ୍ଦ୍ରଶେଖର ପାଢ଼ୀ, କଲ୍ୟାଣୀ ସାହୁ ଏବଂ ବହୁ ପ୍ରଶିକ୍ଷକ ପ୍ରଶିକ୍ଷିକାମାନେ ଉପସ୍ଥିତ ଥିଲେ।

## ୱାକର୍ସ କ୍ଲବର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ଭୁବନେଶ୍ୱର, ୨୨।୯ (ସମିସ): ଜୟଦେବ ବିହାର ସାଂସ୍କୃତିକ ଉନ୍ନୟନ ପରିଷଦ, ୱକର୍ସ ଇଣ୍ଟରନେସନାଲ ଦ୍ୱାରା ଅନୁବନ୍ଧିତ ଫନ୍ ଆଣ୍ଡ ଫିଟନେସ୍ ୱାକର୍ସ କ୍ଲବର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏନ୍-୬, ରାମେଶ୍ୱର ମନ୍ଦିର କମ୍ୟୁନିଟ୍ ହଲରେ ଅନୁଷ୍ଠିତ ହୋଇଯାଇଛି। ରେଡ଼କ୍ରସ୍ ବ୍ଲଡ଼ବ୍ୟାଙ୍କ, ଆମ ଓଡ଼ିଶା, ଜୟ ଓଡ଼ିଶା ୱାକର୍ସ କ୍ଲବ ତତ୍ତ୍ୱାବଧାନରେ ୪୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି। ଏହି ରକ୍ତଦାନ ଶିବିରକୁ ଡ଼ିଷ୍ଟିକ୍ଟ ଗଭର୍ଣ୍ଣର ମୁକ୍ତିକାନ୍ତ ଅଗସ୍ତି, ପୂର୍ବତନ ବିଧାୟକ ପ୍ରୀୟଦର୍ଶୀ ମିଶ୍ର, ଜୟଦେବ ବିହାର ସାଂସ୍କୃତିକ ଉନ୍ନୟନ ପରିଷଦର ସଭାପତି ମନୋରଞ୍ଜନ ମିଶ୍ର, ଆପର ଓଡ଼ିଶା ସଭାପତି ନିଶିକାନ୍ତ ଦାସ ଓ ୧୫୩ ଥର ରକ୍ତଦାନ କରିଥିବା ସମାଜସେବୀ ଲୋକନାଥ ଦାଶ ଶିବିର ଉଦ୍‌ଘାଟନ କରିଥିବାବେଳେ ବିଧାୟକ ସୁଶାନ୍ତ ରାଉତ ଉଦ୍‌ଯାପନରେ ଯୋଗ ଦେଇଥିଲେ। ଏହି ଅବସରରେ ୱାକର୍ସ ଇଣ୍ଟରନେସନାଲ ଦ୍ୱାରା ନୂତନ ଭାବେ ଅନୁବନ୍ଧିତ ଜୟ ଓଡ଼ିଶା ୱାକରସ କ୍ଲବର ସଭାପତି ରୁଦ୍ରନାରାୟଣ ସାମନ୍ତରାୟ, ଫେମି ୱାକରସ କ୍ଲବ ସଭାପତି ସଂଯୁକ୍ତା ପଣ୍ଡା, ମା ଗୌରୀ ୱାକର୍ସ କ୍ଲବ ସଭାପତି ରଶ୍ମି ବେହେରା, ମା ସୁନାଦେଇ ୱାକର୍ସ କ୍ଲବ ସଭାପତି ବିବେକାନନ୍ଦ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ଏଫଏଫସିର ସଭାପତି ଆଶିଷ ପଟ୍ଟନାୟକ, ଡ. ଗୋବିନ୍ଦ ଦାସ, ପ୍ରାକ୍ତନ ସେନା ଅଧିକାରୀ ପ୍ରଫୁଲ୍ଲ ଲେଙ୍କା ଓ ଜୋନ ଚେୟାର ପରସନ୍ କେଦାର ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଏଫ.ଏଫ.ସିର ସମ୍ପାଦକ ସୁଧାକର ଷଡ଼ଙ୍ଗୀ, ଯୁଗ୍ମ ସମ୍ପାଦକ ସୌଭାଗ୍ୟ ନାୟକ ପ୍ରମୁଖ କର୍ମକର୍ତ୍ତା ସଂଯୋଜନା କରିଥିଲେ।

## ସାମୂହିକ ଧାରଣା ଏବଂ ପ୍ରତିବାଦରେ ପିଏଚ୍‌ଆଇଇଭି

ଭୁବନେଶ୍ୱର, ୨୨।୯ (ସମିସ): ଓଡ଼ିଶାର ୩୦ ଜିଲ୍ଲାର ୧୧୧୭ ଜଣ ଭିନ୍ନକ୍ଷମ ଓଡ଼ିଶା ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ପିଏଚଆଇଇଭି ତଥା ଭିନ୍ନକ୍ଷମ ଅନ୍ତଃନିବେସୀ ଶିକ୍ଷା ସ୍ୱେଚ୍ଛାସେବୀ ଭାବରେ ଦୀର୍ଘ ୧୪ ବର୍ଷ ହେବ ନିରବଚ୍ଛିନ୍ନ ଭାବେ ୬ ରୁ ୧୪ ବର୍ଷ ବୟସର ୨ଟି ଭିନ୍ନକ୍ଷମ ପିଲାଙ୍କୁ ପ୍ରତିଦିନ ହୋମ ବେସଡ୍ ଏଜୁକେସନ ଦେବା ସହ ୨ଟି ବିଦ୍ୟାଳୟକୁ ଯାଇ ଭିନ୍ନକ୍ଷମ ପିଲାକୁ ସାଧାରଣ ପିଲାଙ୍କ ସହ ଶିକ୍ଷା ପ୍ରଦାନ କରୁଛନ୍ତି। ଯାହାକି ଜଣେ ଭିନ୍ନକ୍ଷମ ଆଇଇଭି ପକ୍ଷେ ଅତ୍ୟନ୍ତ କଷ୍ଟଦାୟକ କାର୍ଯ୍ୟ। ଭିନ୍ନକ୍ଷମ ଆଇଇଭିମାନଙ୍କର ବୟସ ବଢ଼ିବା ସହ ଚାକିରୀର ଅବଧି ମଧ୍ୟ ସରିସରି ଯାଉଛି। ତେବେ ମାସିକ ୧୦ ହଜାର ଟଙ୍କା ଦରମାରେ ଜଣେ ଭିନ୍ନକ୍ଷମ ଆଇଇଭି ସ୍ଥାୟୀ ଚାକିରି ନ ପାଇ ତାର ପରିବାର ପ୍ରତିପୋଷଣ କରିବ କେମିତି ବୋଲି ଭିନ୍ନକ୍ଷମ ଅର୍ନ୍ତନିବେସୀ ଶିକ୍ଷା ସ୍ୱେଚ୍ଛାସେବୀ ସଂଗଠନର ସଭାପତି ପ୍ରତାପ ଚନ୍ଦ୍ର ସ୍ୱାଇଁ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି।

ସେ ଆହୁରି କହିଛନ୍ତି ଦୀର୍ଘ ୧୪ ବର୍ଷ ହେବ ଉକ୍ତ ପ୍ରସଙ୍ଗକୁ




ନେଇ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଯାଏଁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଗତ ୧୦ ତାରିଖରେ ସରକାରଙ୍କୁ ପୁନଶ୍ଚ ଜଣାଇଥିଲେ ମଧ୍ୟ ସେହି ପ୍ରସଙ୍ଗକୁ ସରକାର ଅଣଦେଖା କରିଛନ୍ତି। ତେଣୁ ସୋମବାର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପିଏଚଆଇଇଭିମାନଙ୍କ ଦ୍ୱାରା ପ୍ରତିବାଦ ଓ ଧାରଣା ଦିଆଯାଇଛି।

## ବଦଳି ଶିକ୍ଷକଙ୍କୁ ପୁନଃନିଯୁକ୍ତି ଦାବିରେ ଛାତ୍ରଛାତ୍ରୀଙ୍କ ଧାରଣା

ବାଲିଅନ୍ତା, ୨୨।୯ (ସମିସ): ବାଲିଅନ୍ତା ବ୍ଲକ ଅଧୀନ ସରକଣା ସ୍ଥିତ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟରୁ ବଦଳି କରାଯାଇଥିବା ଦୁଇ ଜଣ ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଦାବିରେ ଛାତ୍ରଛାତ୍ରୀ ମୁଖ୍ୟ ଫାଟକ ସମ୍ମୁଖରେ ୪ ଘଣ୍ଟା ଧରି ପ୍ରତିବାଦ କରିଥିଲେ। ଖବର ପାଇ ବିଡିଓ ରଶ୍ମିତା ନାଥ, ଗୋଷ୍ଠୀ ଶିକ୍ଷା ଅଧିକାରୀ ନିହାରିକା ପଣ୍ଡା ଓ ବିଆରସିସି ରମାମଣି ଦେଇ ପହଞ୍ଚି ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ଗଣିତ ଶିକ୍ଷକ ଭାଗିରଥି ସାହୁଙ୍କ ସିଆସିସି ଭାବେ ପଦୋନ୍ନତି କରାଯାଇଛି। ଇଂରାଜୀ ଶିକ୍ଷକ କଳ୍ପନା ମିଶ୍ରଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଦୁଇ ଜଣ ଶିକ୍ଷକଙ୍କୁ କାଢ଼ି ନେବା ଦ୍ୱାରା ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଗତକାଲି ବିଦ୍ୟାଳୟରେ ସମୂହ ଅଭିଭାବକମାନଙ୍କ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଥିଲା। ସୋମବାର



ସ୍କୁଲରେ ପହଞ୍ଚିବା ପରେ ଛାତ୍ରଛାତ୍ରୀମାନେ ଶ୍ରେଣୀକୁ ନଯାଇ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଭାଗିରଥି ସାହୁ ପୁନଶ୍ଚ ଶିକ୍ଷକ ଦାୟିତ୍ୱରେ ରହିବା ଓ ଜଣେ ପ୍ରଧାନ ଶିକ୍ଷକ ନିଯୁକ୍ତି ନେଇ ପଦକ୍ଷେପ ଗ୍ରହଣ କରିବାକୁ ବିଡିଓ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପୂର୍ବତନ ସମିତି ସଭ୍ୟ ନାରାୟଣ ସାହୁ, ସ୍କୁଲ ପରିଚାଳନା କମିଟି ସଭ୍ୟାପତି କାଳନ୍ଦି ମହାପାତ୍ର, ରଘୁନାଥ ମହାପାତ୍ର, କାଳନ୍ଦି ଭୋଇ ଓ ଅନ୍ୟ ଅଭିଭାବକ ଉପସ୍ଥିତ ଥିଲେ।

## ମଦକୁ ନେଇ ସରକାରଙ୍କ ଦୋମୁହାଁ ନୀତି; ଆଜି ଗଣଧାରଣା

ଭୁବନେଶ୍ୱର, ୨୨।୯ (ସମିସ): ରାଜ୍ୟ ବିଜେପି ସରକାରଙ୍କ ଓଡ଼ିଶାରେ ମଦ ପ୍ରସାରଣ କ୍ଷେତ୍ରରେ ଦୋ ମୁଁହା ନୀତିକୁ ମୋନା (ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ) ତୀବ୍ର ବିରୋଧ ପ୍ରକାଶ କରିଛି। ବିଶେଷ କରି ନିକଟରେ ବିଧାନସଭାରେ ଅବକାରୀ ମନ୍ତ୍ରୀ ଘୋଷଣା କରିଥିବା, ୭୦ମଦ ଦୋକାନ ସହ ୩ଟି ମଦ ଉତ୍ପାଦନ କାରଖାନା ଖୋଲାଯିବାକୁ ପ୍ରତିବାଦ କରି ମୋନା ତରଫରୁ ସେପ୍ଟେମ୍ବର ୨୩ତାରିଖ ମଙ୍ଗଳବାର ଭୁବନେଶ୍ୱର ଲୋୟର୍ ପିଏମଜି ଠାରେ ଗଣଧାରଣା ଅନୁଷ୍ଠିତ ହେବ ବୋଲି ମୋନାର ସଭାପତି ପଦ୍ମଚରଣ ନାୟକ କହିଛନ୍ତି।

## 'ଦି ପପୁଲାର ପିପଲି: ଥ୍ରେଡ୍‌ସ୍ ଅଫ ମେମୋରୀ, ନେଟୱର୍କସ୍ ଅଫ ପାୱର' ଉଦ୍‌ଘାଟିତ



ଭୁବନେଶ୍ୱର, ୨୨।୯ (ସମିସ): ଏମ୍‌ଜିଏମ ଫାଉଣ୍ଡେସନ ଏବଂ ଭୁବନେଶ୍ୱର ଏକ୍ସପେରିମେଣ୍ଟାଲ ଆର୍ଟ ଆଣ୍ଡ ଡିଜାଇନ ଷ୍ଟୁଡିଓ (ବିଇଏଡିଏସ୍) ଦ୍ୱାରା ଏକ ଅଗ୍ରଣୀ ସାଂସ୍କୃତିକ ପ୍ରଚେଷ୍ଟା ଓଡ଼ିଶା କ୍ରାଫ୍ଟ ଓଡ଼ିଶୀ (ଓସିଓ)ର ପ୍ରୟାସ ଜରିଆରେ ଭୁବନେଶ୍ୱର ମହାନଗର ହସ୍ତଶିଳ୍ପର କାର୍ଯ୍ୟାଭ୍ୟାସ ଉପରେ ଏକ ଅସାଧାରଣ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଉଛି। ଓସିଓ 'ଦି ପପୁଲାର ପିପଲି: ଥ୍ରେଡ୍‌ସ୍ ଅଫ ମେମୋରୀ, ନେଟୱର୍କସ୍ ଅଫ ପାୱର' ଶୀର୍ଷକରେ ଶିବଦାସ ସେନଗୁପ୍ତାଙ୍କ ଦ୍ୱାରା ନିଖୁଣ ଭାବରେ ପ୍ରସ୍ତୁତ ଏହାର ଦ୍ୱିତୀୟ ଗବେଷଣାତ୍ମକ ପ୍ରଦର୍ଶନୀ ଭୁବନେଶ୍ୱରସ୍ଥିତ ଲଳିତ କଳା ଏକାଡେମୀରେ ଆୟୋଜିତ ହୋଇଥିଲା। ଅନେକ କଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀଠାରୁ ଭିନ୍ନ ଓସିଓର ପ୍ରଦର୍ଶନୀଗୁଡ଼ିକ କଳାକାର, ଗବେଷକ ଏବଂ କାରିଗରମାନଙ୍କ ସମ୍ମିଳିତ ଅଂଶଗ୍ରହଣରେ କରାଯାଇଥିବା ଜଟିଳ ଗବେଷଣାଧର୍ମୀ ସର୍ବେକ୍ଷଣକୁ ପରିକଳ୍ପନା କରୁଛି। ଓସିଓର ଦ୍ୱିତୀୟ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ୨୦୨୫ ଆବାସିକତାର ସାର୍ବଜନୀନ ପରିଣତି ଭାବରେ ଉପସ୍ଥାପିତ ହେବାକୁ ଯାଉଛି।

## ସାଧନା ଛପାଛପି ପକ୍ଷରୁ ପୁସ୍ତକ ଉନ୍ମୋଚନ



ଭୁବନେଶ୍ୱର, ୨୨।୯ (ସମିସ): ପ୍ରକାଶନୀ ସଂସ୍ଥା 'ସାଧନା ଛପାଛପି' ଓ ସହ ପ୍ରକାଶନୀ ସଂସ୍ଥା 'ଅତଏବ ଅ' ପକ୍ଷରୁ ଇଂ କାଜଲ ପଟ୍ଟନାୟକଙ୍କ ଲିଖିତ ପୁସ୍ତକ 'କ୍ୟାରିୟର ମନ୍ତ୍ର ଓ କିପରି ଗଢିବା ପିଲାଙ୍କୁ' ଲୋକାର୍ପିତ ହୋଇଯାଇଛି। ମଞ୍ଚେଶ୍ୱରସ୍ଥିତ ସିଆଇଏମ୍‌ଇ ଇଞ୍ଜିନିୟରିଂ କଲେଜରେ ଆୟୋଜିତ ଲୋକାର୍ପଣ ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବୁଦ୍ଧିଜୀବୀ ପଞ୍ଚାନନ କାନୁନଗୋ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବରେ ସାହିତ୍ୟିକ କାଳନ୍ଦୀ ସାମଲ ଯୋଗ ଦେଇଥିଲେ। ସାଧନାର ସଭାପତି ବିଜୟ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ବରେଣ୍ୟ ଅତିଥି ଭାବରେ ଗୀତିକାର ପଞ୍ଚାନନ ନାୟକ, ଶିକ୍ଷାବିତ୍ ତଥା ବୈଜ୍ଞାନିକ ଡ. ଅଜୟ କୁମାର ପାତ୍ର, ସିନେ ଅଭିନେତା ହରିହର ମହାପାତ୍ର, ଡ.ଦୀପକ କୁମାର ସାହୁ ଯୋଗ ଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ପୁସ୍ତକ ପ୍ରକାଶନର ଆଭିମୁଖ୍ୟ ବାବଦରେ ପ୍ରକାଶନ ସଂସ୍ଥାର ଡାଇରେକ୍ଟର ଶ୍ରୀଗୋବିନ୍ଦ ଅଭିଭାଷଣ ପ୍ରଦାନ କରିଥିଲେ। ସିଆଇଏମ୍‌ଇ ଏମ୍‌ବିଏ ବିଭାଗର ଅଧ୍ୟାପକ ଏମ.ସି. ତ୍ରିପାଠୀ ଦକ୍ଷତା ବିକାଶ ଶିକ୍ଷାକୁ କର୍ମନିଯୁକ୍ତି ଭିତ୍ତିକ କରିବା ପଛର ରହସ୍ୟ କହିଥିଲେ।

# 'କର୍ଜନ ମଣ୍ଡପ' ଏବେ ରିଲ୍ସ ପଏଣ୍ଟ

**ଆମ ରାଜଧାନୀ ଆମ ଐତିହ୍ୟ**

## ଲଡ୍ କର୍ଜନଙ୍କ ମନ୍ଦିର ଦର୍ଶନ ପାଇଁ ହୋଇଥିଲା ନିର୍ମିତ

ଭୁବନେଶ୍ୱର, ୨୨।୯ (ସମିସ): ପୁରୁଣା ଭୁବନେଶ୍ୱର ତିନିମୁଣ୍ଡିଆ ଛକ ଦେଇ ଲିଙ୍ଗରାଜ ମନ୍ଦିର ଆଡକୁ ଆସିଲେ କର୍ଜନ ମଣ୍ଡପଟି ମନ୍ଦିର ସହ ସଲଗ୍ନ ଡାହାଣ ପାର୍ଶ୍ୱରେ ଦେଖିବାକୁ ମିଳିଥାଏ। ଆଜି ବି ଐତିହାସିକ ସ୍ମୃତି ସ୍ମାରକୀ କର୍ଜନ ମଣ୍ଡପ ଇତିହାସର ମୂକସାକ୍ଷୀ ହୋଇ ଠିଆ ହୋଇଛି। ବରଂ କହିବାକୁ ଗଲେ ଏହି ମଣ୍ଡପ ବା ସେ ସମୟର ଟାୱାର ବର୍ତ୍ତମାନର ସେଲ୍ଫି ବା ରିଲସ୍ ପଏଣ୍ଟ ସାଜିଛି।



ଏକାମ୍ର କ୍ଷେତ୍ରର ଅଧୀଶ୍ୱର ଶ୍ରୀଲିଙ୍ଗରାଜ। ତାଙ୍କରି ଦର୍ଶନ, ସାନିଧ୍ୟ ଲଭିବାର ବିଶ୍ୱାସ ଟିକକ ନେଇ ପାଇଁ କାହିଁ କେତେ ଦୂରରୁ ଧାଇଁ ଆସନ୍ତି ଭକ୍ତ। ମନ୍ଦିରର କାରୁକାର୍ଯ୍ୟ ଭିତରର ଶାନ୍ତ ପରିବେଶ ସାଙ୍ଗକୁ ଚତୁଃପାର୍ଶ୍ୱର ସବୁଜିମା ସଭିଙ୍କୁ ଘଡ଼ିଏ ଅଟକାଇ ରଖେ। ଖାଲି ରାଜ୍ୟ ନୁହେଁ ରାଜ୍ୟ ବାହରୁ ମଧ୍ୟ ଅନେକେ ଏଠାକୁ ଆସନ୍ତି। ହେଲେ ପ୍ରଚଳିତ ଧାରା ଅନୁସାରେ ଅଣହିନ୍ଦୁଙ୍କ ପ୍ରବେଶ ନିଷେଧ କାରଣରୁ ଆଜି ବି ଅନେକେ ଏଠାରୁ ଫେରି ଯାଆନ୍ତି। ଜଣାଯାଏ ସେ ସମୟର ବ୍ରିଟିସ୍ ଇଣ୍ଡିଆର ବଡଲାଟ୍ ଲଡ୍ କର୍ଜନ ବି ଦିନେ ଏଠାକୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ଆସିଥିଲେ। ମାତ୍ର ତାଙ୍କୁ ମନ୍ଦିର ଭିତରକୁ ପ୍ରବେଶର ଅନୁମତି ନ ଥିଲା। ଫଳତଃ ମନ୍ଦିରକୁ ବାହାରୁ ଦେଖିବା ପାଇଁ ଗଢ଼ି ଉଠିଥିଲା କର୍ଜନ ମଣ୍ଡପ। ଏହାର ଇତିହାସ ବିଷୟରେ ଅଧିକ କହିବାକୁ ଗଲେ, ଏହି ମଣ୍ଡପ ବା ଟାୱାର୍‌ରେ ଠିଆହୋଇ ଲର୍ଡ କର୍ଜନ ମନ୍ଦିରର କାରୁକାର୍ଯ୍ୟ ଓ ନିର୍ମାଣଶୈଳୀ ଦେଖିଥିଲେ। ସେବେଠାରୁ ଏହାକୁ 'କର୍ଜନ ମଣ୍ଡପ' କୁହାଯାଉଛି। ଅଣହିନ୍ଦୁମାନେ ମନ୍ଦିର ଦର୍ଶନ ପାଇଁ ସେବେଠାରୁ ଏହି ଟାୱାର୍‌କୁ ବ୍ୟବହାର କରାଯାଉଛି।

ସଂସ୍କୃତି ଗବେଷକ ଭାଗୀରଥି ମହାସୁଆର ନିଜ ପୁସ୍ତକ 'ଶ୍ରୀ ଲିଙ୍ଗରାଜ' ମଧ୍ୟ ଏହି ମଣ୍ଡପ ବିଷୟରେ ଉଲ୍ଲେଖ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ବଙ୍ଗ ପ୍ରଦେଶର ଗଭର୍ଣ୍ଣର ସାର୍ ଜନ୍ ଉଡ୍‌ବର୍ଣ୍ଣ ମଧ୍ୟ ଲିଙ୍ଗରାଜ ମନ୍ଦିରର ଅପରୂପ କାରୁକାର୍ଯ୍ୟକୁ ନେଇ ବିଭୋର ହୋଇଥିଲେ। ଭୁବନେଶ୍ୱରର ଅନ୍ୟାନ୍ୟ କୀର୍ତ୍ତି ସମେତ ଶ୍ରୀଲିଙ୍ଗରାଜ ମନ୍ଦିରର ଭଗ୍ନାମୁଖୀ ସ୍ଥାପତ୍ୟର ସଂଦର୍ଶନ ତଥା ପ୍ରସ୍ତାବିତ ସଂରକ୍ଷଣ ପାଇଁ ଭାରତର ବଡଲାଟ୍ ଲର୍ଡ କର୍ଜନ୍‌ଙ୍କୁ ଦିନେ ଉଡ୍‌ବର୍ଣ୍ଣ ଆମନ୍ତ୍ରଣ କରିଥିଲେ। ସେତେବେଳ ଉତ୍କଳ ଗୌରବ ମଧୁସୂଦନ ଦାସ ବିଲାତ ଯାତ୍ରା କରିଥାନ୍ତି। ଇଂରେଜ ଶାସନ ଅଧୀନ ଭାରତରେ ଉତ୍କଳକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବା ପାଇଁ ଉଠୁଥାଏ। ୧୯୦୦ ମସିହାରେ ମଧୁବାବୁ ଲର୍ଡ କର୍ଜନ ଔପଚାରିକ ଭେଟ କରିବା ସହ ଉତ୍କଳ ଆସିବାକୁ ନିମନ୍ତ୍ରଣ କରନ୍ତି। ତାଙ୍କ ଦିବା ଗ୍ରହଣ କରି ଡିସେମ୍ବରରେ ଉତ୍କଳ ଆସନ୍ତି। ପ୍ରଥମେ ପୁରୀ ଓ ପରେ ଲିଙ୍ଗରାଜ ମନ୍ଦିର ପରିଦର୍ଶନ କରିବାକୁ ଯୋଜନା ହୁଏ। ଅଣହିନ୍ଦୁଙ୍କ ପ୍ରବେଶରେ ବାରଣ ଥିଲା। ମଧୁବାବୁ କର୍ଜନଙ୍କୁ ଇଂରାଜୀରେ ଶ୍ରୀଜଗନ୍ନାଥ ଏବଂ ଲିଙ୍ଗରାଜଙ୍କ କଥା ଅବଗତ କରାନ୍ତି। ଏହି ସମୟରେ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ଦେଖିବାକୁ ମନ ବଳାନ୍ତି କର୍ଜନ। ସେଥିପାଇଁ ବଡଲାଟ୍‌ଙ୍କ ମନ୍ଦିର ଦର୍ଶନ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ଉଡ୍‌ବର୍ଣ୍ଣ ହିନ୍ଦୁ ପଣ୍ଡିତମାନଙ୍କ ସହ ବିଚାରବିମର୍ଶ କରନ୍ତି। ଶେଷରେ ସ୍ଥିର ହେଲା, ମନ୍ଦିରର ଉତ୍ତର ପାର୍ଶ୍ୱ ପ୍ରବେଶ ଦ୍ୱାର ନିକଟରେ ଏକ ଟାୱାର୍ ନିର୍ମାଣ କରାଯିବ ଏବଂ ସେଠାରୁ ଲର୍ଡ କର୍ଜନ ମନ୍ଦିର ଶିଳାକୃତି ଦେଖିବେ। ସ୍ୱଳ୍ପ ସମୟରେ ନିର୍ମିତ ମନ୍ଦିର ବାହାରରେ ୧୯୦୦ ମସିହା ଶେଷ ବେଳକୁ ନିର୍ମାଣ ହୋଇଥିଲା ଉକ୍ତ ମଣ୍ଡପ, ଯାହାର ନାମକରଣ କରାଗଲା 'କର୍ଜନ୍ ମଣ୍ଡପ'।

ସେ ଆହୁରି ମଧ୍ୟ କୁହନ୍ତି ଏହିପରି ଆହୁରି ଏକ ବାଟ ଥିଲା, ଯେଉଁଠୁ ମନ୍ଦିରର ଅନ୍ୟଏକ ପାର୍ଶ୍ୱ ଦେଖିବାର ବ୍ୟବସ୍ଥା କରାଯାଇଥିଲା। ସେ ବି.ଏନ ହାଇସ୍କୁଲ ଛାତକୁ ଲାଗି ଏକ ଶିଡି ତିଆରି ହୋଇଥିଲା। ସେହି ଛାତ ଉପରୁ ଲିଙ୍ଗରାଜ ମନ୍ଦିରର ଦକ୍ଷିଣ - ପଶ୍ଚିମର ଏକ ବିରାଟ ଅଂଶ ଦେଖାଯାଉଥିଲା। ହେଲେ ପରବର୍ତ୍ତୀ ସମୟରେ ସ୍କୁଲରେ ଗହଳି ବଢ଼ିବା ଏବଂ ପାଠପଢ଼ାରେ ବାଧା ହେବା ଯୋଗୁଁ ସେହି ବାଟ ବନ୍ଦ କରି ଦିଆଗଲା। ଫଳରେ ଏବେ କେବଳ କର୍ଜନ ମଣ୍ଡପ ହିଁ ରହିଛି।

ସେହିପରି ପୁରୁଣା ଭୁବନେଶ୍ୱରର ବାସିନ୍ଦା ନୀଳମଣି ମିଶ୍ର କୁହନ୍ତି, ଏହି ମଣ୍ଡପ ଲର୍ଡ କର୍ଜନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଥିଲା। ସେଥିପାଇଁ ଏହାର ନାମ ତାଙ୍କ ନାମ ଅନୁଯାୟୀ ରଖାଯାଇଛି। ହେଲେ ଏହି ମଣ୍ଡପ ଅନେକ ବିଦେଶୀ ପର୍ଯ୍ୟଟକ ତଥା ଅଣହିନ୍ଦୁଙ୍କୁ ମନ୍ଦିରକୁ ନିକଟରୁ ଦେଖିବାକୁ ସହାୟକ ହୁଏ। ଏବେ ଏହା ସମସ୍ତଙ୍କ ପାଇଁ ସେଲଫି ପଏଣ୍ଟ ବା ରିଲସ ପଏଣ୍ଟ ଭାବେ କାର୍ଯ୍ୟ କରୁଛି। ମନ୍ଦିର ଦର୍ଶନ ପରେ ସେଠାରେ ଯାଇ ସମସ୍ତେ ଫଟୋ ଉଠାଇଥାନ୍ତି।

ସକାଳ THE SAKALA



## ପାରାଦୀପ ବିଶ୍ୱକର୍ମା ପୂଜା

# ଷଷ୍ଠ ସନ୍ଧ୍ୟାରେ ମଣ୍ଡପ ବୁଲିଲେ ବିଚାରକ ମଣ୍ଡଳୀ

ପାରାଦୀପ,୨୨।୯ (ସମିସ):

ପ୍ରସିଦ୍ଧ ପାରାଦୀପ ବିଶ୍ୱକର୍ମା ଯେତିକି ସରି ସରି ଆସୁଛି, ଭିଡ଼ ଜମିବା ସହିତ ଆୟୋଜକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ି ବଢ଼ି ଚାଲିଛି। କାହାକୁ ମିଳିବ ଶ୍ରେଷ୍ଠ ପୁରସ୍କାର ତାକୁ ନେଇ ଆୟୋଜକଙ୍କ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଯାଇଛି। ସବୁଥିରେ ଶ୍ରେଷ୍ଠତ୍ୱଙ୍କୁ ପୁରସ୍କୃତ କରିବେ ମୁଖ୍ୟଅତିଥି। ତୋରଣ, ମୂର୍ତ୍ତି, ଭିତର ସାଜସଜ୍ଜା, ବାହ୍ୟ ସାଜସଜ୍ଜା, ଆଲୋକ ସାଜସଜ୍ଜା, ଶୃଙ୍ଖଳା ଓ ଭଲ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିବା ଆୟୋଜକଙ୍କୁ ମିଳିବ ଏହି ପୁରସ୍କାର। ଆଜି ସନ୍ଧ୍ୟାରେ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ପ୍ରତ୍ୟେକ ମଣ୍ଡପକୁ ଯାଇ ଟିକନିକ ସବୁ ପରଖିଛନ୍ତି। ଆସନ୍ତାକାଲି ଶେଷ ଦିନରେ ସେମାନଙ୍କୁ ମଞ୍ଚରେ ପୁରସ୍କୃତ କରାଯିବ। ଏହି ବିଚାରକ ମଣ୍ଡଳୀରେ



ପାରାଦୀପ ଏଡିଏମ, ଏଏସ୍‌ପି, ତହସିଲଦାର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବନ୍ଦର ପକ୍ଷରୁ ନାରାୟଣ ମିଶ୍ର ରହିଛନ୍ତି। ୬ ଦିନରେ ପଦାର୍ପଣ କରିଥିବା ବିଶ୍ୱକର୍ମା ପୂଜାର ଷଷ୍ଠ ସନ୍ଧ୍ୟାରେ ମଧ୍ୟ ବହୁ ଲୋକଙ୍କ ସମାଗମ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଦର୍ଶକ ଅପରାହ୍ଣରୁ ହିଁ ଭିଡ ଜମାଇଥିଲେ। ବ୍ୟବସାୟୀ ଆଜି ଆଶାଜନକ ବ୍ୟବସାୟ କରିଥିବା ଜଣାପଡ଼ିଛି। ସୋମବାର ଯୋଗୁଁ ଆମିଷ ଷ୍ଟଲ ଫାଙ୍କା ପଡ଼ିଥିଲା। ବିଶେଷକରି ଚାଟ, ଠୁଙ୍କା ପୁରୀ, ଦୋଷା, ଲଙ୍କା ଚପ, ଆଇସକ୍ରିମ ଓ ମକା ସିଝା ଷ୍ଟଲରେ ଭିଡ଼ ହୋଇଥିଲା। ସବୁ ମଣ୍ଡପରେ ମେଲୋଡି ମଧ୍ୟ ହୋଇଥିଲା। ବନ୍ଦର ପିଏଚଡି ବିଭାଗ ମଣ୍ଡପ ସମ୍ମୁଖରେ ପରିବେଶ ସୁରକ୍ଷାକୁ ନେଇ ପୌରପାଳିକା ପକ୍ଷରୁ ସଚେତନତା ପାଲା ଆୟୋଜିତ ହୋଇଥିଲା। ଆସନ୍ତାକାଲି ବିଶ୍ୱକର୍ମା ପୂଜା ଶେଷ ହେଉଥିବାବେଳେ ୨୪ ତାରିଖ ବୁଧବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ।

## ମିଶନ ଶକ୍ତି ଗୋଷ୍ଠୀ ସହାୟିକାଙ୍କ ଧାରଣା



ତିର୍ତ୍ତୋଲ, ୨୨।୯ (ସମିସ): ମାସିକ ପ୍ରୋତ୍ସାହନ ରାଶି ପରିବର୍ତ୍ତେ ପାରିଶ୍ରମିକ ପ୍ରଦାନ ଦାବିରେ ତିର୍ତ୍ତୋଲ ବ୍ଲକ୍ ୨୯ଟି ପଞ୍ଚାୟତର ମିଶନ ଶକ୍ତି ଗୋଷ୍ଠୀ ସହାୟିକା ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ଓ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏମବିକେ ମମତା ମଞ୍ଜରୀ ପଟ୍ଟନାୟକ, ଜୟନ୍ତୀ ମହାନ୍ତି, ସିଆରପି ସିଏମ୍ ରଶ୍ମିରଞ୍ଜିତା ମହାନ୍ତି, ଅସୀମା ପ୍ରିୟଦର୍ଶିନୀ ସ୍ୱାଇଁ, ମିତାରାଣୀ ସେଠୀଙ୍କ ସମେତ ୨୯ଟି ପଞ୍ଚାୟତର ଗୋଷ୍ଠୀ ସହାୟିକା ଏହି ଧାରଣରେ ସାମିଲ ହୋଇଛନ୍ତି। ସେମାନେ ତିର୍ତ୍ତୋଲ ବିଡିଓ ଗିରିଜା ଶଙ୍କର ମଲ୍ଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନ ହେବା ଯାଏ ଧାରଣା ଚାଲୁ ରହିବ ବୋଲି ଚେତାବନୀ ଦେଇଛନ୍ତି।

## ତାଳପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା

କୁଜଙ୍ଗ,୨୨।୯ (ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ତାଳପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରଜନୀଦେବୀ ଜରାଶ୍ରମର ପ୍ରତିଷ୍ଠାତା ଆଇନଜୀବୀ ମଞ୍ଜୁଲତା ରାଉତ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ବାଟିକା ପ୍ରମୁଖ ସ୍ମରଣିକା ସ୍ୱାଇଁ ଅତିଥି ପରିଚୟ, ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଦୀପକ ଦାସ କର୍ମଶାଳାର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ପୂର୍ବ ସମ୍ଭାଗ ଶିଶୁ ବାଟିକା ଶୈକ୍ଷିକ ସଂଯୋଜକ ପବିତ୍ର ପଣ୍ଡା ସମାଜ ଗଠନରେ ଶିଶୁ ମନ୍ଦିର ଓ ମାଆମାନଙ୍କ ଭୂମିକା ସମ୍ପର୍କରେ ମତ ରଖିଥିଲେ। ଜିଲ୍ଲା ସହପ୍ରମୁଖ କାହ୍ନୁଚରଣ ସାହୁ ଭଲ ମଣିଷ ଗଠନ କରିବାରେ ମା'ମାନଙ୍କ ଭୂମିକା ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଉପସଭାପତି ଦେବେନ୍ଦ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ପରିଡ଼ା ଓ ଉପଦେଷ୍ଟା ରମାକାନ୍ତ ଦାସ ଯୋଗ ଦେଇଥିଲେ। ସହକାରୀ ପ୍ରଧାନଆଚାର୍ଯ୍ୟ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ୧୦୭ ଜଣ ମାଆ ଭାଗ ନେଇଥିଲେ।

## 'ଟିକିଟିକି ତାରା' ସାହିତ୍ୟାନୁଷ୍ଠାନ ପକ୍ଷରୁ ସାହିତ୍ୟ ଆସର



ପାରାଦୀପ,୨୨।୯ (ସମିସ):ପାରାଦୀପଗଡ଼ସ୍ଥ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ସାହିତ୍ୟ ଅନୁଷ୍ଠାନ "ଟିକିଟିକି ତାରା' ପକ୍ଷରୁ ଶାରଦୀୟ କବିତା ଆସର, କବିତା ପାଠ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ସ୍ତମ୍ଭକାର ଅକ୍ଷୟ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିବାବେଳେ ବକ୍ତା ଭାବେ ଅଧ୍ୟାପକ କିଶୋର ଜେନା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା ଓ ବିନୋଦ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ। ନିମନ୍ତ୍ରିତ ଅତିଥି ଓଡ଼ିଆ ଭାଷା ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମାନବବାଦର ପ୍ରଚାର ଓ ପ୍ରେମର ସ୍ୱରୂପ ହିଁ ସାହିତ୍ୟର ମୂଳ ଆଧାର ହୋଇ ରହିଆସିଛି ବୋଲି ମତବ୍ୟକ୍ତ କରିଥିଲେ। ସଂଗଠନ ସମ୍ପାଦିକା ଶ୍ରୀମତୀ ମିନର୍ଭା ସ୍ୱାଇଁ ସ୍ୱାଗତ ଭାଷଣ, ସାମ୍ବାଦିକ ଅକ୍ଷୟ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କବିତା ପାଠୋତ୍ସବରେ କବି ତୁଳସୀ ବରାଳ ଓ ସୁବାସ ସେନାପତି କବିତା ସଂଯୋଜନା କରିଥିଲେ। ଏ ଅବସରରେ ନିମନ୍ତ୍ରିତ ଅତିଥି ଓ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ନଗେନ୍ଦ୍ର ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୀତିକାର ସୁଦର୍ଶନ ସ୍ୱାଇଁଙ୍କ ପରଲୋକ



ଜଗତସିଂହପୁର,୨୨।୯ (ସମିସ): ସୁପ୍ରସିଦ୍ଧ ଗୀତିକାର ସୁଦର୍ଶନ ସ୍ୱାଇଁଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ବଡ଼ଲହଙ୍ଗା ଗ୍ରାମରେ ୧୯୫୮ରେ ଜନ୍ମିତ ସୁଦର୍ଶନ ସ୍ୱାଇଁଙ୍କ ପେଶା ସରକାରୀ ଚାକିରି ହେଲେ ମଧ୍ୟ ନିଶା ଥିଲା ଗୀତ ରଚନା ଓ ସଙ୍ଗୀତ ସାଧନା। ତାଙ୍କ ରଚିତ ଗୀତ ଓଡ଼ିଶାର ବହୁ ସୁନାମଧନ୍ୟ କଣ୍ଠଶିଳ୍ପୀ ଓ ସଙ୍ଗୀତକାର ସୁବାସ ଦାଶ, ଶୈଳଭାମା, ବାଦଲ କୁମାର, ସୌରଭ ନାୟକ, ରୁଦ୍ରନାରାୟଣ ଓ ସୁଧୀର ପାଲ ଗାଇଛନ୍ତି। କଟକସ୍ଥ ମତ୍ସ୍ୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ୧୯୭୮ରେ ଚାକିରି କରି ୨୦୧୫ରେ ଅବସର ଗ୍ରହଣ କରିଥିଲେ। ପିଲାଟି ଦିନୁ ସଙ୍ଗୀତ ପ୍ରତି ଅହେତୁକ ରୁଚି ଓ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ବଜାଇବାର ସଉକ ରଖିଥିବା ସୁଦର୍ଶନ ସ୍ୱାଇଁ ଅବସର ପରେ ଗୀତ ରଚନାରେ ମନୋନିବେଶ କରିଥିଲେ। ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ନେହେରୁ ବଙ୍ଗଳା ରାସ୍ତାରେ ଦୁର୍ଘଟଣା, ଜଣେ ମୃତ

■ ବିଶ୍ୱକର୍ମା ପୂଜା ଜାମ ପାଇଁ ଯୁବକଙ୍କ ଜୀବନଯିବା ଅଭିଯୋଗ



ପାରାଦୀପ,୨୨।୯ (ସମିସ): ନେହେରୁ ବଙ୍ଗଳା ରାସ୍ତାର ବେଲ୍ଟ ଲାଇନ ନିକଟରେ ଦୁର୍ଘଟଣାରେ ବାଇକ୍ ଆରୋହୀ ରାକେଶ ଦାସଙ୍କ ମୃତ୍ୟୁ ଘଟିଛି। ବିଶ୍ୱକର୍ମା ପୂଜା ଜାମ୍ ପାଇଁ ଯୁବକଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ନେହେରୁ ବଙ୍ଗଳା ଅଞ୍ଚଳରେ ରହୁଥିବା ମହେଶ୍ୱର ଦାସଙ୍କ ପୁଅ ରାକେଶ ଦାସ ଅଠରବାଙ୍କୀକୁ ଆସୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ପରିବାର ଲୋକ ଅଠରବାଙ୍କୀ ମେଡିକାଲକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତରିତ ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଆମ୍ବୁଲାନ୍ସରେ କଟକ ନିଆଯାଉଥିଲେ ହେଁ ବିଶ୍ୱକର୍ମା ପୂଜା ପାଇଁ ରାସ୍ତା ଜାମ୍ ଥିବାରୁ ମେଡିକାଲରୁ ଦୋଛକି ଅତିକ୍ରମ କରିବାକୁ ଦୁଇ ଘଣ୍ଟା ସମୟ ଲାଗିଥିଲା। କଟକ ବଡ଼ ମେଡିକାଲରେ ପହଞ୍ଚିବା ବେଳକୁ ପାଖାପାଖି ୧୦ଟା ହୋଇଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

■ ବିଶ୍ୱକର୍ମା ପୂଜାରେ ଚୋର ଆତଙ୍କ

## କେହି ନ ଥିବା ଘରକୁ ଟାର୍ଗେଟ କରୁଛନ୍ତି ଲୁଟେରା

ପାରାଦୀପ,୨୨।୯ (ସମିସ): ବିଶ୍ୱକର୍ମା ପୂଜାରେ ଚୋରଙ୍କ ଆତଙ୍କ ଲୋକଙ୍କୁ ଚିନ୍ତାରେ ପକାଇଛି। ଲୁଟେରା ବନ୍ଦର ସହର ବୁଲି କେହି ନ ଥିବା ଘରକୁ ଟାର୍ଗେଟ କରୁଛନ୍ତି। ଘରୁ ସପରିବାର ପୂଜା ବୁଲିଗଲେ ଘରେ କଳାକନା ବୁଲାଇ ଦେଉଛନ୍ତି। ଏଭଳି ଗ୍ୟାଙ୍ଗ ଏବେ ପାରାଦୀପରେ ବୁଲୁଥିବା ଦେଖିବାକୁ ମିଳିଛି। ପୂଜା ଭିଡ଼ରେ ଭ୍ୟାନିଟି ବ୍ୟାଗରୁ ଟଙ୍କା, ସୁନା ଓ ମୋବାଇଲ ନେଇଯିବା ସହିତ କ୍ୱାର୍ଟର ଉପରେ ମଧ୍ୟ ନଜର ରଖିଛନ୍ତି। ଦିନବେଳେ ବୁଲି ଠାବ କରୁଥିବାବେଳେ ସନ୍ଧ୍ୟାରେ ଚୋରି କରୁଛନ୍ତି। ଏବେ ପାରାଦୀପ ସହରରେ ବହୁ ଅଚିହ୍ନା ଲୋକ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ଯେଉଁମାନେ ପାରାଦୀପରେ ବସବାସ କରୁନାହାନ୍ତି, କେବଳ ପୂଜା ଗହଳିରେ ଚୋରି କରିବା ଲକ୍ଷ୍ୟରେ ପାରାଦୀପକୁ ଆସିଛନ୍ତି। ପୂଜା ଆରମ୍ଭ ଦିନଠାରୁ ଆଜି ପର୍ଯ୍ୟନ୍ତ ସବୁ ସନ୍ଧ୍ୟାରେ ପୁଲିସ ବହୁ ଯୁବକ ଓ ମହିଳା ଲୁଟେରାଙ୍କୁ ଧରି ସେମାନଙ୍କଠାରୁ ଚୋରି ସାମଗ୍ରୀ ଉଦ୍ଧାର କରିଛି। ତେବେ କଲୋନୀରୁ ଚୋରି କରୁଥିବା ଲୁଟେରାଙ୍କ ସୁରାକ ପାଉନି ପୁଲିସ। ଏଭଳି ଘଟଣା ଘଟିଛି ମଧୁବନ ଅଞ୍ଚଳରେ। ମଧୁବନ ଅଞ୍ଚଳରେ ରହୁଥିବା ସୁକାନ୍ତ ମୁଦୁଲି ବିଶ୍ୱକର୍ମା ପୂଜା ବୁଲି ଆସିଥିବାବେଳେ ଲୁଟେରା ଘରେ ପଶି ତାଙ୍କ ଗଡ଼ରେଜ ଭାଙ୍ଗି ସୁନା ଶଙ୍ଖା, କାନଫୁଲ, ଚେନ, ଲକେଟ, ଚୁଡ଼ି, ସୁନା ମୁଦି, ପାଉଁଚି ଓ ଗୋଡ ମୁଦି ଓ ନଗଦ ୫୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଘର ସୁକାନ୍ତ ମୁଦୁଲି ପାରାଦୀପ ଆଦର୍ଶ ଥାନାରେ ଏତଲା ଦେଇଛନ୍ତି। ସେହିପରି ପ୍ରତ୍ୟେକ ଦିନ କଲୋନୀରେ କିଛି ନାଁ କିଛି ଚୋରି ହେଉଥିବା ଘଟଣା ସାମ୍ନାକୁ ଆସୁଛି। ରାତି ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବାକୁ ସାଧାରଣରେ ଦାବି ହେଉଛି।

## ଅନ୍ନପୂର୍ଣ୍ଣା ଦାଶଙ୍କୁ ଶ୍ରଦ୍ଧାଞ୍ଜଳି

ଜଗତସିଂହପୁର,୨୨।୯ (ସମିସ): ସବୁ ମଣିଷର ଜନ୍ମ ଏକ ପ୍ରକାର। କିନ୍ତୁ ଅସାଧାରଣ କର୍ମ ହିଁ ମଣିଷକୁ କାଳଜୟୀ କରିଥାଏ। ସେହିଭଳି ଅନେକ ସୁଗୁଣ, ସୁକର୍ମର ଅଧିକାରିଣୀ ଥିଲେ ଅନ୍ନପୂର୍ଣ୍ଣା ଦାଶ ବୋଲି ଆଜି ତାଙ୍କ ଏକାଦଶାହରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ



ମତ ଦେଇଛନ୍ତି। ରସଲପୁରଠାରେ ଥିବା ସନ୍‌ରାଇଜ୍ ଷ୍ଟଡିସର୍କଲରେ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆୟୋଜିତ ସଭାରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ କହିଥିଲେ, ସ୍ୱର୍ଗତ ଅନ୍ନପୂର୍ଣ୍ଣା ଦାଶ ଏକାଧାରରେ ଜଣେ ଆଦର୍ଶ ସହଧର୍ମିଣୀ, ପରୋପକାରୀ, ଧର୍ମପରାୟଣା ମହିଳା ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ରାକେଶ ନାଥ, ରୁଦ୍ରପ୍ରସାଦ ସାହୁ, ବିଦ୍ୟାର୍ଥୀ ସୌରଭ ତ୍ରିପାଠୀ, ଆୟୁଷ ଦାଶ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସାଇଦିପ୍ତୀ ପତି, ଅମିତ ଦାସ, କ୍ରିଷ୍ଣା ଦାଶ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଛାତ୍ର ସତ୍ୟରଞ୍ଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ବ୍ଲକ୍ କାର୍ଯ୍ୟାଳୟ ଆଗରେ ସିଏସ୍‌ଏସ୍ ସଂଘର ଧାରଣା

ବାଲିକୁଦା,୨୨।୯ (ସମିସ): ୬ ମାସର ବକେୟା ଦରମା ପ୍ରଦାନ, ସ୍ଥାୟୀ ଦରମା ପ୍ରଦାନ, କମ୍ୟୁନିଟ୍ କ୍ୟାଡର ଗାଇଡଲାଇନକୁ ସାର୍ବଜନୀନ କରିବା, ସିଏଲଏଫ୍ ପୁନର୍ଗଠନ ଆଦି ଦାବି ନେଇ ବାଲିକୁଦା ବ୍ଲକ୍ କମ୍ୟୁନିଟ କ୍ୟାଡର ସଂଘ ପକ୍ଷରୁ ସଭାନେତ୍ରୀ ଭାରତୀ ଦାସ ଓ ସମ୍ପାଦିକା ମନ୍ଦାକିନୀ ପରିଡାଙ୍କ ନେତୃତ୍ୱରେ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି। ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଆନ୍ଦୋଳନ ରାଜ୍ୟ ସଂଘ ପକ୍ଷରୁ ସମସ୍ତ ବ୍ଲକ୍ ସମ୍ମୁଖରେ କରାଯାଉଛି। ଆନ୍ଦୋଳନକାରୀଙ୍କ ସହ ବିଡିଓ ସାଗର ନନ୍ଦ ଆଲୋଚନା କରିବା ସହ ସେମାନଙ୍କ ଦାବି ସମ୍ପର୍କରେ ସରକାରଙ୍କୁ



ଅବଗତ କରାଇଥିବା କହିବା ସହ ଓହରିଯିବାକୁ ନିବେଦନ କରିଥିଲେ। ତେବେ ସରକାର ଦାବି ପୂରଣ ନକରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଙ୍ଘ ପକ୍ଷରୁ କୁହାଯାଇଛି। ଏହି ଧାରଣାରେ ବାଲିକୁଦା ବ୍ଲକର ସମସ୍ତ ୩୦ ପଞ୍ଚାୟତର ଏମବିକେ, ସିଆରପି, କୃଷିମିତ୍ର, ପ୍ରାଣୀମିତ୍ର, ଏଲଏସପି ସଦସ୍ୟା ସାମିଲ ଥିଲେ।

## ଐତିହ୍ୟ ପଦଯାତ୍ରାର ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି ବୈଠକ



ଜଗତସିଂହପୁର, ୨୧।୯ (ସମିସ): ଜଗତସିଂହପୁର ଐତିହ୍ୟ ପଦଯାତ୍ରା ଆବାହକ ଶ୍ରୀକାନ୍ତ ସିଂହଙ୍କ ନେତୃତ୍ୱରେ ସଦର ବ୍ଲକ୍ ଅନ୍ତର୍ଗତ ପୁନଙ୍ଗ ଗ୍ରାମର ସିଦ୍ଧ ବାରଙ୍ଗ ଗୋସାଇଁଙ୍କ ପୀଠରେ ଏକ ସ୍ୱତନ୍ତ୍ର ବୈଠକ ଆୟୋଜିତ ହୋଇଛି। ଆସନ୍ତା ବର୍ଷ ଫେବୃଆରୀ ୧ ତାରିଖରେ ଆୟୋଜିତ ହେବାକୁ ଥିବା "ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ପ୍ରଥମ ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ଓ ପରିକଳ୍ପନା ବିଷୟରେ ଆଲୋଚନା କରାଯାଇଥିଲା। ବୈଠକ ଆରମ୍ଭ ପୂର୍ବରୁ ପ୍ରଭୁ ଜଗନ୍ନାଥଙ୍କ ପୂଜା କରାଯାଇଥିଲା। ଏହି ବୈଠକରେ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଓ ଶିକ୍ଷ୍ୟାବିତ ବିଜୟ ରଥ ଯୋଗଦେଇ ବାର୍ଷିକ ଉତ୍ସବ ପାଳନ ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାଧର ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ଏହି ବୈଠକରେ ସ୍ଥିର ହୋଇଥିଲା। ଉତ୍ସବକୁ ଅଧିକ ସରସ ସୁନ୍ଦର ଭାବେ ପାଳନ କରିବା ପାଇଁ ଉପସ୍ଥିତ ସଦସ୍ୟଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦେବାଶିଷ ପାତ୍ର, ଅମର ପାତ୍ର, ଜ୍ୟୋତି ରଞ୍ଜନ ନାୟକ, ସୌରଭ ସିଂହ, ତ୍ରିଲୋଚନ ସ୍ୱାଇଁ, ଦିନେଶ ସ୍ୱାଇଁ, ରତିରଞ୍ଜନ ପଣ୍ଡା ଓ ସମ୍ବିତ ସିଂହଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଥିଲା। ଏହି ବାର୍ଷିକ ଉତ୍ସବ ମାଧ୍ୟମରେ ଜଗତସିଂହପୁରର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତିକୁ ପ୍ରଚାର ପ୍ରସାର ସହିତ ନୂତନ ପିଢ଼ିଙ୍କୁ ଏହାସହ ସଂଯୁକ୍ତ କରାଯିବା ଲକ୍ଷ୍ୟ ରହିଛି ବୋଲି ଆବାହକ ଶ୍ରୀକାନ୍ତ ସିଂ ସୂଚନା ଦେଇଛନ୍ତି।

● ବିଳମ୍ବରେ ହେଲେ ବି ଚେତିଲା ପ୍ରଶାସନ

## ଜବରଦଖଲକାରୀଙ୍କୁ ଦିଆଗଲା ନୋଟିସ୍

ରାଜକନିକା,୨୨।୯ (ସମିସ): ତହସିଲ୍, ବ୍ଲକ୍, ଥାନା ଚାରିପଟ ଓ ତହସିଲ ପାଚେରି କଡ଼ ଜବରଦଖଲ କରାଯାଇ ସ୍ଥାୟୀ ପକ୍କା ଓ ଆଜବେଷ୍ଟସ ଘର ହୋଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଆସୁଥିବାବେଳେ ଏବେ ତହସିଲର ନିଦ ଭାଙ୍ଗିଛି। ଆଜି ତହସିଲ ପକ୍ଷରୁ ଅଶୋକ ବଜାରର ତହସିଲ ଅଫିସ ପଟେ ହୋଇଥିବା ସମସ୍ତ ଜବରଦଖଲ ପାଇଁ ନୋଟିସ୍ କରାଯାଇଛି। ଜବରଦଖଲକାରୀ କିମ୍ବା ସେମାନଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କୁ ଓଡ଼ିଶା ଭୂମି ଅନଧିକାର ଦଖଲ ଅଧିନିୟମ ୧୯୭୨ର ଧାରା ୪ ଓ ୬ ଅନୁସାରେ କାହିଁକି ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ କରା ନ ଯିବ ସେଥିପାଇଁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି ମର୍ମରେ ୨୩ରୁ ଅଧିକ ବେଆଇନ ଦଖଲକାରୀଙ୍କୁ ଆସନ୍ତା ୨୪ ତାରିଖରେ ତହସିଲରେ ହାଜର ହେବାକୁ କୁହାଯାଇଛି। ଦିନକୁ ଦିନ ନୂଆ ନୂଆ ତହସିଲଦାର ଆସିବା ବେଳର ପୁରୁଣା ଦଖଲକାରୀଙ୍କୁ ପାଉତି କାଟି ସେମାନଙ୍କ ବେଆଇନ ଦଖଲକୁ ସ୍ଥିରୀକୃତ କରିବା ଭଳି ଏହି ନୋଟିସ ଭେଳିକି ନୁହେଁ ବୋଲି ସାଧାରଣରେ ଚର୍ଚ୍ଚା ବଢ଼ିଛି। ବର୍ତ୍ତମାନର ତହସିଲଦାରଙ୍କ ସମୟରେ କନିକା ସଦରରେ ବହୁ ବେଆଇନ ଜବରଦଖଲ ଓ ଅଫିସ ଚାରିପାଖ କବଜା ହେବା ପରେ ଏହି ନୋଟିସ କ'ଣ ପ୍ରଭାବ ରହିବ, ତାହା ଦେଖିବାକୁ ସାଧାରଣରେ ଉତ୍ସାହ ବଢ଼ିଛି।




## ସବଳଙ୍ଗରେ ସ୍ୱାସ୍ଥ୍ୟସେବା ଶିବିର

ଡେରାବିଶ,୨୨।୯ (ସମିସ): ପଳେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗସ୍ଥ ରାମଚନ୍ଦ୍ର ବିଦ୍ୟାପୀଠରେ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ୧୨ନଂ ଜୋନ୍ ବିଜେପି ସଭାପତି ଅଶ୍ୱିନୀ ପରିଡ଼ା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶହଶହ ଲୋକ ଉପସ୍ଥିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିଥିଲେ। ଉକ୍ତ ଶିବିରକୁ ହେମନ୍ତ ଦାସ, ଗୋପାଳକୃଷ୍ଣ ସାହୁ, ଅକ୍ଷୟ ସାମଲ, ଅଭିମନ୍ୟୁ ଜେନା, କୈଳାସ ମଲିକ, ମହେନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।

■ ନାଉଗାଁ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

## ୩ ବର୍ଷ ଧରି ଖାଲିପଡ଼ିଛି ଅତିରିକ୍ତ ଶିକ୍ଷାଧିକାରୀ ଓ ମୁଖ୍ୟ କିରାଣି ପଦ

ନାଉଗାଁ,୨୨।୯ (ସମିସ): ସରକାର ଶିକ୍ଷାକୁ ଗୁରୁତ୍ୱ ଦେଇ ବିଦ୍ୟାଳୟକୁ ସଠିକ ପରିଚାଳନା କରିବାକୁ ପ୍ରତି ବ୍ଲକ୍‌ରେ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଖୋଲିଛନ୍ତି। ଏହି କାର୍ଯ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ଓ ପଦପଦବୀ ସମସ୍ୟା ଦେଖିବାକୁ ମିଳିଛି। ଯାହା ଏବେ ନାଉଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ଏହି କାର୍ଯ୍ୟାଳୟରେ ତିନିଜଣ ଅତିରିକ୍ତ ଶିକ୍ଷା ଅଧିକାରୀ ପଦବୀ ୩ ବର୍ଷ ଧରି ଖାଲିପଡ଼ିଥିବାରୁ ବ୍ଲକ ଶିକ୍ଷା ଅଧିକାରୀ ତିନିଜଣଙ୍କ କାର୍ଯ୍ୟ ତୁଲାଉଛନ୍ତି। ଜଣେ ଶିକ୍ଷା ଅଧିକାରୀ ତିନିଜଣଙ୍କ କାର୍ଯ୍ୟ କରିବା କେତେ କଷ୍ଟକର ତାହା ସାଧାରଣରେ ଆଲୋଚନା ହେଉଛି। ନାଉଗାଁ ବ୍ଲକ୍‌ରେ ୮୦ଟି ବିଦ୍ୟାଳୟ ରହିଛି। ଉକ୍ତ ବିଦ୍ୟାଳୟରେ ୪୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଜଣେ ବ୍ଲକ ଶିକ୍ଷା ଅଧିକାରୀ, ୩ ଜଣ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ, ଜଣେ ମୁଖ୍ୟ କିରାଣି ଓ ଦୁଇଜଣ କନିଷ୍ଠ କିରାଣି ନିଯୁକ୍ତି ପାଇବା କଥା। ତେବେ ଜଣେ ବ୍ଲକ ଶିକ୍ଷା ଅଧିକାରୀ, ଦୁଇଜଣ କନିଷ୍ଠ କିରାଣିରେ କାର୍ଯ୍ୟାଳୟ ଚାଲିଛି। ଯଥାଶୀଘ୍ର ଖାଲିପଡ଼ିଥିବା ୩ ଜଣ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପଦବୀ ପୂରଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ନାଉଗାଁ ବ୍ଲକ୍ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୩ଟି ଅଭିଯୋଗର ତତ୍କାଳ ଫଇସଲା

ଜଗତସିଂହପୁର/ନାଉଗାଁ,୨୨।୯ (ସମିସ):

ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ୩ଟିର ତତ୍କାଳ ଫଇସଲା କରିଛନ୍ତି।
ଆଜି ଆୟୋଜିତ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ୮୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୭୯ଟି, ଗୋଷ୍ଠୀଗତ /ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୧୦ଟି ଅଭିଯୋଗ




ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାସନ୍ କାର୍ଡ ସମସ୍ୟା ସମ୍ପର୍କିତ ୧ଟି, ଆବାସ ଯୋଜନା ପାଇଁ ୨୯ଟି, ଜମିଜମା ସମସ୍ୟା ସମ୍ପର୍କିତ ୧୭ଟି, ଭତ୍ତା ପାଇଁ ୨ଟି, ପୁଲିସ୍ ସହାୟତା ପାଇଁ ୧ଟି ଓ ଅନ୍ୟାନ୍ୟ ୨୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିରୁ ୩ ଟି ଅଭିଯୋଗର ତତକାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଅଜିଙ୍କ୍ୟ ମାଣେ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।



### ଆନ୍ତର୍ଜାତିକ ବାଣିଜ୍ୟ ମେଳା-୨୦୨୫

# ଭୁବନେଶ୍ୱରରେ ବିଦେଶୀ ସାମଗ୍ରୀ ସମ୍ଭାର

ଭୁବନେଶ୍ୱର, ୨୨।୯(ସମିସ): ହସ୍ତତନ୍ତରୁ ହସ୍ତଶିଳ୍ପ ଏବଂ ଖାଦ୍ୟ ସାମଗ୍ରୀରୁ ଘରୋଇ ଉପକରଣର ସମ୍ଭାର ଏବେ ରାଜଧାନୀରେ ଦେଖିବାକୁ ମିଳୁଛି। ସେ ପୁଣି ବିଭିନ୍ନ ରାଜ୍ୟରୁ ଆରମ୍ଭକରି ଅନ୍ୟ ଦେଶର ମଧ୍ୟ ସାମଗ୍ରୀ ଉପଲବ୍ଧ ହେଉଛି। ଜନତା ମୈଦାନଠାରେ ଚାଲିଛି ୧୨ତମ ଭୁବନେଶ୍ୱର ଆନ୍ତର୍ଜାତିକ ବାଣିଜ୍ୟ ମେଳା ୨୦୨୫। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପକ୍ଷରୁ ଏହି ବାଣିଜ୍ୟ ମେଳାରେ ପୂଜା କିଣାକିଣି ବିଶେଷ ସାମଗ୍ରୀ ସୁସଜ୍ଜିତ ହୋଇ ରହିଛି। ପାର୍ବଣ ସମୟରେ ସବୁପ୍ରକାରର ପୋଷାକ, ବ୍ୟାଗ, ଖାଦ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ଘରୋଇ ଉପକରଣ ରାଜଧାନୀବାସୀଙ୍କୁ ବିଶେଷ ଆକର୍ଷିତ କରୁଥିବା ପରିଲକ୍ଷିତ ହେଉଛି।




**ଫୁଡ୍ କୋର୍ଟରେ ବିଭିନ୍ନ ରାଜ୍ୟର ଖାଦ୍ୟ**

**ସ୍ୱାସ୍ଥ୍ୟ ପାଇଁ ଅର୍ଗାନିକ ବାମ୍ବୋ କ୍ରୋକରୀ**

**ବହି ଷ୍ଟଲରେ ଶହେ ଟଙ୍କିଆ ସାମଗ୍ରୀ**

ମେଳାରେ ଅନ୍ୟ ଷ୍ଟଲପରି ଫୁଡ୍ କୋର୍ଟକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି। ସେଥିପାଇଁ କେବଳ ଅନ୍ୟ ରାଜ୍ୟର ପୋଷାକ ନୁହଁ ବରଂ ଖାଦ୍ୟରେ ମଧ୍ୟ ଭେରାଇଟି ଦେଖିବାକୁ ମିଳୁଛି। ରାଜସ୍ଥାନର ଦହି ପୁରୀ, ସେଭ ପୁରୀ, ଭେଲ, ପ୍ୟାଜ କଚୋରୀ, ମିର୍ଚି ବଡା, ମୁଂଗ ଦାଲ କଚୋରୀ ସାଙ୍ଗକୁ ଚୁରମା ଲଡୁ ଆଦି ଥିବାବେଳେ ବିହାରର ଚମ୍ପାରନ ମଟନନ ଏବଂ ଅନ୍ୟାନ୍ୟ ରାଜ୍ୟର ସ୍ୱତନ୍ତ୍ର ଖାଦ୍ୟ ଫୁଡ ଜୋନରେ ରହିଛି। ସେସବୁର ମୂଲ୍ୟ ୫୦ ଟଙ୍କାରୁ ଆରମ୍ଭ ହୋଇ ତିନି ଶହରୁ ୪ ଶହ ପର୍ଯ୍ୟନ୍ତ ରହିଛି। କିଣାକିଣି ପରେ ଗ୍ରାହକଙ୍କୁ ଫୁଡ୍ କୋର୍ଟରେ ଗହଳି ହେଉଥିବା ପରିଲକ୍ଷିତ ହେଉଛି।

ବର୍ତ୍ତମାନ ସମୟରେ ସ୍ୱାସ୍ଥ୍ୟ ପାଇଁ ସମସ୍ତେ ଚିନ୍ତିତ। ଖାଇବାଠାରୁ ପିନ୍ଧିବା ପର୍ଯ୍ୟନ୍ତ ଲୋକ ପରଖି ଜିନିଷ କିଣୁଛନ୍ତି। ସେହିଭଳି ଖାଇବା ପରଷା ଯାଉଥିବା ଥାଳି ଓ ଗିନା ମଧ୍ୟ ଏବେ ପରିବେଶ ଅନୁକୂଳ ବିକ୍ରି ହେଉଛି। ଯାହାର ଉଦାହରଣ ଏହି ବାଣିଜ୍ୟ ମେଳାରେ ଦେଖିବାକୁ ମିଳୁଛି। ବର୍ତ୍ତମାନ ସମୟର ଜଳବାୟୁ ପରିବର୍ତ୍ତନ ଏବଂ ସ୍ୱାସ୍ଥ୍ୟ ପ୍ରତି ହିତକର ସାମଗ୍ରୀ ପ୍ରସ୍ତୁତ କରିବାର ପ୍ରୟାସରେ ଦିଲ୍ଲୀରୁ ଏକ ସଂସ୍ଥା ଅର୍ଗାନିକ ବାମ୍ବୋ କ୍ରୋକରୀ ନେଇ ମେଳାକୁ ଆସିଛି। ଏସମସ୍ତ ଉପକରଣ ଯଥା- ଖାଇବା ପ୍ଲେଟ, ଗିନା, ଗ୍ଲାସ, ବୋତଲ, କପ ଆଦି ରହିଛି। ହାତକୁ ଫାଇବର ଲାଗୁଥିଲେ ହେଁ ଏହା ବାଉଁଶରେ ନିର୍ମିତ ହୋଇଛି। ଏହା ହାତକୁ ହାଲୁକା ଲାଗିବା ସହ ତଳେ ପଡ଼ିଲେ ଭାଙ୍ଗିବ ନାହିଁ ମଧ୍ୟ। ଏସବୁର ମୂଲ୍ୟ କେଜି ହିସାବରେ ୬୯୯ ଟଙ୍କାରେ ବିକ୍ରି ହେଉଛି। ଯାହାକୁ ନେବାକୁ ମହିଳାମାନଙ୍କ ମଧ୍ୟରେ ଆଗ୍ରହ ପରିଲକ୍ଷିତ ହେଉଛି।

ଇଂରାଜୀର ବିଭିନ୍ନ ଅଥରଙ୍କ ନୋଭେଲଠୁ ଆରମ୍ଭକରି ଡାଏରୀ, ନୋଟବୁକ, ସ୍କେଚ ବୁକ ଏବଂ ଫାଇଲ ଫୋଲଡର ସବୁକିଛି ମାତ୍ର ୧୦୦ ଟଙ୍କାରେ। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ, ମେଳାରେ ଅନ୍ୟ ଷ୍ଟଲପରି କୋଲକାତାର ଏକ ବୁକ ଷ୍ଟଲ ମଧ୍ୟ ପଡ଼ିଛି। ଯେଉଁଠି ଯେକୌଣସି ବହି ଆଣିଲେ ମାତ୍ର ଶହେ ଟଙ୍କା ଦେବାକୁ ପଡ଼ିବ। ତେଣୁ ଷ୍ଟଲ ମଧ୍ୟରେ ବହି ପ୍ରେମୀଙ୍କ ଭିଡ ରହିଥିଲା।

• ବିଧାନସଭାରେ ରୋଜ୍ ଡେ

## କର୍କଟ ହାରିବ; ଜୀବନ ଜିତିବ



ଭୁବନେଶ୍ୱର, ୨୨।୯(ସମିସ): କର୍କଟରେ ପୀଡ଼ିତ ଯୋଦ୍ଧା ମାନଙ୍କ ମନୋବଳ ବୃଦ୍ଧି ପାଇଁ ସମଗ୍ର ବିଶ୍ୱ ରୋଜ୍ ଡେ ପାଳନ କରୁଛି। ଏହି ଅବସରରେ ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ରବି ନାୟକ, ମନ୍ତ୍ରୀ ସୁରଜ୍ ସୂର୍ଯ୍ୟବଂଶୀ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡମ୍, ବିଧାୟକ ବାବୁ ସିଂ, ଇରାଶିଷ ଆଚାର୍ଯ୍ୟ, ଆକାଶ ଦାସ ନାୟକ, ସାଗର ଦାସ, ବିଧାୟିକା ଉପାସନା ମହାପାତ୍ର, ସୋଫିଆ ଫିର୍‌ଦୋଶ ପ୍ରମୁଖ ଉପସ୍ଥିତ ରହି କର୍କଟ ଯୋଦ୍ଧାଙ୍କୁ ସାକ୍ଷାତ କରିଥିଲେ। ନିଜେ କର୍କଟକୁ ପରାସ୍ତ କରି ଏବେ ଅନ୍ୟମାନଙ୍କୁ ଲଢିବାକୁ ପ୍ରେରଣା ଦେଉଥିବା ସ୍ୱାଗତିକା ଆଚାର୍ଯ୍ୟଙ୍କ ପ୍ରୟାସରେ ଆୱେକିନ୍ ଟ୍ରଷ୍ଟ ଦ୍ୱାରା କର୍କଟ ମୁକ୍ତ ଭାରତ ଗଠନ ପାଇଁ ଯେଉଁଭଳି ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଥିଲେ।

## ଭୁବନେଶ୍ୱର ରନୱେ ୱିକ୍‌ରେ ସୁମିତ ଦାସଗୁପ୍ତାଙ୍କ କଲେକ୍ସନ୍ ପ୍ରଦର୍ଶିତ



ଭୁବନେଶ୍ୱର, ୨୨।୯(ସମିସ): ଭୁବନେଶ୍ୱର ରନୱେ ୱିକ୍‌ରେ ମୁମ୍ବାଇର ପ୍ରସିଦ୍ଧ ଫେଶନ୍ ଡିଜାଇନର ସୁମିତ ଦାସଗୁପ୍ତାଙ୍କ ଭାରତର ସ୍ୱର୍ଣ୍ଣିମ ଐତିହ୍ୟ ସଂଗ୍ରହ ଥିମ୍ କୁ ନେଇ ବିଭିନ୍ନ କଲେକସନ୍ ପ୍ରଦର୍ଶିତ ହୋଇଛି। ଶିବେନ୍ଦ୍ର ସିଂହ ରାଜପୁତଙ୍କ ସହିତ ମିଳିତ ଭାବେ ଗ୍ରାମୀଣ ବୁଣାକାର ଏବଂ ହସ୍ତଶିଳ୍ପ ପ୍ରତିଭାମାନଙ୍କୁ ସେମାନଙ୍କର ସଶକ୍ତିକରଣ ଉଦ୍ଦେଶ୍ୟରେ ଏହି ପ୍ରୟାସ କରାଯାଇଛି। ଏହି ବୟନ ସଂଗ୍ରହ ସୃଷ୍ଟି କରିବା ପାଇଁ ବିଭିନ୍ନ ରାଜ୍ୟର ଗ୍ରାମାଞ୍ଚଳକୁ ସେମାନେ ଯାତ୍ରା କରିଥିଲେ। ରାଷ୍ଟ୍ରର ସମୃଦ୍ଧ ସାଂସ୍କୃତିକ ବିବିଧତା ଅନୁସନ୍ଧାନ କରିବା ପରେ ଏହି ସଂଗ୍ରହରେ ଉତ୍କୃଷ୍ଟ ଜରଜୋଟି କାମ, ବନାରସୀ ବ୍ରୋକେଡ୍, ପ୍ୟାଚ୍ କାମ, ଏମ୍ବ୍ରୋଡେରୀ, ହାତ ଚିତ୍ରକଳା ଏବଂ ଚନ୍ଦେରୀ ସିଲ୍କ ପ୍ରଦର୍ଶନ କରାଯାଇଛି। ଯାହାକୁ ଫ୍ୟାଶନ ଡିଜାଇନରମାନେ ପରିଧାନ କରି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ରାଜଧାନୀରେ କଳାହାଣ୍ଡି ବାସିନ୍ଦାଙ୍କ ପଥପ୍ରାନ୍ତ ନାଟକ




ଭୁବନେଶ୍ୱର, ୨୨।୯(ସମିସ):କଳାହାଣ୍ଡିବାସିନ୍ଦାଙ୍କ ଆର୍ଥିକ ବିକାଶ ପାଇଁ ନୂତନ ନିଯୁକ୍ତି ସୃଷ୍ଟି, କାରଖାନାକୁ କଞ୍ଚାମାଲ ଯୋଗାଇବା ପାଇଁ ଗ୍ରାମସଭା ଜରିଆରେ ଖଣି ଖନନ ନିମନ୍ତେ ରାଜଧାନୀରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଛନ୍ତି କଳାହାଣ୍ଡିର ଜନସାଧାରଣ। ମାଷ୍ଟରକ୍ୟାଣ୍ଟିନ ଓ ରସୁଲଗଡ଼ ନିକଟରେ ଏହି ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଛି। ଖଣି ଆରମ୍ଭ କରିବା ଏବଂ କଳାହାଣ୍ଡିର ଲୋକମାନଙ୍କୁ ସେମାନଙ୍କର ଭାଗ୍ୟ ଗଠନ କରିବାକୁ ଦେବା ନିମନ୍ତେ ୨୦୦୮ ମସିହାର ସୁପ୍ରିମକୋର୍ଟ ରାୟ ଆଧାରରେ ଖଣି ଲାଭର ୫% ଅଂଶ ସିଧାସଳଖ ସ୍ଥାନୀୟ ଲୋକଙ୍କ ପାଇଁ ଖର୍ଚ୍ଚ କରିବାକୁ ସେମାନେ ନାଟକରେ ଉଲ୍ଲେଖ କରିଛନ୍ତି। ଏଥିରେ ଅଭିନୟ କରିଥିବା ଅରୁନ୍ଧତୀ କହିଛନ୍ତି ଯେ ଆମ ପାଇଁ ଖଣିର ମୂଲ୍ୟ ବହୁତ। ଏହା ଆମ ପିଲାମାନଙ୍କ ଭବିଷ୍ୟତ ସୁରକ୍ଷିତ ରଖିବ ଓ ଆମ ଗାଁର ବିକାଶ ହୋଇପାରିବ। ଫଳରେ ଆମ ଗାଁର ଲୋକମାନେ ଅନ୍ୟତ୍ର କାମ କରିବାକୁ ଯିବେ ନାହିଁ। ଖଣି ଖନନ କରାଗଲେ ଆମ ଅଞ୍ଚଳ ଅଧିକ ସମୃଦ୍ଧ ହେବ ବୋଲି ସେ କହିଛନ୍ତି।

### ମନଇଚ୍ଛା ଫି' ନେଉଛନ୍ତି ଘରୋଇ ବିଦ୍ୟାଳୟ

## ଫି' ନିର୍ଦ୍ଧାରଣ କମିଟି ରିପୋର୍ଟ ଲାଗୁ କରିବାକୁ ଦାବି

ଭୁବନେଶ୍ୱର, ୨୨।୯(ସମିସ): ବେସରକାରୀ ବିଦ୍ୟାଳୟଗୁଡ଼ିକ ମନଇଚ୍ଛା ଫି' ନିର୍ଦ୍ଧାରଣ କରୁଛନ୍ତି। ପ୍ରଥମ ଶ୍ରେଣୀ ପଢ଼ିବା ପାଇଁ ଲକ୍ଷାଧିକ ଟଙ୍କା ଅଭିଭାବକଙ୍କ ଠାରୁ ନେଉଛନ୍ତି। ବର୍ଷକୁ ବର୍ଷ ଏହାକୁ ମଧ୍ୟ ଇଚ୍ଛା ମୁତାବକ ବୃଦ୍ଧି କରୁଛନ୍ତି। ଫଳରେ ଅଭିଭାବକ ଦିନୁଦିନ ଶୋଷଣର ଶିକାର ହେଉଛନ୍ତି। ଏଣୁ ସରକାର ଫି' ନିର୍ଦ୍ଧାରଣ କମିଟି ରିପୋର୍ଟକୁ ତୁରନ୍ତ ଲାଗୁ କରିବା ପାଇଁ ନ୍ୟାସନାଲ ପ୍ୟାରେଣ୍ଟ ଫେଡେରେସନ୍ ପକ୍ଷରୁ ଗଣଶିକ୍ଷା ବିଭାଗର ଅଭିଯୋଗ ପ୍ରକୋଷ୍ଠରେ ଦାବି କରିଛନ୍ତି।

ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକଙ୍କ କହିବା କଥା ବେସରକାରୀ ବିଦ୍ୟାଳୟର ଫି' ନିର୍ଧାରଣ କରିବାକୁ ନେଇ ଓଡ଼ିଶା ଶିକ୍ଷା ଆଇନ୍-୧୯୬୯ ଏବଂ ରାଜ୍ୟ ସରକାରଙ୍କ ୧୯୯୬ ମସିହା ସ୍ୱତନ୍ତ୍ର ଅଧିନିୟମରେ ପ୍ରାବଧାନ ରହିଛି। ହେଲେ ରାଜ୍ୟରେ ଏହାକୁ ପାଳ କରାଯାଉ ନ ଥିବାରୁ ଘରୋଇ ବିଦ୍ୟାଳୟଗୁଡ଼ିକ ମନଇଚ୍ଛା ଶୋଷଣ କରୁଛନ୍ତି। ବିଭିନ୍ନ ସମୟରେ ଫି କମାଇବାକୁ ଅଭିଭାବକମାନେ ଧାରଣା, ଧର୍ମଘଟ ଏବଂ ଆମରଣ ଅନଶନ କଲେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଆକ୍ରୋଶମୂଳକ ଆଚରଣ କରୁଛନ୍ତି। ଏଣୁ ଫି ନିର୍ଦ୍ଧାରିତ କରିବା ପାଇଁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ୨୦୧୮ ରେ ଫି ନିର୍ଧାରଣ କମିଟି ଗଠନ କରାଯାଇଥିଲା। ତହିଁରେ ଅନ୍ୟ ଅଂଶୀଦାରମାନେ ମଧ୍ୟ ସଦସ୍ୟ ଥିଲେ। ସେହି କମିଟିର ରିପୋର୍ଟକୁ ଲାଗୁ କରିବାକୁ ପୂର୍ବରୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଲାଗୁ କରାଯାଇ ନାହିଁ। ଏଣୁ ତୁରନ୍ତ ଏହାକୁ ଲାଗୁ କରିବା ପାଇଁ ଫେଡେରେସନ୍ ପକ୍ଷରୁ ଉପଦେଷ୍ଟା ନାଗାର୍ଜୁନ ସେଠୀ, ସ୍ୱପ୍ନେନ୍ଦୁ ସାମନ୍ତରାୟ, ରମେଶ ଭାରତୀ, ନିର୍ମଳ ରାଉତ ଏବଂ ସଞ୍ଜୟ ମହାନ୍ତି ପ୍ରମୁଖ ଦାବି କରିଛନ୍ତି।

• ପେନ୍‌ସନ୍, ପ୍ରୋଟେକ୍‌ସନ୍ ଓ ଆକ୍ରିଡେସନ ଦାବି

## ବିଧାନସଭା ଆଗରେ ସାମ୍ବାଦିକଙ୍କ ଧାରଣା

ଭୁବନେଶ୍ୱର, ୨୨।୯(ସମିସ): ସାମ୍ବାଦିକଙ୍କୁ ପେନ୍‌ସନ୍, ପ୍ରୋଟେକ୍‌ସନ୍ ଓ ଆକ୍ରିଡ଼େସନ ଦାବିରେ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଓୟୁଜେ ପକ୍ଷରୁ ଏକ ଗଣଧାରଣା ଦିଆଯାଇଥିଲା।




**■ ସମାବେଶରେ ଯୋଗଦେଲେ ବିରୋଧୀ ବିଜେଡ଼ି ଓ କଂଗ୍ରେସର ବିଧାୟକ**

ଏଥିରେ ୩୦ଟି ଜିଲ୍ଲା ଶାଖାରୁ ପ୍ରାୟ ପାଞ୍ଚଶହରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇ ଦାବି ସପକ୍ଷରେ ସ୍ଲୋଗାନ ଦେଇଥିଲେ।

ଗଣଧାରଣା ଏବଂ ସମାବେଶରେ ବିରୋଧୀ ବିଜେଡ଼ି ଓ କଂଗ୍ରେସର ବିଧାୟକ ଯୋଗଦେଇ ସାମ୍ବାଦିକଙ୍କ ଦାବି ସପକ୍ଷରେ ମତ ରଖିଥିଲେ। ଓୟୁଜେର ସଭାପତି ପ୍ରସନ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗଣସମାବେଶରେ ବରିଷ୍ଠ କଂଗ୍ରେସ ନେତା, ବିଧାୟକ ତାରାପ୍ରସାଦ ବାହିନୀପତି, ବିଜେଡ଼ି ବିଧାୟକ ଅରୁଣ ସାହୁ, ଅନନ୍ତ ନାରାୟଣ ଜେନା, ସଞ୍ଜୀବ ମଲ୍ଲିକ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଶାରଦା ଜେନା, ପ୍ରଦୀପ ସାହୁ, ମାଧବ ଧଡ଼ା ଓ ରୂପେଶ ପାଣିଗ୍ରାହୀ ପ୍ରମୁଖ ଉଦ୍?ବୋଧନ ଦେଇ ଓୟୁଜେ ପକ୍ଷରୁ ଉପସ୍ଥାପିତ ଦାବି ଯଥାର୍ଥ ଓ ଏହାକୁ ବିଧାନସଭାରେ ପ୍ରଭାବୀ ଢଙ୍ଗରେ ଉତ୍‌ଥାପନ କରାଯିବା ବୋଲି ପ୍ରତିଶ୍ରୁତି ଦେଇଥିଲେ। ଓୟୁଜେ ସଭାପତି ପ୍ରସନ୍ନ ମହାନ୍ତିଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିବା ପ୍ରତିନିଧି ଦଳ ଏହି ଅବସରରେ ତିନିଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବିଭିନ୍ନ ରାଜ୍ୟରେ ସାମ୍ବାଦିକମାନଙ୍କୁ ମିଳୁଥିବା ପେନ୍‌ସନ୍ ରାଶିର ଏକ ତୁଳନାତ୍ମକ ଚିତ୍ର ଏହି ସ୍ମାରକପତ୍ରରେ ରଖାଯାଇଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଓୟୁଜେର ସାଧାରଣ ସମ୍ପାଦକ କମ୍ବୁପାଣି ମିଶ୍ରଙ୍କ ସମେତ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ ସାହୁ, ଅଭୟ ପତି ଓ ବରିଷ୍ଠ ସଦସ୍ୟ ପରୀକ୍ଷିତ ବିଶ୍ୱାଳ ପ୍ରମୁଖ ଏହି ପ୍ରତିନିଧି ଦଳରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସାମ୍ବାଦିକମାନଙ୍କ ଦାବିଗୁଡ଼ିକ ସହିତ ମୁଁ ଅଛି। ଉପଯୁକ୍ତ ସମୟରେ ଏ ବାବଦରେ ସଠିକ୍ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ଜଳସେଚନ ଗଣନା ଓ ରାଷ୍ଟ୍ରୀୟ ନମୁନା ସର୍ବେକ୍ଷଣ ସମ୍ବନ୍ଧିତ ସମୀକ୍ଷା ବୈଠକ



ଭୁବନେଶ୍ୱର, ୨୨।୯(ସମିସ): ଉପକୂଳ ଓଡ଼ିଶାର ୧୦ଟି ଜିଲ୍ଲାରେ ୭ମ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସଂକ୍ରାନ୍ତୀୟ ପୂର୍ଣ୍ଣାଙ୍ଗ ଗଣନା, ପ୍ରଥମ ଝରଣା ପ୍ରକଳ୍ପ ପୂର୍ଣ୍ଣାଙ୍ଗ ଗଣନା, ଦ୍ୱିତୀୟ ଜଳ ଉତ୍ସ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ଗଣନା ଓ ରାଷ୍ଟ୍ରୀୟ ନମୁନା ସର୍ବେକ୍ଷଣକୁ ନେଇ ଯୁଗ୍ମ ନିର୍ଦ୍ଦେଶକ, କେନ୍ଦ୍ରାଞ୍ଚଳ, କଟକଙ୍କ ସମ୍ମିଳନୀ କକ୍ଷରେ ରେଞ୍ଜସ୍ତରୀୟ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବିଜୟ ଭୂଷଣ ନନ୍ଦ ଅଧ୍ୟକ୍ଷତା କରିଥିଲେ। କଟକ କେନ୍ଦ୍ରାଞ୍ଚଳ ରେଞ୍ଜ ଯୁଗ୍ମ ନିର୍ଦ୍ଦେଶକ ସରୋଜ କୁମାର ସେଠୀ ଏହି ସର୍ବେକ୍ଷଣରଦଶଟି ଜିଲ୍ଲାର ସାମ୍ପ୍ରତିକ ପ୍ରଗତି ଓ ଗଣନା ସମ୍ପାଦନା ପ୍ରକ୍ରିୟାରେ ଥିବା କ୍ଷେତ୍ରିୟ ସମସ୍ୟା ଗୁଡିକୁ ନେଇ ଆଲୋକପାତ କରିଥିଲେ। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଉପନିର୍ଦ୍ଦେଶକ ପରିମଳ ସାମଲ, ଉପନିର୍ଦ୍ଦେଶକ ଗରିବ ମଲ୍ଲିକ, ସହକାରୀ ନିର୍ଦ୍ଦେଶକ ଗୀତା ରାୟ, ପ୍ରମିଳା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଆଲଜାଇମର୍ସ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨୨।୯ (ସମିସ): ବିଶ୍ୱ ଆଲଜାଇମର୍ସ ଦିବସ ଅବସରରେ ଆଲଜାଇମର୍ସ ଏବଂ ସମ୍ପର୍କିତ ବ୍ୟାଧି ସମାଜ, ଭାରତର ଭୁବନେଶ୍ୱର ଶାଖା ପକ୍ଷରୁ ଆଲଜାଇମର୍ସ ଓ ଡିମେନ୍ସିଆ ବିଷୟରେ ବିବିଧ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ନୀଳାଦ୍ରି ବିହାରସ୍ଥିତ ବୁଦ୍ଧଜୟନ୍ତୀ ପାର୍କରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ବିଭିନ୍ନ ବୟସର ଲୋକେ ସଂସ୍ଥାର ମନୋବିଜ୍ଞାନୀଙ୍କ ସହ ଆଲୋଚନା କରି ଡିମେନ୍ସିଆ ସମ୍ପର୍କିତ ବିଭିନ୍ନ ପ୍ରାସଙ୍ଗିକ ତଥ୍ୟ ଜାଣିଥିଲେ।

## ମହର୍ଷି ମହିଳା ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଶିବିର

ଭୁବନେଶ୍ୱର, ୨୨।୯ (ସମିସ): ଶୈଳଶ୍ରୀବିହାରସ୍ଥିତ ମହର୍ଷି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବର୍ଷାକାଳୀନ ୭ ଦିନିଆ ସ୍ୱତନ୍ତ୍ର ଏନ୍‌ଏସ୍‌ଏସ୍ ଶିବିର ଉଦଯାପିତ ହୋଇଛି। କଲେଜର ଅଧ୍ୟକ୍ଷା ଡ. ସୁଶ୍ରୀରେଖା ମହାନ୍ତି ଉଦଯାପନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରସ୍ଫୁଟିତ କରିବା ପାଇଁ ଏନ୍‌ଏସ୍‌ଏସ୍ ଏକ ପ୍ରମୁଖ କାର୍ଯ୍ୟକ୍ରମ ବୋଲି କହିଛନ୍ତି। ସେହିପରି ଆଇକ୍ୟୁଏସି ସଂଯୋଜିକା ଅଧ୍ୟାପିକା ପ୍ରଜ୍ଞା ମହାନ୍ତି ପରିବେଶ ସୁରକ୍ଷା, ଚରିତ୍ର ଗଠନ ଓ ଶୃଙ୍ଖଳିତ ଜୀବନ ଜିଇଁବାକୁ ମାର୍ଗଦର୍ଶନ କରିଛନ୍ତି। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ସୋମିଲା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚାରାରୋପଣ, ସଫେଇ, କ୍ରିଏଟିଭ ୱାର୍କସପ, ପୋଷ୍ଟର ପ୍ରଦର୍ଶନୀ, ରଚନା ଲିଖନ ଓ ବକ୍ତୃତା ପ୍ରତିଯୋଗିତା ଆଦି କରାଯାଇଛି।

## ଶାଶ୍ୱତ ବରିଷ୍ଠ ନାଗରିକ ସଂଘର ମାସିକ ଆସର



ଭୁବନେଶ୍ୱର, ୨୨।୯(ସମିସ):ଶାଶ୍ୱତ ବରିଷ୍ଠ ନାଗରିକ ସଂଘର ମାସିକ ଆସର କଣ୍ଟାବାଡ଼ ସ୍ଥିତ ଆଦୃତା ଶିଶୁ ସଦନରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିଜୟ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହେଲପ୍‌ଏଜ ଇଣ୍ଡିଆର ପ୍ରତିନିଧି ଦେବଶ୍ରୀ ବ୍ରହ୍ମା ଯୋଗଦେଇ ସାଇବର କ୍ରାଇମ୍ ଓ ଡିଜିଟାଲ ଆରେଷ୍ଟ ଉପରେ ଆଲୋଚନା କରିବା ସହ ଅଡିଓ ଭିଜୁଆଲ ମାଧ୍ୟମରେ ବୁଝାଇଥିଲେ। ଏହି ଅବସରରେ ଆୟୋଜିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଏସଂକ୍ରାନ୍ତୟ ସମସ୍ତ ପ୍ରଶ୍ନର ଉତ୍ତର ଦେବା ସହିତ ଜଣ ଜଣ କରି ସମସ୍ତଙ୍କ ମୋବାଇଲ ମାଧ୍ୟମରେ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ସଂଘର ଉପସଭାପତି ଡ. ହେମନ୍ତ କୁମାର ଦାଶ, ସମ୍ପାଦକ ତାରାଚାନ୍ଦ ମହନ୍ତ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଶ୍ରୀମତୀ ବ୍ରହ୍ମାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଶେଷ ପର୍ଯ୍ୟାୟରେ ଦାଣ୍ଡିଆ ନାଇଟସ୍ ପ୍ରସ୍ତୁତି

# 'ଦାଣ୍ଡିଆ କାର୍ଣ୍ଣିଭାଲରେ ଧୁମ୍ ମଚାଇବେ ବଲିଉଡ୍ କଣ୍ଠଶିଳ୍ପୀ

ଭୁବନେଶ୍ୱର, ୨୨।୯(ସମିସ): ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଦାଣ୍ଡିଆ ମହୋତ୍ସବକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ରାଜଧାନୀବାସୀ। ଏଥିପାଇଁ ପ୍ରସ୍ତୁତି ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିପାଇଁ ଆରମ୍ଭ ହେଲାଣି ଉଭୟ ଅନଲାଇନ୍ ଓ ଅଫ୍ ଲାଇନ୍ ଟିକଟ୍ ବୁକିଂ। ନେଟ୍‌ୱର୍କ ଇଭେଣ୍ଟସ ଆଣ୍ଡ ପ୍ରମୋସନ୍ସ, କ୍ରିଷ୍ଟାଲ କ୍ରାଉନ ସହଭାଗିତାରେ ସେପ୍ଟେମ୍ବର ୨୯ ତାରିଖରୁ ଅକ୍ଟୋବର ୧ ତାରିଖ ଯାଏ ପଟିଆସ୍ଥିତ କ୍ରିଷ୍ଟାଲ କ୍ରାଉନଠାରେ ନବରାତ୍ରି ମହୋତ୍ସବ 'ଦାଣ୍ଡିଆ କାର୍ଣ୍ଣିଭାଲ ୨କେ୨୫' ଅନୁଷ୍ଠିତ ହେବ। ଡିଜେ, ଲାଇଭ୍ ବ୍ୟାଣ୍ଡ ଓ ପାରମ୍ପରିକ ପଞ୍ଜାବୀ ଢ଼ୋଲ ସାଙ୍ଗକୁ ଲୋକପ୍ରିୟ ସେଲିବ୍ରିଟି ଓ କଣ୍ଠଶିଳ୍ପୀ ଆକର୍ଷଣ ସାଜିବେ। ପ୍ରଥମ ଦିନରେ ଓଡ଼ିଶାର ପ୍ରଥମ ଡିଜେ ବ୍ୟାଣ୍ଡ, ବଲି ବଏଜ୍, ପ୍ଲେବ୍ୟାକ୍ ସିଙ୍ଗର, ନବ୍ୟା ଜଇତି, ଆଙ୍କର ଶୁଭମ୍‌ଙ୍କ କାର୍ଯ୍ୟକ୍ରମ ସହ ୩୦ରେ ବଲିଉଡ୍ ପ୍ଲେବ୍ୟାକ ସିଙ୍ଗର ମେହେରୋଲିୟା, ଇଣ୍ଡିଆନ ଆଇଡଲ ସେନସେସନ୍ ତୋରଶା ସରକାର, ଆଙ୍କର ପୁନ୍ୟା, ଡିଜେ ଏସକେବି (ରିମିକ୍ସ ମାଷ୍ଟର) ଏବଂ ୧ରେ ପିନାକୀ ଝା (ଶ୍ରେଷ୍ଠ ୨୫ ଏମସି ଅଫ ଏସିଆ), ମୁମ୍ବାଇ ଡିଜେ ବ୍ୟାଣ୍ଡ, ବଲିଉଡ୍ ଡିଜେ, ଡିଜେ ରାଜ୍ ପ୍ରମୁଖ ଆକର୍ଷଣ ପାଲଟିବେ। ଗର୍‌ବା ଓ ଦାଣ୍ଡିଆ ନୃତ୍ୟ, ଓପନ୍ ଫ୍ଲୋର ସାଙ୍ଗକୁ ଅସିମୀତ ଖାଦ୍ୟ ଓ ବୁଫେ, ଗିଫ୍ଟ ହାମ୍ପର, ଫେଷ୍ଟିଭ କ୍ଲିକ ଆଦି ବ୍ୟବସ୍ଥା ସହ ମିଳିବ ଏକ୍ସକ୍ଲୁସିଭ ଭିଆଇପି ଲାଉଞ୍ଜରେ ଏନର୍ଜି ଡ୍ରିଙ୍କ, ବଟ୍‌ଲର ସର୍ଭିସ, ହୁକା, ଭିଆଇପି ସୋଫା ସିଟିଂ ଓ ପ୍ରିମିୟମ ହସ୍ପିଟାଲିଟି ସୁବିଧା। ଏଥିପାଇଁ ବୁକ୍ ମାଇଁ ଶୋ ଏବଂ ପଟିଆସ୍ଥିତ ଜଷ୍ଟ ଡେଲିସିୟସ ବାଏ କ୍ରିଷ୍ଟାଲ କ୍ରାଉନ ଏବଂ ଅଶୋକ ନଗରସ୍ଥିତ ପଣ୍ଡା ଟ୍ରାଭେଲ ମାର୍ଟରେ ଟିକଟ୍ ବୁକ୍ କରାଯାଇପାରିବ ବୋଲି ନେଟ୍‌ୱର୍କ ଇଭେଣ୍ଟସ ଆଣ୍ଡ ପ୍ରମୋସନ୍ସର ପ୍ରତିଷ୍ଠାତା ଚନ୍ଦନ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।




**୨୯ରୁ ଜନତା ମଇଦାନରେ 'ଜସ୍ନେ ଦାଣ୍ଡିଆ'**

ଜନତା ମଇଦାନରେ ସେପ୍ଟେମ୍ବର୨୯ ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ 'ଜସ୍ନେ ଦାଣ୍ଡିଆ' ମହୋତ୍ସବ ଅନୁଷ୍ଠିତ ହେବ। ନୂଆ ଗାଁ ଗ୍ରାମୀଣ ବିକାଶ ମଞ୍ଚ ସହଯୋଗରେ ଫାଲ୍‌କନ୍ ଆଇ ଏଣ୍ଟରଟେନମେଣ୍ଟ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ଓଲିଉଡ ସୁପରଷ୍ଟାର ଅନୁଭବ ମହାନ୍ତି, ଅର୍ଦ୍ଧେନ୍ଦୁ, ଏଲିନା, ଗୁଲୁଆଙ୍କ ସମେତ ଫିଲ୍ମ ଚାରିଧାମ ଓ ଚ୍ୟାଲେଞ୍ଜର ଟିମ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଡିଜେ ପାର୍ଥୋ, ଡିଜେ ରିଶି, ଡିଜେ ଷ୍ଟ୍ରିଙ୍ଗ, ଡେସି ସ୍କୁଆଡ୍ ପ୍ରମୁଖ ଡିଜେ ପରିବେଷଣ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ ଡ. ଚିନ୍ମୟ ନନ୍ଦ ବଡଜେନା ସୂଚନା ଦେଇଛନ୍ତି।

**ପ୍ରୟାସ ପକ୍ଷରୁ ୭ ଦିନିଆ 'ଦାଣ୍ଡିଆ ମହୋତ୍ସବ'**

ପ୍ରତିବର୍ଷ ପରି ଏଥର ମଧ୍ୟ 'ପ୍ରୟାସ' ପକ୍ଷରୁ 'ଦାଣ୍ଡିଆ ମହୋତ୍ସବ-୨୦୨୫' ପ୍ରଦର୍ଶନୀ ପଡ଼ିଆରେ ୭ଦିନ ଧରି ପାଳିତ ହେବ। ଅତ୍ୟାଧୁନିକ ଏଲ୍‌ଇଡି ଆଲୋକ ସଜ୍ଜା, ଉନ୍ନତମାନର ଲାଇଭ ବ୍ୟାଣ୍ଡ ସହ ଆଲୋକମାଳାର ଅପୂର୍ବ ସମନ୍ୱୟ ନୃତ୍ୟାଙ୍ଗନାଙ୍କ ପାଇଁ ସ୍ୱତନ୍ତ୍ର ଷ୍ଟେଜ୍ ସାଙ୍ଗକୁ ଖାଦ୍ୟର ବ୍ୟବସ୍ଥା ରହିବ। ମହୋତ୍ସବର ପ୍ରତ୍ୟେକ ଦିନର ବେଷ୍ଟ ଡ୍ୟାନସର, ବେଷ୍ଟ ବେଷ୍ଟ କପଲ୍, ବେଷ୍ଟ କଷ୍ଟ୍ୟୁମ୍ ପାଇଁ ପୁରସ୍କାର ପ୍ରଦାନ କରାଯିବ।

# ନଷ୍ଟହେଉଛି ରାସ୍ତାକଡ଼ ସୁବିଧାକେନ୍ଦ୍ର



ବରପାଲି/ମହଦା,୨୨।୯ (ସମିସ): ବରପାଲିରୁ ବଲାଙ୍ଗିର ଯାଉଥିବା ୨୬ ନମ୍ବର ଜାତୀୟ ରାଜପଥ କଡରେ ରହିଥିବା ଯାତ୍ରୀ ସୁବିଧାକେନ୍ଦ୍ର ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ଗତ ୨୦୧୮ରେ ନିର୍ମିତ କେନ୍ଦ୍ରଟି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ହଜାର ହଜାର ଯାତ୍ରୀଙ୍କୁ ସେବା ଯୋଗାଇ ଆସୁଥିଲା। ହେଲେ କାହା ସ୍ୱାର୍ଥ ନେଇ ଏହି ସହାୟତା ସେବାକାର୍ଯ୍ୟକୁ ବନ୍ଦ କରାଗଲା ଆଜି ସମସ୍ତଙ୍କ ମନରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। କେନ୍ଦ୍ରଟିର ଉଦ୍‌ଘାଟନ ପରେ ପୂର୍ତ୍ତବିଭାଗ ଦ୍ୱାରା ରକ୍ଷଣାବେକ୍ଷଣ କରାଯାଉଥିଲା। ପ୍ରତିଦିନ ରାସ୍ତାରେ ଯାଉଥିବା ଦୂରଦୂରାନ୍ତକୁ ଯା'ଆସ କରୁଥିବା ଯାତ୍ରୀମାନେ ଏଠାକୁ ଆସୁଥିଲେ। ବିଭିନ୍ନ ସମୟରେ ବାଇକରେ ଯାତାୟତ କରୁଥିବା ଯାତ୍ରୀ ଏହାର ସୁବିଧା ନେଉଥିଲେ। ରାଜ୍ୟ ସରକାର ବଦଳିଲା ପରେ ବିନାକାରଣରେ ସୁବିଧାକେନ୍ଦ୍ରକୁ ବନ୍ଦ କରାଗଲା। ଏହାସହ କେନ୍ଦ୍ରରେ ନିୟୋଜିତ କର୍ମଚାରୀ ମାନଙ୍କୁ ଛଟେଇ କରି ଦିଆଗଲା। ବର୍ତ୍ତମାନ କେନ୍ଦ୍ରଟି ରକ୍ଷଣାବେକ୍ଷଣା ଅଭାବରୁ ଅବହେଳିତ ହୋଇ ପଡ଼ିଛି। ସମ୍ମୁଖ ଭାଗ ଓ ପଛପାଶ୍ୱର୍ରେ ଅନାବନା ଗଛମାନ ଉଠିବା ସହ ପାରିପାଶ୍ୱିର୍କ ଅବସ୍ଥା ଶୋଚନୀୟ ହୋଇ ରହିଛି। ଲୋକଙ୍କୁ ବାସ୍ତବରେ ସେବ ଯୋଗାଇ ଦେଉଥିବା ଏହି ସୁବିଧା କେନ୍ଦ୍ରକୁ ପୁନଃ କାର୍ଯ୍ୟକାରୀ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ୫ଘଣ୍ଟା ଧରି ଧାରଣାରେ ବସିଲେ ପଞ୍ଜୀକରଣରୁ ବଞ୍ଚିତ ଚାଷୀ

## ସମସ୍ତ ଚାଷୀଙ୍କୁ ପଞ୍ଜୀକୃତ କରି ଧାନ କିଣିବାକୁ କୃଷକ ସଙ୍ଗଠନର ଦାବିକକ

ଭେଡେନ,୨୨।୯ (ସମିସ): ଗୋଟିଏ ପଟେ ଧାନ ଅମଳ ଆରମ୍ଭ ହେଲାଣି ତ ଅନ୍ୟପଟେ ପଞ୍ଜୀକରଣରୁ ବାଦ ପଡ଼ିଥିବା ଚାଷୀ ଅସନ୍ତୋଷ ଜାହିର କରି ଭେଡେନ ତହସିଲ ଅଫିସ ଖୋଲିବା ପୂର୍ବରୁ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି। ସଂଯୁକ୍ତ କୃଷକ ସଙ୍ଗଠନ ଶାଖାର ସହରାଟିକ୍ରା ମଣ୍ଡି ସଭାପତି ବୃନ୍ଦାବନ ସାହୁଙ୍କ ନେତୃତ୍ୱରେ ଚାଷୀ ସୋମବାର ଦୀର୍ଘ ୫ ଘଣ୍ଟା ଧାରଣା ଦେଇଛନ୍ତି। ଏହି ସମୟରେ ଚାଷୀ ସରକାରଙ୍କ ନୂତନ ଧାନ ପଞ୍ଜୀକରଣ ନୀତି ସମ୍ପୂର୍ଣ୍ଣ ବିଫଳ ହୋଇଥିବା ପ୍ରକାଶ କରିଥିଲେ। କାହିଁକି ହଜାର ହାଜର ଚାଷୀ ପଞ୍ଜୀକରଣରୁ ବାଦ ପଡିଛନ୍ତି ଏବଂ ସେମାନେ କେବେ ପଞ୍ଜୀକୃତ ହେବେ ବୋଲି ପ୍ରଶ୍ନ କରିଥିଲେ।



ରେମଣ୍ଡା ସୋସାଇଟିରେ ରାଜ୍ୟର ସର୍ବାଧିକ ୯୫୯ ଜଣ, ତାଳମେଣ୍ଡା ପଞ୍ଚାୟତରୁ ୫୩୨ ଜଣ ତା ସହିତ ଭେଡେନ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ବାଦ ପଡିଥିବା ଚାଷୀ ଧାରଣାରେ ଯୋଗ ଦେଇଥିଲେ। ଯେଉଁ ଚାଷୀ ଗତ ବର୍ଷ ଧାନ ପଞ୍ଜୀକରଣ କରିଥିଲେ ଏବଂ ଚଳିତ ବର୍ଷ ଆବଶ୍ୟକ ସମସ୍ତ କାଗଜପତ୍ର ଧାର୍ଯ୍ୟ ତାରିଖ ପୂର୍ବରୁ ଦେଇଥିଲେ ସେମାନେ ମଧ ପଞ୍ଜୀକୃତ ହୋଇପାରି ନଥିବାରୁ ବିରକ୍ତି ପ୍ରକାଶ କରିଥିଲେ। ନେଟ ସ୍ଲୋ ହେବା, ଅନାବଶ୍ୟକ କାଗଜପତ୍ର ମଗାଯିବା, ସର୍ଭର ଡାଉନ ହେବା, ସୋସାଇଟିରେ ମନମୁଖୀ କାର୍ଯ୍ୟ ଏବଂ ୨୫ ତାରିଖ ନେଟ ବନ୍ଦ ଯୋଗୁଁ ଅଞ୍ଚଳର ଅନେକ ଚାଷୀ ବଞ୍ଚିତ ହୋଇଥିବା ପ୍ରକାଶ। ଏହି ସବୁ ସମସ୍ୟା ପ୍ରଶାସନ ତରଫରୁ ଜାଣିଶୁଣି କରାଯାଉଥିବା ସଂଯୁକ୍ତ କୃଷକ ସଙ୍ଗଠନର କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଯେତେ କମ ଚାଷୀ ପଞ୍ଜୀକୃତ ହେବେ ରାଜ୍ୟ ସରକାରଙ୍କୁ ଚାଷୀଙ୍କୁ ପ୍ରଦାନ କରାଯାଉଥିବା ୮୦୦ ଟଙ୍କା ଆଉ ଦେବାକୁ ପଡିବ ନାହିଁ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଯେଉଁ ଚାଷୀ ପଞ୍ଜୀକୃତ ହୋଇ ନ ପାରିବେ ଧାନ କ୍ୱିଣ୍ଟାଲ ୧୫/୧୭ ଶହରେ ବିକ୍ରିପାଇଁ ବାଧ ହେବେ। ଫଳରେ ସେମାନଙ୍କୁ ଋଣ ଶୁଝିବାରେ ଅସୁବିଧା ହେବ, ଘର ଚଳାଇବା ପାଇଁ ଆବଶ୍ୟକ ଖର୍ଚ୍ଚ ମଧ ପାଇପାରିବେ ନାହିଁ ବୋଲି କହିଥିଲେ। ଦୀର୍ଘ ୫ ଘଣ୍ଟା ଧାରଣା ପରେ ଭେଡେନ ତହସିଲଦାର ରଶ୍ମିତା ସ୍ୱାଇଁ ଏବଂ ସହକାରୀ ଉପନିବନ୍ଧକ ରାଧେ ମେହେର ଆସି ଆନ୍ଦୋଳନରତ ଚାଷୀଙ୍କୁ ବୁଝାସୁଝା କରିଥିଲେ। ପଞ୍ଜୀକରଣ ନିଶ୍ଚୟ ହେବ ବୋଲି ପ୍ରତିଶ୍ରୁତି ପରେ ଚାଷୀ ଧାରଣାରୁ ଉଠିଥିଲେ। ମାତ୍ର କୌଣସି ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିବା ହେତୁ ଧାନ ବିକ୍ରିରୁ ବାଦ ପଡିଲେ ତେବେ ସମସ୍ତ ସରକାରୀ ଅଫିସ୍, ରାଜରାସ୍ତାରେ ଧାନ ପକାଇ ସମସ୍ତ ମଣ୍ଡି ବନ୍ଦ କରାଯିବ ବୋଲି ଚେତାବନୀ ଦେଇଥିଲେ। ଚାଷୀ ନେତା ଅଶ୍ୱିନୀ ଦାସ, ଚୂଡାମଣି ଛନ୍ଦ, ଧର୍ମରାଜ କର, ବିକାଶ ପଧାନ, ଭାଗବତ ସାହୁ, ଦୈତାରୀ ସାହୁ, ଦୀପକ ସାହୁ, ସୁଦାମ ପାତ୍ର, ନରେନ୍ଦ୍ର ଭୋଇ, ଉପନ୍ନ ଭୋଇ ଏବଂ ରମେଶ ମହାପାତ୍ର ଏହା ରୋକ୍‌ଠୋକ୍ ଭାବେ ଜଣାଇ ଦେଇଥିଲେ। ଧାରଣାରେ ଅଞ୍ଚଳର ଶତାଧିକ ଚାଷୀ ସାମିଲ ରହିଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ମିଶନ ଶିକ୍ଷାଦାନ ଅଭିଯାନ



ବରଗଡ଼,୨୨।୯ (ସମିସ): ଅବସରପ୍ରାପ୍ତ ଶିକ୍ଷକ ସଂଘ ଆନୁକୂଲ୍ୟରେ ବିଭିନ୍ନ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ପ୍ରଦାନ ସହିତ ବିଭିନ୍ନ ବିଷୟରେ ରହିଥିବା ସନ୍ଦେହ ମୋଚନ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ମିଶନ ଶିକ୍ଷାଦାନ' ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ବିଷୟର ଅବସରପ୍ରାପ୍ତ ଓ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଶିକ୍ଷାଦାନ କରାଯାଉଛି। ଏହି ଅବସରରେ ରବିବାର ୱାର୍ଡ ନମ୍ବର୍ ୧୮ ଅଧୀନ ବନ୍ଧପଡ଼ାରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ କପିଲ ବାଗ, ସୁଧାଂଶୁ ଶେଖର ସାହୁ, ଡାକ୍ତର ଭୋଇ, ଶିକ୍ଷୟିତ୍ରୀ ମୀନା ପଣ୍ଡା ପ୍ରମୁଖ ଛାତ୍ରଛାତ୍ରୀଙ୍କ ଗୃହ ପରିଦର୍ଶନରେ ଯାଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଭେଟି ଶିକ୍ଷା ସଚେତନତା ସୃଷ୍ଟି କରିବା ସହ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଥିବା ସନ୍ଦେହ ମୋଚନ କରିଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ବୈଠକ

ପାଇକମାଲ,୨୨।୯ (ସମିସ): ତୀର୍ଥକ୍ଷେତ୍ର ନୃସିଂହନାଥ ସ୍ଥିତ ଶ୍ରୀ ନୃସିଂହନାଥ ବ୍ରାହ୍ମଣ ସମାଜ ଧର୍ମଶାଳାଠାରେ ପାଇକମାଲ ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ସଭାପତି ଅନିଳ କାଳିଆଙ୍କ ଅଧକ୍ଷତାରେ ଏକ ସାଧାରଣ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ସଭାପତିଙ୍କ ସ୍ୱାଗତ ଭାଷଣ ପରେ ବରିଷ୍ଠ ସଦସ୍ୟ ଗିରୀଶ ଚନ୍ଦ୍ର ନାୟକ ସଙ୍ଘର ଲକ୍ଷ୍ୟ ଉଦ୍ଦେଶ୍ୟ ଏବଂ ନିୟମାବଳୀ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି ଅବସରପ୍ରାପ୍ତ କର୍ମଚାରୀ ସଙ୍ଘକୁ ପାଇକମାଲ, ମାଣ୍ଡୋସିଲ ଓ ଟେମରୀ ହିସାବରେ ତିନୋଟି ଅଞ୍ଚଳରେ ବିଭକ୍ତ କରାଯାଇଛି। ତିନୋଟି ଯାକ ଜୋନର କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ପୂରି ଯାଉଥିବାରୁ ଏବଂ ସମ୍ପାଦକ ପ୍ରଫୁଲ୍ଲ ପାଣିଗ୍ରାହୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଥିବାରୁ ପ୍ରତ୍ୟେକ ଜୋନରୁ ୭ ଜଣ ଲେଖାଏଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ମାଣ୍ଡୋସିଲ ଜୋନ ପାଇଁ ଗୋକୁଳାନନ୍ଦ ଡନସନା, ଭୋଜରାଜ ବୁଡେକ, ରାଧେଶ୍ୟାମ ପଟେଲ, ଲୋଦୋରୋ ଗଇଁତା, ଦୈତାରୀ ମାଝୀ, ସଦାନନ୍ଦ ସାହୁ, ଅମରସିଂହ ଧରୁଆ; ଟେମରୀ ଜୋନ ପାଇଁ ନୃପରାଜ ପ୍ରଧାନ, ଗୌରୀଶଙ୍କର ବାରିକ, ପୀତାମ୍ବର ସାହୁ, ବିଶ୍ୱନାଥ ସାହୁ, ଶଙ୍କର୍ଷଣ ବ୍ରହ୍ମଚାରୀ, ରାଧାକୃଷ୍ଣ ସାହା, ଫକୀର ମୋହନ ରଣା; ପାଇକମାଳ ଜୋନ ପାଇଁ ଅନିଲ କାଳିଆ, ଡୋଳାମଣି ମାହାର, ନନ୍ଦଲାଲ ନାୟକ, ହୃଦାନନ୍ଦ ଭୋଇ, ଉପେନ୍ଦ୍ର ଠାକୁର, ଗିରୀଶ ଚନ୍ଦ୍ର ନାୟକ, କର୍ମୁ ବିଶ୍ୱାଳଙ୍କୁ ଚୟନ କରାଯାଇଥିଲା। ଡୋଳାମଣି ମାହାରଙ୍କୁ ନୂତନ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ନୂତନ ସଦସ୍ୟଙ୍କ ମଧ୍ୟରୁ ଅନେକ ସଦସ୍ୟ ବ୍ଲକ୍ ଗ୍ରାଣ୍ଟ ଅନ୍ତର୍ଭୁକ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅବସର ନେଇଛନ୍ତି। ସେମାନେ ସରକାରଙ୍କ ନିୟମ ଅନୁସାରେ ପେନସନ, ଗ୍ରାଚ୍ୟୁଟି ଆଦି କୌଣସି ଅବସରକାଳୀନ ଆର୍ଥିକ ସହାୟତା ପାଉନାହାନ୍ତି। ସେ ସମ୍ପର୍କରେ ସଙ୍ଘ ତରଫରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ଥିର ହୋଇଥିଲା। ଶେଷରେ ଡୋଳାମଣି ମାହାର ଧନ୍ୟବାଦ ଦେଇଥିଲେ।

# ପାରିଶ୍ରମିକ ଦାବିରେ ସିଏସ୍‌ଏସ୍ ମହିଳାଙ୍କ ଗଣଧାରଣା




ଭେଡେନ,୨୨।୯ (ସମିସ): ଭେଡେନ ବ୍ଲକ୍ ମିଶନ ଶକ୍ତି ବିଭାଗର ଗୋଷ୍ଠୀ ସହାୟିକା କର୍ମୀ ମାନେ ବ୍ଲକ୍ ସମ୍ମୁଖରେ ଗଣଧାରଣାରେ ବସିଛନ୍ତି। ସହାୟିକା ଗୋଷ୍ଠୀର ସଭାପତି ସରେନ୍ଦ୍ରୀ ପଟେଲ ଓ ସମ୍ପାଦିକା ପ୍ରଭାତୀ ମେହେରଙ୍କ ତତ୍ତ୍ୱାବଧାନରେ ଗଣଧାରଣା ହୋଇଥିଲା। ଭେଡେନ ବ୍ଲକ୍ ୧୭ଟି ପଞ୍ଚାୟତର ସମସ୍ତ ଗୋଷ୍ଠୀ ସହାୟିକା କର୍ମୀ ମାନେ ଦୀର୍ଘ ୬ ମାସ ହେବ ପ୍ରୋତ୍ସାହନ ରାଶି ବଦଳରେ ନିର୍ଦ୍ଦିଷ୍ଟ ପାରିଶ୍ରମିକ ଦାବିରେ ସରକାରଙ୍କୁ ବାରମ୍ବାର ଜଣାଇଥିଲେ। ତେବେ ମଧ ଏହାର କୌଣସି ସ୍ଥାୟୀ ସମାଧାନ ନ ହେବାରୁ ଆଜି ସମସ୍ତେ ଭେଡେନ ବ୍ଲକ୍ ସମ୍ମୁଖରେ ଗଣ ଧାରଣାରେ ବସିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି ଗୋଷ୍ଠୀର ମହିଳା କର୍ମୀମାନେ ପ୍ରକାଶ କରିଛନ୍ତି।

# ରକ୍ତଦାନ ଶିବିର: ୪୭ ୟୁନିଟ୍ ରକ୍ତ ସଂଗ୍ରହ

ଭେଡେନ,୨୨।୯ (ସମିସ): ଭେଡେନ ବ୍ଲକ୍ ଅଧୀନ ମହୁଲପାଲି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସେବାପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଭେଡେନ ବ୍ଲକ୍ ବିଡିଓ କର୍ଣ୍ଣ ସୁନା ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ୪୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ବୁର୍ଲା ରକ୍ତଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଅନୁଷ୍ଠିତ ଶିବିରରେ ବିଜେପି ମଣ୍ଡଳ ସଭାପତି ଧନେଶ୍ୱର ପାଢ଼ୀ, ମହୁଲପାଲି ସରପଞ୍ଚ ବିଜନ କର୍ମୀ, ବରିଷ୍ଠ ସଦସ୍ୟ ଅର୍ଜୁନ ପ୍ରସାଦ ଦାସ, ନୀଳାମ୍ବର ମଲିକ, ଆରତୀ ବାଗ, କ୍ରିଷ୍ଣା ପଟେଲ, ସୁଦାମ ପାଣ୍ଡେ, ପ୍ରଦୀପ ସେନ, ଜପ ସେଠ, ସୁଦାମ ପଧାନ, ରାଜୀବ ଲୋଚନ ଦାସ, ବିନୋଦ ଖମାରି, ସୌମ୍ୟକାନ୍ତ ଦାସ, ବିକାଶ ବଘାର, ପ୍ରଭାସିନୀ ସେଠ, ପ୍ରେମାନନ୍ଦ ଦନ୍ତା, ଆଶୁତୋଷ ପାଣିଗ୍ରାହୀ, ସମାଜସେବୀ ଉମେଶ ପଧାନ ପ୍ରମୁଖ ସହଯୋଗ କରିଥିଲେ।

# ବରଗଡ଼ ଜିଲ୍ଲାପାଳଙ୍କ ବୈତାଳି ସ୍କୁଲ ପରିଦର୍ଶନ

ବରଗଡ଼,୨୨।୯ (ସମିସ): ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସୋମବାର ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ୍ ଅଧୀନ ବୈତାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ସମୟରେ ପଦ୍ମପୁର ଉପଜିଲ୍ଲାପାଳ ଅରୁଗୁଲା ସ୍ନେହା, ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଏବଂ ଝାରବନ୍ଧ ବ୍ଲକ୍ ଶିକ୍ଷା ଅଧିକାରୀ ଶୁଭମ ପତି ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ବୈତାଳି କ୍ଲଷ୍ଟର ସିଆରସିସିଙ୍କ ଉଦ୍ୟମରେ ଶିକ୍ଷା ପାଇଁ କରାଯାଇଥିବା ଉଦ୍ୟମ ଗୁଡିକୁ ଜିଲ୍ଲାପାଳ ଉଚ୍ଚ ପ୍ରଶଂସା କରିଥିଲେ। ଜିଲ୍ଲାପାଳ ଶ୍ରୀ ଗୋୟଲ ବୈତାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲାଗିଥିବା ସିସିଟିଭି କ୍ୟାମେରା ଏବଂ ୱାଇ ଫାଇ ଇଣ୍ଟରନେଟ ମାଧମରେ ମୋବାଇଲ ଆପ୍ଲିକେସନ ମାଧମରେ ଅଭିଭାବକ ମାନେ ସ୍କୁଲର ପାଠପଢ଼ା ଦେଖିପାରୁଥିବା ଜାଣି ଖୁସି ବ୍ୟକ୍ତ କରିଥିଲେ। ଏହାପରେ ସ୍ୱଚ୍ଛତା ଏବଂ ସବୁନରେ ହାତଧୁଆ ପ୍ରତିଦିନ ସୁନିଶ୍ଚିତ କରିବା ପାଇଁ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟରେ ସାବୁନ ବ୍ୟାଙ୍କକୁ କାର୍ଯ୍ୟକ୍ଷମ କରାଯାଇଥିବା, ପ୍ରତ୍ୟେକ ବିଦ୍ୟାଳୟରେ ବିଗତ ତିନିବର୍ଷ ହେଲା ଶିଶୁ ସାମ୍ବାଦିକ ସୃଷ୍ଟି ତଥା ସେମାନଙ୍କ ବ୍ୟକ୍ତିଗତ ବିକାଶ ପାଇଁ ସିଆରସିସି ନେଇଥିବା ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ। ସ୍କୁଲର ଶିଶୁ ସାମ୍ବାଦିକା ସାକ୍ଷୀ ସାହୁ ବରଗଡ଼ ଜିଲ୍ଲାପାଳଙ୍କ ସାକ୍ଷାତକାର ମଧ ନେଇଥିଲେ। ବୈତାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗତବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିଲା। ପୁରସ୍କାର ରାଶିକୁ ବ୍ୟବହାର କରି ବିଦ୍ୟାଳୟରେ ସିଆରସିସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ପ୍ରଧାନ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ମିଳିତ ସହଯୋଗରେ ସିସିଟିଭି, ୱାଇ ଫାଇ ଇଣ୍ଟରନେଟ, ପିଲାମାନଙ୍କ ବସିବା ପାଇଁ ଆସବାବପତ୍ର କିଣା ଯାଇଥିଲା।

# ପିତୃପକ୍ଷରେ ନିଆରା ଶୈଳୀରେ ପିତୃପୁରୁଷଙ୍କୁ ସମ୍ମାନ ଜଣାଇଲେ ଗ୍ରାମବାସୀ

ବରଗଡ଼,୨୨।୯ (ସମିସ): ପରମ୍ପରା ସହ ପରିବେଶକୁ ଯୋଡ଼ିବାର ଏକ ନିଆରା ପ୍ରୟୋଗ କରିଛନ୍ତି ଗ୍ରାମବାସୀ। ପିତୃପକ୍ଷରେ ସର୍ବତ୍ର ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳ ତର୍ପଣ କରାଯାଉଥିବା ବେଳେ ବରଗଡ଼ ଜିଲ୍ଲା କଳାପାଣି ପଞ୍ଚାୟତ ଅଧୀନ ବୁଦେଲପାଲି ଗ୍ରାମବାସୀ ନିଆରା ଶୈଳୀରେ ନିଜର ପୂର୍ବପୁରୁଷଙ୍କୁ ସମ୍ମାନ ଜଣାଇଛନ୍ତି। ମହାଳୟା ଅବସରରେ ଗାଁର ମହିଳାମାନେ ମହାଦେବ ମନ୍ଦିର ପୋଖରୀ ହୁଡ଼ାରେ ନଡ଼ିଆ ଗଛ ଲଗାଇଛନ୍ତି। ଏହି ନିଆରା କାର୍ଯ୍ୟକ୍ରମରେ ବରଗଡ଼ର କବି, କଳାକାର, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଶିକ୍ଷକ, ସାମ୍ବାଦିକ ତଥା ବିଭିନ୍ନ ବର୍ଗର ବ୍ୟକ୍ତି ସାମିଲ ହୋଇଥିଲେ।



ପୂର୍ବାହ୍ନରେ ବୁଦେଲପାଲି ସ୍କୁଲ ସାମନାରୁ ନଡ଼ିଆ ଗଛ ସହ ଏକ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। ଏଥିରେ ଗାଁର ସଂକୀର୍ତ୍ତନ ଦଳ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ଗ୍ରାମବାସୀ ସାମିଲ ହୋଇଥିଲେ। ଗାଁ ମହାଦେବ ମନ୍ଦିରକୁ ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ପୂଜାର୍ଚ୍ଚନା ସହ ପୋଖରୀ ହୁଡ଼ାରେ ନଡ଼ିଆ ଗଛ ଲଗା ଯାଇଥିଲା। ଏହି ଅବସରରେ ଗଣଦୃଷ୍ଟିର ସଂପାଦକ ଉମେଶ ଚନ୍ଦ୍ର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ସୂଚନା ଓ ଲୋକ ସଂପର୍କ ବିଭାଗର ଉପ ନିର୍ଦ୍ଦେଶକ କଲ୍ୟାଣୀ ଦାସ, କଳାପାଣି ସରପଞ୍ଚ ଖୁଲଣା ପ୍ରଧାନ, ଉଠାଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ତ୍ରିପାଠୀ, ପାୱାର ଅଫ ଦିବ୍ୟାଙ୍ଗସର ଚେୟାରମ୍ୟାନ ଶ୍ୟାମ ସୁନ୍ଦର ଅଗ୍ରୱାଲ, ଗଣଦୃଷ୍ଟିର ସଂପାଦକ ଉମେଶ ଚନ୍ଦ୍ର ବିଶ୍ୱାଳ, ପଞ୍ଚାୟତ କଲେଜର ପୂର୍ବତନ ଅଧ୍ୟକ୍ଷ ପତିତପାବନ ସାହୁ, ଅଧ୍ୟାପିକା ଜୟଶ୍ରୀ ସାହୁ, ଶିକ୍ଷାବିତ ପ୍ରଫୁଲ୍ଲ ସାହୁ, ସାମ୍ବାଦିକ ଜୟ ପ୍ରକାଶ ଶତପଥୀ, ରମଣୀ ବେହେରା, ପ୍ରଦୀପ ପାଢ଼ୀ, କବିରାଜ ବୈଦ୍ୟନାଥ ସାହୁ, ଋଷଭ ବିଶ୍ୱାଳ, ଜିତୁ ବିଶ୍ୱାଳ, ଶିକ୍ଷାବିତ ଜଶବିର ସିଂ ସାଏନି, କବି ହେମନ୍ତ ଦୀପ, ବିପିନ ପ୍ରଧାନ, ସରୋଜ ମହାପାତ୍ର, ଶିକ୍ଷକ ରମେଶ ପ୍ରଧାନ, ରାସେଶ୍ୱରୀ ସାହୁ, ମାମି ମିଶ୍ର, ବୈଜୟନ୍ତୀ ସାହୁ, ୱାର୍ଡ ମେମ୍ବର ଭୂଜ ପ୍ରଧାନ, ଜନତା ସଂଘର୍ଷ ସମିତିର ସଭାପତି କିଶୋର ଚନ୍ଦ୍ର ସାହୁ, ଶିକ୍ଷକ ନେପାଲ ଦୁଆନ, ଆର୍ଟ ଅଫ ଲିଭିଙ୍ଗର ଚନ୍ଦ୍ରଶେଖର, ଯୁବକ ସଂଘର ସଭାପତି ଓକିଲ ପ୍ରଧାନ, ସଦସ୍ୟ ମିତ୍ରଭାନୁ ବିଶ୍ୱାଳ, ଶରତ ସାହୁ, ଶିବ ଜାଲ, ପ୍ରଦୀପ ମାହାର, ନିବାସ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଚାରାରୋପଣ କରିଥିଲେ। ଗ୍ରାମବାସୀ ନଡ଼ିଆ ଗଛ ଗୁଡ଼ିକର ସମ୍ପୂର୍ଣ୍ଣ ଯତ୍ନ ନେବାକୁ ସଂକଳ୍ପ ନେଇଥିଲେ। ପିତୃ ପୁରୁଷଙ୍କୁ ଶ୍ରଦ୍ଧା ଓ ସମ୍ମାନ ସହ ପରିବେଶ ସୁରକ୍ଷା ଦିଗରେ ବୁଦେଲପାଲି ଗ୍ରାମବାସୀଙ୍କ ଏଭଳି ଅଭିନବ ପଦକ୍ଷେପ ଅଞ୍ଚଳରେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି।

## ■ ସ୍ଥାୟୀ ନିଯୁକ୍ତି ଓ ପୂର୍ବ ଭଳି ଦରମା ଦାବି

# ବ୍ଲକ୍‌ସ୍ତରୀୟ ମିଶନ ଶକ୍ତି କର୍ମୀ ସଂଘ ପକ୍ଷରୁ କାର୍ଯ୍ୟାଳୟ ତାଲା ବନ୍ଦ



ପଦ୍ମପୁର,୨୨।୯ (ସମିସ): ରାଜବୋଡାସମ୍ବର ବ୍ଲକ୍ ମିଶନ ଶକ୍ତି କର୍ମୀ ସଂଘ ତରଫରୁ ରାଜବୋଡାସମ୍ବର ବ୍ଲକ୍ ମିଶନ ଶକ୍ତି କାର୍ଯ୍ୟାଳୟକୁ ତାଲାବନ୍ଦ କରାଯାଇ ଧାରଣା ଦିଆଯାଇଛି। ପୂର୍ବଭଳି ଦରମା ପ୍ରଦାନ, ସ୍ଥାୟୀ ନିଯୁକ୍ତି ଦାବି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ସଂଘ ଦାବିପତ୍ର ପ୍ରଦାନ କରିଛି। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ୍ ସଭାନେତ୍ରୀ ସୁପ୍ରଭା ମିଶ୍ର, ସମ୍ପାଦିକା ପୁଷ୍ପାଞ୍ଜଳି କାନୁନଗୋ, ଝିଲି ପ୍ରଧାନ, ନିଳେନ୍ଦ୍ରି ସା, ବୈଜୟନ୍ତି ପଟେଲ, ନୀଲେନ୍ଦ୍ରି ସେଠ, ସୁଜାତା ପଟେଲ, ଆରତୀ ସାହୁ, ଲିଲି ବେହେରା, ଖଗେଶ୍ୱରୀ ବିଶି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରମୁଖ ସଂଗ୍ରାମୀ ସଞ୍ଜୟ ବହିଦାର ସମର୍ଥନ ଜଣାଇଥିଲେ।

# ଝାରବନ୍ଧ ବ୍ଲକ୍‌ରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି



ଝାରବନ୍ଧ,୨୨।୯ (ସମିସ): ଝାରବନ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ମିଳିତ ଅଧକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ ଲୁହା, ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା, ଝାରବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପର୍ଶୁରାମ ପଣ୍ଡା, ଝାରବନ୍ଧ ତହସିଲଦାର ଅଲେଖ ଘୁଟା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ଚନ୍ଦ୍ର ମହନ୍ତ ଏବଂ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପାଣ୍ଡବ ଶବର ପ୍ରମୁଖ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ସହିତ ଝାରବନ୍ଧ ଜୁନିୟର କଲେଜରେ ନିଯୁକ୍ତି ଏବଂ ନିର୍ମାଣ କାର୍ଯ୍ୟରେ ଅନିୟମିତତା, ଜଙ୍ଗଲ ନଷ୍ଟ ଅଧାରିତ ସମୁଦାୟ ୧୦୧ଟି ଅଭିଯୋଗ ମଧ୍ୟରୁ ୮୦ଟି ବ୍ୟକ୍ତିଗତ ଏବଂ ୨୧ଟି ସାମୂହିକ ଅଭିଯୋଗର ଶୁଣାଣି କରି ଅନ୍ୟ ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକ ଆଉଟ୍ ଫୁଟବଲ୍

# ପଞ୍ଚମ ଦିନର ମ୍ୟାଚ୍‌ରେ ସାଇପାଲି ଓ ଲୁରୁପାଲି ଦଳ ବିଜୟୀ

ବରଗଡ,୨୨।୯ (ସମିସ): ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକ ଆଉଟ୍ ଫୁଟବଲ ପ୍ରତିଯୋଗିତାର ପଞ୍ଚମ ଦିବସରେ ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ସାଇପାଲି ଦଳ ଓ ଲୁରୁପାଲି ଦଳ ବିଜୟୀ ହୋଇଛନ୍ତି। ସୋମବାର ସାଇପାଲି ଓ ସୁପର ଜିମ୍ନାସିୟମ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ସାଇପାଲି ଦଳ ୩-୦ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରୋସନ ଧରୁଆ, ସୁଜିତ୍ ମିର୍ଦ୍ଧା ଓ ରଞ୍ଜନ ସେଟ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ସୁପର ଜିମ୍ନାସିୟମ ଦଳର ପ୍ରତୀକ ବିଶ୍ୱାଳ ପ୍ରଥମ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଥିଲେ। ଏହାକୁ ଦିପେଶ ପ୍ରଧାନ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅଶ୍ୱିନୀ ମେହେର, ସଚିନ ଭୁଏ ସହଯୋଗ କରିଥିଲେ। ବଣ୍ଟି ପଧାନ ଚତୁର୍ଥ ରେଫରୀ ଭାବେ କାର୍ଯ୍ୟ ତୁଲାଇଥିଲେ।

ଆଜିର ଦ୍ୱିତୀୟ ମ୍ୟାଚ୍‌ଟି ଲୁରୁପାଲି ଦଳ ଓ ଭିଏସଏସ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଲୁରୁପାଲି ଦଳ ୧-୦ ଗୋଲରେ ମ୍ୟାଚ୍‌କୁ ଜିତି ନେଇଥିଲା। ଏଥିରେ ବ୍ଲ୍ୟୁ ଡାଇମଣ୍ଡ ଦଳ ପକ୍ଷରୁ ଆଶିଷ ସାହୁ ଏକ ମାତ୍ର ଗୋଲ ଦେଇଥିଲେ। ଲୁରୁପାଲି ଦଳର ଆଶିଷ ସାହୁ ଏହି ଖେଳର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଏହାକୁ ନିରଞ୍ଜନ ମହାକୁସର ପରିଚାଳନା କରିଥିବା ବେଳେ ସୁଦାମ ବାରିକ, ରଞ୍ଜୁ ଛତ୍ରିଆ ଲାଇନରେ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ଉମା ଶଙ୍କର ବନିଆ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ କମିଶନର ଅଛନ୍ତି। ମ୍ୟାଚ୍ ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଶ୍ରେଷ୍ଠ ଖେଳାଳିଙ୍କୁ ବାବଲୁ ଦାଶ ଓ ମୋହନ ସମ୍ବର୍ଦ୍ଧିତ କରିଥିଲେ।



# ସମ୍ବଲପୁରୀ ଭାଷାରେ ପ୍ରାଥମିକ ଶିକ୍ଷା ଦାବି

**ସମ୍ବଲପୁର, ୨୨।୯ (ସମିସ)**

୨୦୧୧ ଜନଗଣନା ଅନୁସାରେ ରାଜ୍ୟର ୨୬ ଲକ୍ଷ ୪୦ ହଜାର ଲୋକଙ୍କ ମାତୃଭାଷା ହେଉଛି ସମ୍ବଲପୁରୀ। ବେସରକାରୀ ହିସାବ ଅନୁସାରେ



ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାର ଅଧିବାସୀ ସମେତ ଛତିଶଗଡ଼ ଓ ଝାଡ଼ଖଣ୍ଡ ରାଜ୍ୟର ମୋଟ ଦୁଇ କୋଟିରୁ ଊର୍ଦ୍ଧ୍ୱ ଲୋକ ସମ୍ବଲପୁରୀ ଭାଷା ବ୍ୟବହାର କରୁଛନ୍ତି।ସେଥିପାଇଁ ଓଡ଼ିଶା ସରକାର ଅବିଳମ୍ବେ ସମ୍ବଲପୁରୀ ଭାଷାକୁ ରାଜ୍ୟର ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ଦିଅନ୍ତୁ। ଏହାସହ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନ ଦେବା ପାଇଁ କେନ୍ଦ୍ର ସରକାରକୁ ପ୍ରସ୍ତାବ ଦିଅନ୍ତୁ। ପୁଣି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ସମ୍ବଲପୁରୀ ଭାଷାରେ ପାଠପଢ଼ା ବ୍ୟବସ୍ଥା କରନ୍ତୁ ବୋଲି ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆହ୍ୱାନରେ ବିଭିନ୍ନ ଅନୁଷ୍ଠାନର ମିଳିତ ବୈଠକରେ ଦାବି କରାଯାଇଛି। ସୋମବାର ପୂର୍ବାହ୍ଣରେ ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭବାନୀ ଶଙ୍କର ଭୋଇଙ୍କ ସଂଯୋଜନାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁରୀ ଭାଷା ବ୍ୟବହାରକାରୀଙ୍କଠାରୁ

## ରାଜ୍ୟର ଦ୍ୱିତୀୟ ସରକାରୀ ଭାଷା ମାନ୍ୟତା ସହ ଅଷ୍ଟମ ପରିଚ୍ଛେଦରେ ଅନ୍ତର୍ଭୁକ୍ତ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦାବି

କମ୍ ଲୋକ ବ୍ୟବହାର କରୁଥିବା ଏବଂ କମ୍ ସମୃଦ୍ଧ ଭାଷା ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ ହୋଇସାରିଥିବା ବକ୍ତାମାନେ ପ୍ରକାଶ କରିଛନ୍ତି। ତେବେ ଜନନେତାଙ୍କ ଉଦାସୀନତା ଓ ରାଜେନ÷ତିକ ଅବହେଳା କାରଣରୁ ସମ୍ବଲପୁରୀ ଭାଷା ସାମ୍ବିଧାନିକ ମାନ୍ୟତାରୁ ବଞ୍ଚିତ ହୋଇ ରହିଯାଇଥିବା ବୈଠକରେ ଅଭିଯୋଗ ହୋଇଥିଲା। ବୈଠକରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ ସମ୍ବଲପୁରୀ ଭାଷା ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନ ପାଇଁ କୌଣସି ଯୋଜନା ନଥିବା ନେଇ ଦେଇଥିବା ମନ୍ତବ୍ୟକୁ ଦୃଢ଼ ନିନ୍ଦା କରାଯାଇଥିଲା। ରାଜ୍ୟ ସରକାର ଓଡ଼ିଶାର ଅସ୍ମିତା କଥା କହି ସରକାରକୁ ଆସିଥିବା ବେଳେ ସମ୍ବଲପୁରୀ ଭାଷା ପ୍ରତି ଉଦାସୀନତା ଦୁର୍ଭାଗ୍ୟଜନକ ବୋଲି ବୈଠକରେ କୁହାଯାଇଥିଲା। ଏଥିପାଇଁ ଅବିଳମ୍ବେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି କରାଯାଇଥିଲା। ବୈଠକରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ପାଇଁ ଗବେଷକ ଶଶାଙ୍କ ଶେଖର ପଣ୍ଡା, ଲକ୍ଷ୍ମୀ ନାରାୟଣ ପଣ୍ଡା, ମୁକ୍ତକଣ୍ଠ ପ୍ରଧାନ, ସୁଶିଲ ତ୍ରିପାଠୀ, ଶିବ ପ୍ରସାଦ ମେହେର, ମାନସ ଷଡ଼ଙ୍ଗୀ, ସୁବାସ ପାଣିଗ୍ରାହୀଙ୍କୁ ନେଇ ଏକ କମିଟି ଗଠନ କରାହୋଇଥିଲା। କାଳିନ୍ଦୀ ପ୍ରତାପ ସିଂହ, ସୁଶାନ୍ତ ବରାଇ, ରାମାନୁଜ ପଣ୍ଡା, ଲଳିତ ବେବର୍ତ୍ତା, ରାଜେଶ ବେହେରା, କମଳ ଲୋଚନ ପଣ୍ଡା, ରାହୁଲ ଗୁପ୍ତା, ଶଙ୍କର ବେହେରା, ଅଜୟ ନାଥ, ବାବୁଲା ଷଷ, ବାବଲୁ ବାଗ, ପ୍ରଫୁଲ୍ଲ ହୋତା, ସୁଷମା ପ୍ରଧାନ, ପଙ୍କଜିନୀ ମେହେର, ପ୍ରଭଞ୍ଜନ ପୁରୋହିତ, ରାଧେଶ୍ୟାମ ପ୍ରଧାନ, କୃଷ୍ଣଚନ୍ଦ୍ର ବାଗ, ତଫିଜୁଲ ହୁସେନ, ସୁନିଲ ସାଗର, ପ୍ରଦ୍ୟୁମ୍ନ ବିଶି ପ୍ରମୁଖ ମତାମତ ରଖିଥିଲେ। ଶେଷରେ ଡଃ ସ୍ୱୟଂ ପ୍ରକାଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁରୀ ଭାଷା ଏକାଡେମୀ ବୈଠକ

ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଆଜି ସମ୍ବଲପୁରୀ ଭାଷା ଏକାଡେମୀର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଷା ଏକାଡେମୀ ମୁଖ୍ୟ ହେମକାନ୍ତ ସାହୁ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସମ୍ବଲପୁରୀ ଭାଷାକୁ ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ଦେବାର ବର୍ତ୍ତମାନ କୌଣସି ପ୍ରସ୍ତାବ ନାହିଁ ବୋଲି କହିଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ବୈଠକରେ ଆସନ୍ତା ୨୭ ତାରିଖ ଦିନ ଲିପି ଦିବସ ଆୟୋଜନ ବାବଦରେ ଆଲୋଚନା ହୋଇଥିଲା। ବିଭିନ୍ନ ମାଧ୍ୟମରେ ସମ୍ବଲପୁରୀ ଭାଷାକୁ କିଭଳି ବ୍ୟାପକ ବ୍ୟବହାର କରାଯାଇପାରିବ ସେଥିପାଇଁ ଉପସ୍ଥିତ ସମସ୍ତେ ନିଜସ୍ୱ ମତ ଦେଇଥିଲେ। ସଭାରେ ଜଟାଧାରୀ ପ୍ରଧାନ, ଜୟକୃଷ୍ଣ ବେହେରା, ଯାମିନୀ ଠାକୁର, ଅନନ୍ୟା ବେହେରା, ରାଜେଶ ବେହେରା, ଆଦର୍ଶ କର, ସତ୍ୟ ନାରାୟଣ ଠାକୁର ପ୍ରମୁଖ ଯୋଗ ଦେଇଥିଲେ।

# ଜଳିଲା ନବଦିନାତ୍ମକ ଅଖଣ୍ଡ ଦୀପ



ସମଲେଶ୍ୱରୀ ମନ୍ଦିର



ପାଟଣେଶ୍ୱରୀ ମନ୍ଦିର

**ସମ୍ବଲପୁର, ୨୨।୯ (ସମିସ) :** ସୋମବାର ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ଶାରଦୀୟ ନବରାତ୍ରରେ ନବଦିନାତ୍ମକ ଅଖଣ୍ଡ ଦୀପ ପ୍ରଜ୍ୱଳନ ଆରମ୍ଭ ହୋଇଛି। ଏହି ଅବସରରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ଓ ମା' ପାଟଣେଶ୍ୱରୀଙ୍କ ସମେତ ସମସ୍ତ ଦେବୀ ପୀଠ ମାନଙ୍କରେ ଶ୍ରଦ୍ଧାଳୁ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିଛନ୍ତି। ଏଥିପାଇଁ ସମଲେଶ୍ୱରୀ ପୀଠ ପରିସରସ୍ଥ ଦୀପଘରକୁ ପୂଜକମାନେ ପରିଷ୍କାର ପରିଚ୍ଛନ୍ନ କରି ଜାଗର, ବଇଠା ଆଦି ପ୍ରସ୍ତୁତ କରିଥିଲେ। ନବରାତ୍ର ପାଇଁ ମାନସିକଧାରୀ ପୂଜକ ମାନଙ୍କ ସହ ଦୀପ ଘରକୁ ଯାଇ ମନ୍ତ୍ର ଉଚ୍ଚାରଣ ସହ ଦୀପ ପ୍ରଜ୍ୱଳନ କରିଥିଲେ। ଆଜିଠାରୁ ନବଦିନାତ୍ମକ ଦୀପ ପ୍ରଜ୍ୱଳନ ଆରମ୍ଭ ହୋଇଥିବାବେଳେ ଶେଷ ତିନିଦିନ ଏବଂ ଦିନିକିଆ ଦୀପ ମଧ୍ୟ ପ୍ରଜ୍ୱଳନ କରାଯିବ। ଶାରଦୀୟ ଓ ବାସନ୍ତିକ ନବରାତ୍ର ସମୟରେ ଶ୍ରଦ୍ଧାଳୁ ମାନସିକ ପାରିବାରିକ ଶାନ୍ତି, ଶତ୍ରୁଭୟ ନିବାରଣ, ରୋଗଦୁଃଖରୁ ମୁକ୍ତି, ବିବାହ, ସନ୍ତାନପ୍ରାପ୍ତି ଆଦି ପାଇଁ ମାନସିକ ଦୀପ ପ୍ରଜ୍ୱଳନ କରିଥାନ୍ତି। ବର୍ଷତମାମ ଘରେ ବା ମନ୍ଦିରରେ ଦୀପ ଜଳାଇଲେ ବି ନବଦିନାତ୍ମକ ଦୀପ ପ୍ରଜ୍ୱଳନ ସହିତ ଏକ ସ୍ୱତନ୍ତ୍ର ଆବେଗ ଜଡ଼ିତ। ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ସମଲେଶ୍ୱରୀ ମନ୍ଦିରରେ ମାନସିକ ଦୀପ ପ୍ରଜ୍ୱଳନ କରିଆସୁଛନ୍ତି। ଦଶହରା ନବରାତ୍ର ସମୟରେ ପ୍ରାୟ ୫ ହଜାର ଦୀପ ପ୍ରଜ୍ୱଳନ କରାଯାଇଥାଏ। ଗତ ୧୪ ତାରିଖରୁ ସମଲେଶ୍ୱରୀ ମନ୍ଦିରରେ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଥିବାବେଳେ ଆଜିଠାରୁ 'ସମଲେଇ' ଯୋଜନାରେ ନବନିର୍ମିତ 'ଦୀପ ଘର'ଠାରେ ନବଦିନାତ୍ମକ ଦୀପ ପ୍ରଜ୍ୱଳନ କରାଯାଉଛି। ବହୁପୂର୍ବରୁ ଦଶହରା ଓ ଚୈତ୍ର ମାସରେ ମୁଖ୍ୟ ମନ୍ଦିରରେ ଦୀପ ପ୍ରଜ୍ୱଳନ କରାଯାଉଥିବାବେଳେ ମାନସିକ ଦୀପ ସଂଖ୍ୟାରେ ବୃଦ୍ଧି ହେବାରୁ ସଂଲଗ୍ନ ସାନଗୁଡ଼ିକୁ ଅଣାଯାଇଥିଲା। ସେଠାରେ ଶହ ଶହ ସଂଖ୍ୟାରେ ଦୀପ ପ୍ରଜ୍ୱଳିତ ହେଉଥିଲା। ପ୍ରାୟ ଚାରି ପାଞ୍ଚବର୍ଷ ତଳେ ମେ ମାସରେ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିବାରୁ ମୁଖ୍ୟ ମନ୍ଦିରକୁ ବିପଦ ଆଶଙ୍କା କରି ଅଖଣ୍ଡ ଦୀପ ପ୍ରଜ୍ୱଳନ ପରବର୍ତ୍ତୀ ସମୟରେ ସମଲେଶ୍ୱରୀ ମଣ୍ଡପ କୋଠାକୁ ସ୍ଥାନାନ୍ତରିତ ହୋଇଥିଲା।

# ସୋସିଆଲ ମିଡିଆରେ କୁଲତା ସମାଜ ନାଁରେ ଆପତ୍ତିଜନକ ମନ୍ତବ୍ୟ

**ସମ୍ବଲପୁର, ୨୨।୯ (ସମିସ):** ସୋସିଆଲ ମିଡିଆରେ କୁଲତା ସମାଜ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦିଆଯାଇଛି। ଯାହାକୁ ବିରୋଧ କରି ସମ୍ବଲପୁର କୁଲତା ସମାଜ ହୀରାକୁଦ ଥାନାର ଦ୍ୱାରସ୍ଥ ହୋଇଛି। କୁଲତା ସମାଜ ନାଁରେ ଆପତ୍ତିଜନକ



ମନ୍ତବ୍ୟ ଦେଇଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ କୁଲତା ସମାଜର ସଦସ୍ୟମାନେ ହୀରାକୁଦ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ହୀରାକୁଦ ଗାନ୍ଧୀପଡ଼ା ଅଞ୍ଚଳର ରଞ୍ଜନ ବେହେରା ନାମକ ଜଣେ ବ୍ୟକ୍ତି କୁଲତା ସମାଜ ନାଁରେ ଅଭଦ୍ର ଟିପ୍ପଣୀ ଦେବା ସହ ଗାଳି କରିଥିଲେ। ଯାହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଥିଲା। ଯାହା ସମାଜ ନଜରକୁ ଆସିବା ପରେ ସମାଜର ବରିଷ୍ଠ କର୍ମକର୍ତ୍ତା ହୀରାକୁଦ ଥାନାରେ ପହଞ୍ଚି ରଞ୍ଜନ ବେହେରାଙ୍କ ନାମରେ ଅଭିଯୋଗ କରିଥିଲେ। ତେବେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ରଞ୍ଜନ ବେହେରା ଥାନାକୁ ଡକାଯିବା ପରେ କୌଣସି ଜାତିକୁ ନେଇ କୌଣସି

## ଥାନାର ଦ୍ୱାରସ୍ଥ ହେଲେ କର୍ମକର୍ତ୍ତା

ମନ୍ତବ୍ୟ ଦେବେ ନାହିଁ ବୋଲି ଲିଖିତ ରାଜିନାମା ଦେଇଛନ୍ତି। ଏହା ସହ ସୋସିଆଲ ମିଡିଆରେ ତାଙ୍କର ଭୁଲ ସ୍ୱୀକାର କରି କୁଲତା ସମାଜକୁ କ୍ଷମା ପ୍ରାର୍ଥନା କରିଛନ୍ତି। ସମ୍ବଲପୁର କୁଲତା ସମାଜ ସମ୍ପାଦକ ରଞ୍ଜନ ପାତ୍ର, ସଦସ୍ୟ ଅକ୍ଷୟ ପ୍ରଧାନ, ସଦାନନ୍ଦ ପ୍ରଧାନ, ହେମକାନ୍ତ ସାହୁ, ପ୍ରେମାନନ୍ଦ ସାହୁ, ଗୁଣମଣି ବିଶ୍ୱାଳ ପ୍ରମୁଖ ହୀରାକୁଦ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ବାମରା ବ୍ଲକ ପିଅନଙ୍କ ସନ୍ଦେହଜନକ ମୃତ୍ୟୁ

**କୁଚିଣ୍ଡା, ୨୨।୯(ସମିସ):** ସମ୍ବଲପୁର ଜିଲ୍ଲା ଅଧୀନ ବାମରା ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ପିଅନଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁସାରେ ବାମରା ବ୍ଲକ ଅଫିସରେ କାର୍ଯ୍ୟରତ ପିଅନ ପୁରୁଷୋତ୍ତମ ଚନ୍ଦନଙ୍କ ମୃତଦେହ ତାଙ୍କ ପରିବାର ଲୋକ ସୋମବାର ଭୋର ଗୋବିନ୍ଦପୁର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁରୁଷୋତ୍ତମ ରବିବାର ଅପରାହ୍ଣରେ କ୍ଷତାକ୍ତହୋଇ ଘରେ ପହଞ୍ଚିଥିବାବେଳେ ଘରେ ତାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ସ୍ତ୍ରୀ ସରିତା ଚନ୍ଦନ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ମୃତକଙ୍କ ମୁଣ୍ଡ ଓ କପାଳରେ ଗଭୀର କ୍ଷତ ଚିହ୍ନ ରହିଥିବାରୁ ତାଙ୍କୁ କୌଣସି ଧାରୁଆ ଅସ୍ତ୍ର ରେ ଆକ୍ରମଣ କରି ହତ୍ୟା କରାଯାଇଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପଟେ ପରିବାର ଲୋକଙ୍କ ବୟାନରେ ତାଳମେଳ ରହୁ ନଥିବା ବେଳେ ଘଟଣାକୁ ନେଇ ତାଙ୍କ ପରିବାର ଲୋକ ମଧ୍ୟ ସନ୍ଦେହଘେରରେ ରହିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୋବିନ୍ଦପୁର ଥାନା ଅଧିକାରୀ ରାଜେନ୍ଦ୍ର କୁମାର ବେହେରା କହିଛନ୍ତି।

# ଯୁଗ୍ମ ଜନଶୁଣାଣି ଶିବିରରେ ୧୦୩ ଅଭିଯୋଗ

**ସମ୍ବଲପୁର/ନାକଟିଦେଉଳ, ୨୨।୯ (ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୦୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ତନ୍ମଧ୍ୟରେ ୭୭ଟି ବ୍ୟକ୍ତିଗତ ଓ ୨୬ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ଅଭିଯୋଗ ଗୁଡ଼ିକ ମଧ୍ୟରେ ରାସନକାର୍ଡ, ଭତ୍ତା, ଆବାସ ଗୃହ, ପାନୀୟ ଜଳ ଆଦି ସର୍ବାଧିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ଖରିଫ ଚାଷ ପାଇଁ ୟୁରିଆ ସାର ଆବଶ୍ୟକ ଥିବାବେଳେ ପ୍ୟାକ୍ସରେ ସାର ଅଭାବ ଯୋଗୁଁ ଚାଷୀମାନେ ଦୁଇ ତିନିଗୁଣା ଦରରେ ବାହାରୁ କିଣୁଥିବା ଅଭିଯୋଗ ହୋଇଥିଲା। ଏହାସହ ବାଟଗାଁ ପଞ୍ଚାୟତ କୁଟାସିଙ୍ଗା ଗ୍ରାମରେ ମୋବାଇଲ ଟାୱାର ପ୍ରତିଷ୍ଠା, ଖନ୍ଦାବାହାଲ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା, ୨୦୨୨ ଖରିଫ ଋତୁରେ ଘୋଷରାମାଳ ପଞ୍ଚାୟତ ଚାଷୀଙ୍କ ବକେୟା ଥିବା ଫସଲ ବୀମା ସହାୟତା ରାଶି ପ୍ରଦାନ, କିସିଣ୍ଡା ପୂର୍ତ୍ତବିଭାଗ ରାସ୍ତାଠାରୁ ଖନ୍ଦାବାହାଲ ପର୍ଯ୍ୟନ୍ତ ସବୁଦିନିଆ ପକ୍କା ରାସ୍ତା ନିର୍ମାଣ, ସଡ଼ୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ଶିକ୍ଷକ ଅଭାବ, କମଳପୁର ଦେଇଯାଇଥିବା ପୂର୍ତ୍ତବିଭାଗ ରାସ୍ତା ଏବଂ ପାଇକମାଳଠାରୁ ଡାହିମାଳ ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରୁ ପିଚୁ ଉଠିଯାଇଥିବାରୁ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା ଆଦି ବିଭିନ୍ନ ଅଭିଯୋଗ ଅଧିକାରୀ ମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଅତିରିକ୍ତ ଏସପି ପ୍ରକାଶ ଜେମ୍ସ ଟପ୍ପୋ, ଜିଲ୍ଲା ଅଭିଯୋଗ ସେଲ୍‌ଫ ଅଧିକାରୀ ରୋଜଲୀନା ତିର୍କି, ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ, ରେଢ଼ାଖୋଲ ପୁଲିସ ଏସଡିପିଓ ପ୍ରଶାନ୍ତ ମେହେର, ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଦ୍ୟାଧର ରାଉତରାୟ, ତହସିଲଦାର ଅମର ଡୁଙ୍ଗଡୁଙ୍ଗ ଶିବିରରେ ଯୋଗ ଦେଇଥିଲେ।

# ମହିଳା କଲେଜରେ ସ୍ୱତନ୍ତ୍ର ଜାତୀୟ ସେବା ଯୋଜନା ଉଦ୍‌ଘାଟିତ

**ରେଢ଼ାଖୋଲ, ୨୨।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସୋମବାର ମମତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଜାତୀୟ ସେବା ଯୋଜନା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କଲେଜର ଏନ୍‌ଏସ୍‌ଏସ ସଂଯୋଜକ ପ୍ରହ୍ଲାଦ ଦେହୁରୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଶିବିରରେ ସମ୍ମାନିତ ଅତିଥି ଭାବେ ଏନ୍‌ଏସ୍‌ଏସ୍ ଜିଲ୍ଲା ସଂଯୋଜକ ଶାନ୍ତନୁ ପ୍ରଧାନ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଶିବିରରେ ଲକ୍ଷ୍ୟ ଉଦ୍ଦେଶ୍ୟ ଏବଂ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।





ଜିଲ୍ଲା ସଂଯୋଜକ ସାନ୍ତାନୁ ପ୍ରଧାନ ଶିବିରର ଉତ୍ପତ୍ତି ଉପାଦେୟତା ବିଷୟରେ ଦୀକ୍ଷାନ୍ତ ବକ୍ତବ୍ୟ ରଖିଥିଲେ। ଏଥିରେ କଲେଜର ୫୦ ଜଣ ସ୍ୱେଚ୍ଛାସେବୀ ଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ୨୮ ତାରିଖ ପର୍ଯ୍ୟନ୍ତ ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସଂଯୋଜକ ପ୍ରହ୍ଲାଦ ଦେହୁରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଗଞ୍ଜେଇ କେସ୍‌ରେ ଗିରଫ ଅଭିଯୁକ୍ତ ଖଲାସ

**ସମ୍ବଲପୁର, ୨୨।୯ (ସମିସ):** ଗଞ୍ଜେଇ ମାମଲାରେ ଗିରଫ ଅଭିଯୁକ୍ତକୁ ପ୍ରମାଣ ଅଭାବ ଯୋଗୁଁ ବିଚାରପତି ଖଲାସ କରିଛନ୍ତି। ନାକଟିଦେଉଳ ଥାନା ଅନ୍ତର୍ଗତ କୁଦନାଳି ଗ୍ରାମର ରବି ମାଝୀ ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗିରଫ ହୋଇଥିଲେ। ନାକଟିଦେଉଳ ପୁଲିସ ୫ କେଜି ଗଞ୍ଜେଇ ଦୋକାନରୁ ଜବତ କରିଥିବା ନେଇ ଗତ ୨୦୧୨ ଏପ୍ରିଲ ୧୩ ତାରିଖରେ ମାମଲା ରୁଜୁ କରିଥିଲା। ଶନିବାର ପ୍ରଥମ ଅତିରିକ୍ତ ସେସନ ବିଚାରପତି(ସ୍ପେସିଆଲ କୋର୍ଟ)ର ଶିବ ପ୍ରସାଦ ମିଶ୍ର ବିଚାର କରି ଅଭିଯୁକ୍ତକୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ପ୍ରମାଣ ଅଭାବରୁ ବିଚାରପତି ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ପକ୍ଷରୁ ସତ୍ୟ ନାରାୟଣ ପୁରୋହିତ(କାହ୍ନା) ମାମଲା ପରିଚାଳନା କରିଥିଲେ।

# ସ୍ଥାୟୀ ପାରିଶ୍ରମିକ ଦାବିରେ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ଗଣଧାରଣା

**କୁଚିଣ୍ଡା, ୨୨।୯(ସମିସ) :** ପ୍ରଦର୍ଶନ ଭିତ୍ତିକ ପ୍ରୋତ୍ସାହନ ରାଶି ବଦଳରେ ସ୍ଥାୟୀ ପାରିଶ୍ରମିକ ଦାବିରେ ସୋମବାର କୁଚିଣ୍ଡା ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫ( ସିଏସଏସ) ମାନେ କୁଚିଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ ଥିବା କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ପୂର୍ବ ସରକାର ଅମଳରେ ନିଜର କାମ ପାଇଁ ସ୍ଥାୟୀ ପାରିଶ୍ରମିକ ପାଉଥିଲେ। ମାତ୍ର ରାଜ୍ୟରେ ନୂତନ ସରକାର ଆସିବା ପରେ ଏମାନଙ୍କୁ ସ୍ଥାୟୀ ପାରିଶ୍ରମିକ ବଦଳରେ ପ୍ରଦର୍ଶନ ଭିତ୍ତିକ ପ୍ରୋତ୍ସାହନ ରାଶି ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାସହିତ ରାଜସ୍ୱ ଗ୍ରାମକୁ ନେଇ ସିଏଲଏଫ ଗଠନ ନିଷ୍ପତ୍ତି ଯୋଗୁଁ ବାଦ ପଡୁଥିବା ସିଆରପିମାନଙ୍କୁ ଥଇଥାନ ଓ ସ୍ଥାୟୀ ନିଯୁକ୍ତି ଦାବି କରି ସେମାନେ ଆନ୍ଦୋଳନ କରି ଆସୁଛନ୍ତି। ମାତ୍ର ସରକାର ଏ ଦିଗରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାଁନ୍ତି। ଏହି ଗଣଧାରଣାର ନେତୃତ୍ୱ ବ୍ଲକ ସଂଘର ସଭାପତି ଲିନା ମାଝୀ, ସମ୍ପାଦକ ମିଳନ ମଞ୍ଜରୀ କର, ଉପ ସଭାପତି ବିମଳା ପଟେଲ, କୋଷାଧ୍ୟକ୍ଷ ମିନା ରାଉତ ଓ ସହ ସମ୍ପାଦକ ହୁମସାନି ଠାକୁର ନେଇଥିଲେ।

# ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ନୂଆଁଖାଇ ଭେଟ୍‌ଘାଟ

**ସମ୍ବଲପୁର, ୨୨।୯(ସମିସ):** ପଶ୍ଚିମ ଓଡ଼ିଶା ଛାତ୍ର ସଂଗଠନ ପକ୍ଷରୁ ରବିବାର ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଗାନ୍ଧୀ ଭବନରେ ବାର୍ଷିକ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ଏଥିରେ ପଶ୍ଚିମଓଡ଼ିଶାର ସାଂସ୍କୃତିକ ପରମ୍ପରା ପ୍ରଦର୍ଶନ କରାଯାଇଥିଲା। ଉତ୍ସବରେ ନୂଆଁଖାଇ ପୂଜା, ଲୋକନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରାଯାଇଥିଲା। ଓଡ଼ିଆ ଛାତ୍ରମାନଙ୍କୁ ଘରଠାରୁ ଦୂରରେ ରହି ଏପରି କାର୍ଯ୍ୟକ୍ରମ ଭେଟି ଦିଆଯାଇଥିଲା। ବିଜେପି ମହିଳା ମୋର୍ଚ୍ଚା (ଦିଲ୍ଲୀ) ସାଧାରଣ ସମ୍ପାଦକ ପ୍ରିୟଲ ଭରଦ୍ୱାଜ ଯୁବପିଢ଼ି ପାଇଁ ଏକ ମାର୍ଗଦର୍ଶକ ଶକ୍ତି ଭାବରେ ସାଂସ୍କୃତିକ ଗର୍ବ ଉପରେ ଗୁରୁତ୍ୱାରୋପ କରିଥିଲେ। କରଣୀ ସେନା ନେତା ନୀଳମାଧବ ପ୍ରତାପ ସିଂହ ଦେଓ ଏକତା ଏବଂ ଶାନ୍ତି ପାଇଁ ଆହ୍ୱାନ କରିଥିଲେ। ଗାୟକ ଏବଂ ବକ୍ତା ସୌରଭ ସାରଙ୍ଗୀ ଓଡ଼ିଆ ସାଂସ୍କୃତିକ ଐତିହ୍ୟ ଉପରେ ପ୍ରତିଫଳିତ ହୋଇଥିଲେ। ଏହି କାର୍ଯ୍ୟକ୍ରମ ସଭାପତି ଡ. ସୁମନ୍ତ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଜୁହାର ପରିବାର, ମିଳନ ପରିବାର ଏବଂ ଫୁସପୁନି ପରିବାର ସମେତ ଓଡ଼ିଆ ସମ୍ପ୍ରଦାୟ ଗୋଷ୍ଠୀଗୁଡ଼ିକୁ ମଧ୍ୟ ସମ୍ମାନିତ କରାଯାଇଥିଲା।



ଧନୁପାଲି ଦୁର୍ଗାପୂଜା

ଯା ଦେବୀ ସର୍ବ ଭୂତେଷୁ

# ମୁଖ୍ୟତୋରଣରେ ମିଳିବ ହସ୍ତଶିଳ୍ପର ଝଲକ





**ସମ୍ବଲପୁର, ୨୨।୯ (ସମିସ) :** ସମ୍ବଲପୁର ସହରର ଅନ୍ୟତମ ପୁରାତନ ଓ ପ୍ରସିଦ୍ଧ ପୂଜା ହେଉଛି ଧନୁପାଲି ଦୁର୍ଗାପୂଜା। ଏହାର ମୁଖ୍ୟତୋରଣ, ମେଢ଼ ଓ ସାଜସଜ୍ଜା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ। ଗତବର୍ଷ ଏହା ସୁବର୍ଣ୍ଣ ଜୟନ୍ତୀ ପାଳନ କରିଥିବାବେଳେ ଚଳିତବର୍ଷ ୫୧ତମ ବର୍ଷରେ ପଦାର୍ପଣ କରିଛି। ୧୯୭୪ ମସିହାରେ ଉପେନ୍ଦ୍ର ମାଝୀ, ଅକ୍ଷୟ ମହାନ୍ତି, ରାମଚନ୍ଦ୍ର ବଗର୍ତା, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଧନେଶ୍ୱର ପଣ୍ଡା ପ୍ରମୁଖଙ୍କ ଉଦ୍ୟମରେ ଏହି ଦୁର୍ଗାପୂଜା ଆରମ୍ଭ ହୋଇଥିଲା।

ମହାଳୟା ପରେ ଆଜିଠାରୁ ଶାରଦୀୟ ନବରାତ୍ର ଆରମ୍ଭ ହୋଇଛି। ଆସନ୍ତା ୨୮ ତାରିଖ ଷଷ୍ଠୀ ତିଥିରେ ମା'ଙ୍କ ପୂଜା ଆରମ୍ଭ ହେବ। ମୁଖ୍ୟତୋରଣକୁ ଚଳିତବର୍ଷ ପ୍ଲାଷ୍ଟିକ କିମ୍ବା ଅନ୍ୟ ସେଭଳି ସାମଗ୍ରୀ ବ୍ୟବହାର ନକରି ପରିବେଶ ଅନୁକୂଳ (ଇକୋ ଫ୍ରେଣ୍ଡଲି) ଭାବେ ନିର୍ମାଣ କରାଯାଉଛି। ପ୍ରାୟ ୫ ଫୁଟ ଉଚ୍ଚ ଓ ୪୮ ଫୁଟ୍ ଚଉଡ଼ା ବିଶିଷ୍ଟ ଏହି ମୁଖ୍ୟ ତୋରଣକୁ ମୁଖ୍ୟତଃ ବାଉଁଶ ତିଆରି ହସ୍ତଶିଳ୍ପର ଟୋକେଇ, କୁଲେଇ, ତାଟି ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରେ ସଜ୍ଜିତ କରାଯିବ। ଏହାକୁ ପଶ୍ଚିମବଙ୍ଗ ଦିଘାର ଅର୍ଜୁନ ଦେବନାଥ ତିଆରି କରୁଛନ୍ତି। ସେହିପରି ଗତ ୩୫ବର୍ଷ ଧରି ମୂର୍ତ୍ତି ତିଆରି କରୁଥିବା କଟକ କୁମ୍ଭାରସାହିର କୁଳମଣି ବେହେରା ଏଥର ମଧ୍ୟ ମୂର୍ତ୍ତି ତିଆରି କରୁଛନ୍ତି। ସେଭଳି କୌଣସି କଟକଣା ନଥିବାରୁ ଏଥର ମୂର୍ତ୍ତିର ଉଚ୍ଚତା ପ୍ରାୟ ୧୨ ଫୁଟ ହେବ ବୋଲି ସମ୍ପାଦକ ଶ୍ରୀକାନ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ମଣ୍ଡପରୁ ଉଭୟ ପଟକୁ ସ୍ୱତନ୍ତ୍ର ଆଲୋକ ତୋରଣ କରାଯିବ। ଆଲୋକ ତୋରଣ ଓ ସାଜସଜ୍ଜାର ଦାୟିତ୍ୱ କଟକର ଏକ ସଂସ୍ଥାକୁ ଦିଆଯାଇଛି। ମୂର୍ତ୍ତିଠାରୁ ଆରମ୍ଭ କରି ପେଣ୍ଡାଲ, ମୁଖ୍ୟତୋରଣ ଆଦିର କାର୍ଯ୍ୟ ଜୋରସୋରରେ ଚାଲିଛି। ମୁଖ୍ୟତୋରଣ ଓ ଆଲୋକସଜ୍ଜା ମୁଖ୍ୟ ଆକର୍ଷଣ ହେବ ବୋଲି ପୂଜା କମିଟି ପକ୍ଷରୁ ଆଶାପ୍ରକାଶ କରାଯାଇଛି। ପ୍ରତିଦିନ ସନ୍ଧ୍ୟା ସାଢ଼େ ୭ଟାରେ ମହାଆଳତୀ କରାଯିବ। ଗତ ୨୫ ବର୍ଷ ଧରି ମୁଖ୍ୟ ପୂଜକ ଦାୟିତ୍ୱ ତୁଲାଉଥିବା ଗୋଶାଳାର ପଣ୍ଡିତ ନିରଞ୍ଜନ ଷଡ଼ଙ୍ଗୀ ଚଳିତବର୍ଷ ମଧ୍ୟ ପୂଜାର୍ଚ୍ଚନା କରିବାକୁ ଥିବାବେଳେ ମନୋରଞ୍ଜନ ପଣ୍ଡା ଓ ମମତା ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇବେ। ଧନୁପାଲି ଦୁର୍ଗାପୂଜା କମିଟି ପକ୍ଷରୁ ସପ୍ତମୀ ଓ ଅଷ୍ଟମୀରେ ଅନୁଗୋଳର ରେକର୍ଡ ଡ୍ୟାନ୍ସ ଓ ରାଉରକେଲାର ବ୍ଲାକ୍ ଡାଇମଣ୍ଡ ଅର୍କେଷ୍ଟ୍ରା ଦଳଙ୍କ କାର୍ଯ୍ୟକ୍ରମ ଆୟୋଜିତ ହେବ। ଆସନ୍ତା ଅକ୍ଟୋବର ୪ ତାରିଖରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ଧନୁପାଲି ଭସାଣୀ ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରିଥାଏ। ଏଥିପାଇଁ କମିଟି ପକ୍ଷରୁ ପଡ଼ିଆବାହାଲର ଘଣ୍ଟଦଳ, ଅଇଁଲାପାଲିର ଦୁଲଦୁଲି, ସମ୍ବଲପୁରର ଗୌରବାଡ଼ି, ହେମଗିରିର ସମ୍ପ୍ରଦା ଆଦି ପାରମ୍ପରିକ ଲୋକବାଦ୍ୟ ଓ ନୃତ୍ୟ ଦଳ ରହିବେ ବୋଲି ଦୁର୍ଗାପୂଜା କମିଟି ସଭାପତି ଶରତଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି। ଶ୍ରୀ ପାଢ଼ୀଙ୍କ ଅନୁଯାୟୀ, ଚଳିତବର୍ଷ ସମ୍ପୂର୍ଣ୍ଣ ପୂଜା ଆୟୋଜନ ପାଇଁ ୨୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଛି। ତନ୍ମଧ୍ୟରେ ମୂର୍ତ୍ତି ଓ ଆଭ୍ୟନ୍ତରୀଣ ସାଜସଜ୍ଜା ପାଇଁ ୧ ଲକ୍ଷ, ମୁଖ୍ୟ ପେଣ୍ଡାଲ ଓ ସମସ୍ତ ତୋରଣ ପାଇଁ ୬ ଲକ୍ଷ, ଆଲୋକ ସାଜସଜ୍ଜା ପାଇଁ ୮ ଲକ୍ଷ ଏବଂ ବଳକା ପୂଜାର ଆନୁସଙ୍ଗିକ ଖର୍ଚ୍ଚ ତଥା ଭସାଣୀ ଶୋଭାଯାତ୍ରା ପାଇଁ ଖର୍ଚ୍ଚ କରାଯିବ।

## ଦୁର୍ଗାପୂଜା କାର୍ଯ୍ୟସୂଚୀ

ସେପ୍ଟେମ୍ବର ୨୭ ତାରିଖ ମହାଷଷ୍ଠୀରେ ବିଲ୍ୱବରଣ ଓ କଳସ ଅଧିବାସ
୨୮ ତାରିଖ ମହାସପ୍ତମୀ ପୂଜାରମ୍ଭ ଓ ଅଖଣ୍ଡ ଦୀପ ପ୍ରଜ୍ୱଳନ
୨୯ ତାରିଖ ମହାଅଷ୍ଟମୀ ପୂଜାରମ୍ଭ ଓ ଭାଇ ଜିଉଁତିଆ ବ୍ରତପୂଜା
୩୦ ତାରିଖ ମହାଅଷ୍ଟମୀ / ନବମୀ ପୂଜାରମ୍ଭ, ସନ୍ଧିପୂଜା
ଅକ୍ଟୋବର ୧ ତାରିଖ ମହାନବମୀ ପୂଜାରମ୍ଭ, ଚଣ୍ଡିହୋମ
ଅକ୍ଟୋବର ୨ ତାରିଖ ବିଜୟା ଦଶମୀ ପୂଜାରମ୍ଭ, ଅପରାଜିତା ପୂଜା ଓ ପୂର୍ଣ୍ଣାହୂତି, ଘଟ ବିସର୍ଜନ

## ଦୁର୍ଗାପୂଜା କମିଟି

ସଭାପତି: ଶରତଚନ୍ଦ୍ର ପାଢ଼ୀ
ଉପସଭାପତି: ଦିଲ୍ଲୀପ ମହାନନ୍ଦ ଓ ରୂପେଶ ପଟେଲ
ସାଧାରଣ ସମ୍ପାଦକ: ଶ୍ରୀକାନ୍ତ ବିଶ୍ୱାଳ
ଯୁଗ୍ମ ସମ୍ପାଦକ: ଜ୍ୟୋତିପ୍ରକାଶ ମହାନ୍ତି
ସହ ସମ୍ପାଦକ: ଗୁଣନିଧି ବାଦୀ
କୋଷାଧ୍ୟକ୍ଷ: ସଞ୍ଜୟ ପ୍ରସାଦ
ସହ କୋଷାଧ୍ୟକ୍ଷ: ଦୁଷ୍ମନ୍ତ ପଣ୍ଡା
ଗଣମାଧ୍ୟମ ସଂଯୋଜକ: ଦେବାଶିଷ ପୁରୋହିତ ଓ ଚୈତନ୍ୟ ନାୟକ



